
# ଉତ୍କଳ ପ୍ରଭାତ

ବାରିପଦା, ମାଘ ୧୩୪୯



Digitized by srujanika@gmail.com

PHONE 2492 CAL.

GRAM "LAVATORY"

# SANITATION

PLUMBING
DRAINAGE
& WATER-WORKS.

CONSULT

## S. K. CHAKRAVARTI LTD.

MISSION ROW SANITARY ENGINEERS — CALCUTTA

## Mayurbhanj Law Reporter

Highly appreciated in India & Abroad.

It is a quarterly publication.

It is published in September, December, March and June.

| | |
|---|---|
| Yearly Subscription | Rs. 3 |
| Single Copy | As. 12 |

Postage Extra.

*Manager*—N. C. SANYAL, B. A.
MAYURBHANJ LAW REPORTER.

Estd. Half A Century

## J. N. CHUNDER & BROS

14/2 Old Chinabazar Street, Room No. 105 CALCUTTA

CHEAPEST HOUSE FOR

**PRINTING & STATIONERY GOODS**

*Please ask for Price List.*

## Bhanja Pradeep

*It is an illustrated Oriya quarterly quite independent of the English Edition of the Mayurbhanj Chronicle.*

SUBSCRIPTION

| | | | |
|---|---|---|---|
| *Annual* | Rs. 0-12-0 | (post free) |
| | 1-4-0 | (with postage) |
| *Price per copy* ,, | 0-3-0 | (post free) |
| | 0-5-0 | (with postage) |

*Manager*—N. C. SANYAL, B.A.
BHANJA PRADEEPA


Digitized by srujanika@gmail.com

## ଡିଫେନ୍ସ ବଣ୍ଡ

ବାର୍ଷିକ ତିନ ଟଙ୍କା ସୁଧରେ ଶହେ ଟଙ୍କିଆ ଡିଫେନ୍ସ ବଣ୍ଡ ମିଳୁଛି । ଯେଉଁମାନେ ଏହା କିଣିବାକୁ ଇଚ୍ଛା କରନ୍ତି ସେମାନେ ତାଙ୍କର ବ୍ୟାଙ୍କ ସାହାଯ୍ୟରେ କମ୍ବା ନିକଟବର୍ତ୍ତୀ ଟ୍ରେଜେରୀ ବା ସବ୍-ଟ୍ରେଜେରୀ ଜରିଆରେ ଆବେଦନ କରନ୍ତୁ ।

## ଡିଫେନ୍ସ ସେଭିଂସ୍ ସାର୍ଟିଫିକେଟ୍

ଦଶ ଟଙ୍କା ମୂଲ୍ୟ ଦେଇ ଗୋଟିଏ ସାର୍ଟିଫିକେଟ୍ କିଣିଲେ ୧୦ ବର୍ଷ ପରେ ଟ ୧୧୯ ଙ୍କା ମିଳିବ । ପ୍ରତ୍ୟେକ ବଡ଼ ବଡ଼ ପୋଷ୍ଟ ଅଫିସରେ ମିଳୁଅଛି ।

## ଡିଫେନ୍ସ ସେଭିଂସ୍ ବ୍ୟାଙ୍କ୍

ପ୍ରତ୍ୟେକ ପୋଷ୍ଟ ଅଫିସରେ—ଯେଉଁଠାରେ କି ସାଧାରଣ ସେଭିଂସ୍ ବ୍ୟାଙ୍କ କାରବାର ହୁଏ ସେଠାରେ ଡିଫେନ୍ସ ସେଭିଂସ୍ ବ୍ୟାଙ୍କ ଏକାଉଣ୍ଟ୍ ଖୋଲା ଯାଇ ପାରିବ ଏବଂ ଟ ୨୯ ଙ୍କା ଠାରୁ ଆରମ୍ଭ କରି ଟ ୧୦,୦୦୦୯ ଙ୍କା ପର୍ଯ୍ୟନ୍ତର ଏକାଉଣ୍ଟ ଖୋଲା ଯାଇ ପାରିବ । ଏଥିରେ ଶତକଡ଼ା ବାର୍ଷିକ ଟ ୨୪ ସୁଧ ମିଳିବ ।

## ଡିଫେନ୍ସ ସେଭିଂସ୍ ଷ୍ଟାମ୍ପ

ଚାରିଅଣା, ଆଠଅଣା ଓ ଏକଟଙ୍କା ମୂଲ୍ୟର ଡିଫେନ୍ସ ସେଭିଂସ୍ ଷ୍ଟାମ୍ପ ପ୍ରତ୍ୟେକ ପୋଷ୍ଟ ଅଫିସରେ ମିଳୁଛି ଓ ଏହା ସଙ୍ଗରେ ଗୋଟିଏ କାର୍ଡ ଦିଆ ଯାଉଛି । ଆପଣମାନେ ଆପଣଙ୍କ ଆର୍ଥିକ ଅବସ୍ଥାନୁସାରେ ଷ୍ଟାମ୍ପ କିଣି ଏହି କାର୍ଡରେ ଲଗାଉଥିବେ ଓ ଯେତେବେଳେ ସେ ଗୁଡ଼ିକ ଟ ୧୦ ଙ୍କାର ହୋଇଯିବ ସେତେବେଳେ ପୋଷ୍ଟ ଅଫିସରୁ ତା ବଦଳରେ ଗୋଟିଏ ଡିଫେନ୍ସ ସେଭିଂସ୍ ସାର୍ଟିଫିକେଟ ପାଇବେ । ମଧ୍ୟବିତ୍ତ ଶ୍ରେଣୀ ଏବଂ ମଜୁରିଆମାନଙ୍କ ପକ୍ଷରେ ଏଥିରେ ଅର୍ଥ କମାଇବା ବିଶେଷ ସୁବିଧାଜନକ ।

## ଦେଶ ରକ୍ଷା ନିମନ୍ତେ ଡିଫେନ୍ସ ଲୋନରେ ଅର୍ଥ ନିୟୋଗ କରନ୍ତୁ

ଡିଫେନ୍ସ ଲୋନ କିଣିଲେ ଆପଣ ଦେଶ ରକ୍ଷା ବ୍ୟବସ୍ଥାରେ ସାହାଯ୍ୟ କରି ପାରିବେ । ଆପଣଙ୍କର ଦେଶ ସୁରକ୍ଷିତ ହେଲେ ଆପଣଙ୍କର ଘର, ପରିବାର-ବର୍ଗ ଓ ବନ୍ଧୁ-ବାନ୍ଧବ ନିରାପଦ ରହିବେ । ଡିଫେନ୍ସ ଲୋନରେ ଅର୍ଥ ନିୟୋଗ କରିବା ଲୋଭନୀୟ ନିବେଶ କାରଣ ପ୍ରବର୍ତ୍ତିତ ସୁଧ ସହ ପରିଶୋଧର ଦାୟିତ୍ୱ ଗଭର୍ଣ୍ଣମେଣ୍ଟ ନେଇ ଅଛନ୍ତି । ଏଥିରେ ଅର୍ଥ ନିୟୋଗ କଲେ ଦେଶ-ସେବା ଓ ଅର୍ଥର ନିରାପତ୍ତା ଏହି ଦୁଇଟି ଉଦ୍ଦେଶ୍ୟ ସାଧିତ ହେବ । ଏଥିଲାଗି ଆପଣଙ୍କୁ କୌଣସି ପ୍ରକାର ସ୍ୱାର୍ଥତ୍ୟାଗ କରିବାକୁ ହେବ ନାହିଁ ଏହା ଆପଣଙ୍କର ଅର୍ଥ ସଞ୍ଚୟରେ ସାହାଯ୍ୟ କରିବ ଏବଂ ଚୋରି ବା ଡକାଇତିରେ ହାତଛଡ଼ା ହେବାର ଏହାର କୌଣସି ଆଶଙ୍କା ରହିବ ନାହିଁ । ଡିଫେନ୍ସ ଲୋନରେ ଅର୍ଥ ନିୟୋଗ କଲେ ଆପଣ, ଆପଣଙ୍କର ଅର୍ଥ, ପରିବାର-ବର୍ଗ ଓ ଦେଶ ସମସ୍ତ ସୁରକ୍ଷିତ ହେବ ।

Digitized by srujanika@gmail.com

# ଭଞ୍ଜ ପ୍ରଦୀପ

**ଏକାଦଶ ଭାଗ** **ଦ୍ୱିତୀୟ ସଂଖ୍ୟା**

## ସୂଚୀ-ପତ୍ର


| | | | ପୃଷ୍ଠା |
|---|---|---|---|
| ୧ । | ସାଧାରଣ ମନୁଷ୍ୟ | ଶ୍ରୀ ଶଶିଭୂଷଣ ରାୟ | ୧ |
| ୨ । | ଋଷ ରୋମାଣ୍ଟିକର ଦୃଷ୍ଟି | ଶ୍ରୀ ନବକିଶୋର ଦାସ | ୫ |
| ୩ । | ଓଡ଼ିଆ ସଂଖ୍ୟାବାଚକ ଶବ୍ଦ | ଶ୍ରୀ ଗିରିଜାଶଙ୍କର ରାୟ, ଏମ୍.ଏ. | ୧୩ |
| । | ପ୍ରକୃତିର ଗୌରବ (କବିତା) | ଠାକୁର ମାୟାଧର ମାନସିଂହ | ୧୭ |
| ୫ । | ପୁରୁଣା ଚିଠି ଏ (୨) | ରାୟ ବାହାଦୁର ଗୋପାଳ ଚନ୍ଦ୍ର ପ୍ରହରାଜ | ୧୮ |
| ୬ । | ମନୁଷ୍ୟତା | ଶ୍ରୀ କାଳିଆ ପାଣିଗ୍ରାହୀ | ୧୯ |
| ୭ । | ପ୍ରତୀକ୍ଷା (କବିତା) | ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡା | ୨୪ |
| ୮ । | ବୈତ୍ତିନବାଦର କଥା | ଶ୍ରୀ ବସନ୍ତ କୁମାର ବେହେରା | ୨୫ |
| । | ଦେଶୀୟ ରାଜ୍ୟ ସମାଚାର | | ୨୮ |
| ୧ । | ସମ୍ବାଦ ଓ ସଙ୍କେତ | | |


## ଚିତ୍ର-ସୂଚୀ


୧ । ବାଲଙ୍ଗିହା କେନାଲର ଗୋଟିଏ ଦୃଶ୍ୟ

୨ । ରାସ୍ତା ଦୃଶ୍ୟାବଳୀ

୩ । ରେସିଡେଣ୍ଟଙ୍କ ମୟୂରଭଞ୍ଜ ଆଗମନ ଉପଲକ୍ଷରେ ଗୃହୀତ ଗ୍ରୁପ୍ ଛବି

୪ । ରେସିଡେଣ୍ଟଙ୍କ 'ଗାର୍ଡ ଅଫ୍ ଅନର୍' ପରିଦର୍ଶନ

୫ । ବେଲଗଡ଼ିଆ ପ୍ରାସାଦ


———0———

Digitized by srujanika@gmail.com

# ସହକାର

ସମ୍ପାଦକ—ଶ୍ରୀ ରାଧାଗୋବିନ୍ଦ ଦାସ                    ସହକାରୀ ସମ୍ପାଦକ—ଶ୍ରୀ ବସନ୍ତ କୁମାର ଶତପଥୀ

## ମକର ସଂଖ୍ୟା

ଏକାଦଶ ଭାଗ } ମାଘ, ସନ ୧୩୪୯ ସାଲ { ୨ୟ ସଂଖ୍ୟା


# ସାଧାରଣ ମନୁଷ୍ୟ


ଶ୍ରୀ ଶଶିଭୂଷଣ ରାୟ


"ଜଣେ ରାଜା ଥିଲେ, ତାହାଙ୍କର ରାଣୀ ଥିଲେ ।" ରାଜା ଓ ରାଣୀଙ୍କ ସମ୍ବନ୍ଧରେ ଏହି ପ୍ରକାର ଅଜସ୍ର ଉପକଥା ନାନା ଦେଶରେ ରହିଅଛି । ବଡ଼ ବଡ଼ କାବ୍ୟ, ମହାକାବ୍ୟ, ନାଟକ ପ୍ରଭୃତିର ନାୟକନାୟିକାମାନେ ରାଜା, ରାଣୀ, ରାଜକୁମାରୀ । ସାଧାରଣ ଲୋକମାନଙ୍କ ସମ୍ବନ୍ଧରେ କୌଣସି କାବ୍ୟ ଯେ ଲିଖିତ ହୋଇ ନାହିଁ ତାହା ନୁହେ । ଉଦାହରଣ ସ୍ୱରୂପ ସଂସ୍କୃତରେ ମୃଚ୍ଛକଟିକ ଏବଂ ଓଡ଼ିଆ ଭାଷାରେ କେଦାରଗୌରୀ, ଚନ୍ଦ୍ରଭାଗା ପ୍ରଭୃତି । କିନ୍ତୁ ଉପକଥା ଓ କାବ୍ୟର ନାୟକ ନାୟିକା ପ୍ରଧାନତଃ ରାଜା, ରାଣୀ, ରାଜକୁମାରୀମାନେହିଁ ହୋଇଥାଆନ୍ତି । ଆଧୁନିକ ଯୁଗରେ ଅବଶ୍ୟ ଏ ବିଷୟର ଯଥେଷ୍ଟ ପରିବର୍ତ୍ତନ ଦେଖା ଯାଉଅଛି । ମାତ୍ର ସାଧାରଣ ଲୋକମାନଙ୍କ ଜୀବନରେ ଅଲୁଅ ଘଇ, ସୁଖ ଦୁଃଖ ପ୍ରଭୃତି ନାନା ବିଚିତ୍ର ରସାନୁଭୂତି ପ୍ରତି ଦୃଷ୍ଟି ସାଧାରଣତଃ ପ୍ରଥମରୁ ପଡ଼ି ନ ଥାଏ । ପ୍ରାଚୀନ କାଳରେ ଭାରତବର୍ଷ, ଗ୍ରୀସ୍ ଓ ରୋମ ପ୍ରଭୃତି ଦେଶରେ ସାଧାରଣତନ୍ତ୍ର ଥିଲା; ରାଜତନ୍ତ୍ର ମଧ୍ୟ ଥିଲା । ଉଭୟ ପ୍ରକାର ଶାସନ ପ୍ରଣାଳୀ ବର୍ତ୍ତମାନ ସୁଦ୍ଧା ରହିଅଛି । କିନ୍ତୁ ବର୍ତ୍ତମାନ ସୁଦ୍ଧା ଅସଂଖ୍ୟ ଲୋକର ଧାରଣା ଏହି ଯେ ଦେଶରେ ଜଣେ ରାଜା ନ ଥିଲେ ଦେଶର କାର୍ଯ୍ୟ ଚଳି ନ ପାରେ, ଦେଶର ଶାନ୍ତି ଓ ଶୃଙ୍ଖଳା ରକ୍ଷିତ ହୋଇ ନ ପାରେ; ଅରାଜକ ଶବ୍ଦଟିରେ ଏହାର ପ୍ରମାଣ ମିଳେ । କିନ୍ତୁ ଇଂଲଣ୍ଡ, ଜାପାନ ପ୍ରଭୃତି ଦେଶରେ ରାଜ-ନିୟନ୍ତ୍ରିତ କର୍ତ୍ତୃତ୍ୱରେ ଯେପରି ଦେଶସମୂହ ପ୍ରବଳ, ସମୃଦ୍ଧ ଓ ସଭ୍ୟ ହୋଇଅଛି, ଆମେରିକା, ଫ୍ରାନ୍ସ ପ୍ରଭୃତି ସାଧାରଣତନ୍ତ୍ର ସମୂହରେ ମଧ୍ୟ ଲୋକମାନେ ସେହିପରି ଶକ୍ତିଶାଳୀ, ସମୃଦ୍ଧ ଓ ସଭ୍ୟ ହୋଇଅଛନ୍ତି ।

ରାଜା, ରାଜବଂଶ, ରାଜପରିବାର ଏମାନେହିଁ ସବୁ; ଜନସାଧାରଣ କିଛି ନୁହନ୍ତି; ଏହିପ୍ରକାର ଧାରଣାବଶତଃ ପୂର୍ବ କେତେକ ବର୍ଷ ପର୍ଯ୍ୟନ୍ତ ରାଜାମାନଙ୍କର ଜନ୍ମ-ମୃତ୍ୟୁ, ଯୁଦ୍ଧ-ବିଗ୍ରହ, ସିଂହାସନାରୋହଣ, ସିଂହାସନଚ୍ୟୁତି, ଏକ ରାଜବଂଶର ଉଚ୍ଛେଦ ଏବଂ ସେହି ସ୍ଥାନରେ ଅନ୍ୟ ବଂଶର ଅଭ୍ୟୁଦୟ ପ୍ରଭୃତି ବିଷୟକୁ ସମ୍ବଳ କରି ଇତିହାସ ଲିଖିତ ହେଉଥିଲା । ଦେଶର ଲୋକମାନେ କେଉଁ ପ୍ରକାରରେ ଜ୍ଞାନ ଧର୍ମରେ, ପାରିବାରିକ ଓ ସାମାଜିକ ବ୍ୟବସ୍ଥାରେ, ଶିଳ୍ପ ବାଣିଜ୍ୟରେ, ସାହିତ୍ୟ ବିଜ୍ଞାନ ଦର୍ଶନରେ,


Digitized by srujanika@gmail.com

ଦୈହିକ ଓ ମାନସିକ ବଳରେ, ରାଷ୍ଟ୍ରୀୟ ଶକ୍ତି ଓ ଅଧିକାରରେ ଏବଂ ସଭ୍ୟତାରେ ଉନ୍ନତ କିମ୍ବା ଅଧଃପତିତ ହୋଇଅଛନ୍ତି ଏ ସବୁର ବିବରଣ ଲିପିବଦ୍ଧ କରିବା ଐତିହାସିକର କାର୍ଯ୍ୟ ବୋଲି ବିବେଚିତ ହୋଇ ନ ଥିଲା । ମାତ୍ର ଏ ଯୁଗର ଐତିହାସିକବୃନ୍ଦ ଏ ସବୁକୁ ଇତିହାସରେ ସ୍ଥାନ ଦେଲେଣି ।

ସେ କାଳର ଯୁଦ୍ଧ ବର୍ଣ୍ଣନା ପଢ଼ିଲେ ମନେ ହୁଏ ଯେପରି ସେନାପତି ମହାରଥୀମାନେହିଁ ସବୁ, ସାଧାରଣ ସୈନିକମାନେ କିଛି ନୁହନ୍ତି । ଜଣେ ମହାରଥୀ ହତ ବା ଆହତ ହେଲେ ତତ୍‌କ୍ଷଣାତ୍ ସମସ୍ତ ଅନୁଚର ପୃଷ୍ଠଭଙ୍ଗ ଦେଲେ । ଜଣେ ଦିଗ୍ବିଜୟୀ ଦସ୍ୟୁ ଯେବେ କୌଣସି ଦେଶ ଆକ୍ରମଣ କରି ସେଠାକାର ରାଜାଙ୍କୁ ବନ୍ଦୀ କିମ୍ବା ହତ୍ୟା କଲା ତାହା ହେଲେ ଦେଶ ଅଧିକୃତ ହୋଇଗଲା । ଆଜିକାଲି ଯୁଦ୍ଧରେ ଜୟଲାଭ ସେନାପତିଙ୍କର ବୁଦ୍ଧି, କୌଶଳ, କର୍ମନିଷ୍ଠା ଓ ସାହସ ଉପରେ ନିର୍ଭର କରେ ସତ୍ୟ, କିନ୍ତୁ ପୂର୍ବକାଳର କାବ୍ୟ ବର୍ଣ୍ଣନା ଭଳି ସେନାପତିଙ୍କ ମୃତ୍ୟୁରେ କୌଣସି ପକ୍ଷର ସର୍ବନାଶ ହୋଇ ନ ଥାଏ ।

ମାନବ ଜୀବନର ସକଳ ବିଭାଗରେ ସାଧାରଣ ମନୁଷ୍ୟ ଓ ଅସାଧାରଣ ମନୁଷ୍ୟ ମଧ୍ୟରେ ଅତ୍ୟନ୍ତ ଅଧିକ ପ୍ରଭେଦ କଳ୍ପିତ ହୋଇଅଛି ; ଏଥିରେ ଏହି କୁଫଳ ଫଳିଛି ଯେ ସାଧାରଣ ମନୁଷ୍ୟମାନେ ଦୈହିକ ସ୍ୱାସ୍ଥ୍ୟ ସୁଖ ଓ ସ୍ୱାଚ୍ଛନ୍ଦ୍ୟ ଲାଭର ଅଧିକାର, ମାନସିକ ଶକ୍ତି, ରାଷ୍ଟ୍ରୀୟ ଅଧିକାର ଓ ଆଧ୍ୟାତ୍ମିକତା ପ୍ରଭୃତି ସକଳ ବିଷୟରେ ନିଜକୁ ଅତ୍ୟନ୍ତ ହୀନ ବୋଲି ମନେ କରିବାକୁ ଓ ନିଜ ନିଜ ହୀନ ଅବସ୍ଥାରେ ସନ୍ତୁଷ୍ଟ ରହିବାକୁ ଅଭ୍ୟସ୍ତ ହୋଇ ପଡ଼ିଛନ୍ତି । ମାତ୍ର ଏ ଭଳି ବିଶ୍ୱାସ ଅମୂଳକ ଏବଂ ଏହି ପ୍ରକାର ସନ୍ତୋଷ ମଧ୍ୟ ମନୁଷ୍ୟତ୍ୱର ପୂର୍ଣ୍ଣବିକାଶର ଅନ୍ତରାୟ । ଏହି ହେତୁରୁ ଯଥେଷ୍ଟ ପରିମାଣରେ ଅଧିକାଂଶ ମନୁଷ୍ୟର ସ୍ୱାସ୍ଥ୍ୟ, ସୁଖସ୍ୱାଚ୍ଛନ୍ଦ୍ୟ ଏବଂ ମାନସିକ ଓ ଆଧ୍ୟାତ୍ମିକ ଶକ୍ତି ବୃଦ୍ଧି ଲାଭ କରି ନାହିଁ ।

ବଡ଼ ବଡ଼ ଯୋଦ୍ଧାମାନେ ଅଧିକାଂଶ ସ୍ଥଳରେ ସାଧାରଣ ବଂଶରୁ ଉଦ୍ଭୂତ । ଅନେକ ବଡ଼ ବଡ଼ ରାଜନୀତିଜ୍ଞ, ମନ୍ତ୍ରୀ, ବୈଜ୍ଞାନିକ, କବି, ଧର୍ମପ୍ରବର୍ତ୍ତକ ପ୍ରଭୃତି ସାଧାରଣ ପରିବାରଙ୍କ ସନ୍ତାନ ।

ମୋ ମଧ୍ୟରେ ବୀଜରୂପେ ଯାହା ନାହିଁ ତାହା ମୋତେ କେହି ଦେଇ ପାରନ୍ତି ନାହିଁ । ବୀଜ ଅଙ୍କୁରିତ ହେବା ପରେ ଅନ୍ୟମାନେ କେବଳ ପତ୍ରପୁଷ୍ପଫଳବାନ ବୃକ୍ଷରେ ପରିଣତ ହେବାରେ ତାକୁ ସାହାଯ୍ୟ କରି ପାରନ୍ତି । କବି ମୋତେ ତାଙ୍କର କବିତା ଶୁଣାଇ ଆନନ୍ଦ ଦେଇ ପାରନ୍ତି । ଏହି ହେତୁରୁ ତାଙ୍କର ଆତ୍ମା ଏବଂ ମୋର ଆତ୍ମା ଏକ ପ୍ରକାର । ତାଙ୍କର ଚିନ୍ତା, ଭାବ, ସ୍ୱପ୍ନ ଓ ଆନନ୍ଦ ଏହି କାରଣରୁ ମୋର ମଧ୍ୟ ହୋଇ ପାରେ ; ସେ ଯେଉଁ ରସ ଆସ୍ୱାଦନ କରିଛନ୍ତି ତାହା ମୁଁ ମଧ୍ୟ କରିପାରେ । ସେ କିନ୍ତୁ ଗୋରୁଙ୍କୁ ନିଜର ଆନନ୍ଦ ଦେଇ ପାରନ୍ତି ନାହିଁ ନିଜର ସ୍ୱପ୍ନ ମଧ୍ୟ ଦେଖାଇ ପାରନ୍ତି ନାହିଁ ; କାରଣ ଗୋରୁ ଗୋଟିଏ ସ୍ୱତନ୍ତ୍ର ପ୍ରକାର ଜୀବ । କବି, ଦାର୍ଶନିକ, ବୈଜ୍ଞାନିକ, ଶିଳ୍ପୀ ପ୍ରଭୃତି ସମସ୍ତେହିଁ ସର୍ବ ପ୍ରକାରରେ ସମ୍ମାନାର୍ହ ସନ୍ଦେହ ନାହିଁ, କିନ୍ତୁ ଅତିମନୁଷ୍ୟ ବୋଲି କୌଣସି ଗୁଣ ସେମାନଙ୍କ ପ୍ରତି ପ୍ରୟୋଗ କରିବା ଅସଙ୍ଗତ ଓ ଅନ୍ୟାୟ । ସେମାନେ ମାନବସମାଜରୁ ରସ ସଂଗ୍ରହ କରନ୍ତି, ମାନବସମାଜରେ ବାସ ସେମାନଙ୍କ ମାନସିକ ଓ ଆଧ୍ୟାତ୍ମିକ ଉନ୍ନତିର ଅନ୍ୟତମ ପ୍ରଧାନ କାରଣ ।

କବି, ଶିଳ୍ପୀ, ଦାର୍ଶନିକ ଓ ବୈଜ୍ଞାନିକ ପ୍ରଭୃତିଙ୍କର ଶକ୍ତିର ପ୍ରକୃତ ସ୍ୱରୂପ, ମୂଳ କେଉଁଠାରେ, ଏହାର ବିକାଶ କିପରି ହୁଏ, ତାହା ମନୁଷ୍ୟଜାତିର ଉତ୍କର୍ଷ ସହକାରେ ମନୁଷ୍ୟ ଯେତେ ଜାଣି-ପାରିବେ ଏବଂ ଶୈଶବରୁ ଶିକ୍ଷାର ଆୟୋଜନ ଯେଉଁ ପରିମାଣରେ ଏହି ଜ୍ଞାନର ଅନୁଯାୟୀ ହେବ, ସେହି ପରିମାଣରେ ଆହୁରି ଅଧିକ ସଂଖ୍ୟକ ଏବଂ ଅଧିକତର ଶକ୍ତିଶାଳୀ କବି, ଶିଳ୍ପୀ, ଦାର୍ଶନିକ, ବୈଜ୍ଞାନିକ ପ୍ରଭୃତି ସାଧାରଣ ମନୁଷ୍ୟମାନଙ୍କ ମଧ୍ୟରୁ ମିଳି ପାରିବେ । ଏ ଭଳି ମଧ୍ୟ ହୋଇପାରେ ଯେ ଜଣେ ଜଣେ ମନୁଷ୍ୟ କିଭଳି ଅସାଧାରଣ ଶକ୍ତିସମ୍ପନ୍ନ ହୁଅନ୍ତି ତାହାର ସମସ୍ତ କାରଣ ଆମ୍ଭେମାନେ କୌଣସି କାଳେ ଜାଣି ପାରିବୁଁ ନାହିଁ ; ଯାହାକୁ ଆମ୍ଭମାନଙ୍କ ଜ୍ଞାନର ଅଭାବରୁ "ଦୈବ" ବୋଲିଯାଏ, ଏଭଳି କିଛି କାରଣ ଅଜ୍ଞାତ ରହି ଯାଇପାରେ । କିନ୍ତୁ ଏହି "ଦୈବର" ମଧ୍ୟ ଲୀଳାକ୍ଷେତ୍ର ସାଧାରଣ ମନୁଷ୍ୟମାନଙ୍କର ଆତ୍ମା ଏବଂ ସେମାନଙ୍କର ହୃଦୟ ଓ ମନ ।

ଅନ୍ୟ ସମସ୍ତ ପ୍ରକାର ଅସାଧାରଣ ମନୁଷ୍ୟଙ୍କୁ ସାଧାରଣ ଲୋକମାନଙ୍କର ଆତ୍ମୀୟ ଓ ଜ୍ଞାତି ବୋଲି ସ୍ୱୀକାର କରିବା ସମ୍ମତ ହେଲେହେଁ ଧର୍ମ-ଜଗତରେ ଯେଉଁମାନେ ମହାପୁରୁଷ କିମ୍ବା ଅବତାର ବୋଲି ପୂଜିତ ହୋଇଅଛନ୍ତି, ମାନବ ମନ ବର୍ତ୍ତମାନ ସୁଦ୍ଧା ସେମାନଙ୍କୁ ସାଧାରଣ ଲୋକମାନଙ୍କର ଜାତିଭାଇ ବୋଲି ମାନିବାକୁ ରାଜି ହୋଇନାହିଁ । ଏହି ହେତୁରୁ ବୁଦ୍ଧ ଓ ଯୀଶୁ ପ୍ରଭୃତି ଧର୍ମ ପ୍ରବର୍ତ୍ତକମାନେ ସେମାନଙ୍କ ଜନ୍ମ ପର୍ଯ୍ୟନ୍ତ ଅଲୌକିକ ବୋଲି ବର୍ଣ୍ଣିତ ହୋଇଅଛନ୍ତି । ଧର୍ମ ପ୍ରବର୍ତ୍ତକଙ୍କୁ ଆମ୍ଭେମାନେ ସର୍ବପ୍ରକାରରେ ଭକ୍ତି କରୁଁ, କିନ୍ତୁ ଆମ୍ଭେମାନେ ଯେ ସେମାନଙ୍କର ଜାତିଭାଇ ଏଥିରେ ବିନ୍ଦୁମାତ୍ର ସନ୍ଦେହ ନାହିଁ । ମୋ ମଧ୍ୟରେ ଯାହା ବୀଜରୂପେ ନାହିଁ ତାହା ମୋତେ କେହି ଦେଇ ପାରିବେ ନାହିଁ, ଏହା ପୂର୍ବେ କୁହା ଯାଇଅଛି । ଧର୍ମଜଗତର ଅସାଧାରଣ ମନୁଷ୍ୟମାନେ ଅନ୍ୟ ମନୁଷ୍ୟଙ୍କୁ ଆଧ୍ୟାତ୍ମିକତା ଦେଇ ପାରନ୍ତି, ଧାର୍ମିକ କରି ପାରନ୍ତି, କାରଣ ଅନ୍ୟ ସାଧାରଣ ମନୁଷ୍ୟ ମଧ୍ୟରେ ଆଧ୍ୟାତ୍ମିକତା ଓ ଧର୍ମପ୍ରବଣତା ସୁପ୍ତ ଭାବରେ ରହିଅଛି । ବାଘକୁ ସେମାନେ ଆଧ୍ୟାତ୍ମିକତା ଓ ସତ୍ତ୍ୱଗୁଣ ଦେଇ ପାରିବେ ନାହିଁ, କାରଣ ବାଘ ଆଉ ଏକପ୍ରକାର ଜୀବ ।

ଗୋଟିଏ ଘର ମଧ୍ୟରେ ପବନ ଅଛି ବୋଲି ତାହାର ଏକ ଦିଗରେ ବେହେଲା ବଜାଇଲେ ଅନ୍ୟ ଦିଗର ଲୋକେ ଶୁଣି



Digitized by srujanika@gmail.com

ପାରନ୍ତି । କିନ୍ତୁ ଗୋଟିଏ ବାକ୍ସ ମଧ୍ୟରେ ବେଲ୍‌ଟେଲ ରଖି ତାହା ବୈଜ୍ଞାନିକ ଉପାୟରେ ବାୟୁଶୂନ୍ୟ କରି ଯେବେ ବୈଦ୍ୟୁତିକ ଉପାୟରେ ତାହାର ତର୍ଲୀସମୂହ ଘର୍ଷଣ କରାଯାଏ, ତାହାହେଲେ କୌଣସି ଶବ୍ଦ ଆମ୍ଭେମାନେ ଶୁଣି ପାରବୁଁ ନାହିଁ, କାରଣ ଶବ୍ଦତରଙ୍ଗର ଆଶ୍ରୟଭୂତ ବାୟୁ ବାକ୍ସ ମଧ୍ୟରେ ନାହିଁ । ସେହିପରି ସାଧାରଣ ମନୁଷ୍ୟ ଓ ଅସାଧାରଣ ମନୁଷ୍ୟ ଆମ୍ଭେମାନେ ସମସ୍ତେ ଯେପରି ଆତ୍ମା-ସାଗରରେ ବିଚରଣ କରୁଅଛୁଁ, ଏକରି ଆତ୍ମିକ ତରଙ୍ଗ ଅପରରେ ସଞ୍ଚାଳିତ ଓ ସଂକ୍ରମିତ ହେଉଅଛି ।

ଧର୍ମଜଗତର ଅସାଧାରଣ ମନୁଷ୍ୟମାନଙ୍କ ମଧ୍ୟରେ ଯେଉଁ ସାଧୁତା, ପ୍ରେମ, ପବିତ୍ରତା, ଆତ୍ମୋତ୍ସର୍ଗ, ସାହସ, ନିଷ୍ଠା, ଅନ୍ତର୍ଦୃଷ୍ଟି ପ୍ରଭୃତି ଦେଖା ଯାଇଅଛି ସେହି ପ୍ରକାର ଗୁଣ ଯେ ଅନେକ ଅପ୍ରସିଦ୍ଧ, ଅଜ୍ଞାତକୁଳଶୀଳ ନରନାରୀ ମଧ୍ୟରେ ଥିଲା, ଅଛି ଏବଂ ଦେଖାଯିବ ଏଥିରେ ସନ୍ଦେହ ନାହିଁ । ଅନେକ ରାଜବଂଶର ଆଦି ପୁରୁଷ ଯେପରି ସାଧାରଣ ପିତାମାତାଙ୍କର ସନ୍ତାନ, ସେହିପରି ଅନେକ ଧର୍ମ ପ୍ରବର୍ତ୍ତକ ମଧ୍ୟ ସାଧାରଣ ପିତାମାତାଙ୍କର ସନ୍ତାନ । ଅନ୍ୟ ଦିଗରେ ପୁଣି ସେମାନଙ୍କର ଓ ଆମ୍ଭମାନଙ୍କର ପରଂବ୍ରହ୍ମଙ୍କ ସହିତ ସମ୍ବନ୍ଧ ରହିଅଛି । ଖ୍ରୀଷ୍ଟିଆନମାନେ ଈଶ୍ୱରଙ୍କୁ "ଆମ୍ଭମାନଙ୍କ ପିତା" କହନ୍ତି, ଆମ୍ଭେମାନେ କହୁଁ "ପିତାନୋଽସି" ଅଦ୍ୱୈତବାଦୀ କହନ୍ତି "ସୋଽହମ୍" । କୌଣସି ଦାର୍ଶନିକ ତର୍କ ନ ଉଠାଇ ବୋଲାଯିବ ଯେ ଏହି ସମସ୍ତ ଉକ୍ତି ମଧ୍ୟରେ ସତ୍ୟ ରହିଅଛି । ଜୀବାତ୍ମା ଓ ପରମାତ୍ମା ଏକାତ୍ମ; ସୁତରାଂ ସାଧାରଣ ମନୁଷ୍ୟ ଓ ଅସାଧାରଣ ମନୁଷ୍ୟ ସମସ୍ତେହିଁ ଏକ ପରିବାରଭୁକ୍ତ । ଜଣେ ଇଂରାଜ ଜ୍ୟୋତିର୍ବିତ୍ ରାତିରେ ଆକାଶର ଜ୍ୟୋତିଷ୍କମାନଙ୍କର ଗତି ଦେଖୁଁ ଦେଖୁଁ କହିଥିଲେ "ହେ ପ୍ରଭୋ, ମୁଁ ତୁମ୍ଭର ଚିନ୍ତାର ଅନୁସରଣ କରୁଅଛି" (I am thinking Thy thoughts) । ସୁତରାଂ ଋଷିଙ୍କର ସତ୍ୟ ଦୃଷ୍ଟି ପରଂବ୍ରହ୍ମଙ୍କର ଦେଖିବା ଭଳି, କବିଙ୍କର ଆନନ୍ଦ ତାହାଙ୍କର ଆନନ୍ଦ ଭଳି, ବୈଜ୍ଞାନିକଙ୍କ ଜ୍ଞାନ ତାହାଙ୍କର ଜ୍ଞାନ ଭଳି ଓ ଦାର୍ଶନିକଙ୍କ ମନନ ତାହାଙ୍କର ମନନ ସ୍ୱରୂପ ।

ଅସାଧାରଣ ଧାର୍ମିକଗଣ ବାସ୍ତବିକହିଁ ମହତ୍ ବ୍ୟକ୍ତି । କିନ୍ତୁ ଆମ୍ଭେମାନେ ମଧ୍ୟ ତୁଚ୍ଛ ନୋହୁଁ । ଆମ୍ଭେମାନେ ମଧ୍ୟ "ଅମୃତସ୍ୟ ପୁତ୍ରାଃ" । ଆମ୍ଭେମାନେ ଯେପରି ଅଳ୍ପ ଜ୍ଞାନ, ଅଳ୍ପ ପବିତ୍ରତା, ଅଳ୍ପ ପ୍ରେମ, ଅଳ୍ପ ଶକ୍ତି, ଅଳ୍ପ ବିଶ୍ୱାସ, ଅଳ୍ପ ସାହସ ଏବଂ ଅଳ୍ପ କୃତିତ୍ୱରେ ସନ୍ତୁଷ୍ଟ ନ ହେଉଁ; ଏ ଭଳି ଯେପରି ମନେ ନ କରୁଁ ଯେ ଆମ୍ଭେମାନେ ତୁଚ୍ଛ ସାଧାରଣ ମନୁଷ୍ୟ, ଅତଏବ ଆମ୍ଭମାନଙ୍କ ପକ୍ଷରେ ଏତିକି ଯଥେଷ୍ଟ । ଆମ୍ଭମାନଙ୍କ ଅଧିକାର ଓ ଆମ୍ଭମାନଙ୍କର ସମ୍ଭାବ୍ୟତା ଅସୀମ ।

ରାଷ୍ଟ୍ରନୀତି କ୍ଷେତ୍ରରେ ଦଶ ଜଣଙ୍କର ଯେପରି ପ୍ରତିଷ୍ଠା ହୋଇ ଅଛି ଧର୍ମ କ୍ଷେତ୍ରରେ ବର୍ତ୍ତମାନ ସୁଦ୍ଧା ତାହା ହୋଇ ନାହିଁ, ମାତ୍ର ତାହାର ସୂତ୍ରପାତ ହେବାକୁ ବୋଧହୁଏ ବିଳମ୍ବ ନାହିଁ । ଦଶ ଜଣ ସୁଫଳକାଙ୍କ୍ଷୀ ହୋଇ ପରାମର୍ଶ କଲେ ଯେପରି ରାଷ୍ଟ୍ରନୀତି କ୍ଷେତ୍ରରେ ସୁପନ୍ଥା ଓ ସୁନୀତି ଅବଲମ୍ବିତ ହୁଏ, ଜଗତରେ ସେହିପରି ସାଧୁ ଅଭିପ୍ରାୟରେ ଦଶ ଜଣ ମିଶି ବିଚାର କଲେ ସେମାନେ ତତ୍ତ୍ୱଦର୍ଶୀ ଏବଂ ଧର୍ମ ପଥର ଅବଲମ୍ବୀ ହୋଇ ପାରିବେ । କାରଣ ସମସ୍ତଙ୍କର ଆତ୍ମା ଏକହିଁ ପ୍ରକାର, ସମସ୍ତଙ୍କ ଦେଖିବାର ଚିନ୍ତିବାର ଓ ମାନିବାର କ୍ଷମତା ସମସ୍ତଙ୍କର ରହିଅଛି । ଧର୍ମଜଗତରେ ମଧ୍ୟ ସ୍ୱତନ୍ତ୍ର ପଥର ପଥିକମାନେ କୌଣସି ଶାସ୍ତ୍ର, କୌଣସି ସାଧୁ-ବଚନକୁ ଅବଜ୍ଞା ନ କରି ସମସ୍ତହିଁ ଶ୍ରଦ୍ଧା ସହକାରେ ଅନୁଶୀଳନ କରିବେ, କିନ୍ତୁ ସାଧାରଣ ଓ ଅସାଧାରଣ ସମସ୍ତ ମନୁଷ୍ୟର ଆତ୍ମା ମଧ୍ୟରେ ପରଂବ୍ରହ୍ମ ପ୍ରକାଶିତ ଏହା କେବେହେଁ ବିସ୍ମୃତ ହେବେ ନାହିଁ । ଦଶ ଜଣଙ୍କର ସମ୍ମତି ହେଲେ ଧର୍ମବିଷୟକ ସତ୍ୟ ନିର୍ଣ୍ଣୟ ଉପହାସର ବିଷୟ ହୋଇପାରେ, କିନ୍ତୁ ଏହା ନିଶ୍ଚିତ ଯେ ଯେତେବେଳ ପର୍ଯ୍ୟନ୍ତ କୌଣସି ଶାସ୍ତ୍ରୀୟ ଉକ୍ତି କିମ୍ବା ସାଧୁ ବଚନକୁ ଆମ୍ଭମାନଙ୍କର ଅନ୍ତରାତ୍ମା ଠିକ୍ ବୋଲି କହୁ ନାହିଁ ସେ ପର୍ଯ୍ୟନ୍ତ ତାହା ଆମ୍ଭମାନଙ୍କ ପକ୍ଷରେ ସତ୍ୟ ନୁହେ । ଆମ୍ଭେମାନେ ଯନ୍ତ୍ର ଭଳି ତାହାର ଅନୁବର୍ତ୍ତୀ ହୋଇ ପାରୁଁ. କିନ୍ତୁ ଯେତେବେଳେ ଆମ୍ଭମାନଙ୍କର ଅନ୍ତରାତ୍ମା ବୁଝି ସୁଝି ତହିଁରେ ଆନନ୍ଦ ସହକାରେ ହଁ ଭରେ, ସେତେବେଳେ ଆମ୍ଭେମାନେ ତାହା ମାନିବାକୁ ବାଧ୍ୟ ।

ଅସାଧାରଣ ମନୁଷ୍ୟ ସମସ୍ତଙ୍କର ପ୍ରଣମ୍ୟ । କିନ୍ତୁ ଆମ୍ଭେମାନେ ସେମାନଙ୍କର ଆତ୍ମୀୟ ହେବାର ଉପଯୁକ୍ତ ହୋଇ ପାରିବୁଁ ନାହିଁ କି ? ଏହି ଅଧିକାର ସାର୍ଥକ ହେବ ନାହିଁ କି ? ସେମାନଙ୍କର ସହଧର୍ମୀ, ସହମର୍ମୀ, ସହଯୋଗୀ ଓ ସହକର୍ମୀ ହୋଇ ପାରିବୁଁ ନାହିଁ କି ? ଏହା ସ୍ପର୍ଦ୍ଧା ଜ୍ଞାନ ନ କରି ପ୍ରକୃତ ପ୍ରୀତି ଓ ଭକ୍ତି ରୂପେ ମନେ କରିବାହିଁ ଉଚିତ ।

ଜଗତର ଦିଗ୍‌ବିଜୟୀ ବୀରମାନେ ଏବଂ ବଡ଼ ବଡ଼ ସେନାପତି-ବର୍ଗ ଅତ୍ୟନ୍ତ ଶକ୍ତିଶାଳୀ, ସନ୍ଦେହ ନାହିଁ । କିନ୍ତୁ ଯେଉଁ ସହସ୍ର ସହସ୍ର ଲକ୍ଷ ଲକ୍ଷ ସାଧାରଣ ସୈନ୍ୟ ସେମାନଙ୍କର ଜୟଲାଭ ସକାଶେ ପ୍ରାଣ ଦିଅନ୍ତି, ସେମାନେ ଅଖ୍ୟାତ ଓ ଅଜ୍ଞାତନାମା ହେଲେ ସୁଦ୍ଧା ତୁଚ୍ଛ ନୁହନ୍ତି । ସେନାନାୟକ ବ୍ୟତୀତ ଯୁଦ୍ଧ ଚଳେ ନାହିଁ ସତ୍ୟ, ମାତ୍ର ସାଧାରଣ ସେନା ବ୍ୟତୀତ ତ ଯୁଦ୍ଧ ଚଳେ ନାହିଁ । ଦୁଇ ଚାରି ଜଣ ସେନାପତି ମରିଗଲେ ସାଧାରଣ ସୈନ୍ୟଙ୍କ ମଧ୍ୟରୁ ଉତ୍କୃଷ୍ଟ ବ୍ୟକ୍ତି ବାଛି ସେମାନଙ୍କର ସ୍ଥାନ ପୂର୍ଣ୍ଣ ହେବାର ଚଳିବ କିନ୍ତୁ ସହସ୍ର ସହସ୍ର ମୃତସୈନିକର ସ୍ଥାନ ପୂରଣ ସେନାନାୟକମାନେ ସହଜରେ କରି ପାରନ୍ତି କି ? ଧର୍ମପ୍ରବର୍ତ୍ତକମାନେ ମହତ୍ ଓ କ୍ଷମତାବାନ୍ ବ୍ୟକ୍ତି ସନ୍ଦେହ ନାହିଁ । ମାତ୍ର ସେମାନଙ୍କର ଶିଷ୍ୟ ଓ ଅନୁଶିଷ୍ୟମାନେ ଧର୍ମ ସକାଶେ ସର୍ବପ୍ରକାର କ୍ଳେଶ, ଉତ୍ପୀଡ଼ନ ଓ ଲାଞ୍ଛନା ସହ୍ୟ କରି କରି ତ୍ୟାଗ, ଆତ୍ମୋତ୍ସର୍ଗ, ବିଶ୍ୱାସ, ନିଷ୍ଠା ଓ ଶୌର୍ଯ୍ୟ ପ୍ରଦର୍ଶନ କରି ନାହାନ୍ତି କି ? ଧର୍ମପ୍ରବର୍ତ୍ତକ ଏକାକୀ ସମସ୍ତ କାର୍ଯ୍ୟ କରି ପାରନ୍ତି ନାହିଁ । ତାଙ୍କ ଦଳର ଲୋକମାନଙ୍କ ଉପରେ ସାଫଲ୍ୟ ବେଶୀ ନିର୍ଭର କରେ । ତାଙ୍କ କଥା ଓ କାର୍ଯ୍ୟ ଯେପରି ତାଙ୍କ ଦଳର ଲୋକଙ୍କୁ



Digitized by srujanika@gmail.com

ଅନୁପ୍ରାଣିତ କରେ. ସେହିପରି ତାଙ୍କ ମଣ୍ଡଳୀର ଲୋକମାନଙ୍କ କଥା ଓ କାର୍ଯ୍ୟ·ମଧ୍ୟ ତାଙ୍କୁ ନୂତନ ଆଲୋକ ଦିଏ ଓ ଉତ୍ସାହିତ କରେ ।

ବଡ଼ ବଡ଼ ବେପାରୀ, ବଡ଼ ବଡ଼ କାରଖାନାର ମାଲିକମାନେ ମନୁଷ୍ୟର ପ୍ରୟୋଜନୀୟ ଖାଦ୍ୟ, ବସ୍ତ୍ର ଓ ଅନ୍ୟାନ୍ୟ ଦ୍ରବ୍ୟ ଯୋଗାଇ ଦିଅନ୍ତି ସତ୍ୟ. କିନ୍ତୁ ଅଗଣ୍ୟ କୃଷକ, କୁଲି, ମିସ୍ତ୍ରୀ, ମୂଲିଆ ପ୍ରଭୃତିଙ୍କୁ ବାଦ ଦେଲେ ସେମାନଙ୍କର ସାମର୍ଥ୍ୟ କିମ୍ବା କୃତିତ୍ୱ ନ ଥାଏ । "ଚଷା" ଶବ୍ଦଟି ପ୍ରୟୋଗ କରି ଅବଜ୍ଞା ପ୍ରକାଶ କରିବା ସହଜ, କିନ୍ତୁ "ବାବୁ"ଠାରୁ ଚଷାର ପ୍ରୟୋଜନ ସଂସାରରେ ଅତ୍ୟନ୍ତ ଅଧିକ ।

ନାନା ପ୍ରକାରର ସ୍ତୂପ, ପ୍ରାସାଦ, ଦୁର୍ଗ, ମନ୍ଦିର, ଗିର୍ଜ୍ଜା, ମସଜିଦ୍, କବର, ସମାଧି, ସେତୁ, ମାର୍ଗ, ଘାଟି ପ୍ରଭୃତି ସଭ୍ୟତାର ବହିରଙ୍ଗ । ଏଗୁଡ଼ିକ ଉପରେ ନାମର ଛାପା ପଡ଼ିଥାଏ ବଡ଼ ବଡ଼ ଧନୀ ଏବଂ ବଡ଼ ବଡ଼ ଇଞ୍ଜିନିୟରମାନଙ୍କର, କିନ୍ତୁ ସାଧାରଣ ମିସ୍ତ୍ରୀ ମୂଲିଆ ବ୍ୟତୀତ ସେମାନେ କିଛି କରି ପାରନ୍ତି ନାହିଁ ।

ଅନେକ କବିତାରେ ଏ ଭଳି ଲେଖାଅଛି ଯେ କବିମାନେ ଆପଣା ମନକୁ ନିଭୃତରେ ବସି ନିଜ ଆନନ୍ଦରେ ବିହ୍ୱଳ ହୋଇ ଗୀତ ଗାଆନ୍ତି । ଏହି କଳ୍ପନାଟିକ ସମ୍ପୂର୍ଣ୍ଣ ଅବାସ୍ତବ ନ ହୋଇପାରେ । କିନ୍ତୁ ବାସ୍ତବିକ ଜଣେ ମହାକବିଙ୍କୁ ବାଲ୍ୟ କିମ୍ବା ଯୌବନ କାଳରୁ ଗୋଟିଏ ନିର୍ଜ୍ଜନ ଦ୍ୱୀପରେ ରବିନ୍ସନ କ୍ରୁସୋଙ୍କ ଭଳି ରଖିଦେଲେ ସେ କିପରି ଆନନ୍ଦରେ ବିହ୍ୱଳ ହୋଇ ଆପଣା ମନକୁ ଗୀତ ଗାଆନ୍ତେ ଦେଖା ଯାଆନ୍ତା । ମାନବ-ସମାଜ, ସୁହୃଦପରିବାର, ଆତ୍ମୀୟ ପ୍ରତିବେଶୀ ଅଛନ୍ତି ବୋଲି ମହାକବିଙ୍କର କାବ୍ୟ ସମ୍ଭବ ହୋଇଥାଏ । ମନୁଷ୍ୟ ଜୀବନର ଘାତପ୍ରତିଘାତ, କ୍ରିୟାପ୍ରତିକ୍ରିୟା, ହର୍ଷଶୋକ, ପତନ ଓ ଉତ୍ଥାନ, ଗୃହନିକ ସଂଗ୍ରାମ, ଜୟ ପରାଜୟ ପ୍ରଭୃତି କବିର କାବ୍ୟର ଉପାଦାନ । କବି ନିଜର ଆନନ୍ଦ ଅପର ମନୁଷ୍ୟ ସହିତ ଉପଭୋଗ କରିବାକୁ ଲୋଡ଼ନ୍ତି ଓ କହିପାରନ୍ତି ବୋଲି ସାହିତ୍ୟର ସୃଷ୍ଟି ହୁଏ । କବି ଏକାକୀ ବିଶେଷ କିଛି ନୁହନ୍ତି, ଅପର ଦଶ ଜଣଙ୍କୁ ଘେନି କବି ସିନା ?

ଧନୀମାନେ ଶହେ ଦୁଇଶ ଠାରୁ ଲକ୍ଷ କୋଟି ମୁଦ୍ରା ପର୍ଯ୍ୟନ୍ତ ଦାନ କରନ୍ତି, ସେଥିରେ ମନୁଷ୍ୟ ଅବାକ୍ ହୋଇ ସେମାନଙ୍କର ଗୁଣରେ ମୁଗ୍ଧ ହୁଅନ୍ତି । କିନ୍ତୁ ସେମାନଙ୍କର ପ୍ରଶଂସା କରିବା ସମୟରେ ଏହା ସ୍ମରଣ ରଖିବା କର୍ତ୍ତବ୍ୟ ଯେ ସେହିସବୁ ଅର୍ଥ ଗରିବର ହାଡ଼ଭଙ୍ଗା ପରିଶ୍ରମରୁ ଉତ୍ପନ୍ନ; ଅନେକ ସ୍ଥଳରେ ଗରିବକୁ ଉପଯୁକ୍ତ ମୂଲ ନ ଦେବାରୁ ଧନୀର ଧନବାନ୍ ହେବାର ସମ୍ଭବ ହୋଇଅଛି ଏବଂ କେତେବେଳେ ଅବା ଗରିବକୁ ଠକାଇ ଧନୀ ଧନଲାଭ କରିଅଛନ୍ତି । ଉତ୍କଳ କବିଙ୍କର "ଦୁଃଖୀରଙ୍କି ତଣ୍ଟି ଚିପି ବାରମ୍ବାର, ହାତାପଣ ତେତେ କରୁଛ ପ୍ରଚାର" ଏହି ବାଣୀ ସବୁବେଳେ ସାର୍ଥକ । ମାତ୍ର ଧନୀଙ୍କର ଧନ ବ୍ୟତୀତ ବଡ଼ କାର୍ଯ୍ୟ ଯେ ହୁଏ ନାହିଁ ତାହା ନୁହେ । ତୀର୍ଥ ସ୍ଥାନର କୌଣସି କୌଣସି ଜଳାଶୟ, ମନ୍ଦିର, ଧର୍ମଶାଳା ପ୍ରଭୃତି ମୁଷ୍ଟି ଭିକ୍ଷା ଏବଂ ଅଧଲା ପଇସା ଭିକ୍ଷା ଦ୍ୱାରା କୌଣସି କୌଣସି ସନ୍ନ୍ୟାସୀ କର୍ତ୍ତୃକ ନିର୍ମିତ ହୋଇଅଛି । ହରିଦ୍ୱାର, ହୃଷୀକେଶ ପ୍ରଭୃତି ଭାରତବର୍ଷର ପ୍ରଧାନ ତୀର୍ଥ ସମୂହରେ 'କାଳୀକମଳିବାଲା' ସନ୍ନ୍ୟାସୀଙ୍କ ଏ ଭଳି ପ୍ରକାଣ୍ଡ ପ୍ରକାଣ୍ଡ ଧର୍ମଶାଳା ନିର୍ମାଣ କଥା ଅନେକେ ଜାଣନ୍ତି । ବଡ଼ ବଡ଼ ବେସରକାରୀ କଲେଜଗୁଡ଼ିକ ପ୍ରଧାନତଃ ଛାତ୍ର ଦତ୍ତ ବେତନ ଦ୍ୱାରା ଚାଲୁଅଛି । ଦକ୍ଷିଣ ଭାରତରେ ଗୋଟିଏ କାଚର କାରଖାନା "ପଇସା ଫଣ୍ଡ" ଦ୍ୱାରା ସ୍ଥାପିତ ହୋଇଅଛି ବୋଲି ଶୁଣାଯାଏ । ସମୁଦ୍ର ଉପରେ ରାମଚନ୍ଦ୍ରଙ୍କର ସେତୁବନ୍ଧନରେ ଗୁଣ୍ଡୁଚିମୂଷାର ସାହାଯ୍ୟ ଗରିବର ଆତ୍ମଦାନକୁ ମହିମାନ୍ୱିତ କରି ରଖିଅଛି ।

କାହାର ଶୁଭକାମନା, କାହାର ଉପକାର, "କାୟମନୋ-ବାକ୍ୟ"ରେ କରିବା କଥା ବହୁ ଗ୍ରନ୍ଥରେ କୀର୍ତ୍ତିତ । "କାୟମନୋ-ବାକ୍ୟ"ରେ ଭଗବାନଙ୍କର ଇଚ୍ଛାର ଅନୁଗତ ହୋଇ ତାହାଙ୍କର ସେବା କରି ଯାଇପାରେ । ସଂସ୍କୃତରେ କାୟ, ମନ ଓ ବାକ୍ୟ ଏହି କଥା ତିନୋଟିର ଯେପରି ଏକତ୍ର ପ୍ରୟୋଗ ଦୃଷ୍ଟ ହୁଏ ସେହିପରି ହିନ୍ଦୀରେ "ତନ ମନ ଧନ"ର ସମ୍ମିଳିତ ପ୍ରୟୋଗ ପ୍ରଚଳିତ ଅଛି । ଯେ ପରମ ଭକ୍ତ, ତାଙ୍କ ସମ୍ବନ୍ଧରେ ବୋଲାଯାଏ ଯେ ତାଙ୍କର "ତନ ମନ ଧନ" ଭଗବତ ଚରଣରେ ଉତ୍ସୃଷ୍ଟ । ଜଗତରେ କେହି ବାକ୍ୟ ମନ ଦ୍ୱାରା, କେହି ଧନ ଦ୍ୱାରା, କେହି ମନ ଓ ଧନ ଦ୍ୱାରା, କେହି ଅବା କେବଳ ବାକ୍ୟ ଦ୍ୱାରା ହିତସାଧନର ଚେଷ୍ଟା କରନ୍ତି । ଏମାନେ କେହି କବି, କେହି ଦାର୍ଶନିକ, କେହି ବୈଜ୍ଞାନିକ, କେହି ବାଗ୍ମୀ, କେହି ଅବା ଦାନବୀର ବୋଲି ଯଶସ୍ୱୀ ହୁଅନ୍ତି । କିନ୍ତୁ ଯେଉଁ ସମସ୍ତ ଲକ୍ଷ ଲକ୍ଷ କୋଟି କୋଟି ମନୁଷ୍ୟ ଗୋଡ଼ ହାତ ଦ୍ୱାରା ସମାଜର ସେବା କରନ୍ତି, ଯେଉଁମାନେ ନ ଥିଲେ ଲୋକସ୍ଥିତି ଅସମ୍ଭବ ହୁଅନ୍ତା, ସେମାନଙ୍କର ଏହି ଦୈହିକ ଦେବପୂଜା, ଏହି ଦୈହିକ ମାନବ ସେବା, ଅଖ୍ୟାତ ଏବଂ କବିଙ୍କ କାବ୍ୟରେ ଅକୀର୍ତ୍ତିତ ହେଲେହେଁ ତୁଚ୍ଛ ନୁହେ । ସେମାନେ ଜାଣନ୍ତି ନାହିଁ, ଜାଣି ଅହଂକୃତ ହୁଅନ୍ତି ଯେ ସେମାନେ କେତେ ବଡ଼ କାର୍ଯ୍ୟ କରୁଅଛନ୍ତି ଏବଂ ସେହି କାର୍ଯ୍ୟ ବିନା ସଂସାର କିପରି ଅଚଳ ହେବ । ଏହି ଅଜ୍ଞାନକୃତ ସେବା କଅଣ ଭଗବାନ ଗ୍ରହଣ କରନ୍ତି ନାହିଁ ? ପ୍ରାସାଦର ଯେଉଁ ଅଂଶ ମାଟି ଉପରେ ଛିଡ଼ା ହୋଇଥାଏ ତାହାର ସୁଖ ସ୍ୱାଚ୍ଛନ୍ଦ୍ୟ-ବିଧାନର ଉପଯୋଗିତାରେ ଆମ୍ଭେମାନେ ମୁଗ୍ଧ ହେଉଁ । କିନ୍ତୁ ନୟନଗୋଚର ସମସ୍ତଟିକ ଯେ ମୃତ୍ତିକା-ଗର୍ଭରେ ପ୍ରୋଥିତ ଅସୁନ୍ଦର ଭିତ୍ତି ଉପରେ ଛିଡ଼ା ହୋଇ ରହିଛି ତାହା ବିସ୍ମୃତ ହେବା ସଙ୍ଗତ ନୁହେ । ଗଛର ଡାଳ ପତ୍ର ଫଳ ଫୁଲ ସୁଶୋଭନ ଓ ଆନନ୍ଦଦାୟକ, କିନ୍ତୁ ଚେର ଗୁଡିକ ସେ ଭଳି ସୁନ୍ଦର ନୁହେ । କିନ୍ତୁ ଚେର ଗୁଡିକ ବ୍ୟତୀତ କୌଣସି



Digitized by srujanika@gmail.com

ଶୋଭା କୌଣସି ହେତୁ ସମ୍ଭବ ହୁଅନ୍ତା କି ? ମନୁଷ୍ୟର ସମାଜ ପ୍ରାସାଦ ଭଳି, ପତ୍ର ପୁଷ୍ପ ଫଳରେ ସଜ୍ଜିତ ବୃକ୍ଷ ଭଳି । ଏହାର ଭିତ୍ତି, ଏହାର ମୂଳ, ଚଷା, ମୂଲିଆ, କୁଲି ଓ କାରିଗର । ଏହି ସତ୍ୟଟିକ ଉପଲବ୍ଧି କରିବା ସକଳ ଦେଶର ସମସ୍ତ ଜାତିଙ୍କ ପକ୍ଷରେ ଏକାନ୍ତ ପ୍ରୟୋଜନୀୟ । ଏହା ଉପଲବ୍ଧି କରି ଆମ୍ଭମାନଙ୍କର ଜୀବନକୁ, ଆମ୍ଭମାନଙ୍କର କାୟମନ ଓ ବାକ୍ୟର କ୍ରିୟାକୁ ତାହାର ଅନୁରୂପ କରି ନ ପାରିଲେ ଆମ୍ଭମାନଙ୍କର ଉଦ୍ଧାର ନାହିଁ ।

ଆମେରିକାର ମହାମନୀଷୀ ଆବ୍ରାହାମ ଲିଙ୍କନ ଯଥାର୍ଥ କହିଥିଲେ "ଭଗବାନ ନିଶ୍ଚୟହିଁ ସାଧାରଣ ଲୋକମାନଙ୍କୁ ଭଲ ପାଆନ୍ତି; ତାହା ନ ହେଲେ ସେ ଏତେ ବେଶୀ ପରିମାଣରେ ସାଧାରଣ ଲୋକଙ୍କୁ ସୃଷ୍ଟି କରି ନ ଥାଆନ୍ତେ ।"

ଆମ୍ଭେମାନେ ସାଧାରଣ ଲୋକେ ଏହି ହେତୁରୁ ଉଦ୍‌ବୁଦ୍ଧ ହେବାକୁ ଲୋଡ଼ୁଁ ଯେ ଆମ୍ଭେମାନେ ଆମ୍ଭମାନଙ୍କ ଦୀପ୍ତି ଓ ଶକ୍ତି ବୃଦ୍ଧି ତାହା ଭଳି ମନୁଷ୍ୟ ହେବୁଁ, ତାହା ଭଳି କାର୍ଯ୍ୟ କରିବୁଁ । ଭଗବାନ ନାନା ଶକ୍ତିରୂପେ ଆମ୍ଭମାନଙ୍କ ପ୍ରତ୍ୟେକ ମଧ୍ୟରେ ରହିଅଛନ୍ତି ସୁତରାଂ ଆମ୍ଭମାନଙ୍କ କାର୍ଯ୍ୟ ଆମ୍ଭେମାନେ କରିବୁଁ । ଅସାଧାରଣରେ ଭଗବାନଙ୍କର ମହିମା ଓ ଶକ୍ତି ରହିଅଛି ସତ୍ୟ, କିନ୍ତୁ ସାଧାରଣରେ ମଧ୍ୟ ଅଛି । ସାଧାରଣଙ୍କର ଆତ୍ମବିସ୍ମୃତ ହୋଇ ରହିବା କର୍ତ୍ତବ୍ୟ ନୁହେ । ସୂର୍ଯ୍ୟ ଚନ୍ଦ୍ର ଆଲୁଅ ଦିଅନ୍ତି ବୋଲି ନକ୍ଷତ୍ର ଓ ଖଦ୍ୟୋତ ଆଲୋକ ପ୍ରଦାନରେ ବିରତ ହୁଅନ୍ତି ନାହିଁ । ଜମିକୁ ଉର୍ବର କରିବାକୁ ବଡ଼ ବଡ଼ ବୈଜ୍ଞାନିକଗଣ ଅଜସ୍ର ଚେଷ୍ଟା କରୁଅଛନ୍ତି, କିନ୍ତୁ ସ୍ମରଣାତୀତ କାଳରୁ କିଆ ମଧ୍ୟ ଅନ୍ଧକାରରେ ଲୋକଚକ୍ଷୁର ଅଗୋଚରରେ ଜମିକୁ କୃଷିର ଉପଯୋଗୀ କରି ଆସୁଅଛି ।

ଅହଙ୍କାରର ମହୌଷଧ ସ୍ୱରୂପ ଦୀନତା ଓ ଅକିଞ୍ଚନତା ଭଲ; କିନ୍ତୁ ତାହା ଯେତେବେଳେ ମନୁଷ୍ୟର ଗୋଡ଼ହାତ ଓ ଆତ୍ମାକୁ ଅବଶ ଓ ଜଡ଼ତାପନ୍ନ କରେ, ସେତେବେଳେ ତାହା ବିଷ, ସୁତରାଂ ବର୍ଜନୀୟ । ଭଗବାନଙ୍କ ନିକଟରେ ଆମ୍ଭେମାନେ କ୍ଷୁଦ୍ରାଦପି କ୍ଷୁଦ୍ର, ଏହା ସତ୍ୟ, କିନ୍ତୁ ଏହା ମଧ୍ୟ ସତ୍ୟ ଯେ ଆମ୍ଭେମାନେ "ଅମୃତସ୍ୟ ପୁତ୍ରାଃ"—ଆମ୍ଭେମାନେ ଅମୃତର ସନ୍ତାନ, ଆମ୍ଭେମାନେ ମହତ୍ ଓ ଶକ୍ତିଶାଳୀ ।

# ରୁକ୍ଷ ରୋମାଞ୍ଚକର ରାଞ୍ଚି

ଶ୍ରୀ ନବ କିଶୋର ଦାସ

ଭ୍ରମଣାରମ୍ଭ—

ନାଗରିକ-ଜୀବନରେ ସ୍ୱପ୍ନ ପରେ ସ୍ୱପ୍ନ ଆସେ; କର୍ମ ପରେ କର୍ମ କର୍ମୀ-ଜୀବନକୁ ଆଚ୍ଛନ୍ନ କରେ । କବି ହୁଅ ବା କର୍ମୀ ହୁଅ, ମନୁଷ୍ୟର ମନ ଚାହେଁ ମୁକ୍ତି; ଅବସରର ଆନନ୍ଦ । ବାଙ୍କୁଡ଼ା ଜିଲ୍ଲାରେ ଓଡ଼ିଆ ଆନ୍ଦୋଳନ କାମ ସାରି ପୁରୁଲିଆରୁ ସକାଳ ଗାଡ଼ିରେ ସେହି ଅବସରସୁଖ ଅନୁଭବ କରିବାକୁ ମୁଁ ରାଞ୍ଚି ବାହାରି ଥିଲି । ସେଠାରେ କେତେକ ପଢ଼ାସାଥି, ଓ ଅନେକ ଓଡ଼ିଆ କର୍ମଚାରୀ ଅଛନ୍ତି । ରାଞ୍ଚିରେ କିଛି ଦର୍ଶନୀୟ ସ୍ଥାନ ଥିବ ପରା ! ନାମଟା ତ ଭାରତବିଖ୍ୟାତ । ଥାର୍ଡ଼ କ୍ଲାସ ରେଳ ଡବାରେ ବସି ବସି ଗଲାବେଳେ ରାସ୍ତାର ଦୁଇ ପାଖରେ ମୋର ଆଖି ପଡ଼ୁଛି ଖାଲି ରୁକ୍ଷ, ଟାଙ୍ଗର ଭୂମି । କାହିଁ ଅବା ଗ୍ରାମଟିଏ । ଗ୍ରାମ ମାଟି କାନ୍ଥ ହାଡ଼ ବେର ହୋଇଛି । ଠାଏ ଠାଏ ପୁଣି ହଳଦିଆ ରଙ୍ଗଟା ଆଖିକୁ ଆରାମ ଦେଉଛି । ସେ ଗୁଡ଼ିକ ଫୁଲଭରା ସୋରିଷ କିଆରି । ଏମିତି ରେଲଗାଡ଼ିଟାରେ ସମୟ କଟି ଯାଉଛି । ଡବାରେ କେତେ ଗୁଡ଼ିଏ "ଓରାଂ" ଜାତିର ଲୋକ, ଏମାନେ ଆଦିମବାସୀ କେତେକ ବାବୁ ଶ୍ରେଣୀର । ମୁଁ ଗୋଟିଏ ବେଞ୍ଚରେ ମୋର ବିଛଣା ମେଲାଇ ଜହରଲାଲଙ୍କ ଜୀବନୀ ଖଣ୍ଡିକ ପଢ଼ିବାରେ ବ୍ୟସ୍ତ । କେତେବେଳେ ବାହାରକୁ ଅନାଏଁ; ଖଣ୍ଡେ ଅଧେ ହୁଡ଼ି ଆଖିରେ ପଡ଼ିଯାଏ; ପୁଣି ରୁକ୍ଷ ଟାଙ୍ଗର ମାଳଭୂମି । ଏହି ରାସ୍ତାରେ ଦୁଇଟି ପାହାଡ଼ଘାଟି ପଡ଼େ । ସେଠାରେ ଟ୍ରେନର ଗତି ଅତି ବେଗହୀନ । ଘାଟି ଦୁଇଟିର ନାମ କୀତା ଘାଟି ଓ ବଡ଼ୁଆଜାଗ ଘାଟି । ମୟୂରଭଞ୍ଜର ବୁହାଳ ବାଙ୍ଗିରିପୋଷି କିମ୍ବା ନରସିଂହପୁରର ବୁଢ଼ାବୁଢ଼ୀ ଘାଟିର ଚିତ୍ର ଏଠାରେ ନାହିଁ ; ମାତ୍ର ରେଲ ରାସ୍ତାର ଦୁଇ ପାଖରେ ଉଚ୍ଚ ପାହାଡ଼ ଓ ବଣ ଦେଖିବାକୁ ମିଳେ । ଏହାର ମଧ୍ୟରେ ଅଛି ସୋରିଷ ଫୁଲଭରା ବିସ୍ତୀର୍ଣ୍ଣ ଶସ୍ୟ କ୍ଷେତ୍ରସମୂହ, ପୁଣି କାହିଁ ବଣ, ପାହାଡ଼ ମଧ୍ୟରେ ଗଭୀର ଗିରି ନଦୀ କିମ୍ବା ଦୀର୍ଘ ଶ୍ୟାମଗୁଳ୍ମାଚ୍ଛାଦିତ ଗିରିଗହ୍ୱର । ବନ୍ୟ ଦୃଶ୍ୟ କବି ମାନସ-ଉଲ୍ଲାସୀ । ଏହିପରି ବନ୍ୟ ଦୃଶ୍ୟ ମୁଁ ଉତ୍କଳର ଦେଶୀୟ ରାଜ୍ୟ-ମାନଙ୍କରେ ଦେଖିଛି; ତେଣୁ ନୂତନ ବନଦର୍ଶକ ଭଳି ପ୍ରାଣରେ ସେତେ ରୋମାଞ୍ଚକର ଭାବରାଜି ନାହିଁ ।

ଷ୍ଟେସନମାନଙ୍କରେ ବନ୍ଧୁ ଯାତ୍ରୀଙ୍କର ସମାଗମ ନାହିଁ । ଥାର୍ଡ଼ କ୍ଲାସ ରେଲ ଡବାରେ ଏକ ଖଡ଼ିଆ ଯୁବକ ମୋର ସାଥି ହୋଇଛି । ମୁଁ ଜହରଲାଲଙ୍କ ଜୀବନୀ ପଢ଼ାକୁ ବାଦ୍ ଦେଇଛି, ଏହି ଯୁବକ ପାଇଁ । ମୁଁ ତାକୁ ବୁଝିବାକୁ ଚାହେଁ । ମଣିଷ ମନ କି ବିଚିତ୍ର

ବସ୍ତୁ । ପୃଥିବୀର ବିଭିନ୍ନ ଶ୍ରେଣୀର ମନୁଷ୍ୟର ଭାଷା, ଆଚାର, ବ୍ୟବହାର ଏବଂ ଜୀବନ-ଯାପନ ପ୍ରଣାଳୀ ଜାଣିବାକୁ ମନୁଷ୍ୟ ମନ ସ୍ୱଭାବତଃ ବ୍ୟଗ୍ର ହୋଇପଡ଼େ । "ଆଲେଂ ଲୁତୁର୍" (ଗୀତ ଗାଅ) ବୋଲି ସ୍ୱତଃ ମୁଁ ଖଡ଼ିଆ ଯୁବକଟିକୁ ଅନୁରୋଧ କଲି । କିନ୍ତୁ ଯୁବକଟି ଯୁବ-ଜେଲଖାନାରୁ ଫେରୁଛି, ଚୋରି ଅପରାଧରେ ଦଣ୍ଡିତ ହୋଇ । ତେଣୁ ଗୀତ ସେ ଭୁଲି ଯାଇଛି । ଯୁବକଟି ତାହାର ଦୋଷ ଦ୍ୱାରା ମୋ ପ୍ରାଣର ପ୍ରିୟତମ ହୋଇ ଯାଇଛି । ମୁଁ ବେଶୀ ତାହାର ମର୍ମକୁ ବୁଝିବାକୁ ଚାହୁଁଛି । କାହିଁକି ସେ ଚୋରି କଲା ? ସମାଜ ,ତାହାର ଦୋଷରେ ଅଂଶୀଦାର କି ? ସେ ଯାହା ହେଉ ମୁଁ ଯୁବକଟି ସଙ୍ଗରେ ବନ୍ଧୁ ବାନ୍ଧିଛି; କାହିଁ ଚୋରର ଲକ୍ଷଣ କିଛି ତ ଦେଖୁ ନାହିଁ, ପିନ୍ଧିବା ଲୁଗା ହାତ ବୁଣା; ମାଂସପେଶୀ ବଳିଷ୍ଠ । ତାହାଠାରୁ ତା ଭାଷା କେତୋଟି ଶିଖିଲି । ଏମାନେ ପାଣିକୁ 'ଦା' କହନ୍ତି । ମାଝୀ ସାନ୍ତାଳ, ହୋ (କୋଲ୍ହ)ମାନେ ମଧ୍ୟ ପାଣିକୁ 'ଦା' କହନ୍ତି । ମାଟିକୁ 'ଲୋଖୋ', ଗୀତକୁ 'ଲୁତୁର', ଭାତକୁ 'ବେ', ଜଙ୍ଗଲକୁ 'ଠୋଙ୍ଗସୋ', ମୁଁକୁ 'ଇନ୍' କହନ୍ତି । ଗାଡ଼ି ରାଞ୍ଚି ଷ୍ଟେସନରେ ବାରଟା ବେଳେ ପହଞ୍ଚିଲା । ଏହା ପୁରୁଲିଆ ସହରଠାରୁ ୭୫ ମାଇଲ ଦୂରରେ ଅବସ୍ଥିତ । ଯେଉଁମାନେ ଜାମସେଦପୁରରୁ ରାଞ୍ଚି ଯାଆନ୍ତି ସେମାନେ ମୁରି ଯାଏଁ ଯାଇ ସେଠାରୁ ପୁଣି ଗାଡ଼ି ବଦଳି କରି ଛୋଟ ରେଲ ଲାଇନରେ ରାଞ୍ଚି ଯାଆନ୍ତି । କିନ୍ତୁ ମୁଁ ପୁରୁଲିଆଠାରୁ ଯାଉ ଥିବାରୁ ଅଉ କେଉଁଠି ଗାଡ଼ି ବଦଳି କଲି ନାହିଁ । ପୁରୁଲିଆରୁ ରାଞ୍ଚି-ଲୋହାରଡାଗାକୁ ଛୋଟ ରେଲ ଲାଇନ ଯାଇଛି । ଏହି ଗାଡ଼ିରେ ମୁଁ ଯାଏଁ । ରାସ୍ତା ଧାରରେ ଜୋହା ବୋଲି ଏକ ଷ୍ଟେସନ ପଡ଼େ; ଏହା ରାଞ୍ଚିରୁ ମାତ୍ର ୨୦ ମାଇଲ । ସେଠାରେ ଏକ ସୁନ୍ଦର ପ୍ରପାତ ଓ ଧ୍ୟାନରତ ବୁଦ୍ଧ ମୂର୍ତ୍ତିଟିଏ ଅଛି । ପୁଣି 'ନାମକମ୍' ଷ୍ଟେସନ ପାଖରେ ଇଉରୋପିୟାନ ସ୍କୁଲ ଅଛି ।

ରାଞ୍ଚିର ପ୍ରାଧାନ୍ୟ ସ୍ୱାସ୍ଥ୍ୟକର ଜଳବାୟୁ ଲାଗି । ଏଠାରେ ବିହାର ସରକାରଙ୍କର (ହେନେ ମଧ୍ୟ ବିହାର ଓ ଓଡ଼ିଶା ସରକାରଙ୍କର) ଗ୍ରୀଷ୍ମ ନିବାସ । ରାଞ୍ଚିରେ ପିଚହିଆ ରାସ୍ତା ; ବଡ଼ କୋଠା, ବଜାର, ରୁକ୍ଷ ଠାଙ୍ଗର ଭୂମିକୁ ସୁନ୍ଦର କରିଅଛି । ଏଥିପାଇଁ ଜଳବାୟୁ ମଧ୍ୟ ଦାୟୀ । କିନ୍ତୁ ଏହାର ଆଦିମ ନିବାସୀଙ୍କ ଜୀବନ ଓ ଅନ୍ୟାନ୍ୟ ପ୍ରାକୃତିକ ସ୍ଥିତି ଏହାକୁ ଅଧିକ ରୋମାଞ୍ଚକର କରିଅଛି ।

ରାଞ୍ଚିରେ ଡିସେମ୍ବର ମାସରେ ପ୍ରାୟ ନିମ୍ନତମ ଉତ୍ତାପ ୪୭ ଡିଗ୍ରୀ, ମାର୍ଚ୍ଚ କଟକରେ ୬୭ ଡିଗ୍ରୀ । ଏଥିରୁ ଏହାର ଜଳବାୟୁର ପାର୍ଥକ୍ୟ ସହଜରେ ଅନୁମେୟ । ରାଞ୍ଚିରେ ମୋର ରହଣି ମଧ୍ୟରେ ମୁଁ କେତେଗୁଡ଼ିଏ ବିଶିଷ୍ଟ ଦର୍ଶନୀୟ ସ୍ଥାନ ଓ ଅନୁଷ୍ଠାନ ଦେଖିଥିଲି । ସେଗୁଡ଼ିକର ବିବରଣୀ ମୁଁ ତଳେ ଦେଉଅଛି ।

୨ । ରାଞ୍ଚି ପାହାଡ଼ (Ranchi Hill) ଓ ହାଟ

ରାଞ୍ଚି ସହରଠାରୁ ପ୍ରାୟ ଏକ ମାଇଲ ଦୂରରେ 'ହିନୁ' ଅବସ୍ଥିତ । ଏଠାରେ ସରକାରୀ ହିସାବ-ବିଭାଗର ଅଫିସ ଅଛି । ଓଡ଼ିଶା ଏବଂ ବିହାର ଉଭୟ ପ୍ରଦେଶର ଅଫିସ ଏଠାରେ ଅଛି । ତେଣୁ ଅନେକ ଓଡ଼ିଆ କର୍ମଚାରୀ ବି ଏଠାରେ କାମ କରନ୍ତି । ସେମାନଙ୍କର ବସାଘର 'ହିନୁ'ରେ । ମୋର ରହଣି ଏଠାରେ ହେଲା । ଏଠାରୁ ମୁଁ ପ୍ରଥମେ ରାଞ୍ଚି ପାହାଡ଼ ଦେଖିବାକୁ ଗଲି । ଏହା ରାଞ୍ଚି ସହରର ପଶ୍ଚିମ ଦିଗରେ । ଏହା ପ୍ରାୟ ୨୦୦, ୩୦୦ ଫୁଟ ଉଚ୍ଚ ମାତ୍ର । ପାହାଡ଼ଟିରେ ଦେଖିବାର ବିଶେଷ କିଛି ନାହିଁ, ମାତ୍ର ସହର ପାଖରେ ଗୋଟିଏ ପ୍ରାକୃତିକ ପୀଠ ବୋଲି ବହୁ ଆଗନ୍ତୁକ ଯାତ୍ରୀଙ୍କର ଆଖି ଏହା ଉପରେ ପଡ଼େ । ପ୍ରକୃତି ସର୍ବଦା ମନୁଷ୍ୟ ପ୍ରାଣର ପ୍ରିୟତମ ପଦାର୍ଥ । ରାଞ୍ଚି ପାହାଡ଼ ଉପରକୁ ଯିବାକୁ ଦକ୍ଷିଣ ଦିଗରେ ପାହାଚ ମଧ୍ୟ ବନ୍ଧା ଯାଇଅଛି । ୧୯୧୦-୧୧ ମସିହାରେ ଏହି କାମ ସ୍ଥାନୀୟ ମ୍ୟୁନିସିପାଲିଟି ଦ୍ୱାରା ହୋଇଅଛି । ପାହାଡ଼ ଉପରେ ଗୋଟିଏ



ରାଞ୍ଚି ପାହାଡ଼

ଶିବମନ୍ଦିର ଅଛି । ମନ୍ଦିର ଭିତରେ ଗୋଟିଏ ଘଣ୍ଟା ଝୁଲୁଛି । ଏହି ମନ୍ଦିରର ପୂର୍ବ ତରଫରୁ ଗୋଟିଏ ପାହାଡ଼-ଗହ୍ୱର ଅଛି । ଏତିକି, ମାତ୍ର ଏହି ପାହାଡ଼ ଉପରୁ ରାଞ୍ଚି ସହରର ଦୃଶ୍ୟ ଅତି ମନୋରମ । ଶ୍ୟାମ ବୃକ୍ଷାବଳୀ ପରିବେଷ୍ଟିତ ସୁନ୍ଦର ଶୁଭ୍ର ସୌଧାବଳୀ; ପୁଣି ରାଞ୍ଚି ସରୋବରର (Ranchi Lake) ଦୃଶ୍ୟ ମନମୁଗ୍ଧକର । ପଶ୍ଚିମରେ ରୁକ୍ଷ ମାଳଭୂମିର ଦୃଶ୍ୟ ବେଶ୍ ଚିତ୍ତାକର୍ଷକ । ପାହାଡ଼ ଉପରେ ଦେହରେ ଶୀତ ପବନ ଆସି ବାଜେ । ମୁଁ ଏହି ପାହାଡ଼ ଉପରେ ବସି ପାହାଡ଼ ଚଢ଼ାର କ୍ଳାନ୍ତି ଦୂର କଲି; ଏବଂ ଆନନ୍ଦରେ ଏହି ରାଞ୍ଚି ମାଳଭୂମିର ରୁକ୍ଷ ପ୍ରାକୃତିକ ଦୃଶ୍ୟ ମଧ୍ୟରେ ମୋର ପ୍ରାଣକୁ ମିଳାଇ ଦେଲି । ନିମ୍ନରୁ ପୁଣି ରାଞ୍ଚି ହାଟର ଜନକୋଳାହଳ ଭାସି ଆସୁଥିଲା ।



Digitized by srujanika@gmail.com

ରାଞ୍ଚି ହାଟରେ ବେଶୀ ଆଦିମ ଅଧିବାସୀ । ବିଶେଷତଃ ଓରାଂ ଜାତିର ନରନାରୀରେ ହାଟ କୋଳାହଳମୟ ହୁଏ, ସବୁପ୍ରକାର ଦ୍ରବ୍ୟ ହାଟକୁ ଆସେ । ହାଟରେ ପରିବା ଖୁବ୍ ପଡ଼େ । ହାଟରେ ଆଉ କେତୋଟି ଦ୍ରବ୍ୟ ମୋର ଦୃଷ୍ଟି ଆକର୍ଷଣ କରିଅଛି । (୧) ଝୁଣ୍ଟୁଣି-ଦୋକାନ, (୨) ଓରାଂ ନାରୀମାନଙ୍କ ବେକର ପୋଢ଼ମାଳର ହାର, ଗୁପସର, ଓ (୩) ରଙ୍ଗ ପରିବା-ଝୁଡ଼ି । ଏହି ସମସ୍ତ କ୍ଷୁଦ୍ର ଅଥଚ ସୁନ୍ଦର ମାନବିକ ଦୃଶ୍ୟ ମନରେ ପ୍ରଚୁର




ରାଞ୍ଚି ପାହାଡ଼ ଉପରସ୍ଥ ଶିବ ମନ୍ଦିର

ଆନନ୍ଦ ଦିଏ । କଳା ବା ମନୁଷ୍ୟ କର୍ମ ମଧ୍ୟରେ କମନୀୟତାର ପ୍ରକାଶ ମନୁଷ୍ୟକୁ ମଧୁର ଆନନ୍ଦ ଦିଏ । ଏଠାକାର ଝୁଣ୍ଟୁଣୀ ଓଡ଼ିଶାର ଝୁଣ୍ଟୁଣୀ ଠାରୁ ସ୍ୱତନ୍ତ୍ର । ଏହା ଫୁଲ ଝୁଣ୍ଟୁଣୀ କିମ୍ବା ଖଜୁରୀ ପତ୍ରର ଝୁଣ୍ଟୁଣୀ ନୁହେଁ । ଏକ ସ୍ୱତନ୍ତ୍ର ଗଛର ଡାଳରେ ଏହା ତିଆରି । ଏହା ଆମ୍ଭମାନଙ୍କ ପହଁରି ଭଳି; ମାତ୍ର ନଡ଼ିଆ କଞ୍ଚିରେ ତିଆରି ନୁହେଁ । ଓରାଂ ନାରୀମାନଙ୍କ ବେକର ମାଳୀ ସେମାନଙ୍କ କଳାର ନମୁନା ଦିଏ । ନାରୀ କଳା-ପ୍ରେମିକା, ତେଣୁ ପ୍ରତ୍ୟେକ କର୍ମ ମଧ୍ୟରେ ସେ ସୌନ୍ଦର୍ଯ୍ୟ ପ୍ରକାଶ କରିବାକୁ ଚାହେଁ । ଓରାଂ ନାରୀର ଏହି ଶସ୍ତା ଅଥଚ ସୁନ୍ଦର ପୋଢ଼ମାଳୀ ଗୁଡ଼ିକ ନେବାର ଲୋଭ କେହି ପରିତ୍ୟାଗ କରି ପାରିବ ନାହିଁ । କଟକ ବଜାରରେ ପରିବା-ଝୁଡ଼ି କିଣିବାକୁ ମିଳେ । କିନ୍ତୁ ବାଉଁଶ ପାତିଆରେ ଟିକିଏ ନାଲି, ନେଳି ରଙ୍ଗ ବୋଳିଦେଲେ ଏହା କିପରି ସୁନ୍ଦର ହୋଇଯାଏ, ଏବଂ ଅସଂଖ୍ୟ ଗ୍ରାହକଙ୍କ ଆଖି ଓ ମନକୁ ତୃପ୍ତି ଦିଏ ତାହାର ପ୍ରମାଣ ରାଞ୍ଚିରେ ମିଳେ । ରାଞ୍ଚିରୁ ଫେରିଲାବେଳେ ପ୍ରାୟ ସବୁ ବିଦେଶୀ ପରିବାର ଏହି ରଙ୍ଗିନ୍ ପରିବା-ଝୁଡ଼ି କିଣି ନଥାନ୍ତି । ଏହା ବ୍ୟତୀତ ହାଟରେ ମାଟି-ପାତ୍ରର ମଧ୍ୟ ଉନ୍ନତି ଦେଖିଲି । ଫୁଲ-ଗାଙ୍ଗୁଲି ସବୁ ଗ୍ରାମର କୁମ୍ଭାରମାନେ କଳେଣି । ନାରୀମାନେ ଛୁଆ କାଖରେ ଧରି କିମ୍ବା ପଛ ପଟେ ପିଠିରେ ଝୁଲାଇ ହାଟକୁ ଆସନ୍ତି । ଆଦିମବାସୀ ପୁରୁଷମାନେ ମୁଣ୍ଡରେ ବାଳଗୁଡ଼ିକୁ ସଜାଇ ରଖିବାପାଇଁ ପାନିଆଁ, ସୂତା କିମ୍ବା ଧାତୁନିର୍ମିତ କଡ଼ା ବାନ୍ଧି ଥାଆନ୍ତି । ଏହି ଓରାଂ-ଜୀବନର ବୈଚିତ୍ର୍ୟ ଉପଲବ୍ଧି କରିବାପାଇଁ ଗ୍ରାମକୁ ଯିବା ଉଚିତ ଭାବି ମୁଁ ହାଟରେ ଆଉ ବେଶୀ ନଜର ଦେଇ ପାରିଲି ନାହିଁ ।

୩ । ରାଞ୍ଚି ବଜାର

ହାଟରେ ଯେପରି ରାଞ୍ଚି ଜିଲ୍ଲାର ଧୂସରିତ ଗ୍ରାମ-ଜୀବନର ଚିତ୍ର ମିଳେ, ରାଞ୍ଚି ବଜାର ସେହିପରି ନୂତନ ସହର-ଜୀବନର ଚିତ୍ର ଦିଏ । କଳା ପିଚ୍‌ଦିଆ ରାସ୍ତା ଦୁଇ ଧାରରେ ଧାଡ଼ି ଧାଡ଼ି କୋଠା । ଦୋକାନ-ମାଲହିଁ ବଜାର, ଏଥିରେ ମୋର ଜ୍ଞାନେନ୍ଦ୍ରିୟ ତୃପ୍ତିର ବିଷୟ କଅଣ ଅଛି ? ବ୍ୟବସାୟୀ ହୁଏତ ଏଥିରୁ କିଛି ବ୍ୟବସାୟ କାଇଦା ଶିଖିବେ । ବଜାରରେ ଖାଦ୍ୟ-ଭଣ୍ଡାର ଅଛି; ସିନେମାହଲ ଅଛି; ଏହା ବ୍ୟତୀତ ବହୁ ଦୋକାନ କେତୋଟି ଅଛି । ଦୋକାନମାନଙ୍କର ଦୋକାନଦାର ବିଶେଷତଃ ମାରୁଆଡ଼ି ଓ ବଙ୍ଗାଳୀ । ଓଡ଼ିଆ ଡାକ୍ତର ଜଣେ ଡାକ୍ତରୀ ଦୋକାନ କରିଛନ୍ତି ବୋଲି ଶୁଣିଲି, ଦେଖି ପାରିଲି ନାହିଁ । ରାଞ୍ଚିରେ କିନ୍ତୁ ଏହି ବଜାର କୋଳାହଳ ମଧ୍ୟରେ କେତୋଟି ଅନୁଷ୍ଠାନ ମୁଁ ଦେଖିବାକୁ ଭୁଲି ନାହିଁ; ତାହା (୧) ରାଞ୍ଚି କଲେଜ, (୨) ରାଞ୍ଚି ହାଇସ୍କୁଲ, (୩) ରାଞ୍ଚି ଡାକ୍ତରଖାନା, (୪) ଦିଗମ୍ବର ଜୈନ ମନ୍ଦିର ଓ (୫) ରାଞ୍ଚି ହ୍ରଦ (Ranchi Lake) ।

ରାଞ୍ଚି ସହରର ପଶ୍ଚିମ ତରଫକୁ ରାଞ୍ଚି କଲେଜ, ଏଥିରେ ଆଇ. ଏ. ପର୍ଯ୍ୟନ୍ତ ପଢ଼ିବାର ସୁବିଧା ଅଛି । ଏହି କଲେଜ ହତାକୁ




ରାଞ୍ଚି ହ୍ରଦ

ଲାଗି ରାଞ୍ଚି ଜିଲ୍ଲା ସ୍କୁଲର ହତା । ସ୍କୁଲ ହତାଟି ଯେପରି ବିସ୍ତୀର୍ଣ୍ଣ; କୋଠାର ଆକାର ମଧ୍ୟ ସେହିପରି ପ୍ରକାଣ୍ଡ । ଛାତ୍ର ମଧ୍ୟ ସେହିପରି ବହୁତ । ରାଞ୍ଚିରେ ଶିକ୍ଷା ଦ୍ରୁତ ଗତିରେ ପ୍ରସାର ପାଉଅଛି । ଖ୍ରୀଷ୍ଟିୟାନ ମିସନମାନଙ୍କ ଦୟାରୁ ଆଦିମ ଅଧିବାସୀମାନେ ମଧ୍ୟ



Digitized by srujanika@gmail.com

ସୃବ୍ ଶିକ୍ଷିତ ହୋଇ ଯାଉଛନ୍ତି । ଏହାର ପାଖରେ ପୁଣି ରାଞ୍ଚି ହ୍ରଦ । ଏହି ରୁକ୍ଷ ଠାଙ୍କର ଜଳାଧାର-ଶୂନ୍ୟ ସ୍ଥଳୀରେ ବଡ଼ ସରୋବର 'ହ୍ରଦ' ଆଖ୍ୟା ବୋହିବା ଅସଙ୍ଗତ ନୁହେଁ । ଆମ୍ଭେ-ମାନେ ତ ପୁଣି ଭୁବନେଶ୍ୱରରେ 'ବିନ୍ଦୁ-ସାଗର' ନାମ ରଖିଛୁଁ ।



ଦିଗମ୍ବର ଜୈନ ମନ୍ଦିର, ରାଞ୍ଚି

ଯଦି ଆମେ 'ସାଗର' ଯାଏଁ ଗଲୁଁ ; ଏମାନେ 'ହ୍ରଦ' ଯାଏଁ ଯାଇ କିଛି ଅନ୍ୟାୟ କରି ନାହାନ୍ତି । ସେ ଯାହା ହେଉ ଏହା ଏକ ସୁଦୀର୍ଘ ସରୋବର । ଏହାର ଉତ୍ତର ଦିଗରେ ରାଞ୍ଚି ପାହାଡ଼ । ବଡ଼ ସରୋବରଟିର ଜଳ ନେଳ ଧରି ଗଲାଣି । ପାଣି ବହି ଯିବାର ସୁବିଧା ନାହିଁ । ଘାଟ ବନ୍ଧା ଯାଉଛି । ଆଉ ଏହି ସ୍କୁଲ୍ କଲେଜ ନିକଟରେ ଦିଗମ୍ବର ଜୈନଙ୍କର ଏକ ସୁନ୍ଦର ମନ୍ଦିର ଅଛି । ଏହାର ଶୁଭ୍ର ଜବସା କାରୁକାର୍ଯ୍ୟ ବାହାରୁ ପ୍ରଥମେ ଦୃଷ୍ଟି ଆକର୍ଷଣ କରେ । ଭିତରକୁ ଯାଇ ଦେଖିଲି ମର୍ମର ପ୍ରସ୍ତର ଚଟାଣ ; କାନ୍ଥରେ ଭାରତ ମାନଚିତ୍ର ଅଙ୍କା ଯାଇ ଜୈନ-ତୀର୍ଥସ୍ଥାନଗୁଡ଼ିକ ପ୍ରଦର୍ଶିତ ହୋଇଅଛି । ମନ୍ଦିରର ଅଧିଷ୍ଠ ଦେବତା ମହାବୀର ଓ ଚବିଶ ଜଣ ତୀର୍ଥଙ୍କର । ଏହି ସୁନ୍ଦର ମନ୍ଦିରଟି ତଥାପି ସରି ନାହିଁ । ଏହା ଠିକ୍ ଏକ ମନ୍ଦିର ଆକୃତରେ ତିଆରି ହୋଇ ନାହିଁ ; ବରଂ ଏହାକୁ ଏକ କୋଠା କହିଲେ ଚଳିବ ; ପୁଣି ଦୂରରୁ ଏହା ଏକ ମସଜିଦ୍‌ର ଗଠନ ଭଳି ଜଣା ପଡ଼େ । ଆଉ ପୁଣି ପୁରୁଲିଆ ରୋଡ଼ରେ ଆଖିରେ ପଡ଼େ ରାଞ୍ଚି ହସପିଟାଲ ; ଏହାର ପାଖକୁ ଲାଗି ଆଉ ଗୋଟିଏ ସୁଗଠିତ ଓ ସୁପରିଚାଳିତ ରୋମାନ କ୍ୟାଥଲିକ୍ ମିଶନ ଅଛି ।

୪ । ମୋରାବାଦ ପାହାଡ଼

ଏହି ବଜାର କୋଳାହଳ ଛାଡ଼ି ମୁଁ ଗଲି ରାଞ୍ଚି ସହରର ଉତ୍ତର ଦିଗରେ ଥିବା ଏକ ପାହାଡ଼ ଦେଖିବାକୁ । ଏହାର ନାମ ମୋରାବାଦ ପାହାଡ଼ । ଏଠାରେ କବୀନ୍ଦ୍ର ରବୀନ୍ଦ୍ରନାଥଙ୍କର ଏକ ଘର ଅଛି । ଏହା ସହର ଚହଲର ବାହାରେ, ପାହାଡ଼ଟିର ଉଚ୍ଚତା ୬୦୦ ଫୁଟରୁ ଅଧିକ ନୁହେଁ । ଏହି ଛୁଡ଼ ଉପରକୁ ଉଠିଲା ବେଳକୁ ପ୍ରଥମେ ଦୃଷ୍ଟି ପଡ଼େ କବୀନ୍ଦ୍ରଙ୍କ ବାସଗୃହ ସମ୍ମୁଖସ୍ଥ ଫାଟକ ଉପରେ ଥୁଆ ହୋଇଥିବା ଧ୍ୟାନରତ ବୁଦ୍ଧ ମୂର୍ତ୍ତିଟି ଉପରେ । ଏହା ଯେପରି ଶୁଭ୍ର ମର୍ମର ପ୍ରସ୍ତର ନିର୍ମିତ ; ସେହିପରି ଏହା ପ୍ରାଣକୁ ଶୁଭ୍ରାଲୋକରେ ଆଚ୍ଛନ୍ନ କରି ଧ୍ୟାନ-ପିପାସା ଜାଗ୍ରତ କରେ । କ୍ରମେ ମୁଁ ପାହାଡ଼ ଉପରକୁ ଉଠିଗଲି । ପାହାଡ଼ ଉପରେ ଏକ ଓଁ-ପତାକା ଧୋନ ପ୍ରାର୍ଥନା-ମନ୍ଦିର ଅଛି । ଆଉ ଏହି ପ୍ରାର୍ଥନା ମନ୍ଦିରର ପଶ୍ଚିମ ତରଫକୁ ଗୋଟିଏ ଗୁମ୍ଫା ଅଛି । ଗୁମ୍ଫାଟିରେ କେହି ଗୋଟିଏ ଝରକା କାଟି ଦେଇଛନ୍ତି । ଏହି ଝରକା ଦେଇ ପଶ୍ଚିମ ଦିଗସ୍ଥ ମାଳଭୂମିର




ମୋରାବାଦ ପାହାଡ଼ର ଉପରସ୍ଥ ମନ୍ଦିର

ଦୃଶ୍ୟ ଗୁମ୍ଫା ମଧ୍ୟରୁ ଦେଖି ହୁଏ । ପ୍ରାର୍ଥନା ମନ୍ଦିର ଉପରେ ବସିଲେ ଉତ୍ତର ଦିଗରେ ରୁକ୍ଷ ରାଞ୍ଚି ମାଳଭୂମିର ଦୃଶ୍ୟ ଦେଖାଯାଏ । ଶସ୍ୟ କ୍ଷେତ୍ର ଶୂନ୍ୟ; କାହିଁ ଦୂରରେ ଖଣ୍ଡିଏ ଖଣ୍ଡିଏ ହୁଡ଼; ପୁଣି ବହୁ ଦୂରରେ ଏକ ଗ୍ରାମର ଦୃଶ୍ୟ ଦେଖାଯାଏ; ଏହି ରୁକ୍ଷ ଶୂନ୍ୟତା ମଧ୍ୟରେ ଯେ ଗୋଟିଏ ସୌନ୍ଦର୍ଯ୍ୟ ଅଛି; ତାହା ମଧ୍ୟ କ୍ରମେ ମୁଁ ଜାଣିଲି । ପ୍ରାଣକୁ ଏହା ଆନନ୍ଦ ଦେଲା । ଆଉ ପାହାଡ଼ରେ ଦେଖିବାର କିଛି ନାହିଁ । ଶୀତଳ ପବନ ବହି ଆସୁଛି; କିନ୍ତୁ ଏହାର ପ୍ରତ୍ୟେକ ପଥରଖଣ୍ଡର ରୁକ୍ଷ ବକ୍ଷକୁ ରୋମାଞ୍ଚକର କରୁଛି ବଙ୍ଗାଗତ ଯୁବକ ଯୁବତୀଙ୍କ ସ୍ୱପ୍ନବିଭୋର ପ୍ରାଣ । ଏହାର ନମୁନା ସ୍ଥାନେ ସ୍ଥାନେ ପଥର ଖଣ୍ଡ ଓ ପାହାଡ଼ରେ ବିରାଜମାନ । 'ପ୍ରେମ' ଦୁଇ ଅକ୍ଷର ଏଠାରେ ବେଶୀ ପରିସ୍ଫୁଟ । ଏହି ଦୃଶ୍ୟ ଦେଖୁ ଦେଖୁଁ ମୁଁ ବିଦଗ୍ଧ ଚିନ୍ତାମଣିର କବି ଅଭିମନ୍ୟୁଙ୍କ ପ୍ରେମ ବିଷୟକ ରସକୁଲ୍ୟା ରାଗର ଛାନ୍ଦଟା ଚିନ୍ତା କଲି । ମନୁଷ୍ୟର ପ୍ରାଣ ପ୍ରେମରେ ପୂର୍ଣ୍ଣ । ତାହା ନ ହେଲେ ଏ ସୃଷ୍ଟି ରହନ୍ତା ନାହିଁ । ପ୍ରେମ କେବଳ ଦାମ୍ପତ୍ୟ ଜୀବନରେ ଦେଖାଯାଏ, ଏପରି ନୁହେଁ । ପ୍ରେମ ଏକ ବ୍ୟାପକ ମାନବିକ ସ୍ପନ୍ଦନ । କିନ୍ତୁ ଏଠାରେ ଯୁବଚିତ୍ତର ଦାମ୍ପତ୍ୟ ପ୍ରେମର ଲୀଳା; ତାହାର ସ୍ମୃତି । ଆଉ ଗୋଟାଏ ଭାବ ମୋର ହୃଦୟ ସ୍ପର୍ଶ କରୁଅଛି; ତାହା ମନୁଷ୍ୟର ବଞ୍ଚିବା ଇଚ୍ଛା । ମନୁଷ୍ୟ ବଞ୍ଚିବାକୁ ଚାହେଁ । ସେଥିପାଇଁ ତାହାର ନାମ ସେ ପାଷାଣ ଗାତ୍ରରେ ମଧ୍ୟ ଲେଖିଯାଏ । ମାତ୍ର ପାଷାଣ ଲେଖା କେତେ କାଳ



Digitized by srujanika@gmail.com

ରହିବ ? ପ୍ରକୃତରେ ସେହି ମନୁଷ୍ୟ ଅମୃତ ସନ୍ତାନ ହୁଏ, ଯେ କାଳସ୍ରୋତରେ ନିଜର ଅକ୍ଷୟ ଯଶ-ନାବ ଭସାଇ ଦେଇଯାଏ । ନାମ ଦୁଇଅଡ଼ୁ ହୁଏ । ଶୁଭ କାର୍ଯ୍ୟ ସାଧନ କଲେ ନାମ ହୁଏ; ପୁଣି ମନ୍ଦ କର୍ମ ସାଧନ କଲେ ବି ନାମ ହୁଏ । ତେଣୁ ନାମ କରିବା ପଛରେ କର୍ମ ବୈଚିତ୍ର୍ୟ । ଆଜି ସାହିତ୍ୟିକ, କବି, ଲେଖକ; ଏମାନେ କ୍ଷୀବନ୍ତ ଦୈନନ୍ଦିନ ପ୍ରେମାର୍ଥୀଙ୍କର ନାମରୁ ଅନେକ ମାନି ପାଇ ଯାଆନ୍ତି । ମାତ୍ର ସେମାନଙ୍କ ନାମ ଧ୍ୱନି ସ୍ୱତନ୍ତ୍ର ଭାବରେ ରହେ । ସେ ଯାହାହେଉ ମୋରାବାଦ ପାହାଡ଼ରେ ବସି ମୁଁ ଚିନ୍ତା କରୁଛି—ଦୁନିଆର ଦିନ ଦୁନିଆ ଦୁଃଖ ସୁଖ; ଚିନ୍ତା କରୁଛି ପୁଣି ମୋର ସୁଦୂର ଜନ୍ମଭୂମିକୁ । କିନ୍ତୁ ଏହାର ମଧ୍ୟରେ ମୋର ଗୋଟିଏ ଭାବ ଅଛି; ତାହା ଆନନ୍ଦ, ଆଶାର ଅନୁଭୂତି । ବିସ୍ତୀର୍ଣ୍ଣ ଖଣ୍ଡ-ହୀନ ନୀଳ ନଭ ମଧ୍ୟରେ ମୋର ମନକୁ ମିଳାଇ ଦେଇ ମୁଁ ମୋରାବାଦ ଚୂଡ଼ାରୁ ମର୍ତ୍ତ୍ୟର ମଜା ଦେଖୁଛି । ପାହାଡ଼ ତଳ



ମୋରାବାଦ ପାହାଡ଼ ଉପରୁ ସହରର ଦୃଶ୍ୟ

ଘରଗୁଡ଼ିକ, ପୁଣି ଦକ୍ଷିଣରେ ରାଞ୍ଚି ସହର କି ସୁନ୍ଦର । ଆଜି ଆଖିରେ ପଡ଼ୁଛି ଗୋଟିଏ ବଡ଼ ପତାକା,—ଆଦିବାସୀ ଆନ୍ଦୋଳନର ପତାକା । ତାହା ତିନ କୋଣିଆ ଏବଂ ତହିଁରେ ଗୋ-ମାତାର ଚିତ୍ର ଅଙ୍କା ଯାଇଅଛି । କିନ୍ତୁ ଏଠି ଏହି ଆଦିବାସୀ ଆନ୍ଦୋଳନ ବିଷୟରେ ବୁଝୁଛି ଯେ ଏମାନେ ପ୍ରକୃତରେ ଛୋଟନାଗପୁର ପ୍ରଦେଶର ବିଚ୍ଛିନ୍ନତା ଚାହାନ୍ତି ନାହିଁ; ଏମାନେ ଚାହାନ୍ତି ନିଜର ଉନ୍ନତି ଲାଗି ବିହାର ପ୍ରଦେଶଠାରୁ କେତେକ ସୁବିଧା ସୁଯୋଗ, ପୁଣି ଏହା ବି ସଠିକ ହୋଇ ନ ପାରେ । ତଥାପି ଏହି ଆଦିମ-ବାସୀମାନେ ଯେ କ୍ରମେ ଶିକ୍ଷିତ, ଉନ୍ନତ ହୋଇ ଯାଉଛନ୍ତି; ତାହା ସ୍ୱାଭାବିକ । ଏକ ଜାତୀୟ ଆନ୍ଦୋଳନ ଏହି ସୁବିଧା ଦିଏ ।

୫ । ନିବାରଣ ଆଶ୍ରମ ଓ ବ୍ରହ୍ମଚର୍ଯ୍ୟ ବିଦ୍ୟାପୀଠ

କିନ୍ତୁ ଏହି ଆଦିମ ନିବାସୀଙ୍କ ମଧ୍ୟରେ ଯେଉଁ ସବୁ 'ଅନୁଷ୍ଠାନ' କାମ କରୁଛନ୍ତି; ତାହାରହିଁ ଟିକିଏ ପରିଚୟ ଲୋଡ଼ା । ପ୍ରଥମେ ତ ଖ୍ରୀଷ୍ଟୀୟ ମିସନମାନେ ବହୁକାଳରୁ ଏହି ଛୋଟନାଗପୁରରେ କାମ କରୁଥିଲେ । ଏମାନେ ଓରାଂ, ମୁଣ୍ଡାମାନଙ୍କୁ ଖ୍ରୀଷ୍ଟୀୟାନ କରୁଥିଲେ ଏବଂ ସେମାନଙ୍କ ମଧ୍ୟରେ ଲୋକହିତକର କାର୍ଯ୍ୟ କରୁଥିଲେ । ଏବେ ଧର୍ମାନ୍ତର ଗ୍ରହଣ ଆନ୍ଦୋଳନ ଢେର୍ କମି ଯାଇଅଛି । ମାତ୍ର ସେମାନଙ୍କ ଲୋକହିତକର ଆନ୍ଦୋଳନ କମିନାହିଁ । ଏହା ବ୍ୟତୀତ ଜଣେ ବଙ୍ଗୀୟ କଂଗ୍ରେସ-କର୍ମୀଙ୍କ ନାମାନୁସାରେ 'ନିବାରଣ ଆଶ୍ରମ' ନାମକ ଏକ ଅନୁଷ୍ଠାନ ଏଠାରେ ସ୍ଥାପିତ ହୋଇଅଛି । ବର୍ତ୍ତମାନ ଗାନ୍ଧୀ ସେବାସଂଘର ତତ୍ତ୍ୱାବଧାନରେ ଏହା ଚାଲୁଅଛି । ଏଠାରେ ମୂକବଧିର ବିଦ୍ୟାଳୟ ଗ୍ରାମୋଦ୍ୟୋଗ-କେନ୍ଦ୍ର ଓ ହରିଜନ ଏବଂ ଆଦିମ ଅଧିବାସୀ ଛାତ୍ରଙ୍କ ରହିବା ପାଇଁ ହୋଷ୍ଟେଲ ଅଛି । ଏହା ବ୍ୟତୀତ ଏହି ଅନୁଷ୍ଠାନର ଗ୍ରାମ-ମାନଙ୍କରେ ମଧ୍ୟ ଶାଖା ଅଛି ବୋଲି ଜାଣିଲି । ଏହି ଅନୁଷ୍ଠାନର ପରିଚାଳନା ବର୍ତ୍ତମାନ ଶ୍ରୀଯୁକ୍ତ କ୍ଷିତୀଶ ଚନ୍ଦ୍ର ବସୁ, ବି. ଏ.ଙ୍କ ଉପରେ ନ୍ୟସ୍ତ ଅଛି । ଏ ମହାଶୟ 'ଶ୍ରୀଶ୍ରୀ ଭାଗବତ କଥାମୃତ', ଓ 'ଶ୍ରୀରୂପ-ସନାତନ' ପ୍ରଭୃତି କେତେକ ବଙ୍ଗଳା ଗ୍ରନ୍ଥ ପ୍ରଣୟନ କରିଛନ୍ତି । କ୍ଷିତୀଶ ବାବୁ ବୈଷ୍ଣବ । ମୁଁ ଶୁଣିଲି ଯେ ଲୁଆଡ଼େ ଉତ୍କଳର ମହତାବ ଏହାଙ୍କଠାରୁ ବୈଷ୍ଣବ ଦୀକ୍ଷା ନେବେ ବୋଲି ହଜାରିବାଗ ଜେଲରେ ମନସ୍ଥ କରିଥିଲେ । ମହତାବ ବୈଷ୍ଣବ ହେଲେ କି ନାହିଁ. ମୁଁ ଜାଣେ ନାହିଁ । ସେ ଯାହାହେଉ ଏ ଅନୁଷ୍ଠାନକୁ ବିହାର ସରକାର କଂଗ୍ରେସ ମନ୍ତ୍ରିତ୍ୱ ବେଳେ ସାହାଯ୍ୟ ଦେଉଥିଲେ । ଉଆର୍ଦ୍ଧାରୁ ଆସିଥିବା ଉନ୍ନତ ଘଣା ମଧ୍ୟ ଏଠାରେ ଦେଖିଲି । ନିବାରଣ ଆଶ୍ରମ ଯାହାଙ୍କ ନାମରେ ହୋଇଅଛି, ତାହାଙ୍କ ରୁଚି-ପ୍ରଶମ ଛବି ଦେଖି ସ୍ୱତଃ ମୋ ଚିତ୍ତରେ ଭକ୍ତି ଉଦ୍ରେକ ହେଲା । ଶୁଣିଲି ମହାତ୍ମାଜୀଙ୍କର ଶୁଭାଶିଷ ଏହି ଅନୁଷ୍ଠାନ ଉପରେ ଅଛି ।

ଏହି ଅନୁଷ୍ଠାନକୁ ଲାଗି 'ବ୍ରହ୍ମଚର୍ଯ୍ୟସଂଘ ଓ ବିଦ୍ୟାପୀଠ' ନାମକ ଅନ୍ୟ ଏକ ଜାତୀୟ ଅନୁଷ୍ଠାନ ଅଛି । ଏହା ସତ୍ୟ, ପ୍ରେମ, ଆତ୍ମସଂଯମ ଏବଂ ଅଭୟ ନୀତି ଉପରେ ପ୍ରତିଷ୍ଠିତ ।



ବ୍ରହ୍ମଚର୍ଯ୍ୟ ବିଦ୍ୟାପୀଠ



Digitized by srujanika@gmail.com

ମୋତେ ୧୯୬୮ ମସିହାର ବାର୍ଷିକ ବିବରଣୀ ଦେଖିବାକୁ ମିଳିଥିଲା । 'ଅବଶ୍ୟ ଧର୍ମ' ନୀତି ଉପରେ ପ୍ରତିଷ୍ଠିତ ଶିକ୍ଷା ଦେବା ଏହାର ଲକ୍ଷ୍ୟ; ମାତ୍ର ସାମ୍ପ୍ରଦାୟିକତାରୁ ଏହା ଶୂନ୍ୟ । ଏହା ୧୯୩୦ ମସିହାରେ ରେଜେଷ୍ଟ୍ରି ହୋଇଅଛି । ପ୍ରଥମେ 'ବ୍ରହ୍ମଚର୍ଯ୍ୟ ବିଦ୍ୟାଳୟ'ରୁ ଏହାର ସୂତ୍ରପାତ । କିନ୍ତୁ ଏହା ପୂର୍ବରୁ ଏହା କାର୍ଯ୍ୟୀମ ବଜାରରେ ସ୍ଥାପିତ ହୋଇଥିଲା । ସେଠାରେ ପିଲାମାନେ ଜ୍ୱର ଭୋଗିବାରୁ ରାଞ୍ଚିକୁ ବଦଳ ପାଇଁ ଆସିଥିଲେ । କ୍ରମେ ରାଞ୍ଚିରେ ଅନୁଷ୍ଠାନ ସ୍ଥାପିତ ହେଲା । ଏହି ମଧ୍ୟ ହିନ୍ଦୁ ଓ ଆଦିମ ଅଧିବାସୀଙ୍କ ପାଇଁ ବିଦ୍ୟାଳୟ ସ୍ଥାପନ, ଗ୍ରାମ ସଙ୍ଗଠନ, ବିଭିନ୍ନ ଧର୍ମର ତୁଳନାତ୍ମକ ପଠନ ଓ ଆଲୋଚନା ପ୍ରଭୃତି କର୍ମ କରିବାକୁ ଅଭିପ୍ରେତ । ଏହାର ଶାଖା ଛୋଟନାଗପୁର, ବାଙ୍କୁଡ଼ା, ମେଦିନୀପୁର, ପୁରୁଲିଆ, ଦେଓଘର ପ୍ରଭୃତି ସ୍ଥାନରେ ଅଛି । ଏହିପରି ଅନୁଷ୍ଠାନ ଯେତେ ଭାରତ ଭୂମିରେ ହୁଏ, ସେତେ ମଙ୍ଗଳ । ନିବାରଣ ଆଶ୍ରମ ଓ ବିଦ୍ୟାର୍ଥୀ ପ୍ରାୟ ଲାଗି ଲାଗି । ଏଠାରେ ସିଂହଭୂମିର ଓଡ଼ିଆ ଜଣ୍ଡା ପିଲା ଦୁଇ ଜଣ ରହି କଲେଜରେ ପଢୁଥିବାର ଦେଖିଲି । ମନରେ ମହାଆନନ୍ଦ ଆସିଲା । ଏପରି ନିଃସ୍ୱାର୍ଥ ଜନସେବାହିଁ ପ୍ରକୃତ ସେବା । ଏହି ସଙ୍ଘରେ ପ୍ରାୟ ଅନେକ ଗୁଡ଼ିଏ ଶିକ୍ଷକ ଏବଂ କର୍ମୀ ଅଛନ୍ତି । ନିଖିଳ-ଭାରତ ହରିଜନ ସେବକ-ସଂଘ ମଧ୍ୟ ଏହାଙ୍କ ହାତରେ ଆଦିମ ନିବାସୀଙ୍କ ମଧ୍ୟରେ କାମ କରିବାକୁ ଟଙ୍କା ଦେଇଅଛନ୍ତି ।

୬ । **ଜଗନ୍ନାଥ ମନ୍ଦିର**

ଏ ଏକ ପ୍ରକାର ଅନୁଷ୍ଠାନ; ଯୁକ୍ତି ଅନ୍ୟ ଏକ ପ୍ରକାର ଅନୁଷ୍ଠାନ ପ୍ରତି ମୋର ଦୃଷ୍ଟି ପଡ଼ିଅଛି । ଏହା ଓଡ଼ିଆଳୀୟ ସଂସ୍କୃତିର ଅମୃତ



ରାଞ୍ଚି ଜଗନ୍ନାଥ ମନ୍ଦିରର ପ୍ରତିବିମ୍ବ

ଜାଗ୍ରତି । ଜଗନ୍ନାଥପୁର ବୋଲି ଏକ ଗ୍ରାମ ହିନୁଠାରୁ ଚାରି ମାଇଲ ଦୂରରେ ଅବସ୍ଥିତ । ଏଠାରେ ଶାହଜାନ କ୍ଷତ୍ରିୟ ପରିବାରଟିଏ ଅଛନ୍ତି; ଏମାନେ ପୂର୍ବେ ଜମିଦାର ଥିଲେ; ଏମାନଙ୍କ ସମ୍ବନ୍ଧ ପ୍ରାୟ ଓଡ଼ିଶାରେ ଓ ସିଂହଭୂମିରେ । ଏମାନଙ୍କ ଘରେ ଓଡ଼ିଆ ନାରୀ ଅଛନ୍ତି; ପରିବାରଙ୍କର ଏକ 'ଜଗନ୍ନାଥ ମନ୍ଦିର' ହୁଡ଼ି ଉପରେ ଅବସ୍ଥିତ ଅନ୍ୟ ଏକ 'ହୁଡ଼ି' ଉପରେ 'ପାର୍ବତୀ ଘର' ମଧ୍ୟ ଅଛି । ଗ୍ରାମରେ ମୁସଲମାନ-ଜଣ୍ଡା ଅଛନ୍ତି । ସେମାନଙ୍କ ଲୁଗାବୁଣା ଦେଖିଲି । ଜମିଦାର ପରିବାରମାନେ ଆତିଥ୍ୟ ଦେଖାଇବାକୁ ଭୁଲି ନାହାନ୍ତି । ଏହି ମନ୍ଦିର ବିଷୟରେ ଗୋଟିଏ କମ୍ବଦନ୍ତୀ ଶୁଣିଲି ଯେ ରଥ-ଯାତ୍ରା ବେଳେ "ଥାହାଡ଼ା" ଏଠାରେ ବିଷ୍ଣୁ ଯାଏ ନାହିଁ । କୌଣସି ବିପଦ ଜମିଦାର-ସେବାୟତଙ୍କୁ ପଡ଼ିଥିଲା ବୋଲି ଏହି ପ୍ରାଚୀନ ମନ୍ଦିର ଅଛି । ଏହି ମନ୍ଦିର ଅନୁଷ୍ଠାନ ପଛରେ ଆଉ ଏକ ସଂସ୍କୃତି ଥିଲା; ତାହା କ୍ରମେ ଭାଙ୍ଗି ଯାଇଛି । ବର୍ତ୍ତମାନ ମନ୍ଦିର ରଖିଲେ, ଏହି ମନ୍ଦିର ମଧ୍ୟରେ ସଂସ୍କୃତିମୂଳକ କର୍ମ-ପ୍ରବାହକୁ ଜୀବନ୍ତ କରି ଦେବାକୁ ହେବ । ଏହାହିଁ କରିବା ଦେଶୋଚିତ । ମନ୍ଦିରକୁ କେନ୍ଦ୍ର କରି ଆମ୍ଭମାନଙ୍କ ସଂସ୍କୃତିର ଧାରା ଥିଲା । ତାହା ନହେଲେ ମନ୍ଦିର ଅନୁଷ୍ଠାନରେ ଯେପରି କଳଙ୍କ ଲାଗିଲାଣି, କ୍ରମେ ଏହା ଭାଙ୍ଗିଯିବ ।

ହିଁ, ସମସ୍ତ ଅନୁଷ୍ଠାନ, ଆଦର୍ଶ, ଜନ-ସେବାର କର୍ମ ଦେଖୁଁ ଦେଖୁଁ ବହୁତ ଯୁବକବନ୍ଧୁ ମୁଁ ସଂଗ୍ରହ କରି ପାରିଛି । ଆନନ୍ଦ-ଦର୍ଶନର ଅମୃତ-ବାର୍ତ୍ତା ମଧ୍ୟ ବନ୍ଧୁ ଆଉ ଶୁଣିବାକୁ ଆଗ୍ରହାନ୍ୱିତ । କିନ୍ତୁ ରାଞ୍ଚିରେ ଅଳ୍ପଦିନ ରହଣି ମଧ୍ୟରେ ଆଉ ଯେଉଁ କେତୋଟି ଦୃଶ୍ୟ ଦେଖିଥିଲି ତାହାଁର ବିବରଣୀ ମଧ୍ୟ ଦେବା ଦରକାର ।

୭ । **ଭାରତର ଅଧିବାସୀ ଅଫିସ (Man in India office)**

ଏହି ଅନୁଷ୍ଠାନ ମୂଳରେ ରାୟବାହାଦୁର ଶ୍ରୀଯୁକ୍ତ ଶରତ୍ଚନ୍ଦ୍ର ରାୟ, ଏମ୍. ଏ. ବି. ଏଲ୍, ଅଛନ୍ତି । "ଭାରତର ଅଧିବାସୀ" ବୋଲି (Man in India) ବୋଲି ଖଣ୍ଡିଏ ତ୍ରୈମାସିକ ପତ୍ରିକା ଏହି ଅଫିସରୁ ପ୍ରକାଶିତ ହୁଏ । ଶରତ୍ଚନ୍ଦ୍ର 'ମୁଣ୍ଡା ଏବଂ ସେମାନଙ୍କ ଦେଶ', 'ଛୋଟନାଗପୁରର ଓରାଂ', 'ଓରାଂଙ୍କ ଧର୍ମ ଓ ପ୍ରଥା', 'ବୀରହୋର', 'ଓଡ଼ିଶାର ପାହାଡ଼ୀ ଭୂୟାଁ', 'ଖଡ଼ିଆ' ପ୍ରଭୃତି ଛଅ ଖଣ୍ଡି ଗ୍ରନ୍ଥ ପ୍ରଣୟନ କରିଛନ୍ତି । ତାଙ୍କର ବହୁ ଗ୍ରନ୍ଥ ପରିପୂର୍ଣ୍ଣ ବୈଠକଖାନାରେ ରାୟବାହାଦୁର ଶରତ୍ଚନ୍ଦ୍ରଙ୍କ ସହିତ ମୋର ଦେଖା ହୋଇଥିଲା । ସେ ମହାଶୟଙ୍କ ପାଣ୍ଡିତ୍ୟ ଓ ବିଦ୍ୟା ପ୍ରୀତି ତାହାଙ୍କ ବୈଠକଖାନାରୁ ସୁସ୍ପଷ୍ଟ ହୋଇ ଉଠିଥିଲା । ଭାଷାକୋଷ ପ୍ରଣେତା ରାୟବାହାଦୁର ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ କଥା ସେ ମୋଠାରୁ ବୁଝିଲେ । ଉଭୟେ ବିହାର ଓଡ଼ିଶା ପାଠ୍ୟପୁସ୍ତକ କମିଟିରେ କିଛି କାଳ ଥିଲେ । ବର୍ତ୍ତମାନ ଶରତ ଚନ୍ଦ୍ର 'ଭାରତୀୟ ଜାତି' ବୋଲି ଏକ ଗବେଷଣାମୂଳକ ବହି ଲେଖୁଛନ୍ତି, ଏହାଙ୍କର ପ୍ରଧାନ ଗବେଷଣାର ବିଷୟ ନୃତତ୍ତ୍ୱ । ଏହି ମାନବିକ ତଥ୍ୟ ସଂଗ୍ରହ ଓ ପ୍ରକାଶରେ ଶରତ୍ଚନ୍ଦ୍ରଙ୍କ ବୃଦ୍ଧ ଜୀବନ କଟି ଯାଇଅଛି । ଶରତ୍ଚନ୍ଦ୍ର ଉତ୍କଳ ବିଷୟରେ ବିଶେଷତଃ ମୋର ଦେଶୀୟ ରାଜ୍ୟ ଭ୍ରମଣ କଥା ଜାଣି ସେ ବିଷୟରେ ଅନେକ ପ୍ରଶ୍ନ ପଚାରିଲେ । ତାହାଙ୍କର ଗ୍ରନ୍ଥମାଳା-ମୟ ଆଲମାରି, ମାସିକ ପତ୍ରିକା ପରିପୂର୍ଣ୍ଣ ଟେବୁଲ, ଏବଂ ଆଦିମ-



Digitized by srujanika@gmail.com

ଅଧିବାସୀଙ୍କ ନାନା ଦ୍ରବ୍ୟ ସମାହାରରେ ସଜ୍ଜିତ କାନ୍ଥ ଦେଖି, ତାଙ୍କର ବହୁମୂଲ୍ୟ ସମସ୍ତ ନଷ୍ଟ ନ କରିବାକୁ ମୁଁ ବ୍ୟଗ୍ର ହେଉଥିଲି । ମାତ୍ର ଶରତ୍‌ଚନ୍ଦ୍ର ମୋତେ ଅଟକାଇବାକୁ ଚାହିଁଥିଲେ କାହିଁକି ? ଯୁବକ ଚାହେଁ ବିଶ୍ୱକୁ ଜାଣିବାକୁ, ସେ ଯାତ୍ରୀ । ସେ ଏକ ଅଜଣା ଅନନ୍ତ ସ୍ରୋତରେ ଭାସି ଯିବାକୁ ଚାହେଁ, ଆଉ ବୃଦ୍ଧ ସେ ଏହି ଭସାଣିରେ ବହୁଦୂରକୁ ଭାସି ଯାଇଛି; ଉଭୟର ଯୋଗସୂତ୍ର ଅନ୍ତରର କେଉଁ ଗୂଢ଼ତମ ପ୍ରଦେଶରେ ଘଟି ଯାଇଛି ମୁଁ କହି ପାରିବି ନାହିଁ । ସାଧନା କି ଶୁଦ୍ଧ ଓ ଆନନ୍ଦଦାୟକ ! ଏଠାରେ ରାଜନୈତିକ ହୋ ହୋ କିମ୍ବା ଶସ୍ତାନାମ ନେବାର ସ୍ୱାର୍ଥପର ଅବସର ନାହିଁ । ଏଠାରେ କ୍ଷମତା ଲୋଭ ନାହିଁ । ଶରତ୍‌ଚନ୍ଦ୍ରଙ୍କ ବୈଠକଖାନାରେ ବସି ମୁଁ ନିଜକୁ ଧନ୍ୟ ମନେ କରିଛି, ଏବଂ ତାହାଙ୍କ ପାଣ୍ଡିତ୍ୟକୁ ମୁଁ ମନେ ମନେ ନମସ୍କାର କରିଛି । ତାହାଙ୍କ ଉପହୃତ ଲେଖାବଳୀ ମଧ୍ୟ ବୃଦ୍ଧ ସାଧକର ଶୁଦ୍ଧ ସ୍ମୃତି ଭାବି ଜୀବନରେ ଏଥିରୁ ବହୁତ ଆନନ୍ଦ, ଆଶା ଏବଂ ଉଦ୍‌ବୋଧନ ପାଇବି ।

୮ । କାଙ୍କେ ପାଗଳଖାନା

ଏହି ଅନୁଷ୍ଠାନ ଛାଡ଼ି ଅନ୍ୟ ଏକ ଅନୁଷ୍ଠାନ ବିଷୟରେ ପଦେ ଲେଖେଁ । ରାଞ୍ଚିଠାରୁ କାଙ୍କେ ପ୍ରାୟ ସାତ ଆଠ ମାଇଲ, ଏହା ରାଞ୍ଚିର ଉତ୍ତର ଦିଗରେ ଅବସ୍ଥିତ । ଏଠାରେ ଭାରତୀୟ ଓ ଇଉରୋପୀୟ ଦୁଇ ପ୍ରକାର ପାଗଳ ଖାନା ଅଛି । ପାଗଳଙ୍କ ମଧ୍ୟରେ ଧଳା, କଳା ଚମଡ଼ାର ଫରକ୍ ଅଛି । ହୁଏତ ବସବାସ, ଖାଦ୍ୟ ପାନୀୟର ପାର୍ଥକ୍ୟରୁ ଏହି ପାର୍ଥକ୍ୟ ପ୍ରୟୋଜନ ପଡ଼ିଅଛି । ସାଧାରଣତଃ ଦିନ ୯ଟା ଠାରୁ ଦିନ ଗୋଟାଏ ମଧ୍ୟରେ ଏହି ମାନସିକ ଡ଼ାକ୍ତରଖାନା (Mental Hospital) ସବୁ ଦେଖିବାର ସୁବିଧା ମିଳେ । ମାତ୍ର ଏହାକୁ ହସପିଟାଲ୍ ନ କହି ଜେଲଖାନା କହିବାର ଅଧିକ ଉପଯୁକ୍ତ । ନିୟମକାନୁନ୍ ଜେଲଖାନାଠାରୁ ବେଶୀ କଡ଼ା । ପ୍ରଥମେ ଇଉରୋପୀୟ ପାଗଳଖାନା ଭିତରକୁ ଗଲି । ଭିତରକୁ ଯିବାକୁ ହେଲେ ଅନେକ ସମୟରେ କିଛି ଚାନ୍ଦା (Donation) ଦେବାକୁ ହୁଏ । ଅବଶ୍ୟ ଚାନ୍ଦା ଦେବାଟା ସୁପରିଣ୍ଟେଣ୍ଡେଣ୍ଟ ପ୍ରଭୃତି ଥିଲେ ଠିକ୍ ଚାନ୍ଦା-ବାକ୍ସକୁ ଯାଏ; ନୋହିଲେ ଫାଟକ-ଜଗୁଆଳିର ପକେଟକୁ ଯାଏ । ବାକ୍ସକୁ ଯାଉ ବା ପକେଟକୁ ଯାଉ, ସୁପରିଣ୍ଟେଣ୍ଡେଣ୍ଟଙ୍କ ଅନୁମତି ନେଇ ଏହା ଭିତରକୁ ଯିବାକୁ ହୁଏ । ଅନୁମତି ମଧ୍ୟ ଅନେକ ସମୟରେ ମାହାଲିଆ ମିଳେ । ମୋ ସଙ୍ଗରେ ମଧ୍ୟ ଜଣେ ଦେଖାଇବା ଲୋକ (guide) ଗଲା । ପ୍ରଥମେ ମୁଁ ଇଉରୋପୀୟ ପାଗଳଙ୍କ 'କାଠ-କାମ' ଘରକୁ ଗଲି । ଏହି ଘରେ ଅନେକ ପାଗଳ କାମ କରୁଥିବାର ଦେଖିଲି; କେହି ଅବା ଡ଼େସ୍କ ପାଖରେ ଛିଡ଼ା ହୋଇ ଢୁଲାଉଅଛନ୍ତି; କେହି କରତ ଚଳାଉଛନ୍ତି, କିନ୍ତୁ କାଠ କଟୁ ନାହିଁ; ହଠାତ୍ ଏହି ଘରକୁ ପଶିଗଲେ ମନେ ହେବ କିମ୍ଭୂତ-କିମାକାର । ଏମାନଙ୍କ ମଧ୍ୟରେ ପୁଣି ଭଲ ମିସ୍ତ୍ରୀ ଅଛନ୍ତି । ଏହି ଦୃଶ୍ୟ ଦେଖି ସାରି ମୁଁ ଗଲି ଅନ୍ୟ ଏକ କୋଠାକୁ, ଯେଉଁଠି ପାଗଳମାନେ ଲୁଗା ବୁଣା, ସୂତା ଗୁଡ଼ାଇବା ପ୍ରଭୃତି କାମ କରୁଛନ୍ତି ଅବା ଆସନ ପ୍ରଭୃତି ବୁଣୁଅଛନ୍ତି । କିନ୍ତୁ କେହି କାମ କରୁଥିବା ଭଳି ଜଣାପଡ଼ିଲା ନାହିଁ । ହୁଏତ ପାଗଳଙ୍କ ମନକୁ କୌଣସି ନା କୌଣସି କାର୍ଯ୍ୟ ନିୟୋଗ କରି ରଖିବା ପାଇଁ ଏ ଯତ୍ନ । ଏହି କୋଠରୀକୁ ଲାଗି ପାଗଳିଙ୍କ ସିଲାଇ ଘର ଦେଖିବାକୁ ଗଲି । ହଠାତ୍ ମୋର ମନେ ହେଲା; ମୁଁ ଡାଆଣୀଙ୍କ ନଅରକୁ ପଶି ଆସିଲି କି ? ସେକ୍ସପିଅରଙ୍କ "ମ୍ୟାକ୍‌ବେଥ" ନାଟକର ଡାଆଣୀ ଦୃଶ୍ୟ (witches scene) ମନକୁ ଆସିଗଲା । ପୁଣି ଦେଖିଲି ବାରଣ୍ଡାରେ କେହି କେହି ସାହେବ ଭଦ୍ର ପୋଷାକ ପିନ୍ଧି ମୁଣ୍ଡରେ ହାତ ଦେଇ ଚିନ୍ତା କରୁଛନ୍ତି । କାହିଁ ଅବା ବାହାରେ ଗଛମୂଳେ ଜଣେ ଅଧେ ବୁଢ଼ା ବୁଢ଼ୀ ବୁଲୁଛନ୍ତି, ପଢୁଛନ୍ତି, କିମ୍ବା ଖଟରେ ପଡ଼ିଛନ୍ତି । ସବୁଠି କିନ୍ତୁ ଜଗୁଆଳୀ ଅଛନ୍ତି । ଏଠାରୁ ମୁଁ ଏମାନଙ୍କ ପାଠାଗାର, ନାଚଖାନା, ବ୍ୟାୟାମାଗାର, ହସପିଟାଲ ପ୍ରଭୃତି ଦେଖିବାକୁ ଗଲି । ଯେଉଁଠାରେ ଖୁବ୍ ଦୁଷ୍ଟ ଏବଂ ଯେଉଁଠାରେ ଯୁବତୀ ସ୍ତ୍ରୀ ଥାନ୍ତି ସେପରି ପାଗଳ-ଗାରଦକୁ ଦେଖିବାକୁ ବାହାର ଲୋକଙ୍କୁ ଅନୁମତି ମିଳେ ନାହିଁ । ମୁଁ ଭୁଲି ଯାଇଛି, ଭିତରକୁ କ୍ୟାମେରା ମଧ୍ୟ ନେବାକୁ ଅନୁମତି ମିଳେ ନାହିଁ । ହସ୍‌ପିଟାଲରେ ଯେଉଁ ସବୁ ରୋଗୀ ଅଛନ୍ତି; ସେମାନଙ୍କ ମଧ୍ୟରୁ ଅନେକଙ୍କ ପାଗଳାମି କମ୍ । ଆର୍ଥିକ ଦିଗରୁ ଦୁଇ ଶ୍ରେଣୀର ପାଗଳ ଅଛନ୍ତି । କେତେକଙ୍କ ବ୍ୟୟ ସରକାର ବହନ କରନ୍ତି; କେତେକଙ୍କର ନିଜ ପରିବାର ବହନ କରନ୍ତି । ସେହିପରି ମଧ୍ୟ ବସବାସ ପାଇଁ ବନ୍ଦୋବସ୍ତ କରି ଯାଇଅଛି । ଏହା ବ୍ୟତୀତ ଏମାନଙ୍କ ବଗିଚା ଅଛି; ବଗିଚାରେ ମଧ୍ୟ ଅନେକ ପାଗଳ କାମ କରନ୍ତି । ଇଉରୋପୀୟ ପାଗଳ ଖାନାରେ ପ୍ରାୟ ଯା ରୋଗୀ ଅଛନ୍ତି । ଏହି ପାଗଳଖାନାକୁ ଢେର ପ୍ରକାଣ୍ଡ ପାଚେରୀ ଅଛି; ଏବଂ ୫୦୦ ରୋଗୀ ପାଇଁ ପ୍ରାୟ ୪୦୦ ଜଣ କର୍ମଚାରୀ ଅଛନ୍ତି ।

ଭାରତୀୟ ପାଗଳଖାନା—

ଭାରତୀୟ ପାଗଳଖାନା (Indian Mental Hospital) ଏହି ଇଉରୋପୀୟ ପାଗଳଖାନାର ନିକଟରେ । ଏଠାରେ ପ୍ରାୟ ୧୫୦୦ ରୋଗୀ ଅଛନ୍ତି । ଏମାନଙ୍କ ପାଇଁ ପ୍ରାୟ ୬୦୦ କର୍ମଚାରୀ ଅଛନ୍ତି, ପ୍ରତି ଦଶଜଣ ପାଗଳଙ୍କ ପାଇଁ ଜଣେ ଓ୍ୟାର୍ଡର ବା ଜଗୁଆଳୀ ଥାଆନ୍ତି । ଏମାନଙ୍କ ମଧ୍ୟରେ ପ୍ରଥମ, ଦ୍ୱିତୀୟ ଶ୍ରେଣୀ ବିଭାଗ ଅଛି । ଏହା ବ୍ୟତୀତ ରୋଗର ଲକ୍ଷଣ ଅନୁଯାୟୀ ମଧ୍ୟ ବିଭାଗ ଅଛି । ଯେଉଁମାନେ ଖୁବ୍ ପାଗଳ ସେମାନେ ଜଣକିଆ 'ସେଲ୍'ରେ ଥାଆନ୍ତି । ଯେଉଁମାନେ ଆତ୍ମ-ହତ୍ୟା କରିବାକୁ ଇଚ୍ଛା କରୁଛନ୍ତି ସେମାନଙ୍କ ପାଇଁ ସ୍ୱତନ୍ତ୍ର କଡ଼ା ପହରା ଅଛି । ଏହି ଭାରତୀୟ ପାଗଳଖାନା ପାଇଁ ବିସ୍ତୀର୍ଣ୍ଣ ବଗିଚା ଅଛି । ବଗିଚାରେ ଫୁଲ ଫଳ ବ୍ୟତୀତ ପ୍ରଚୁର ପରିବା ମଧ୍ୟ ଉତ୍ପନ୍ନ ହୁଏ । ପ୍ରାୟ



Digitized by srujanika@gmail.com

ପ୍ରତ୍ୟହ ୬୦୦ ପାଗଲ ଏହି ବଗିଚାରେ କାମ କରନ୍ତି । ଏହି ପାଗଲମାନଙ୍କ ମଧ୍ୟରୁ ଦଳେ ପାଣି ବୁହନ୍ତି, ଦଳେ ମାଟି ହାଣନ୍ତି ଇତ୍ୟାଦି ; କେହି କେହି ଗଛ ଲଗାଇଲେ, କେହି କେହି ଉପାଡ଼ି ଫୋପାଡ଼ି ଦେବାକୁ ମଧ୍ୟ ପସନ୍ଦ କରନ୍ତି ; କିନ୍ତୁ କଡ଼ା ପହରା ଥିବାରୁ ଦୁଷ୍ଟାମି ସେତେ ହୁଏ ନାହିଁ । ବଗିଚାରେ ପ୍ରଚୁର ଅର୍ଥ ଲାଭ ହୁଏ । ବଗିଚାର ପରିଚାଳକ ୫ ପ୍ରଧାନ ମାଳୀ ଓଡ଼ିଆ । ଏମାନଙ୍କ ସହିତ କଥା ବାର୍ତ୍ତା ହୋଇ ଜାଣିଲି ଯେ ପ୍ରତ୍ୟହ ଯେତିକି ପରିବା ପାଗଳଙ୍କ ପାଇଁ ଦରକାର ହୁଏ, ତାହା ପ୍ରାୟ ବଗିଚାରୁ ଆମଦାନୀ ହୁଏ । ଏହି ପାଗଲଖାନାରେ ୩୦ ଜଣ ବ୍ୟକ୍ତିଙ୍କ ପାଇଁ ଓଡ଼ିଶା ସରକାର ଟଙ୍କା ଦିଅନ୍ତି ବୋଲି ଶୁଣିଲି । "ଏଠାରୁ କେହି ଭଲ ହୋଇ ଯାଆନ୍ତି ?" ପ୍ରଶ୍ନ କଲାରୁ କର୍ମଚାରୀମାନେ କହିଲେ "ହଁ ପ୍ରତି ବର୍ଷ ପାଗଲ ଛଡ଼ା ହୋଇ ଯାଆନ୍ତି, ନୂଆ ଭର୍ତ୍ତି ହୁଅନ୍ତି ।"

ଏତେ ପାଗଲଙ୍କ ମନସ୍ତତ୍ତ୍ୱ ପଢ଼ି ଚିକିତ୍ସା କରି ଔଷଧ ଦେବା ଏକ ଅସମ୍ଭବ କଥା, ଏତେ ଅଳ୍ପ ଡାକ୍ତରଙ୍କୁ ନେଇ । ମାତ୍ର ହୁଏତ ଯେଉଁ ବାବୁ ଧନୀ ପାଗଲ ଆସନ୍ତି ସେମାନଙ୍କର ଚିକିତ୍ସା ହୁଏ ସେମାନଙ୍କ ଧନ ବିନିମୟରେ ; ସେମାନେ ହୁଏତ ଭଲ ହୋଇ ଯାଆନ୍ତି । ବାକିତକ ପାଗଲ-ଗୁହାଳକୁ ଆସନ୍ତି, ପୁଣି ଦିନା କେତେ ମଣି ହୋଇ ଫେରି ଯାଆନ୍ତି ; ଏହି ପାଣିଟେଣା, ମାଟିହଣା ମଧ୍ୟରେ ହୁଏତ କାହାର ପାଗଲାମି ଛାଡ଼ି ଯାଉଥିବ ; ଜଗୁଆଳମାନେ କିମିତି କୋମଳ କିମ୍ବା କଠୋର ବ୍ୟବହାର ଏମାନଙ୍କ ପ୍ରତି କରନ୍ତି ତାହା ମୁଁ ବା କାହୁଁ ଜାଣିବି ? ତଥାପି ଜେଲଖାନାରେ ଅଶିକ୍ଷିତ ଓ୍ୱାର୍ଡରମାନେ ଯେଉଁ ବ୍ୟବହାର କରୁଥିବେ ସେଥିରେ ଯେ ଏମାନେ ଭଲ ହେଉଥିବେ, ସେ ବିଶ୍ୱାସ ମୋର ହେଉ ନାହିଁ ।

୯ । ରୋମାନ କାଥୋଲିକ ମିସନ

ରାଞ୍ଚିର ଏହା ରୁକ୍ଷ ନା ରୋମାଞ୍ଚକର ଦୃଶ୍ୟାବଳୀ ତାହା ପାଠକେ ବିଚାରିବେ । କିନ୍ତୁ ମୋ ରହଣିର ଶେଷ ଦିନ ଆଉ ଗୋଟିଏ ପ୍ରକାଣ୍ଡ ଅନୁଷ୍ଠାନ ଦେଖିଲି; ତାହା ରୋମାନ କାଥୋଲିକ ମିସନ । ଏହି ଅନୁଷ୍ଠାନର ଆୟୋଜନ ଯେପରି ବିଶାଳ ଏହାର ପଦ୍ମାଧରଟା ବି ସେହିପରି ପ୍ରକାଣ୍ଡ । ଏହା ରାଞ୍ଚିର ପ୍ରାଚୀନତମ ଖ୍ରୀଷ୍ଟୀୟ ମିସନ । ଏହାର ଗୀର୍ଜା (Church), ଛାପାଖାନା (Press), ନାରୀ-ଆଶ୍ରମ (Convent), ମ୍ୟାନରେସା ହାଉସ (Manresa House ଯେଉଁଠି ପୁରୋହିତ କର୍ମୀ ସେବକମାନେ ରହନ୍ତି), ଗୁରୁକୁଳ (Apostolic House), ଉଚ୍ଚ-ଇଂରାଜୀ ବିଦ୍ୟାଳୟ, ବାଣିଜ୍ୟ ବିଦ୍ୟାଳୟ, ସେମିନାରୀ (ଯେଉଁଠି ପୁରୋହିତମାନେ ଶିକ୍ଷା ପାଆନ୍ତି), ପ୍ରଭୃତି ଅନେକ ଗୁଡ଼ିଏ ବିଭାଗ ଅଛି । ପୁଣି ପ୍ରେସବିଟାରୀ (Presbetery) ଅଛି । ଏହା ବ୍ୟତୀତ ଏହି ଅନୁଷ୍ଠାନର ରାଞ୍ଚି ଜିଲ୍ଲା ତମାମ ୩୫ଟି କେନ୍ଦ୍ର ଅଛି, ଏବଂ ଏହି କେନ୍ଦ୍ରମାନଙ୍କ ଅଧୀନରେ ୭୦୦ ପ୍ରାଥମିକ ସ୍କୁଲ, ୧୧ଟି ଇଂରାଜୀ ସ୍କୁଲ ଏବଂ ଅନେକଟି ବାଳିକା ବିଦ୍ୟାଳୟ ଅଛି । ଏହା ଯେ କିପରି ବିରାଟ ଅନୁଷ୍ଠାନ, ଏହା ସହଜରେ ଜଣାଯିବ । ଏହି ବୃହତ୍ ଅନୁଷ୍ଠାନର ସୁପରିଚାଳନା ମୋତେ ଯେପରି ଆନନ୍ଦ ଦେଇଛି, ଏବଂ ପ୍ରାଣରେ ନାନା ସ୍ୱପ୍ନ ସୃଷ୍ଟି କରିଛି; ସେହିପରି ଏହାର ଉଦାରତା ମୋତେ ମୁଗ୍ଧ କରିଅଛି । ଗାଙ୍ଗପୁରରୁ କେତୋଟି ଆଦିମ-ନିବାସୀ ଖ୍ରୀଷ୍ଟିୟାନ ଏଠାରେ ପଢ଼ୁଛନ୍ତି ବୋଲି ଉଚ୍ଚଇଂରାଜୀ ବିଦ୍ୟାଳୟରେ ଓଡ଼ିଆ ପଢ଼ିବାର ବନ୍ଦୋବସ୍ତ କରି ଯାଇଅଛି । ତାହା ବ୍ୟତୀତ ଏହି ଉଚ୍ଚଇଂରାଜୀ ବିଦ୍ୟାଳୟ ସଂଯୁକ୍ତ ଯାଦୁଘର (Museum) ଏକ ସୁନ୍ଦର ସ୍ୱତନ୍ତ୍ର ଦୃଶ୍ୟ । ଏଠାରେ ଆଦିମ ଅଧିବାସୀଙ୍କ ଜୀବନର ବହୁବିଭବର ଚିତ୍ର ଠୁଳ ହୋଇଅଛି । ସେମାନଙ୍କ ବିଭିନ୍ନ ମାଳୀ, ଶିକାରଯନ୍ତ୍ର, ଗହଣା, ବ୍ୟବହୃତ ଦ୍ରବ୍ୟ ସମାହାର ବ୍ୟତୀତ ଛୋଟନାଗପୁରର ବିଭିନ୍ନ ମୃତ୍ତିକା, ପ୍ରସ୍ତର, କାଠ, ଶସ୍ୟ ପ୍ରଭୃତି ମଧ୍ୟ ସଂଗୃହୀତ ହୋଇଅଛି । ଏହିପରି ସୁସଜ୍ଜିତ ଓ ସମୁଚିତ ଯାଦୁଘର (Museum) ମୁଁ ଉତ୍କଳରେ କୌଣସି ଉଚ୍ଚ ଇଂରାଜୀ-ସ୍କୁଲରେ ଦେଖି ନାହିଁ । କଲେଜ ଯାଦୁଘର କଥା ତ ମୋତେ ଜଣା ।

୧୦ । ରୋମାଞ୍ଚକର ରାଞ୍ଚି

ମୋର ରାଞ୍ଚିରେ ଚାରି ଦିନର ଅବସ୍ଥିତି ମଧ୍ୟରେ ଏହି ସବୁ ଦେଖିଛି । ମୁଁ ଯେତେ ପାରିଛି ଦେଖିଛି; ତଥାପି କେତୋଟି ଦୃଶ୍ୟ, ବିଶେଷତଃ ଆଦିମ ଅଧିବାସୀଙ୍କ ଗ୍ରାମ-ଜୀବନର ଚିତ୍ର ମୁଁ ଦେଖି ପାରିଲି ନାହିଁ । ହୁନ୍ଦ୍ରୁ ପ୍ରପାତ ରାଞ୍ଚିରୁ ୧୬ ମାଇଲ ଦୂରରେ । ସେଠାକୁ ମଧ୍ୟ ଯାଇ ପାରିଲି ନାହିଁ । କିନ୍ତୁ ରୁକ୍ଷ ରାଞ୍ଚି ମୋ ଚିତ୍ତ ଓ ଚକ୍ଷୁ ସମ୍ମୁଖରେ ରୋମାଞ୍ଚକର ହୋଇଉଠିଛି ଏତିକରେ । ସହରରେ ପ୍ରାୟ ଅଧିକାଂଶ ବଙ୍ଗ ଅଧିବାସୀ । ସେମାନେ ଓକିଲ, ହାକିମ । ସହରରେ ସରକାରୀ କଚେରୀ, କୋଠାବାଡ଼ି ଅଛି । ରାସ୍ତା ସୁନ୍ଦର, ସୁଦୀର୍ଘ, ସୁପ୍ରଶସ୍ତ ଏବଂ ପିଚଦିଆ । ଏହି ରାଞ୍ଚିକୁ ବହୁ ବଙ୍ଗବାସୀ ବୁଲିବାକୁ କିମ୍ବା ଜଳବାୟୁ ପରିବର୍ତ୍ତନ ପାଇଁ ଆସନ୍ତି । କଲିକତା ଯୁବକ ଯୁବତୀଙ୍କ ବିହାର ସ୍ଥଳୀ ହୁଏ ରାଞ୍ଚି; ତେଣୁ ଏହାର ରୁକ୍ଷତା ରୋମାଞ୍ଚକର ପରି ! ମାତ୍ର ଏହି ଭୂମିର ଯେ ଓରାଂ, ମୁଣ୍ଡା ଆଦିମ ଅଧିବାସୀ ଅଛନ୍ତି ସେମାନଙ୍କ ପ୍ରାଣ କମ୍ ପ୍ରେମାର୍ଦ୍ର ନୁହେଁ ? ଏହା ସଙ୍ଗେ ସଙ୍ଗେ ଧୋବାର ଘୋଡ଼ା ବା ବଳଦ ପିଠିରେ ଲୁଗା ବୁହା ଦୃଶ୍ୟ, ଆଉ ରାଞ୍ଚିର ବିଶିଷ୍ଟ ଧରଣର କୂଅ ମଧ୍ୟ ମୁଁ ଭୁଲିନାହିଁ । ରାଞ୍ଚିର ଏହି ରୁକ୍ଷତା ମଧ୍ୟରେ ମୋ ଚିତ୍ତ ରୋମାଞ୍ଚକର ଭାବରାଜିରେ ପରିପୂର୍ଣ୍ଣ ହୋଇଯାଇଅଛି, ଏବଂ ମୁଁ ମନେ ମନେ ପସନ୍ଦ କରି ବସିଛି ରୁଚି ଓ ଲହୁଣୀକୁ । ରୁଚି ଜାତୀୟତା ଓ ଲହୁଣୀ ସଂସ୍କୃତିର ସ୍ମାରକ ମାତ୍ର । ମନରେ ନାନା ସ୍ୱପ୍ନ, ନାନା ସ୍ପନ୍ଦନ, ଉଚ୍ଛ୍ୱାସ, ଉଲ୍ଲାସ ଆସିଛି; କିନ୍ତୁ ଏହି ସକଳ ମାନସିକ ଚିନ୍ତା ମଧ୍ୟରେ ମୁଁ ଶାନ୍ତ, ଧ୍ୟାନମଗ୍ନ; ଏବଂ 'ସତ୍ୟପଥ୍ୟ'ର ଶୁଭ୍ର-ସୋପାନାବଳୀରେ ମୁଁ ଯାତ୍ରୀ ।

# ଓଡ଼ିଆ ସଂଖ୍ୟାବାଚକ ଶବ୍ଦ

ଶ୍ରୀ ଗିରିଜାଶଙ୍କର ରାୟ

ଏଥି ପୂର୍ବେ ଓଡ଼ିଆ ବ୍ୟାକରଣ ବିଷୟରେ ଗୋଟିଏ ପ୍ରବନ୍ଧରେ ଓଡ଼ିଆ ବ୍ୟାକରଣର ପ୍ରଚଳିତ ରୀତିକୁ ଭାଙ୍ଗିଦେଇ ବ୍ୟବହାର ରୀତିକୁ ଆଶ୍ରୟ କରି ନୂତନ ପ୍ରକାରର ବ୍ୟାକରଣ ବିଷୟରେ କେତେକ କଥା କୁହା ଯାଇଥିଲା । ବର୍ତ୍ତମାନ ଏହିପରି ରୀତିରେ ଲିଖିତ ଗୋଟିଏ ପରିଚ୍ଛେଦ ଏଠାରେ ଉଦାହରଣସ୍ୱରୂପ ଦିଆଗଲା, ଏଥିରୁ ମୋର ବକ୍ତବ୍ୟ ବିଷୟ ପରିଷ୍କାର ହେବ ବୋଲି ଆଶା କରୁଅଛି ।

ଓଡ଼ିଆରେ ଅନେକ ଗୁଡ଼ିଏ ଶବ୍ଦ ପଦାର୍ଥବିଶେଷର ସଂଖ୍ୟା ନିର୍ଦ୍ଦେଶ କରିବା ନିମନ୍ତେ ବ୍ୟବହୃତ ହୁଅନ୍ତି—ବାର ଭାଇ, ଦଶ-ହିଁଗ, ଚାରି ଶତାବ୍ଦି, ପଚିଶ ଟଙ୍କା, ପାଞ୍ଚ ଲୋକ ଇତ୍ୟାଦି ।

ସାଧାରଣତଃ ସଂଖ୍ୟାବାଚକ ପଦମାନ ପଦାର୍ଥକୁ ବିଶେଷିତ କରୁଥିବାରୁ ଉକ୍ତ ପଦାର୍ଥର ବିଶେଷଣ ରୂପରେ ବ୍ୟବହୃତ ହୁଅନ୍ତି ।

ସଂଖ୍ୟାବାଚକ ବିଶେଷଣ ପଦ ସାଧାରଣତଃ ବିଶେଷ୍ୟ ପଦର ଆଦ୍ୟରେ ବ୍ୟବହୃତ ହୁଏ—ଚାରି ଦିନ, ତିନି ରାତି, ଦଶ ଟଙ୍କା, ପଚିଶ ଲୋକ ।

ସଂଖ୍ୟାବାଚକ ବିଶେଷଣ ପଦ ସହିତ ସର୍ବନାମ ପଦ ବ୍ୟବହୃତ ହେଲେ ସର୍ବନାମ ପଦ ସଂଖ୍ୟାବାଚକ ବିଶେଷଣ ପଦର ପୂର୍ବରେ ବ୍ୟବହୃତ ହୁଏ—ସେମାନେ ଚାରି ଜଣ କାଲି ଆସିବେ, ଏହି ତିନି ରାତି କଟେଇ ଦିଅ, ତମେ ପଚିଶ ଜଣ ପଛେ ଆସିବ ।

କେତେକ ସ୍ଥାନରେ ନିର୍ଦ୍ଦେଶିତ ପଦାର୍ଥକୁ ଲୁପ୍ତ କରାଯାଇ ସଂଖ୍ୟାବାଚକ ଶବ୍ଦକୁ ବିଶେଷ୍ୟ ପଦ ରୂପରେ ବ୍ୟବହୃତ କରା ଯାଇଥାଏ । ଏପରି କ୍ଷେତ୍ରରେ ପୂର୍ବାଭାବକୁ (context) ଅନୁସରଣ କରି ଅର୍ଥ ନିରୂପଣ କରିବାକୁ ହୁଏ—ବାରଟାରେ ନିଦ ଭାଙ୍ଗିଲା, ଦଶକୁ ଅଣ୍ଟିବ ନାହିଁ, ପାଞ୍ଚ ପଚିଶ ଗଣିଦେବ, ଶହକୁ ଟଙ୍କାଏ କମ ଅଛି ।

ଅନେକ କ୍ଷେତ୍ରରେ ସଂଖ୍ୟାବାଚକ ପଦ ସହିତ ବିଭକ୍ତି, ଅନ୍ୟ ପଦ ବା ପର ପ୍ରତ୍ୟୟ ଯୁକ୍ତ କରାଯାଇ ତାକୁ କ୍ରିୟା ବିଶେଷଣ ରୂପରେ ବ୍ୟବହାର କରାଯାଏ—ଏକରେ, ଦ୍ୱିତୀୟତଃ, ଏକା-ବେଳକେ, ଗୋଟିପଣେ, ଏକାଠି ।

ସଂଖ୍ୟାବାଚକ ପଦ ଏକ ବା ବହୁ ସଂଖ୍ୟା ସୂଚିତ କରିପାରେ ଏକସଂଖ୍ୟା ସୂଚିତ କରିବା ନିମନ୍ତେ ଏକ, ପ୍ରଥମ, ଖଣ୍ଡେ, ଗୋଟାଏ ପ୍ରଭୃତି ପଦ ବ୍ୟବହୃତ ହୁଏ, ଏକାଧିକ ସଂଖ୍ୟା ସୂଚିତ କରିବା ନିମନ୍ତେ ଏକାଧିକ, ଅନେକ, ଦୁଇ, ତିନି, ଚାରି, ପାଞ୍ଚ, ଛଅ ପ୍ରଭୃତି ଶବ୍ଦ ବ୍ୟବହୃତ ହୁଏ ।

ଗୋଟିଏ ଶବ୍ଦ ଏକ ସଂଖ୍ୟାର୍ଥକ ହେଲେହେଁ ଓଡ଼ିଆରେ ନାନା ଅର୍ଥ ପ୍ରକାଶ କରିବା ନିମନ୍ତେ ବ୍ୟବହୃତ ହୁଏ—ସେ ଗୋଟାଏ ମଣିଷ, ସୁ କରି ଗୋଟାଏ ହସି ଉଠିଲା, ସେଠାରେ ଗୋଟାଏ ଚହଲ ପଡ଼ିଗଲା, ସେଠାରେ ଭାରି ଗୋଟାଏ ଗୋଲମାଲ ଲାଗିଛି ।

ସଂଖ୍ୟାବାଚକ ଶବ୍ଦମାନଙ୍କର ନାନା ବିଶେଷରୂପ ଭାଷାରେ ପ୍ରଚଳିତ ଅଛି । (୧) କେତେକ ବିଶେଷ ଶବ୍ଦ ସହିତ ସଂସ୍କୃତ ସଂଖ୍ୟାବାଚକ ଶବ୍ଦମାନଙ୍କୁ ଅବିକୃତଭାବରେ ବ୍ୟବହାର କରିବା ରୀତି ପ୍ରଚଳିତ ଅଛି—ଦ୍ୱିପଦ, ତ୍ରିଭୁବନ, ଚତୁଷ୍ପାର୍ଶ୍ୱ, ପଞ୍ଚମକାର, ଷଟ୍‌ପଦ, ଅଷ୍ଟାଦଶ ପ୍ରଭୃତି (୨) ଅନ୍ୟ କେତେକ ବିଶେଷ ଶବ୍ଦ ସହିତ କେତେକ ବିଶେଷ ରୂପ ସାଧାରଣତଃ ପ୍ରଚଳିତ—ଦୋଅଣି, ଚଉଖୁଣ୍ଟିଆ, ପଁାସୁକା, ପଁାଜଣ, ହୁଜିକ ଇତ୍ୟାଦି, (୩) କେତେକ ଶବ୍ଦରେ ବିକଳ୍ପ ବ୍ୟବହାର ମଧ୍ୟ ପ୍ରଚଳିତ—ଚାରିକୋଣିଆ, ଚଉକୋଣିଆ; ଦିଜଣ, ଦୁଇଜଣ; ପଁାସେର ପାଞ୍ଚସେର ଇତ୍ୟାଦି ।

ସଂଖ୍ୟାବାଚକ ଶବ୍ଦ ସହିତ ନିର୍ଦ୍ଦେଶକୁ ସ୍ପଷ୍ଟ କରିବା କାରଣ ସାଧାରଣତଃ ଜଣ, ଗୋଟା, ଗୋଟି ପ୍ରଭୃତି ଶବ୍ଦ ଯୁକ୍ତ କରା ଯାଇଥାଏ । ମନୁଷ୍ୟକୁ ନିର୍ଦ୍ଦେଶ କରିବାକୁ 'ଜଣ', ମନୁଷ୍ୟେତର ପଦାର୍ଥକୁ ନିର୍ଦ୍ଦେଶ କରିବା କାରଣ 'ଗୋଟା' 'ଗୋଟି' 'ଖଣ୍ଡ' ପ୍ରଭୃତି ସାଧାରଣତଃ ବ୍ୟବହୃତ ହୁଏ, କିନ୍ତୁ ସମୟ ସମୟରେ ମନୁଷ୍ୟ ବାଚକ ଶବ୍ଦ ନିର୍ଦ୍ଦେଶିତ ହୋଇଥିଲେହେଁ ଗୋଟା, ଗୋଟି ପ୍ରଭୃତି ବ୍ୟବହୃତ ହୁଏ—ପାଞ୍ଚଗୋଟି ପିଲା ଆସିଲେ, ଛଅ-ଗୋଟି ସୈନ୍ୟ ମରିଗଲେ । ମାତ୍ର ଏପରି ବ୍ୟବହାର ଅତ୍ୟନ୍ତ ସୀମାବଦ୍ଧ ।

ଗୋଟା, ଗୋଟି ଶବ୍ଦରୁ ଉତ୍ପନ୍ନ ଟା, ଟି ପ୍ରଭୃତି ଉପପଦମାନ ସଂଖ୍ୟାବାଚକ ପଦ ସହିତ ଯୁକ୍ତ ହୋଇଥାନ୍ତି ଓ ଏମାନଙ୍କର ବ୍ୟବହାର ଦ୍ୱାରା ସଂଖ୍ୟାବାଚକ ଶବ୍ଦର କେତେକ ସ୍ଥାନରେ ବିକୃତି ଲକ୍ଷିତ ହୁଏ—ଏଓଟି, ଦୁଇଟି, ଦିଟା, ଦୁଇଟା, ଦୋଟି; ତିନିଟା, ତିନୋଟି; ଚାରିଟା, ଚାରୋଟି; ପାଞ୍ଚଟା, ପାଞ୍ଚୋଟି, ପାଞ୍ଚଟା; ଦଶଟା, ଦଶୋଟି, ଦଶଟା, ଦଶଟି ଇତ୍ୟାଦି ।

ସଂଖ୍ୟାବାଚକ ପଦ (୧) ସାଧାରଣ ସଂଖ୍ୟାସୂଚକ ଓ ସଂଖ୍ୟାଗତ ଶ୍ରେଣୀସୂଚକ (୨) ନିର୍ଦ୍ଦିଷ୍ଟ ସଂଖ୍ୟାବାଚକ ବା ଅନିର୍ଦ୍ଦିଷ୍ଟ ସଂଖ୍ୟା-ବାଚକ (୩) ବ୍ୟଷ୍ଟିସୂଚକ ବା ସମଷ୍ଟିସୂଚକ ଓ (୪) ପୂର୍ବନିର୍ଦ୍ଦେଶକ ବା ପୂର୍ବ ନିର୍ଦ୍ଦେଶସ୍ଥାନଭାବରେ ବ୍ୟବହୃତ ହୋଇପାରେ ।

୧ । (କ) 'ଏକ' ଏହି ଶବ୍ଦ ସାଧାରଣ ସଂଖ୍ୟାସୂଚକ, 'ପ୍ରଥମ' ଏହି ଶବ୍ଦ ସଂଖ୍ୟାଗତ ଶ୍ରେଣୀସୂଚକ ଏହିପରି ଦୁଇ-ଦ୍ୱିତୀୟ, ତିନି-ତୃତୀୟ, ଚାରି-ଚତୁର୍ଥ, ପାଞ୍ଚ-ପଞ୍ଚମ, ଛଅ-ଷଷ୍ଠ ଇତ୍ୟାଦି । ଏଠାରେ



Digitized by srujanika@gmail.com

ଲକ୍ଷ୍ୟ କରିବାକୁ ହେବ ଯେ ଅଧିକାଂଶ ଶ୍ରେଣୀସୂଚକ ପଦ ଅବିକୃତଭାବରେ ସଂସ୍କୃତରୁ ଗୃହୀତ ।

(ଖ) ଭିନ୍ନ ଭିନ୍ନ ଅର୍ଥରେ ଏକସଂଖ୍ୟାର ବିଭିନ୍ନ ଶ୍ରେଣୀ ସୂଚକ ଶବ୍ଦ ବ୍ୟବହୃତ ହୋଇଥାଏ—ଏକ, ପ୍ରଥମ, ପହିଲା (ତାରିଖ), ପ୍ରତିପଦ୍ (ତିଥି), ଅଣ୍ଡିଲ ନମ୍ବର (ଜମି), ଏକକ ଇତ୍ୟାଦି; ଦୁଇ-ଦ୍ୱିତୀୟ, ଦୋସରା (ତାରିଖ), ଦୋଜ (ଦୋଜବର), ଦୋୟମ (ଜମି) ଦ୍ୱୟ (ଲୋକଦ୍ୱୟ); ତିନି-ତୃତୀୟ, ତିସରା, ତେଜ (ତେଜବର), ସୋୟମ (ଜମି), ତ୍ରୟ ଇତ୍ୟାଦି, ଚାରି-ଚତୁର୍ଥ, ଚୌଠା, ଚତୁଷ୍ଟୟ ଇତ୍ୟାଦି ।

(ଗ) ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ ପ୍ରଭୃତି ପଦ ଅବିକୃତ-ଭାବରେ ସଂସ୍କୃତରୁ ଗୃହୀତ ହୋଇଥିବାରୁ ଏମାନେ ସ୍ତ୍ରୀଲିଙ୍ଗ ଯୁକ୍ତ ବିଶେଷ୍ୟ ପଦକୁ ବିଶେଷିତ କଲେ ପ୍ରଥମା, ଦ୍ୱିତୀୟା, ତୃତୀୟା, ପ୍ରଭୃତି ରୂପ ଗ୍ରହଣ କରିଥାନ୍ତି—ପ୍ରଥମା ବିଭକ୍ତି, ଦ୍ୱିତୀୟା କନ୍ୟା, ପଞ୍ଚମା ସ୍ତ୍ରୀ, ଇତ୍ୟାଦି, କିନ୍ତୁ ତୃତୀୟ ବାଳିକା, ଚତୁର୍ଥ ସ୍ତ୍ରୀ ମଧ୍ୟ ଭାଷାରେ ଅବାଧରେ ପ୍ରଚଳିତ ।

(ଘ) ଶ୍ରେଣୀସୂଚକ ଶବ୍ଦମାନଙ୍କର ଦ୍ୱିରୁକ୍ତି ଦ୍ୱାରା ଅନିର୍ଦ୍ଦେଶ ବା ପୌନଃପୁନିକତା ସୂଚିତ ହୋଇଥାଏ—ପ୍ରଥମ ପ୍ରଥମ ସେ ହାରିଗଲେ, ପହିଲେ ପହିଲେ ସେ ଭଲ ପଢୁଥିଲେ, ଦୋସରା ଦୋସରା କଥା କହ ନାହିଁ କିନ୍ତୁ ପହିଲ ବା ପ୍ରଥମ ପଦଦ୍ୱାରା ସାଧାରଣତଃ ନିଶ୍ଚିତ ପ୍ରଥମ ଏହି ଅର୍ଥ ସୂଚିତହୁଏ ।

୬। (କ) ସଂଖ୍ୟାବାଚକ ଶବ୍ଦମାନଙ୍କ ମଧ୍ୟରୁ ଅନେକ ଏକାଧିକ, ବହୁତ ପ୍ରଭୃତି ଶବ୍ଦ ଅନିର୍ଦ୍ଦିଷ୍ଟ ସଂଖ୍ୟାବାଚକ ଓ ଏକ, ଦୁଇ, ତିନି, ଚାରି, ପାଞ୍ଚ, ଛଅ ପ୍ରଭୃତି ଶବ୍ଦ ନିର୍ଦ୍ଦିଷ୍ଟ ସଂଖ୍ୟାବାଚକ ।

(ଖ) ନିର୍ଦ୍ଦିଷ୍ଟ ସଂଖ୍ୟାବାଚକ ଶବ୍ଦ ଏକାକୀ, ଦ୍ୱିରୁକ୍ତ ହୋଇ, ବ୍ୟବହାର କ୍ରମର ବ୍ୟତିକ୍ରମଦ୍ୱାରା ଓ ଅନ୍ୟାନ୍ୟ ରୀତିଗତ ବ୍ୟବହାର ଦ୍ୱାରା ଅନିର୍ଦ୍ଦେଶ ସୂଚିତ କରିପାରେ ।

(ଗ) କେତେକ ନିର୍ଦ୍ଦିଷ୍ଟ ସଂଖ୍ୟାବାଚକ ଶବ୍ଦ ଏକାକୀ ବ୍ୟବହୃତ ହୋଇ ମଧ୍ୟ ଅନିର୍ଦ୍ଦେଶ ସୂଚିତ କରି ପାରେ । ଏହିପରି ଅନିର୍ଦ୍ଦେଶ ସୂଚିତ କରିବାକୁ ହେଲେ ସଂଖ୍ୟାବାଚକ ଶବ୍ଦ ସହିତ ଜଣ, ଗୋଟି, ଗୋଟା, ଟି, ଟା, ପ୍ରଭୃତି ସାଧାରଣତଃ ଯୁକ୍ତ ହୁଏ ନାହିଁ—ମୁଁ ତାଙ୍କୁ ଦଶକଥା ଶୁଣାଇ ଦେଲି (ତୁଳନୀୟ, ସେ ଦଶଟା କଥା କହିଲେ), ସେ ବାରଦ୍ୱାର ବୁଲୁଛି (ତୁ: ସେ ବାରଟା ଦ୍ୱାର ବୁଲିଲଣି), ମଣିଷ ହେଲେ ପାଞ୍ଚ ପଇସା ରୋଜଗାର କରିବ (ତୁ: ତାକୁ ପାଞ୍ଚଟା ପଇସା ଦିଅ), ପାଞ୍ଚ ଜଣ ଭଲ ଲୋକ ଡାକ, ପାଞ୍ଚ ଜଣ ପାଞ୍ଚ କଥା କହିବେ; ଏହି ସବୁ ବ୍ୟବହାରରେ ପାଞ୍ଚ ଶବ୍ଦ ସହିତ ଜଣ ଯୁକ୍ତ ହୋଇ ମଧ୍ୟ ଅନିର୍ଦ୍ଦେଶ ସୂଚିତ ହେଉଥିବାରୁ ତାହା ପୂର୍ବବର୍ତ୍ତୀ ନିୟମର ବ୍ୟତିକ୍ରମ ବୋଲି ଗଣ୍ୟ ।

(ଘ) ଓଡ଼ିଆରେ ଅନିର୍ଦ୍ଦିଷ୍ଟ ବହୁତ୍ୱ ସୂଚିତ କରିବା ନିମନ୍ତେ ସାଧାରଣତଃ 'ବାର' ସଂଖ୍ୟାବାଚକ ଶବ୍ଦର ବ୍ୟବହାର କରା-ଯାଏ—ବାରହାନସ୍ତା, ବାରଅଡ଼ୁଆ, ବାରବୁଲା, ବାରଦୁଆର, ବାରଘର, ବାରରକମ କଥା, ବାରହାତ (ସମ୍ପତ୍ତି ବାର ହାତ ହୋଇ ନଷ୍ଟ ହୋଇଗଲା), ବାରଭାଇ ଆଖଡ଼ା, ବୀରଅଡ଼େ ବାର କାମ, ବାର ଲୋକ ବାର କଥା କହିବେ, ବାର ଭୂତ ଲୁଟିନେଲେ, ଇତ୍ୟାଦି ।

(ଙ) ତିନି, ପାଞ୍ଚ, ସାତ, ଦଶ, ସତର, ପଚଶ, ପଚିଶ ପ୍ରଭୃତି ସଂଖ୍ୟାବାଚକ ଶବ୍ଦ ମଧ୍ୟ ଏହିପରି ଅନିର୍ଦ୍ଦିଷ୍ଟ ବହୁତ୍ୱ ସୂଚନା କରି ପାରେ—ତିନି ଅଡ଼ୁଆ ଲାଗିଛି, ତିନି କଥା ନ ଶୁଣିଲେ କଣ ସେ ଯିବ ? ପାଞ୍ଚ ଅଡ଼ୁ ପାଞ୍ଚ ରକମ ଅସୁଛି, ପାଞ୍ଚ ରକମ କଥା ଉଠିବ, ପାଞ୍ଚ ଜଣ ପାଞ୍ଚ କଥା କହିବେ, ସାତ କଚଡ଼ା ନ ଖାଇଲେ ସେ ବିଦ୍ୟା ହୁଏନାହିଁ । ସାତ ପଛେ ଏ ଜମି ପାଚିଲା, ସାତ ସକାଳୁ ସେ କାମ କରୁଛି, ଦଶ ଲୋକ ଦଶ କଥା କହିବେ । ସେ ମୋତେ ସତର ରକମ ଅଡ଼ୁଆରେ ପୁରାଇଲା, ପଚଶ ଲୋକ ଏକାଠି ହେଲେ ସିନା ସଭା ମାନିବ ? ପଚଶ ଲୋକ ଆଗରେ ଏ କଥା କହିବ, ପଚିଶ ରକମ କଥା ଉଠୁଛି ଇତ୍ୟାଦି । କ୍ୱଚିତ୍ ଦୁଇ, ଚାରି ପ୍ରଭୃତି ପଦ ମଧ୍ୟ ଏହିପରି ବ୍ୟବହୃତ ହୁଏ—ଦି କଥା ହାଙ୍କ ଦେବି, ଚାରି କଥା ଶୁଣାଇ ଦେଲି ।

(ଚ) ଶହ, ହଜାର, ଲକ୍ଷ, କୋଟି ପ୍ରଭୃତି ସଂଖ୍ୟାବାଚକ ଶବ୍ଦ ଦ୍ୱିରୁକ୍ତ ହୋଇ ଅନିର୍ଦ୍ଦିଷ୍ଟ ବହୁତ୍ୱ ସୂଚନା କରିଥାଏ—ଶହ ଶହ ଲୋକ ଆସିଲେ, ହଜାର ହଜାର ଯାତ୍ରୀ ଗଲିଛନ୍ତି, ଯୁଦ୍ଧରେ ଲକ୍ଷ ଲକ୍ଷ ଲୋକ ମରନ୍ତି, ଈଶ୍ୱର କୋଟି କୋଟି ପ୍ରାଣୀ ସୃଷ୍ଟି କରନ୍ତି । ଏହି ବାକ୍ୟମାନଙ୍କରେ ଅନିର୍ଦ୍ଦିଷ୍ଟ ବହୁତ୍ୱ ସୂଚିତ ହେଉଅଛି । ଅନ୍ୟାନ୍ୟ ସଂଖ୍ୟା-ବାଚକ ଶବ୍ଦମାନଙ୍କର ଏହିପରି ଦ୍ୱିରୁକ୍ତି ଦ୍ୱାରା ଅନିର୍ଦ୍ଦିଷ୍ଟ ବହୁତ୍ୱ ସୂଚିତ ହୁଏ ନାହିଁ ।

(ଛ) ଅନିର୍ଦ୍ଦିଷ୍ଟ ବହୁତ୍ୱ ସୂଚିତ କରିବା ନିମନ୍ତେ ବ୍ୟବହାର କ୍ରମର ଅନେକ ପ୍ରକାର ବ୍ୟତିକ୍ରମ ସାଧିତ ହୋଇଥାଏ । ଜଣ, ଗୋଟା ପ୍ରଭୃତି ପଦ ସଂଖ୍ୟାବାଚକ ଶବ୍ଦ ପରେ ବ୍ୟବହୃତ ହୋଇ ସାଧାରଣତଃ ନିର୍ଦ୍ଦିଷ୍ଟ ବହୁତ୍ୱ ସୂଚିତ କରେ; ମାତ୍ର ଅନିର୍ଦ୍ଦେଶ ସୂଚନା କରିବା ନିମନ୍ତେ ଏମାନଙ୍କୁ ସଂଖ୍ୟାବାଚକ ପଦର ପୂର୍ବରେ ବ୍ୟବହାର କରାଯାଏ—ଜଣ ପଚିଶ ଲୋକ ଆସିଥିଲେ (ତୁ: ପଚିଶ ଜଣ ଲୋକ ଆସିଥିଲେ), ଗୋଟା ଦଶ ଆମ୍ବ ଦିଅ (ତୁ: ଦଶ ଗୋଟା ଆମ୍ବ ଦିଅ), ଦଶ ତିରିଶ ଲୋକ ମରିଗଲେ (ତୁ: ତିରିଶ ଜଣ ଲୋକ ମରିଗଲେ), ଗୋଟା ପାଞ୍ଚ ନଡ଼ିଆ ଆଣ (ତୁ: ପାଞ୍ଚ ଗୋଟା ନଡ଼ିଆ ଆଣ) ।

(ଜ) ସାଧାରଣତଃ ବିଶେଷିତ ପଦ ସଂଖ୍ୟାବାଚକ ପଦ ପରେ ବ୍ୟବହୃତ ହୁଏ, ମାତ୍ର ଅନିର୍ଦ୍ଦିଷ୍ଟ ବହୁତ୍ୱ ସୂଚିତ କରିବା ନିମନ୍ତେ ଏହି ପଦମାନ ସଂଖ୍ୟାବାଚକ ପଦ ପୂର୍ବରେ ବ୍ୟବହୃତ ହୁଅନ୍ତି—ଆଲମାରିର ଦାମ ଟଙ୍କା ଦଶ ପଡ଼ିବ (ତୁ: ଦଶଟଙ୍କା ପଡ଼ିବ), ଲୋକ



Digitized by srujanika@gmail.com

ତିରିଶ ଆସିଥିଲେ, ଟଙ୍କା ହଜାରେ ଲୋକସାନ ହେଲା, ସେ ଘରେ ପିଲା ଶହେ ଅଛନ୍ତି ।

(ଝ) ଏପରି ସ୍ଥଳରେ 'ଦିନ' ଶବ୍ଦର ବ୍ୟବହାର ଥିଲେ କେତେକ ସ୍ଥଳରେ ତାହା ପରବର୍ତ୍ତୀରେ ଦିନା ବ୍ୟବହୃତ ହୁଏ—ଦିନାଚାରି ତଳେ ସେ ମରିଗଲା (ତୁ: ଚାରି ଦିନ ତଳେ ସେ ମରିଗଲା) । ଦିନାଆଠ ଆଗରୁ ମତେ କହିବ ଇତ୍ୟାଦି, ମାତ୍ର ସଂଖ୍ୟାବାଚକ ଶବ୍ଦ ସହିତ ନିର୍ଦ୍ଦେଶକ ଟା, ଟି ପ୍ରଭୃତି ଯୁକ୍ତ ଥିଲେ ଦିନ ସ୍ଥାନରେ ଦିନା ହୁଏ ନାହିଁ । ଦିନ ଚାରିଟାରେ ସେ ଥକି ଯିବ, ଦିନ ଦଶଟାରେ ଏକା ହୋଇଯିବ । ଏ ସବୁ କ୍ଷେତ୍ରରେ ଅନିର୍ଦ୍ଦେଶ ମଧ୍ୟ ସୁନିର୍ଦ୍ଦିଷ୍ଟ ନୁହେଁ, ମାତ୍ର ଦଶ ଦିନରେ ବା ଦଶଟି ଦିନରେ ଅପେକ୍ଷା ଦିନ ଦଶଟା ମଧ୍ୟରେ ଅନିର୍ଦ୍ଦେଶର ଇଙ୍ଗିତ ରହି ଅଛି ।

(ଞ) ଅନିର୍ଦ୍ଦେଶ ସୂଚିତ କରିବା ନିମନ୍ତେ ଏକତ୍ରରେ ଦୁଇ ଗୋଟି ସଂଖ୍ୟା ବାଚକ ପଦ ବ୍ୟବହୃତ ହୁଏ ଓ ସାଧାରଣତଃ ସଂଖ୍ୟାର କ୍ରମ ମଧ୍ୟ ରକ୍ଷିତ ହୋଇଥାଏ ଅର୍ଥାତ୍ ଅଳ୍ପ ସଂଖ୍ୟାବାଚକ ଶବ୍ଦଟି ପ୍ରଥମରେ ବ୍ୟବହୃତ ହୁଏ—ଦି ଚାରି ଦିନ ରହିଯାଅ, ପାଞ୍ଚ ଛଅ ଜଣ ଲୋକ ଆସିଲେ, ସାତ ଆଠ ଜଣ ଲୋକ ଖୁସି ହୋଇଛନ୍ତି, ବାର ତେର ଜଣ ଲୋକ ଆସୁଛନ୍ତି ଇତ୍ୟାଦି ।

(ଟ) ଏପରି କ୍ଷେତ୍ରରେ ସାଧାରଣତଃ ପର ପର ସଂଖ୍ୟା ଓ ଦଶମିକ ସଂଖ୍ୟା ଥିଲେ ପର ପର ଦଶମିକ ସଂଖ୍ୟାର ବ୍ୟବହାର ଦେଖାଯାଏ—ଦି ତିନି ଦିନ, ଚାରି ପାଞ୍ଚ ଜଣ, ସାତ ଆଠ ଦିନ, ଛଅ ସାତଟା ମାଛ, ଦଶ କୋଡ଼ିଏ ଜଣ ମନୁଷ୍ୟ, ତିରିଶ ଚାଳିଶ ଟଙ୍କା, ପଚାଶ ଷାଠିଏଟା ନଡ଼ିଆ ।

(ଠ) ମାତ୍ର ଟିକି ପର ପର ସଂଖ୍ୟା ବ୍ୟବହୃତ ନ ହୋଇ ପର ସଂଖ୍ୟାର ପରବର୍ତ୍ତୀ ସଂଖ୍ୟାର ମଧ୍ୟ ବ୍ୟବହାର ଦେଖାଯାଏ—ଚାରି ଛଅ ଦିନ, ଆଠ ଦଶ ଜଣ ଲୋକ, ପାଞ୍ଚ ସାତଟା ନଡ଼ିଆ, ପନ୍ଦର ସତରଟା ଗାଈ ।

(ଡ) କେତେକ ବିଶେଷ କ୍ଷେତ୍ରରେ ପରବର୍ତ୍ତୀ ଅନ୍ୟ ସଂଖ୍ୟା ମଧ୍ୟ ବ୍ୟବହୃତ ହୁଏ—ଚାରି ଆଠ ଦିନ ରହିଯାଅ, ଦଶ ଚାଳିଶ ଟଙ୍କା, ପାଞ୍ଚ ଦଶ ଜାଗାରୁ ସମ୍ବନ୍ଧ ଆସିଲା, ପାଞ୍ଚ ପଚାଶ ଗଣି ଦେବ, ଦଶ ତିରିଶଟା ମାଛ, ମାତ୍ର ଏପରି ବ୍ୟବହାର ଅତ୍ୟନ୍ତ ସୀମାବଦ୍ଧ ।

(ଢ) କେତେକ ସ୍ଥଳରେ ବିଶେଷ ଅର୍ଥ ସୂଚିତ କରିବା ନିମନ୍ତେ ସଂଖ୍ୟାମାନଙ୍କର କ୍ରମ ରକ୍ଷିତ ହୁଏ ନାହିଁ—ସେ ସାତ ପାଞ୍ଚ ଭାବିଲା, ମୁଁ ନଅ ଛଅ ଜାଣେ ନାହିଁ, ମାସେ ପନ୍ଦର ଦିନ ରହିଯାଅ, ଜିନିଷ ପତ୍ର ନଅର ଛଅର କରିଦେଲା, ଦଶ ପାଞ୍ଚ ଭାବି କାମ କରିବ, ଦଶ ପାଞ୍ଚ ଜଣ ଲୋକ ଆସିଥିଲେ । ଏହିପରି ବ୍ୟବହାର ମଧ୍ୟ ଅତ୍ୟନ୍ତ ସୀମାବଦ୍ଧ ।

(ଣ) ଅନିର୍ଦ୍ଦିଷ୍ଟ ଏକ ଏହି ଅର୍ଥ ସୂଚିତ କରିବା ନିମନ୍ତେ ଜଣ ଗୋଟି, ଗୋଟା, ଖଣ୍ଡ ପ୍ରଭୃତି ଶବ୍ଦ ସହିତ 'ଏ' ଯୁକ୍ତ ହୁଏ ଓ ଏହି ଶବ୍ଦ ଗୁଡ଼ିକ ସାଧାରଣତଃ ବିଶେଷିତ ଶବ୍ଦର ପୂର୍ବରେ ବ୍ୟବହୃତ ହୁଅନ୍ତି—ଜଣେ ଲୋକ, ଗୋଟିଏ ଗାଈ, ଖଣ୍ଡେ ବାଡ଼ି, ଗୋଟାଏ ମାଛ ।

(ତ) ଅନିର୍ଦ୍ଦେଶକୁ ଆହୁରି ସ୍ପଷ୍ଟ କରିବା କାରଣ ଏହି ଶବ୍ଦ ଗୁଡ଼ିକ ବିଶେଷିତ ପଦର ପରେ ବ୍ୟବହୃତ ହୁଏ—ଲୋକ ଜଣେ ଆସିଥିଲା, ଗାଈ ଗୋଟାଏ ଚରୁଛି, ମାଛ ଗୋଟାଏ ଭାଜି ଆଣ, ବାଡ଼ି ଖଣ୍ଡେ ଆଣ, ପିଲା ଜଣେ ଏଠି ଆସି ଥିଲା, ମାସ ଗୋଟାଏ ଯାଉ ।

(ଥ) 'ଖଣ୍ଡେ' ଶବ୍ଦ କାଳବାଚକ ପଦ ସହିତ ଓ ଏକାଧିକ ସଂଖ୍ୟାସୂଚକ ପଦ ସହିତ ଅନିର୍ଦ୍ଦେଶ ସୂଚିତ କରିବା ନିମନ୍ତେ ଗୋଟିଏ ବିଶେଷ ରୀତି ଅନୁସାରେ ବ୍ୟବହୃତ ହୋଇଥାଏ—ମାସେ ଖଣ୍ଡେ ଯାଉ, ଦି ବର୍ଷ ଖଣ୍ଡେ ଲାଭ ହେଲା, ଦଶଟା ଖଣ୍ଡେ ଟଙ୍କା ଦିଅ, ଦିନେ ଖଣ୍ଡେ ରୁହ ।

(ଦ) 'ଜଣେ', 'ଖଣ୍ଡେ', 'ଗୋଟିଏ' ପ୍ରଭୃତି ପଦ ଦ୍ୱିରୁକ୍ତ ହୋଇ ବ୍ୟବହୃତ ହେଲେ ଗୋଟିଏ ଅନିର୍ଦ୍ଦିଷ୍ଟ ଶ୍ରେଣୀର ଇଙ୍ଗିତ କରେ—ଜଣେ ଜଣେ ଲୋକ ମଦ ଖାଆନ୍ତି. ଗୋଟିଏ ଗୋଟିଏ ମାଛ, ଖଣ୍ଡେ ଖଣ୍ଡେ ବହି ବୁଝି ହୁଏ ନାହିଁ ।

(ଧ) ଏସବୁ କ୍ଷେତ୍ରରେ ଅନିର୍ଦ୍ଦେଶକୁ ସୁସ୍ପଷ୍ଟ କରିବା ନିମନ୍ତେ ବା ବିରଳତା ସୂଚିତ କରିବା ନିମନ୍ତେ ବିଶେଷିତ ପଦ ଦ୍ୱିରୁକ୍ତ ପଦର ପୂର୍ବରେ ବ୍ୟବହୃତ ହୁଏ—ବାଡ଼ି ଖଣ୍ଡେ ଖଣ୍ଡେ ଭାରି ଠାଣ ପଡ଼େ, ମଣିଷ ଜଣେ ଜଣେ ଭାରି ଖଚୁଆ, ମାଛ ଗୋଟାଏ ଗୋଟାଏ ମହଣେ ଓଜନ ହୁଏ ।

(ନ) କୌଣସି ସଂଖ୍ୟାକୁ ନିଶ୍ଚିତ ସୂଚିତ କରିବା ନିମନ୍ତେ 'ମାତ୍ର' ବ୍ୟବହାର କରାଯାଏ—ଜଣେ ମାତ୍ର ଲୋକ, ପାଞ୍ଚ ଖଣ୍ଡ ମାତ୍ର ଘର ଇତ୍ୟାଦି । ଏହା ଦ୍ୱାରା ଅଳ୍ପତାର ଇଙ୍ଗିତ ମଧ୍ୟ ଦିଆଯାଏ ।

(ପ) ନିର୍ଦ୍ଦିଷ୍ଟ 'ଏକ' ସୂଚିତ କରିବା ନିମନ୍ତେ ସାଧାରଣତଃ କାଳବାଚକ ଶବ୍ଦ ପରେ 'କ' ଯୁକ୍ତ ହୁଏ—ରାତିକ ରହିଯାଅ, ଆଜି ଦିନକ ଅପେକ୍ଷା କର ଇତ୍ୟାଦି । ଏପରି ସ୍ଥଳେ 'ଏକ' ଶବ୍ଦ ବ୍ୟବହୃତ ହୋଇ ଥିଲେ 'ଏକ' ସ୍ଥଳରେ 'ଏକା' ହୁଏ—ଏକା ଦିନକେ ଏକା ବର୍ଷକେ ।

(ଫ) କୌଣସି ସଂଖ୍ୟାକୁ ଅନିଶ୍ଚିତ ଭାବରେ ସୂଚିତ କରିବା ନିମନ୍ତେ ଅଥବା ସେହି ସଂଖ୍ୟା ବିଷୟରେ ସନ୍ଦେହ ସୂଚିତ କରିବା ନିମନ୍ତେ ହେବ, ଭଳି, ସରିକି ପ୍ରଭୃତି ନାନା ଶବ୍ଦ ସଂଖ୍ୟାବାଚକ ପଦ ପରେ ବ୍ୟବହୃତ ହୋଇଥାଏ—ବାର ଜଣ ହେବ ଲୋକ, ବାର ଜଣ ସରିକି ଲୋକ, ବାର ଜଣ ପରି ଲୋକ । ଏପରି ସ୍ଥଳେ ପ୍ରାୟ ବ୍ୟବହୃତ ହେଲେ ତାହା ସଂଖ୍ୟାବାଚକ ପଦର ପୂର୍ବରେ ବସେ—ପ୍ରାୟ ବାର ଜଣ ଲୋକ ।

(ବ) ଅନିର୍ଦ୍ଦେଶକୁ ଆହୁରି ସୁସ୍ପଷ୍ଟ କରିବା ନିମନ୍ତେ 'ଜଣ', 'ଗୋଟା' ପ୍ରଭୃତି ଶବ୍ଦ ଓ 'ପ୍ରାୟ' ଏହି ପଦ ସଂଖ୍ୟାବାଚକ ଶବ୍ଦର



Digitized by srujanika@gmail.com

ପୂର୍ବରେ ବ୍ୟବହୃତ ହୋଇ 'ହବ' 'ଭଳ' ପ୍ରଭୃତି ପଦ ସଂଖ୍ୟାବାଚକ ଶବ୍ଦ ପରେ ବ୍ୟବହୃତ ହୁଏ—ପ୍ରାୟ ଦଶ ଜଣ ହବ ଲୋକ, ଗୋଟା ଦଶ ଭଳ ଆମ୍ବ, ଜଣ ପଚିଶ ହବ ଲୋକ, ଗୋଟା ପାଞ୍ଚ ସରକ ଆମ୍ବ ଇତ୍ୟାଦି ।

(ଭ) କୌଣସି ସଂଖ୍ୟାର ଅନଧିକ ଅଥଚ ଅନିଶ୍ଚିତ ସଂଖ୍ୟା ସୂଚିତ କରିବା ନିମନ୍ତେ 'ଯାଏ' ଏହି ଶବ୍ଦ ସଂଖ୍ୟାବାଚକ ଶବ୍ଦ ପରେ ବ୍ୟବହୃତ ହୋଇଥାଏ – ବାର ଜଣ ଯାଏ ଲୋକ ଆସିଲେ, ଦଶଟା ଯାଏ ମାଛ ପଡ଼ିଲେ ।

(ମ) ସଂଖ୍ୟାବାଚକ ପଦ ଅନିର୍ଦ୍ଦିଷ୍ଟ ଭାବରେ ବ୍ୟବହୃତ ହେଲେ ଅନିର୍ଦ୍ଦିଷ୍ଟ ଆଧିକ୍ୟ ବା ଅଳ୍ପତା ସୂଚିତ ହୋଇପାରେ -- ମଣିଷ ହେଲେ ପାଞ୍ଚ ପଇସା ରୋଜଗାର କରିବୁ, ଯଜମାନ ବୃତ୍ତିରୁ ଦି ପଇସା ମିଳେ, ଦି ଦିନ ରହିଯାଅ ।

(ଯ) ଅନେକ ସ୍ଥାନରେ ଅନ୍ୟାନ୍ୟ ପଦର ବ୍ୟବହାର ଦ୍ୱାରା ଏହି ଆଧିକ୍ୟ ବା ଅଳ୍ପତା ସୂଚିତ ହୋଇଥାଏ—ସେ ହାତରେ ଅଚ୍ଛା ଦି ପଇସା କଲାଣି, ଗଣ୍ଡାଏନାକୁ ଗୃହଳି ଦିଅ ।

(ର) ଅନିର୍ଦ୍ଦିଷ୍ଟ ଆଧିକ୍ୟ ବା ଅଳ୍ପତା ଭାବରେ ପ୍ରୟୋଗ ଦ୍ୱାରା ସୂଚିତ ହୁଏ—ଆମେ ସଂସାରକୁ ଦି ଦିନ ସକାଶେ ଆସିଛୁଁ, ଅଢ଼େଇ ଦିନିଆ ଗୃହକର, ଏ କଥା ପଚିଶ ଜଣ ଆଗରେ କହିବ ।

(ଲ) କେତେକ ସଂଖ୍ୟାବାଚ ଶବ୍ଦ ବର୍ତ୍ତମାନ ବିଶେଷ ଅର୍ଥରେ ବିଶେଷ ଶବ୍ଦ ସହିତ ବ୍ୟବହୃତ ହୁଏ—ତେର ଦିନିଆଁ ଯମ, ଚାରିଅଢ଼େ, ଛତିଶ ପାଟକ, ଦଶ ଦିଗକୁ ନାଁ ବାଜୁଚି, ବାର-ଜାତି ତେର ଗୋଳ ଇତ୍ୟାଦି ।

୩ । (କ) ସଂଖ୍ୟାବାଚକ ଶବ୍ଦ ବ୍ୟଷ୍ଟିଗତ ଭାବରେ ବା ସମଷ୍ଟିଗତ ଭାବରେ ବ୍ୟବହୃତ ହୋଇପାରେ । ଅନେକ ସମୟରେ ଭାଷାରେ ଏପରି ବ୍ୟବହାରଗତ ପାର୍ଥକ୍ୟ ସ୍ପଷ୍ଟ ସୂଚିତ ହୁଏ ନାହିଁ । ମାତ୍ର ସ୍ପଷ୍ଟ ଭାବରେ ସମଷ୍ଟି ସୂଚିତ କରିବା ନିମନ୍ତେ 'ଯାକ' ବ୍ୟବହୃତ ହୁଏ—ପାଞ୍ଚ ଜଣଯାକ ଆସ, ଦି ଦିନଯାକ ଉପାସ ରହିଲା ।

(ଖ) ଗୋଟିଏ ପଦର ଅଂଶଗତ ସମ୍ବନ୍ଧ ବା ସମ୍ପୂର୍ଣ୍ଣତା ସୂଚିତ କରିବା ନିମନ୍ତେ ଖଣ୍ଡ, ଗୋଟି ପ୍ରଭୃତି ପଦ ପରେ 'କ' ଯୁକ୍ତ ହୁଏ—ପିଠା ଖଣ୍ଡକ ଖାଇଦିଅ, ଘର ଗୋଟିକ ବୁଲି ଆସିଲି ।

(ଗ) ସମ୍ପୂର୍ଣ୍ଣତାକୁ ସ୍ପଷ୍ଟ କରିବା ନିମନ୍ତେ ଏପରି ସ୍ଥଳେ ଯାକ ମଧ୍ୟ ବ୍ୟବହୃତ ହୋଇଥାଏ—ପିଠା ଖଣ୍ଡକଯାକ ଖାଇଦେଲା, ଘର ଗୋଟାକଯାକ ଅଳିଆ ହୋଇଛି ।

(ଘ) 'ପ୍ରତ୍ୟେକ' ଏହି ଅର୍ଥ ସୂଚିତ କରିବା ନିମନ୍ତେ ମଧ୍ୟ ସମୟ ସମୟରେ ସଂଖ୍ୟାବାଚକ ଶବ୍ଦ ପରେ ଖଣ୍ଡ, ଗୋଟି ପ୍ରଭୃତି ଶବ୍ଦ ସହିତ 'କ' ଯୁକ୍ତ ହୋଇଥାଏ—ଆଖୁ ଖଣ୍ଡକ ଦି ପଇସା, ଛେଳି ଗୋଟା ଚାରି ଟଙ୍କା ।

(ଙ) ବହୁ ସଂଖ୍ୟକ ପଦାର୍ଥର ସମଷ୍ଟିଗତ ପୁନରାବୃତ୍ତି ସୂଚିତ କରିବା ନିମନ୍ତେ ଦ୍ୱିରୁକ୍ତ କରି ଯାଇଥାଏ ଏପରି ସ୍ଥଳରେ ସାଧାରଣତଃ 'କରି' ଯୁକ୍ତ ହୁଏ—ଦୁଇ ଦୁଇ କରି ଆସ, ଦଶ ଦଶ ଜଣ ଅସ, କୋଡ଼ିଏ କୋଡ଼ିଏ ଥାକ କର, ଦଶ ଦଶ କରି ରଖ, ଛଅ ଛଅ ଜଣ କରି ଦୌଡ଼ ।

(ଚ) ନିର୍ଦ୍ଦିଷ୍ଟ ସଂଖ୍ୟାର ବିଭିନ୍ନ ବସ୍ତୁମାନଙ୍କର ପ୍ରତ୍ୟେକକୁ ସୂଚିତ କରିବା ନିମନ୍ତେ 'ଯାକ' ବ୍ୟବହୃତ ହୁଏ—ଦଶଟିଯାକ ପିଲା ଅଛ (ଦଶରୁ ପ୍ରତ୍ୟେକ) ।

(ଛ) ଅନିର୍ଦ୍ଦିଷ୍ଟ ସଂଖ୍ୟାର ବିଭିନ୍ନ ବସ୍ତୁମାନଙ୍କର ପ୍ରତ୍ୟେକ ସୂଚନା କରିବା ନିମନ୍ତେ 'ଗୋଟିକଠୁଁ' ବ୍ୟବହୃତ ହୋଇଥାଏ—ପିଲାମାନେ ଗୋଟିକଠୁଁ ଖାଇଲେଣି, ଆମ୍ବଗୁଡ଼ିକ ଗୋଟିକଠୁଁ ଖଟା । ଏପରି ସ୍ଥଳେ ସମସ୍ତ, ସବୁ ପ୍ରଭୃତି ପଦ ମଧ୍ୟ ବ୍ୟବହୃତ ହୁଏ ।

(ଜ) ଓଡ଼ିଆରେ କେତେକ ସମଷ୍ଟି ସୂଚକ ସଂଖ୍ୟା ନିର୍ଦ୍ଦେଶକ ପଦ ବ୍ୟବହୃତ ହୁଅନ୍ତି—ଡଜନ, ଯୋଡ଼ି, ଗଣ୍ଡା, ପୁଞ୍ଜା, ପଣ ହଜାର, ଶହ ଇତ୍ୟାଦି

(ଝ) ଏପରି ପଦମାନଙ୍କ ସହିତ ସମଷ୍ଟିଗତ ଏକତ୍ୱ ନିର୍ଦ୍ଦେଶ କରିବା ନିମନ୍ତେ 'ଏ' ଯୁକ୍ତ ହୋଇଥାଏ—ଯୋଡ଼ିଏ, ଗଣ୍ଡାଏ, ଡଜନେ, ଶହେ ଟଙ୍କା, ହଜାରେ ଟଙ୍କା ।

(ଞ) ସମଷ୍ଟିସୂଚକ ସଂଖ୍ୟାବାଚକ ପଦ ସହିତ ସାଧାରଣ ସଂଖ୍ୟାବାଚକ ପଦ ମଧ୍ୟ ବ୍ୟବହୃତ ହୋଇଥାଏ— ଦି ଡଜନ, ଛଅ ଗଣ୍ଡା, ଚାରି ପୁଞ୍ଜା, ପାଞ୍ଚ ଶହ, ଦଶ ପଣ ।

(ଟ) ପ୍ରାଣୀବାଚକ ଶବ୍ଦ କ୍ଷେତ୍ରରେ ଯୋଡ଼ି ବା ଯୋଡ଼ା ଶବ୍ଦ ସହିତ ସଂଖ୍ୟାବାଚକ ଶବ୍ଦ ଯୁକ୍ତ ହେଲେ ସାଧାରଣତଃ ପୁରୁଷ ଓ ସ୍ତ୍ରୀ ଉଭୟ ପ୍ରକାରର ସମାନ ସଂଖ୍ୟକ ପ୍ରାଣୀ ସୂଚିତ କରେ—ପାଞ୍ଚ ଯୋଡ଼ା ମୟୂର, ଦି ଯୋଡ଼ା ହରିଣ, ପାଞ୍ଚ ଯୋଡ଼ା କୁକୁର ଇତ୍ୟାଦି । ଅନ୍ୟ କ୍ଷେତ୍ରରେ ଦୁଇ ଗୋଟି କରି ବ୍ୟବହୃତ ପଦାର୍ଥର ସେଟ ସୂଚିତ କରେ—ଦି ଯୋଡ଼ା ବାଲା, ପାଞ୍ଚ ଯୋଡ଼ା ଜୋତା, ଦଶ ଯୋଡ଼ା ମୌଜା, ଚାରି ଯୋଡ଼ା ଗାଡ଼ର ଇତ୍ୟାଦି । ମାତ୍ର ଲୁଗା ସ୍ଥଳରେ ଯୋଡ଼ା ଓ ଯୋଡ଼ି ବିଶେଷ ଅର୍ଥରେ ବ୍ୟବହୃତ ହୁଏ—ପାଞ୍ଚ ଯୋଡ଼ା ଲୁଗା (ଦଶ ଖଣ୍ଡ ), ପାଞ୍ଚ ଯୋଡ଼ି ଲୁଗା (ଲୁଗା ଚଦର ପ୍ରତ୍ୟେକରୁ ପାଞ୍ଚ ଖଣ୍ଡ)

୪ । (କ) ପୂର୍ବ ନିର୍ଦ୍ଦିଷ୍ଟ କୌଣସି ପଦାର୍ଥକୁ ସୂଚିତ କଲେ ସଂଖ୍ୟାବାଚକ ଶବ୍ଦମାନଙ୍କ ସହିତ ସାଧାରଣତଃ ଜଣ, ଟି, ଟା ପ୍ରଭୃତି ନିର୍ଦ୍ଦେଶକ ଯୁକ୍ତ ହୁଏ ଓ ତାହା ସହିତ ସମୂହ ସୂଚକ 'ଯାକ' ମଧ୍ୟ ଯୁକ୍ତ ହୋଇଥାଏ । ପାଞ୍ଚ ଜଣଯାକ ପିଲା ବେମାର ହେଲେ, ପାଞ୍ଚୋଟି ଯାକ ନଡ଼ିଆ ପଚିଗଲା, ଦି ଖଣ୍ଡଯାକ ବାଡ଼ି ଭାଙ୍ଗିଗଲା, ଦଶ ଜଣଯାକ ଲୋକ ଆସିଚନ୍ତି ।

(ଖ) ପୂର୍ବ ନିର୍ଦ୍ଦିଷ୍ଟ ପଦାର୍ଥର ସମ୍ବନ୍ଧ ସୁସ୍ପଷ୍ଟ ଭାବରେ ପ୍ରକାଶ କରିବା ନିମନ୍ତେ ସଂଖ୍ୟା ବାଚକ ପଦର ଦ୍ୱିରୁକ୍ତି କରି ଯାଇ ପୂର୍ବ ସଂଖ୍ୟାବାଚକ ପଦ ସହିତ 'ଯୁ' ଯୁକ୍ତ କରିଯାଏ—ପାଞ୍ଚ ଜଣକୁ



Digitized by srujanika@gmail.com

ପାଞ୍ଚ ଜଣ ପାଗଳ, ଦଶ ଜଣଙ୍କ ଦଶ ଜଣ ଚିନ୍ତା ବେମାର ହେଲେ । ଏହିପରି ବ୍ୟବହାରରେ 'ଏକ' ସଂଖ୍ୟା ଥିଲେ ପ୍ରତ୍ୟେକ ଓ ସଂଖ୍ୟା ବାଚକ କୌଣସି ପଦ ସ୍ପଷ୍ଟ ଲିଖିତ ନ ଥିଲେ ଏକ ପରେ ଏକ ଏହିପରି ବନ୍ଧ ଏହି ଅର୍ଥ ସୂଚିତ କରେ । ଏକକୁ ଏକ ସରସ, ଜଣକୁ ଜଣ ଆସିଲେ, ଗୋଟାକୁ ଗୋଟା ସହର ଦଖଲ କଲେ, ଖଣ୍ଡକୁ ଖଣ୍ଡ ଭାଙ୍ଗିଗଲା ।

(ଗ) ପୂର୍ବ ନିର୍ଦ୍ଦିଷ୍ଟ ପଦାର୍ଥ ସୂଚନା କରିବା ନିମନ୍ତେ ସମସ୍ତ ସମୟରେ ପଦାର୍ଥବାଚକ ପଦଟି ସଂଖ୍ୟାବାଚକ ପଦର ପୂର୍ବରେ ବ୍ୟବହୃତ ହୁଏ—ବାଡ଼ି ଦି ଖଣ୍ଡ ଆଣ, ଟଙ୍କା ପାଞ୍ଚଟା ଦିଅ (ଭୁ: ପାଞ୍ଚଟା ଟଙ୍କା ଦିଅ) ଗାଈ ଛଟା ମରିଗଲା, ଗଉଡ଼ ଚାରି ଜଣ ଆସିଲେଣି ଇତ୍ୟାଦି ।

(ଘ) ପୂର୍ବ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ସର୍ବନାମ ପଦଦ୍ୱାରା ନିର୍ଦ୍ଦେଶିତ କଲେ ସେମାନଙ୍କର ସଂଖ୍ୟାର ସମ୍ପୂର୍ଣ୍ଣତା ସୂଚାଇବା ନିମନ୍ତେ 'ହେଁ,' 'ଯାକ' ପ୍ରଭୃତି ବ୍ୟବହୃତ ହୁଏ ଆମେ ଚାରି ଜଣ ଯାକ ଯିବୁଁ, ସେମାନେ ଚାରିହେଁ ଆସିଲେଣି, ତୁମେ ଚାରି ଜଣଯାକ ଆସ ଇତ୍ୟାଦି ।

# ରିକ୍ତତାର ଗୌରବ

ଶ୍ରୀ ମାୟାଧର ମାନସିଂହ

ଭାଗ୍ୟ-ଭାର ଯା ନ ଦେଇଛ ମାଥେ
ଶ୍ରେଷ୍ଠ ଆଶିଷ ମୋରେ
ନୁଆଁଇଁ ପାରିବି ସହଜେ ଏ ଶିର
ହେ ନାଥ ତୋ ପଦତଳେ ।

ଆସନ ଭୂଷଣ ନ ଦେଇ କରିଛ
ଜୀବନ ମୁକ୍ତଭାର
ହେ ଦେବ ସେ ଯୋଗୁଁ ଦେଉଳେ ତୁମର
ସହଜ ମୋ ଅଭିସାର ।
ଧଡ଼ିବାକୁ ପଛୁ ରଖି ନା ଯେ କିଛି
ବିପୁଳ ଏ ଜଗତରେ
ପରମ ଭାଗ୍ୟ ମୋରେ ।

ଶୂନ୍ୟ ରଖିଛ ପାତ୍ର ମୋର ଯା'
କୃତଜ୍ଞ ସେଥି ପାଇଁ
ପୂର୍ଣ୍ଣ ହେବ ତା' କାଲେ ବା ତୋହର
କରୁଣା-କଣିକା ପାଇ ।
ରିକ୍ତ ଜୀବନ ଦେଇଣ ଗଣ୍ଡ
ଭରିଆଇଛ ଲୋତକରେ
ଭାଗ୍ୟ ସେ ଜୀବନରେ ।

ବହୁ ଦିନ ପରେ ଜାଣିଲି ତଥ୍ୟ
ସତ୍ୟ ପାଇଲି ବୁଝି
ଦୁର୍ଦ୍ଦିନେ କିପାଁ ଡ଼ାକିଛୁ ତୁମରେ
ଲୋତକେ ନେତ୍ର ବୁଜି ।
ନିସଙ୍ଗ କରି ସଙ୍ଗ ତୁମର
ଖୋଜାଇଲ ଆଖି ଜଳେ
ଭାଗ୍ୟ ବୋଲିବି କାରେ ?



Digitized by srujanika@gmail.com

# ଦୁନିଆ ରୀତି ଏ

(୨)

ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜ

"There is pleasure in madness which none but madmen know"

*Shakespeare*

ଗଲା ଥର ଏ ଦୁନିଆରେ 'ବକ୍ରତା' କଥା କହୁଥିଲି। ଆଜି ଦୁନିଆର ଆଉ ଏକ ରୀତି କଥା କହିବି। ଆମେରିକାର ଜଣେ ଚିନ୍ତାଶୀଳ ଲେଖକ କହିଛନ୍ତି ଯେ ଦୁନିଆରେ ଯେତେ ଅଘଟଣ ଘଟନା ଘଟେ ଓ ଯେତେ ଅଦ୍ଭୁତ ପାଠ ନେଇ ଆମକୁ ଘାଣ୍ଟି ହେବାକୁ ହୁଏ, ସେ ସବୁ ଦେଖି ଲୋକେ କାହିଁକି ଯେ ପାଗଳ ହୋଇ ନ ଯାଆନ୍ତି, ଏହା ହିଁ ଆଶ୍ଚର୍ଯ୍ୟ ବିଷୟ। ସଂସାରରେ ପ୍ରତିଦିନ ଏପରି ସବୁ ଅସଙ୍ଗତ କଥାକୁ ଯେବେ ଦୃଢ଼ରୂପେ ଭାବନ୍ତି ତେବେ ଦେଖି ପାରନ୍ତି ଯେ, ଏ ଦୁନିଆରେ ଧର୍ମ, ସତ୍ୟ, କୃତଜ୍ଞତା, ସହୃଦୟତା, ନିଷ୍ଠା, ନିଃସ୍ୱାର୍ଥ କର୍ମ ଆଦି ଚିଜର ଏକାନ୍ତ ଅଭାବ। ଦେଖୁଥାଉଁ ଯେ ଅଧର୍ମ ବୃତ୍ତି ବହୁତ ବଢ଼ୁଛି, ପରର ଅପକାରୀ ବ୍ୟକ୍ତିର ଉନ୍ନତି ହେଉଛି, ଅଯୋଗ୍ୟ ବ୍ୟକ୍ତି ଯୋଗ୍ୟ ବ୍ୟକ୍ତି ଅପେକ୍ଷା ଉଚ୍ଚତର ଆସନ ପାଉଛି, ଧର୍ମଧ୍ୱଜୀ ବ୍ୟକ୍ତି ପାଦ-ପୂଜା ପାଉଛି, ଯେଉଁ ବ୍ୟକ୍ତି ଅତି 'ଭଲ ଲୋକ' ତାହାର ଉପରେ ଖଳ ଦୁର୍ଜନଙ୍କର ଓ ସଂସାରର କୋଡ଼ମାଡ଼ ବର୍ଷା ପଡ଼ୁଛି, ଦୋଷୀ ଲୋକ ବେକସୁର୍ ଖଲାସ ପାଉଛି, ନିର୍ଦ୍ଦୋଷୀ ଲୋକ ଦଣ୍ଡ ପାଉଛି; ଆମେ ପିଲା ଦିନରୁ ବାପମାଆଙ୍କଠାରୁ, ଗୁରୁଙ୍କଠାରୁ, ବହି ପାଠରୁ, ଶାସ୍ତ୍ରରୁ ଯାହା ଯାହା ଇଲମ୍ ହାସଲ କରିଥାଉଁ, ସଂସାରରେ ପଶି ଦେଖିଲା ବେଳକୁ ଅନେକ ସ୍ଥଳରେ ସେ ସବୁ ସରଜମିନ୍‌ରେ ମେଳ ଖାଉନାହିଁ। ଏ ସବୁ ଦେଖି ମନୁଷ୍ୟର ପାଗଳ ହୋଇଯିବା ସ୍ୱାଭାବିକ ନୁହେଁ କି? ପିଲା ଦିନେ ଜଣେ ବାଉରୁଲା ବାୟା ଲୋକ ଆମ ଗାଆଁରେ ଆସି ଦିନାକେତେ ରହିଥିଲା। ତାକୁ ଯେ ଯାହା ଦେଉଥିଲା ସେ ତାହା ଖାଉଥାଏ; ସେ ଅଧିକାଂଶ ସମୟ ଆନନ୍ଦରେ କାଳ କାଟୁଥାଏ; କେହି ତାକୁ ଗାଳି ଦେଲେ ବା ନିନ୍ଦା କଲେ ସେ ଦୁଃଖ ପ୍ରକାଶ କରୁ ନଥାଏ। ସେ କହୁ ଥାଏ "ସଂସାର କହୁଛି ମୁଁ ବାୟା, ମୁଁ କହୁଛି ସଂସାର ବାୟା"। କଥାଟି ଏକା ମୋ ମନକୁ ଖୁବ୍ ପାଇଲା। ସଂସାରରେ ପନ୍ଦର ପଣ ଉଣେଇଶି ଗଣ୍ଡା ଲୋକେ ଯେଉଁ ଯେଉଁ ଲକ୍ଷ୍ୟ ପ୍ରତି ଜୀବନ ମୁରୁଛି ହୋଇ ଦଉଡ଼ୁଥାଆନ୍ତି, ସେ ସବୁର ବିଷୟ ଦୃଢ଼ଭାବରେ ଚିନ୍ତା କଲେ ଦେଖାଯିବ ଯେ, ବୋଧହୁଏ ସେମାନେ ପାଗଳ, ନଇଲେ ଆମେ ଦେଖଣାହାରୀ ପାଗଳ। ବାଉଳା, ପାଗଳ ବା ବାୟା କାହାକୁ ବୋଲାଯାଏ? ତୁମେ ଆମେ ସଂସାରର ବିଷୟମାନଙ୍କୁ ଯେଉଁ ଦୃଷ୍ଟି କୋଣରୁ ଦେଖୁଁ, ଯେଉଁ ବ୍ୟକ୍ତି ସେ ଦୃଷ୍ଟି କୋଣରୁ ସେ ବିଷୟମାନଙ୍କୁ ନ ଦେଖେ, ତାକୁ ଆମେ 'ବାୟା' ଉପାଧି ଦେଉଁ। ସେ ମଧ୍ୟ ଆମକୁ ବାୟା ବୋଲି ସ୍ଥିରକରେ। ଲୋକ ବାୟା ହୁଏ କାହିଁକି? ସଂସାରରେ ଯେତେବେଳେ ଏପରି ଏକ ବା ବହୁ ଘଟନା ଘଟିଯାଏ, ଯାହାର ମନବୋଧିଆ କାରଣ ବା ସନ୍ତୋଷଜନକ କୈଫିୟତ୍ ଲୋକ ସ୍ଥିର କରି ନ ପାରେ ଓ ତାକୁ ସେ ଘଟନା ଭାରି ଅଡ଼ୁଆ ଲାଗେ, ସେତେବେଳେ ସେ ଘାବରେଇ ଯାଏ, ତାର ବହୁକାଳ ପୋଷିତ ଧାରଣାଗୁଡ଼ିକ ଉବେଇ ଯାଏ, ତାର ପିଲା ଦିନରୁ ଶିଖିଥିବା ହରଗୁଣ ଫେଡ଼ାମିଶା ହିସାବ ସବୁ ଗୋଳିଆ ପୋଳିଆ ହୋଇଯାଏ, ସେତେବେଳେ ସେ ବାୟା ହୋଇଯାଏ। ଅନେକ 'ବାୟା' ଲୋକଙ୍କ ଚାଲିଚଳଣି, ଭାବଧାରା, ଚିନ୍ତାଶକ୍ତି, କାର୍ଯ୍ୟକଳାପ ଓ ଯୁକ୍ତିପନ୍ଥା ମୁଁ ନିରୀକ୍ଷଣ କରି ଦେଖିଛି ଯେ, ବାୟାଙ୍କର ଚିନ୍ତାଶକ୍ତିକୁ ଆମେ ଗୋଡ଼ାଇ ପାରୁଁ ନାହିଁ ବୋଲି, ତାଙ୍କ ଯୁକ୍ତି ପାହାଞ୍ଚରେ ଆମେ ଉଠି ପାରୁନାହିଁ ବୋଲି ଆମକୁ ସେସବୁ ଅଡ଼ୁଆ ଲାଗେ ଓ ଆମେ ତାଙ୍କୁ 'ବାୟା' ଉପାଧି ଦେଇ ସେ ସବୁ ଅଡ଼ୁଆରୁ ନିଜକୁ ରକ୍ଷା କରୁଁ। ଯେଉଁ ବ୍ୟକ୍ତି ଦିନକୁ ରାତି ବୋଲି କହେ, ରାତିକୁ ଦିନ ବୋଲି କହେ ତାକୁ ଆମେ କହୁଁ ବାୟା। କିନ୍ତୁ ଥରେ ଦୃଢ଼ ଭାବରେ ଚିନ୍ତାକଲେ ଦେଖି ପାରିବା ଯେ ଅନେକ ସମୟରେ ଶେଷରେ ଆମେ ବାୟା ବୋଲି ପ୍ରମାଣିତ ହେଉଁ ଓ 'ବାୟା' ଯାହା କହିଥାଏ ତାହା ଠିକ୍ ଥିବା ପ୍ରମାଣିତ ହୁଏ। ଏଣେ ମଧ୍ୟ ଦେଖାଯାଏ ଯେ ଏ ଦୁନିଆରେ ଦୁଇ ମୁଣ୍ଡ ସମାନ। ସଭ୍ୟତାର ଉଚ୍ଚତମ ସୋପାନରେ ଆରୋହଣ କରି ଆଜି ଜଗତରେ ଯେଉଁ ସବୁ ତାଣ୍ଡବଲୀଳାର ଅଭିନୟ ହେଉଛି, ସେଥିରୁ ବୁଝା ଯାଉଅଛି ଯେ, ଯାହାକୁ ଆମେ ମାର୍ଜିତ ସଭ୍ୟତା ଆଖ୍ୟା ଦେଇଥିଲୁଁ, ତାହାର ପରିଣତି ହେଲା ବର୍ବରତା। ଯାହାକୁ ବିଚାରୁଥାଉଁ ଘୋର କଳିଯୁଗର ଶେଷ, ତାହା ହିଁ ସତ୍ୟଯୁଗର ଆରମ୍ଭ। ଏହିପରି ଦୁନିଆର ରୀତି ଚାଲିଥିଲା, ଚାଲିଛି ଓ ଚାଲିଥିବ। ଆଜି ଏତିକି।

(ଚାଲିବ)



Digitized by srujanika@gmail.com

# ମନୁଷ୍ୟତା

**ଶ୍ରୀ କାଳିଆ ପାଣିଗ୍ରାହୀ**

ବିଶ୍ୱ ସୃଷ୍ଟିରେ ମାନବର ସ୍ଥାନ ସର୍ବୋଚ୍ଚ, ଏହା ସର୍ବଧର୍ମ, ସର୍ବକାଳ ଓ ସର୍ବଦେଶସମ୍ମତ ଅଟେ । ସଂସାରରେ ନରଜନ୍ମ ଦୁର୍ଲଭ ଅଟେ । ଜୀବନର ସାଧନା ବଳରେ ହେଉ ବା କରୁଣାମୟଙ୍କ ଅନୁଗ୍ରହରୁ ହେଉ ଜୀବ ନରଦେହ ଧାରଣ କରେ । ଭଗବତ୍ ଲାଭ ନିମନ୍ତେ ମନୁଷ୍ୟରୂପଧାରଣହିଁ ଏକ ମାତ୍ର ପଥ । ମାନବତ୍ୱପ୍ରାପ୍ତି ବିନା ଧର୍ମସାଧନ ଅସମ୍ଭବ । ମନୁଷ୍ୟର ଏହି ଅଦ୍ୱିତୀୟ ଓ ସର୍ବୋତ୍କୃଷ୍ଟ ସ୍ଥାନକୁ ଲକ୍ଷ୍ୟ କରି ଚଣ୍ଡୀ ଦାସ ଗାଇ ଥିଲେ,

> ଶୁନହ ମାନୁଷ ଭାଇ
> ସବାର ଉପରେ ମାନୁଷ ସତ୍ୟ
> ତାହାର ଉପରେ ନାଇ ।

ଏହି ଭାବଟିକୁ ଅଧିକ ଦୃଢ଼ କରି ରୁଷିୟାର ପ୍ରସିଦ୍ଧ ଲେଖକ ମାକ୍ସିମ ଗର୍କୀ କହିଛନ୍ତି, "I am a man of earth, and outside of its men there is nothing I desire to know. Books bring me in friendly and magnanimous contact with men, inspire me with respect for them, and ever deepen my interest in man, master of the earth, creator of all that is fine and great on it." ଖ୍ରୀଷ୍ଟିୟାନ ଧର୍ମ ଗ୍ରନ୍ଥରେ ଲେଖାଯାଇଛି Man was made in the image of God.

୨। ସୃଷ୍ଟିର ଆରମ୍ଭରେ ମନୁଷ୍ୟ ନାମକ କୌଣସି ଜୀବ ନ ଥିଲା । ସୃଷ୍ଟି ଇତିହାସରେ ମାନବ ଜାତିର ଆବିର୍ଭାବ ଅତି ବିଳମ୍ବରେ ଘଟିଥିଲା । ବାଇବେଲ ମତ ଅନୁସାରେ ଭଗବାନ ଅନ୍ୟାନ୍ୟ ସୃଜନା କରିସାରିବା ପରେ, ଷଷ୍ଠଦିନ ମନୁଷ୍ୟକୁ ସୃଷ୍ଟି କରି ସଂସାରକୁ ପଠାଇଥିଲେ । ମାନବ ମନୁଙ୍କଠାରୁ ଜାତ ବୋଲି ହିନ୍ଦୁଧର୍ମଶାସ୍ତ୍ର କହେ । ମାନବ ଜାତିର ଏହି ବିଳମ୍ବ ଆବିର୍ଭାବ ସମ୍ବନ୍ଧରେ ଜୀବବିଜ୍ଞାନ ମଧ୍ୟ ସେହିପରି ମତ ପ୍ରଦାନ କରେ । ବିବର୍ତ୍ତନବାଦ ଅନୁସାରେ ମାନବ ସର୍ବଶେଷରେ ଜଗତକୁ ଆସିଥିଲା । ତେଣୁ ମାନବ ବାନର ବଂଶଧର ବୋଲି ଡାରଉଇନ୍ ପ୍ରଭୃତି ବୈଜ୍ଞାନିକମାନଙ୍କର ଅଭିମତ ।

୩। ଜୀବଜନ୍ତୁମାନଙ୍କ ମଧ୍ୟରେ ମନୁଷ୍ୟ ଗୋଟିଏ ଜୀବ । ଜୀବନଧାରଣ ନିମନ୍ତେ ଅନ୍ୟ ଜନ୍ତୁମାନଙ୍କ ପରି ମନୁଷ୍ୟକୁ ମଧ୍ୟ କେତେ ପ୍ରକୃତିଗତ ନିୟମ ପାଳନ କରିବାକୁ ହୁଏ । ପ୍ରାଣଧାରଣ ନିକାଶେ ତାହାକୁ ଅନ୍ୟ ପଶୁମାନଙ୍କ ପରି ଆହାର କରିବାକୁ ହୁଏ । ଅନ୍ୟ ଜୀବମାନଙ୍କ ପରି ମନୁଷ୍ୟ ମଧ୍ୟ ତାହାର ବଂଶ ଅଭିବୃଦ୍ଧି କରେ । ମନୁଷ୍ୟର ଯୋଡିଏ ପାଦ, ଏହାହିଁ ମନୁଷ୍ୟର ପଶୁଠାରୁ ଗୋଟିଏ ବିଶେଷ ପ୍ରଭେଦ । ମନୁଷ୍ୟର ଅନ୍ୟ ଏକ ନାମ "ଦୁଇ ଗୋଡ଼ିଆ ଜନ୍ତୁ" । ଶାରୀରିକ ଗଠନରେ ମନୁଷ୍ୟ ପଶୁ ପକ୍ଷୀଠାରୁ କେତେ ଗୁଡ଼ିଏ ବିଷୟରେ ପୃଥକ୍ ହୋଇଥିଲେ ସୁଦ୍ଧା, ସେହି ଏକ ପ୍ରକାର ଜୈବିକ ନିୟମ ଦ୍ୱାରା ହିଁ ଉଭୟଙ୍କ ଶରୀର ବଞ୍ଚି ରହେ । ଗୋରୁ ଘାସ ଖାଇ ଯେପରି ନିଜକୁ ବଞ୍ଚାଇ ରଖେ, ମନୁଷ୍ୟ ଭାତ ଖାଇ ନିଜକୁ ସେହିପରି କେବଳ ବଞ୍ଚାଇ ରଖେ । ଗାଈର କ୍ଷୀର ଖାଇ ବାଛୁରି ବଞ୍ଚିଲା ପରି ମାତାର ସ୍ତନ୍ୟ ପାନ କରି ମାନବ ଶିଶୁ ବଞ୍ଚେ । ବୃକ୍ଷ ନୀଡ଼ରେ କପୋତ କପୋତୀଙ୍କ ଦାମ୍ପତ୍ୟ ଲୀଳାର ପରିଣାମ ସ୍ୱରୂପ ଯେପରି ପକ୍ଷୀ ଶାବକ ଜାତ ହୁଏ, ସେହି ଏକ ପ୍ରାକୃତିକ ନିୟମର ଅଧୀନ ହୋଇ ମାନବଦମ୍ପତି ପୁତ୍ର କନ୍ୟା ଲାଭ କରନ୍ତି । ଆହାର ମୈଥୁନରେ ମାନବ ସମାଜରେ ପଶୁ ସମାଜ ଅପେକ୍ଷା ଆକାରଗତ ପାର୍ଥକ୍ୟ ଥିଲେ ସୁଦ୍ଧା, ମୂଳରେ ଓ ପରିଣାମରେ ସେହି ସବୁ ଏକ ଓ ସମାନ । ସେ ହେତୁରୁ ମନୁଷ୍ୟ ଆହାରକୁ ଯେତେ ରୁଚିକର କରୁ, ଜନନ ପ୍ରକ୍ରିୟାକୁ ଯେତେ ରୋମାଞ୍ଚକର ପ୍ରଚ୍ଛନ୍ନ ବେଶ ପ୍ରଦାନ କରୁ, ପଶୁଠାରୁ ସେ କେବେ ପୃଥକ୍ ହୋଇ ପାରିବ ନାହିଁ । ଅଙ୍ଗୁଳ ପରିବର୍ତ୍ତେ ଚାମଚ ଓ କଣ୍ଟା ବ୍ୟବହାର କଲେ ମାତ୍ରେ ମନୁଷ୍ୟ ପଶୁତ୍ୱରୁ ଉଦ୍ଧାର ପାଇ ନ ପାରେ । ଏକପତ୍ନୀବ୍ରତ ହୋଇ ସୁଦ୍ଧା ସେ ପାଶବିକ ଇନ୍ଦ୍ରିୟଲାଳସାରୁ ମୁକ୍ତ ହୁଏ ନାହିଁ । ଭୌତିକ ଜୀବନ ଧାରଣ ନିମନ୍ତେ, ରକ୍ତ ମାଂସର ଶରୀରକୁ ବଞ୍ଚାଇବା ନିକାଶେ ମନୁଷ୍ୟକୁ ପଶୁ ଆଚରଣ କରିବାକୁ ହୁଏ । ଏହା ପ୍ରକୃତିର ଆଦେଶ । ମନୁଷ୍ୟ ପ୍ରକୃତିର ଶିଶୁ ହୋଇ ଇହସଂସାରରେ କାଳ କଟାଇବା ଅସମ୍ଭବ । ପ୍ରକୃତିର ନିୟମକୁ ନ ମାନିଲେ ପ୍ରାକୃତିକ ଶରୀରକୁ ତ୍ୟାଗ କରିବାକୁ ମନୁଷ୍ୟ ବାଧ୍ୟ । ମାତ୍ର ଏପରି ଆତ୍ମଘାତୀ ପଦ୍ଧତି ଅନୁସରଣ କରିବାକୁ ସେ ପ୍ରସ୍ତୁତ ନୁହେ ।

୪। ମନୁଷ୍ୟ ପଶୁ ସତ୍ୟ, ମାତ୍ର ତା ସଙ୍ଗେ ସଙ୍ଗେ ସେ ପଶୁଠାରୁ ଆଉ କିଛି ଅଧିକ । ଦେହହିଁ ମନୁଷ୍ୟର ସର୍ବସ୍ୱ ନୁହେ । ଦେହ ବ୍ୟତୀତ ଆଉ କିଛି ଅଛି ଯାହା ହେତୁରୁ ତାହାର ପଶୁତ୍ୱ ମନୁଷ୍ୟତ୍ୱରେ ପରିଣତ ହୋଇ ପାରୁଛି । ତାହା ହେଉଛି ତାହାର ମନ । ମନର ଅବସ୍ଥାନ ନିମନ୍ତେ ଗୋଟିଏ ଭୌତିକ ଇନ୍ଦ୍ରିୟ ଅଛି ସତ୍ୟ; ମାତ୍ର ମସ୍ତକ ଭିତରର ମସ୍ତିଷ୍କଟି ମାନବୀୟ ମାନସିକ ଶକ୍ତିର ଗୋଟିଏ କ୍ଷୀଣ ଆଧାର ମାତ୍ର । ଏହି ମାନସିକ ଶକ୍ତି ସୃଷ୍ଟିର ମୂଳରେ ରହିଅଛି । ଏହି ପ୍ରଚ୍ଛନ୍ନ ଶକ୍ତିହିଁ ସମସ୍ତ ସୃଷ୍ଟିର ପିତା । ବୈଜ୍ଞାନିକ ବିଶ୍ଳେଷଣର ଫଳରେ ଆଧୁନିକ ଯୁଗର ବୈଜ୍ଞାନିକମାନେ ଆଉ ଜଡ଼ବାଦରେ ବିଶ୍ୱାସୀ ନୁହନ୍ତି । ସେମାନେ ମଧ୍ୟ ବିଶ୍ୱ-ରହସ୍ୟ ଉଦ୍‌ଘାଟନ କରିବାକୁ



Digitized by srujanika@gmail.com

ଯାଇ ସେହି ଏକ ମହାଶକ୍ତିର ମୂଳରେ ପହଞ୍ଚି ଅଛନ୍ତି । ସାର୍ ଜେମସ୍ ଜିନ୍ସ ତାଙ୍କର The Mysterious Universe ନାମକ ପୁସ୍ତକରେ ଜଡ଼-ବାଦର ଅଳୀକତା ଓ ମାନସିକ ଶକ୍ତିର ମୌଳିକତା ବିଷୟରେ କହିଛନ୍ତି, "Today the thought is : the universe begins to look more like a great thought than like a great machine. Mind no longer appears as an accidental intruder into the realm of matter. We are beginning to suspect that we ought rather to hail it as the creator and governor of the realm of matter—not of course our individual minds, but the minds, in which the atoms out of which our individual minds have grown, exist as thoughts.

Substantial matter has resolved itself into a creation and manifestation of mind. We discover that the universe shows evidence of a designing or controlling power that has something in common with our own individual minds". ଏହି ମାନସିକ ଶକ୍ତି ଅନ୍ତର୍ଯ୍ୟାମୀ ବ୍ୟତୀତ ଅନ୍ୟ କିଛି ନୁହେଁ । ସମସ୍ତ ପ୍ରକାର ଜୀବରେ ଏହାର ଆବିର୍ଭାବ ରହିଅଛି । ମାତ୍ର ଏହି ଆବିର୍ଭାବ ସ୍ଥାନବିଶେଷରେ ତୁଳନାତ୍ମକ । କେଉଁଠାରେ ଅଧିକ, କେଉଁଠାରେ ଊଣା । ସୃଷ୍ଟ ଜୀବମାନଙ୍କ ମଧ୍ୟରେ ମନୋଶକ୍ତିର ପ୍ରାବଲ୍ୟ ମାନବପ୍ରାଣରେ ସର୍ବାଧିକ । ଏହି ଶକ୍ତି ଯେତେ ମାର୍ଜିତ ହୁଏ ସେତେ ଶୁଭ୍ର ହୁଏ । ଏହି ଶକ୍ତି ହିଁ ମନୁଷ୍ୟକୁ ପଶୁଠାରୁ ପୃଥକ୍ କରି ରଖିଅଛି । "In the lower strata of the biological world one may trace the existence of a rudimentary mind, which at the state of evolution is no more than a mere hand maid of the great Life force; but in man, mind certainly is no less prominent a factor than life. It is this developed mind that alone has created the gulf between man and the rest of animals and established his suzerainty over them all."—*Prabudha Bharat, August 41.*

ମନୁଷ୍ୟକୁ ତାହାର ମାନସିକ ଶକ୍ତି ମିଳିଥିଲା । ଆକରିକ ଅବସ୍ଥାରେ ଅଙ୍ଗୁଳିବିଶିଷ୍ଟ ଦୁଇଟି ହସ୍ତ ଓ ଊର୍ଦ୍ଧ୍ୱ ଦୃଷ୍ଟିକ୍ଷମ ମସ୍ତିଷ୍କ ସମେତ ଗୋଟିଏ ମସ୍ତକ ବ୍ୟତୀତ ସୃଷ୍ଟିକର୍ତ୍ତା ତାହାକୁ ଆଉ କିଛି ଦାନ କଲେ ନାହିଁ । ପୌରାଣିକ ଆଦାମ ଇଭଙ୍କ ସହିତ ଐତିହାସିକ ଗୁହାମାନବର ସାମଞ୍ଜସ୍ୟ ଖୁବ୍ ବେଶୀ, ଯୁଗ ପରିବର୍ତ୍ତନ ସଙ୍ଗେ ସଙ୍ଗେ କାଳର ଗତି ପରେ ପରେ ମନୁଷ୍ୟ ତାହାର ଜୀବନରେ କେତେ ଅସଂଖ୍ୟ ପରିବର୍ତ୍ତନ ଘଟାଇଅଛି । ତାହା ଇତିହାସର ଗୋଟିଏ କୌତୂହଳପ୍ରଦ ସୁଦୀର୍ଘ ବୃତ୍ତାନ୍ତ । ସ୍ତରକୁ ସ୍ତର ଭେଦ କରି ମାନବସଭ୍ୟତା କିପରି ଗତି କରିଅଛି ତାହା ଚିନ୍ତା କଲେ ମନ ସ୍ତମ୍ଭିତ ହୁଏ । ନିଷାଦ ଅବସ୍ଥାରୁ ଉର୍ତ୍ତୀର୍ଣ୍ଣ ହୋଇ ପାରିଥିଲୁ କେବଳ ଜୀବନ ବଞ୍ଚାଇବାର ଏକ ମାତ୍ର ଉପାୟ ନ କରି ମନୁଷ୍ୟ କିପରି ପଶୁଚାରଣ ବୃତ୍ତି ଅବଲମ୍ବନ କରି ସ୍ଥାନରୁ ସ୍ଥାନକୁ ଭ୍ରମଣ କଲା, ତାପରେ ସେ କିପରି ଏହି ଭ୍ରାମ୍ୟମାଣ ଜୀବନରେ ବିରକ୍ତ ହୋଇ, ପର୍ଯ୍ୟଟକ ବ୍ୟବସାୟ ତ୍ୟାଗ କରି, ଭୂମିକର୍ଷଣରେ ବ୍ରତୀ ହେଲା, କୃଷି-ସଭ୍ୟତା ରୂପ ସୂର୍ଯ୍ୟର ଚତୁର୍ଦ୍ଦିଗରେ କିପରି ପଲ୍ଲୀ-ଜୀବନ ଓ ଗ୍ରାମ୍ୟ-ବାଣିଜ୍ୟ ଘୂରିବାକୁ ଲାଗିଲା, ବାଣିଜ୍ୟର କ୍ରମ ବିବର୍ଦ୍ଧନ ଫଳରେ କିପରି ନାଗରିକ ସଭ୍ୟତାର ଅଭ୍ୟୁଦୟ ହେଲା, ପୁଣି ପରିଶେଷରେ ଯାନ୍ତ୍ରିକ ନିପୁଣତା ଜନିତ ଶିଳ୍ପୋନ୍ନତି ପ୍ରଭାବରୁ କିପରି ମନୁଷ୍ୟର ସକଳ ପ୍ରକାର ଜୈବିକ ଆବଶ୍ୟକତା ପୂର୍ଣ୍ଣ ହେଲା, ଏହି ସବୁ ଅନୁଧ୍ୟାନ କରିବା ଉଚିତ ।

୫। ମନୁଷ୍ୟ ଜାତିର ଏହି ଅବହମାନ ଐତିହାସିକ ଗତିରେ ଆଉ ଗୋଟିଏ ବିଷୟ ପ୍ରତି ଦୃଷ୍ଟି ନିକ୍ଷେପ କରିବା ଆବଶ୍ୟକ । ମନ ସାହାଯ୍ୟରେ ଭୌତିକ ଆବଶ୍ୟକତାକୁ ମେଣ୍ଟାଇଲେ ସୁଦ୍ଧା ତାହାର ପ୍ରାଣରେ ତୃପ୍ତି ଆସି ନାହିଁ, କାରଣ ସେ ପଶୁତ୍ୱରୁ ଉଦ୍ଧାର ପାଇବାକୁ ଚାହେଁ । ଗୁହାମାନବ ଗୁହା ତ୍ୟାଗ କରି ସୌଧ-ଶିଖରରେ ରହିଲେ ସୁଦ୍ଧା ସେ ତୃପ୍ତ ନୁହେଁ ; କାରଣ ତାହାର ଆକାଂକ୍ଷାର ଗତି ଅନ୍ୟ ପ୍ରକାର । ମାନସିକ ଶକ୍ତିର ଚରମ ଅଭିପ୍ରାୟ କେବଳ କେତେ ଶାରୀରିକ ଉପକାର ସାଧନ ଦ୍ୱାରା ହୋଇ ନ ପାରେ । ସେପରି ଶକ୍ତି ନ ଥାଇ ସୁଦ୍ଧା ପଶୁ ତିର୍ଯ୍ୟକ୍ ସମସ୍ତେ ବଞ୍ଚିବାକୁ ସକ୍ଷମ । ମାନସିକ ଶକ୍ତିର ଅଭିପ୍ରାୟ ଏତେ ଗୌଣ, ଏତେ ହୀନ, ଏତେ ନୀଚ ହୋଇ ନ ପାରେ । ମାନବ ମନରେ ଗୋଟିଏ ଅନିର୍ଣ୍ଣେୟ ଅତୃପ୍ତି ତାକୁ ଅସ୍ତ ବ୍ୟସ୍ତ କରିଦିଏ । ଗୋଟିଏ ଅଜ୍ଞାତ-କାରଣ ଅଶାନ୍ତି ତାକୁ ସର୍ବଦା ଉତ୍ତେଜିତ କରି ରଖେ, ଗୋଟିଏ ଅଭୂତପୂର୍ବ ଅପୂର୍ଣ୍ଣ ଆକାଂକ୍ଷା ତାର ଚିତ୍ତକୁ ଆନ୍ଦୋଳିତ କରେ ଓ ଗୋଟିଏ ଚିରାନନ୍ଦମୟୀ ଆଶା ତା ପ୍ରାଣକୁ ସତତ ସରସ ଓ ଜୀବନ୍ତ କରି ରଖି ଥାଏ । ତା ମନରେ ଏହିସବୁ ଲୁକ୍କାୟିତ ଭାବେ ରହି ତାକୁ ସର୍ବଦା ଅଧୀର କରି ପକାନ୍ତି । ଏହି ଅଧୀରତାହିଁ ତାହାକୁ ପଶୁତ୍ୱ ଗହ୍ୱରରୁ ବାହାର କରି ମନୁଷ୍ୟତା ଆଡ଼କୁ ଟାଣିନିଏ । ସେ ପଶୁ ପ୍ରକୃତି ବର୍ଜନ କରି ପରିଶେଷରେ ଦେବତ୍ୱ ପ୍ରାପ୍ତ ହୁଏ । ଏହି ଦେବତ୍ୱ ସୋପାନ ଆରୋହଣ ଜୀବନର ଏକ ମାତ୍ର ଲକ୍ଷ୍ୟ । ସେହି ଲକ୍ଷ୍ୟ ସିଦ୍ଧ ହେଲେ ସତ୍ୟ, ଶିବ ଓ ସୁନ୍ଦରର ଉପଲବ୍ଧି ହୁଏ । ଅବଶ୍ୟ ଏହା ସମୟସାପେକ୍ଷ । ମାତ୍ର ତାହା ବୋଲି ମନୁଷ୍ୟକୁ ନିରାଶ ହୋଇ ଲକ୍ଷ୍ୟଭ୍ରଷ୍ଟ ହେବାକୁ ହେବ ନାହିଁ । ଲକ୍ଷ୍ୟଭ୍ରଷ୍ଟ ହେଲେ ପତନ ଅବଶ୍ୟମ୍ଭାବୀ । ମନୁଷ୍ୟ ଜୀବନରୂପ ମହା ସୁଯୋଗ ତ୍ୟାଗ କରି ପୁନର୍ବାର ପଶୁତ୍ୱକୁ ଅବତରଣ କରିବା ଅପେକ୍ଷା ଅଧିକ ମୂର୍ଖତାର କାର୍ଯ୍ୟ ମନୁଷ୍ୟ କରି ନ ପାରେ । ଏହାହିଁ ମାହେନ୍ଦ୍ର ବେଳା । ଏହାହିଁ ସନ୍ଧିସ୍ଥଳ ।



Digitized by srujanika@gmail.com

ଏହି ସନ୍ଧିସ୍ଥଳରେ ଦଣ୍ଡାୟମାନ ହୋଇ ମନୁଷ୍ୟକୁ ବାଛି ନେବାକୁ ହେବ ହୁଏତ ଦେବତ୍ୱ, ନଚେତ୍ ପଶୁତ୍ୱ । ଏକେ ହେଲେ ଚିରାନନ୍ଦ, ନୋହିଲେ ଚିର ବିଷାଦ ।

୬ । ମନ ମନୁଷ୍ୟ ଜାତିକୁ ଗୋଟିଏ ଅମୂଲ୍ୟ ଦାନ । ଯେ କୌଣସି ଦାନର ବ୍ୟବହାର ତିନି ପ୍ରକାର । ଅବ୍ୟବହାର, ସଦ୍‌ବ୍ୟବହାର ଓ ଅପବ୍ୟବହାର । ମାନସିକ ଶକ୍ତିକୁ ବ୍ୟବହାର କରି ଯେଉଁ ବ୍ୟକ୍ତି ଶାରୀରିକ ଜୀବନ ନିର୍ବାହ ବ୍ୟତୀତ ଆଉ କିଛି କରେ ନାହିଁ, ସେ ପଶୁତ୍ୱ ସୋପାନରୁ ତଳେ ହେଲେ ଉପରକୁ ଉଠେ ନାହିଁ । ତାହାର ଜୀବନ ବ୍ୟର୍ଥ । ଯେଉଁ ବ୍ୟକ୍ତି ଇହ ଜୀବନରେ ଭଗବଦ୍-ଦତ୍ତ ଶକ୍ତିର ସଦ୍-ବ୍ୟବହାର କରେ ସେ ସତ୍ୟ, ଶିବ, ସୁନ୍ଦରର ସନ୍ଧାନୀ ହୁଏ । ସେହିପରି ଶେଷରେ ଦେବତ୍ୱ ପ୍ରାପ୍ତ ହୁଏ, ମାତ୍ର ଏପରି ବ୍ୟକ୍ତିର ଜୀବନରେ ଗୋଟିଏ ସଂଘର୍ଷ ଉପସ୍ଥିତ ହୁଏ । ତାହା ହେଉଛି ମନ ଓ ଦେହର ସଂଘର୍ଷ । ସେହି ସଂଘର୍ଷହିଁ ମନୁଷ୍ୟ ଜୀବନର କଷଟି ପଥର । ଏହି ଜୀବନରେ ମାଂସର ଟାଣ, ଇନ୍ଦ୍ରିୟର ଆକର୍ଷଣ ଅତିଶୟ ପ୍ରବଳ । ମନକୁ ଏହି ଆକର୍ଷଣ ସଙ୍ଗେ ଯୁଦ୍ଧ କରିବାକୁ ହୁଏ, ପାଶବିକ ଇନ୍ଦ୍ରିୟ ଲାଳସାରୁ ମୁକ୍ତ ରଖିବାକୁ ହୁଏ, ପୁଣି ପାର୍ଥିବତାରୁ ମୁଖ ଫେରାଇ ଦେଇ ଈଶ୍ୱରମୁଖୀ ହେବାକୁ ହୁଏ । ଏହା ମୁଖନିଃସୃତ ବାକ୍ୟ ପରି ସହଜସାଧ୍ୟ ନୁହେଁ । ଏହା ଅଧ୍ୟବସାୟ ଓ ଅଭ୍ୟାସସାପେକ୍ଷ । ଏହା ଦିନେ ଦୁଇ ଦିନରେ ହୋଇ ଯାଏ ନାହିଁ । ଯୁଗ ଯୁଗ ଧରି ଏହି ପ୍ରଚେଷ୍ଟା ଚାଲି ଥାଏ । କୌଣସି ଜଣେ କବି କହିଥିଲେ "Thy centuries roll on perfecting a little flower", ଏହି ଚେଷ୍ଟାର ଆଦି ନାହିଁ କି ଅନ୍ତ ନାହିଁ, ଏହା ସୃଷ୍ଟିର ଲୀଳା । ଏହା ବିଶ୍ୱସ୍ରଷ୍ଟାଙ୍କ ବିଳାସ । ଏହା ସୃଷ୍ଟିକର୍ତ୍ତାଙ୍କ ଇଚ୍ଛା । ମାନସିକ ଶକ୍ତିର ସମ୍ପୂର୍ଣ୍ଣ ଅଭିବ୍ୟକ୍ତି ହେଲେ, ମନୁଷ୍ୟତା ବୁଦ୍ଧତ୍ୱରେ ପରିଣତ ହେଲେ, ଆତ୍ମା ଓ ପରମାତ୍ମାର ମିଳନ ହେଲେ ଏହି ସୃଷ୍ଟି ରହସ୍ୟର କ୍ରମ ବିକାଶ ସହଜେ ଉପଲବ୍ଧ ହୁଏ । ଏଣୁ ମନର ସମ୍ୟକ୍ ବ୍ୟବହାର କଲେ ଦେବତ୍ୱ ମିଳେ । ଦେବଗୁଣ-ସୁଲଭ ମାନବର କେତୋଟି ଗୁଣ ଶ୍ରୀମଦ୍ ଭଗବଦ୍ ଗୀତାରେ ବର୍ଣ୍ଣିତ ହୋଇଅଛି । ଯେଉଁ ବ୍ୟକ୍ତି ସେହି ସବୁ ଗୁଣରେ ସମ୍ପନ୍ନ ସେ ଦେବତାର ସ୍ଥାନ ଅଧିକାର କରେ । ମାତ୍ର ସେହି ସବୁ ଗୁଣରେ ଗୁଣୀ ହେବା ପଥର ପ୍ରଧାନ ପ୍ରତିବନ୍ଧକ କାମ, କ୍ରୋଧ ଓ ଲୋଭ । ଏ ତିନିକୁ ପରିତ୍ୟାଗ ନ କଲେ ଦୈବୀ ସମ୍ପଦ ଲାଭ କରିବା ସମ୍ଭବ ନୁହେ । ଦେବଦତ୍ତ ମାନସିକ ଶକ୍ତିର ଅପବ୍ୟବହାର ଦ୍ୱାରା ମନୁଷ୍ୟ ଆସୁରୀ ସମ୍ପଦ ଲାଭ କରେ । ପୁରାଣାଦି ଗ୍ରନ୍ଥରେ ସେପରି ବ୍ୟକ୍ତିମାନେ ଅସୁର ନାମରେ ଅଭିହିତ । ବାବା ପ୍ରେମାନନ୍ଦ ଭାରତୀ ତାଙ୍କ ପ୍ରଣୀତ "ଶ୍ରୀକୃଷ୍ଣ"ରେ ଲେଖିଛନ୍ତି ଯେ ଯେଉଁମାନେ ମାନସିକ ଶକ୍ତିକୁ ଭୌତିକ ଭୋଗ ନିମନ୍ତେ ଅତିଶୟ ବ୍ୟବହାର କରି ସଂସାରର ଅକଲ୍ୟାଣ କରନ୍ତି ସେମାନେହିଁ ଅସୁର । ଗୀତାନୁସାରେ ସେମାନଙ୍କଠାରେ ଦମ୍ଭ, ଦର୍ପ, ଅଭିମାନ, କ୍ରୋଧ, ନିଷ୍ଠୁରତା ଓ ଅବିବେକିତା ଆଦି ପ୍ରବୃତ୍ତି ପୂର୍ଣ୍ଣ ହୋଇଥାଏ । ସେମାନଙ୍କର ଯଥେଷ୍ଟ ମାନସିକ ଶକ୍ତି ରହିଥାଏ ସତ୍ୟ, ମାତ୍ର ତାହା ଉଚିତ ମାର୍ଗରେ ବ୍ୟବହୃତ ନ ହୋଇ ଅସତ୍ ମାର୍ଗରେ ବ୍ୟବହୃତ ହୁଏ । ସେମାନେ ବିବେକର ବାଣୀକୁ ବଧିର ହୁଅନ୍ତି । ଶାସ୍ତ୍ରର ଉପଦେଶକୁ ଉଲ୍ଲଙ୍ଘନ କରନ୍ତି, ପ୍ରକୃତି-ଜର୍ଜ୍ଜରିତ ହୋଇ ସେମାନେ ପ୍ରାକୃତିକ ଶକ୍ତିକୁ ନିଜର ଇନ୍ଦ୍ରିୟ ଲାଳସାର ଚରିତାର୍ଥ ନିମନ୍ତେ ବ୍ୟବହାର କରନ୍ତି, ସେମାନେ ପ୍ରବୃତ୍ତି ବା ନିବୃତ୍ତି କିଛି ଜାଣନ୍ତି ନାହିଁ । ଏଣୁ ସେମାନଙ୍କଠାରେ ଶୌଚ, ଆଚାର ବା ସତ୍ୟ କିଛି ନ ଥାଏ । ସେମାନଙ୍କର ମନ ବିପରୀତ ମାର୍ଗରେ ଗତି କରେ । ସେମାନେ ସଂସାରକୁ ଅସତ୍ୟ, ବ୍ୟବସ୍ଥାହୀନ, ଈଶ୍ୱରଶୂନ୍ୟ, ନାରୀ ପୁରୁଷ-ସଂଯୋଗ-ଜାତ ଓ କାମମୂଳକ ବୋଲି କହନ୍ତି । ସେମାନଙ୍କ ମତରେ ଏହାର ଅନ୍ୟ କୌଣସି କାରଣ ନାହିଁ । ଏପରି ନାସ୍ତିକତା ବା ଜଡ଼ବାଦରେ ଯେଉଁମାନଙ୍କର ବିଶ୍ୱାସ, ସେମାନେ ଦୁଷ୍ପୂରଣୀୟ କାମନାର ଅଧୀନ ହୋଇ, ଦମ୍ଭ ଅଭିମାନ ଓ ଗର୍ବାନ୍ୱିତ ହୃଦୟରେ ମୋହବଶରୁ ଅସତ୍ ଆଗ୍ରହର ଆଶ୍ରୟ ଗ୍ରହଣ ପୂର୍ବକ ଅଶୁଚି ବ୍ରତରେ ପ୍ରବୃତ୍ତ ହେବା କିଛି ବିଚିତ୍ର ନୁହେଁ । ସେମାନଙ୍କର ଜୀବନୀ ଆଲୋଚନା କଲେ ଜଣାଯାଏ ସେମାନେ କିପରି ସାରା ଜୀବନଟାକୁ କଳଙ୍କିତ କରି ଚତୁର୍ଦ୍ଦିଗରେ ଗୋଟିଏ ଅପବିତ୍ର ନିରାନନ୍ଦମୟ ପାପପୂର୍ଣ୍ଣ ବାତାବରଣ ସୃଷ୍ଟି କରନ୍ତି । ସେମାନେ ମୃତ୍ୟୁକାଳ ପର୍ଯ୍ୟନ୍ତ ଅପରିମିତ ଚିନ୍ତାଶୀଳ ହୋଇ କାମୋପଭୋଗହିଁ ପରମ ପୁରୁଷାର୍ଥ ଏହି ଜ୍ଞାନରେ ସ୍ଥିରନିଶ୍ଚୟ ହୁଅନ୍ତି ଏବଂ ଅସଂଖ୍ୟ ଆଶାରୂପ ପାଶରେ ଆବଦ୍ଧ ଓ କାମକ୍ରୋଧର ବଶୀଭୂତ ହୋଇ କାମସମ୍ଭୋଗ ନିମିତ୍ତ ଅନ୍ୟାୟ ପୂର୍ବକ ଅର୍ଥୋପାର୍ଜ୍ଜନ କରିବାକୁ ଚେଷ୍ଟା କରନ୍ତି । ଚାର୍ବାକ ନୀତିହିଁ ଏମାନଙ୍କର ଧର୍ମ ହୁଏ, ଋଣ କରି ଘୃତ ଆହାର କରିବାକୁ ଏମାନେ କୁଣ୍ଠିତ ହୁଅନ୍ତି ନାହିଁ । "ସଂସାରେ ଥିବ ଯେତେ ଦିନ, ଆନନ୍ଦ କରୁଥିବ ମନ" ଏହି ଭାଗବତ ବାଣୀକୁ କଦର୍ଯ୍ୟରୂପେ ବ୍ୟବହାର କରି ଇନ୍ଦ୍ରିୟ ସୁଖକୁହିଁ ଆନନ୍ଦରୂପେ ଗ୍ରହଣ କରନ୍ତି । ମାନସିକ ବିକୃତି, ଅହଂଭାବ, ଆତ୍ମପ୍ରବଞ୍ଚନା ଓ ଅଜ୍ଞାନତା ବଶତଃ ସେମାନେ କହନ୍ତି, "ମୁଁ ଆଜି ଏହି ଦ୍ରବ୍ୟ ପାଇଲି, ଏହି ଈପ୍ସିତ ଦ୍ରବ୍ୟ ମଧ୍ୟ ନିକଟରେ ପାଇବି, ଏହି ଧନ ମୋର ଅଛି, ଏହି ଧନ ପୁଣି ପାଇବି, ମୁଁ ଏହି ଶତ୍ରୁକୁ ବଧ କରିଛି, ପୁଣି ଅନ୍ୟାନ୍ୟ ଶତ୍ରୁଙ୍କୁ ମଧ୍ୟ ବଧ କରିବି, ମୁଁ ଈଶ୍ୱର, ମୁଁ ଭୋଗୀ, ମୁଁ ସିଦ୍ଧ, ବଳବାନ ଓ ସୁଖୀ, ମୁଁ ଧନାଢ୍ୟ ଓ କୁଳୀନ, ମୋ ଭଳି ଆଉ କିଏ ଅଛି, ମୁଁ ଯଜ୍ଞ କରିବି, ଦାନ କରିବି ଓ ପରମ ଆମୋଦ ଲାଭ କରିବି ।" ପ୍ରତ୍ୟେକ ନିଜକୁ ପଚାରିବା କଥା, "ଏହି ସବୁ ଦୋଷରେ ମୁଁ କେତେ ଦୂର ଦୁଷ୍ଟ ? ଏହି ଦୋଷ ନିରାକରଣ ନିମନ୍ତେ ମୁଁ କି ଚେଷ୍ଟା କରୁଛି ? ଓ ଅସୁରମାନଙ୍କ ଅପେକ୍ଷା ମୁଁ କେତେ ଦୂର ଉନ୍ନତ ଓ ସେମାନଙ୍କ ସଙ୍ଗେ ମୁଁ କେତେ ଦୂର ସମାନ ?" ଆସୁରିକ ପ୍ରବୃତ୍ତି ପୂର୍ଣ୍ଣ ମନୁଷ୍ୟର ଯାଗଯଜ୍ଞରେ କିମ୍ବା ଦାନ ପୁଣ୍ୟରେ କିଛି ଲାଭ ନାହିଁ । ଅହଙ୍କାର-



Digitized by srujanika@gmail.com

ପୂର୍ଣ୍ଣ ଚିତ୍ତରେ, ଦର୍ପାହତମାନ ଜଡ଼ିତ ମନରେ, ଅନ୍ୟାୟ୍ୟ ଅର୍ଥୋପାର୍ଜନପୂର୍ଣ୍ଣ କର୍ମରେ ଭଗବାନଙ୍କର ଶତ ସହସ୍ର ନାମ ଉଚ୍ଚାରଣ କଲେ ସେ ଶୁଣିବେ ନାହିଁ, ତେଣୁ ଶ୍ରୀକୃଷ୍ଣ କହିଛନ୍ତି, "ଅହଙ୍କାର ବଳ, ଦର୍ପ, କାମ ଓ କ୍ରୋଧର ବଶବର୍ତ୍ତୀ ହୋଇ ସେମାନେ ସ୍ୱଦେହ ଓ ପର ଦେହରେ ଅବସ୍ଥିତ ମୋତେ ଦ୍ୱେଷ କରି ସାଧୁମାନଙ୍କର ନିନ୍ଦା କରନ୍ତି। ସେହି ବିଦ୍ୱେଷୀ କ୍ରୂର ସ୍ୱଭାବ ନରାଧମମାନଙ୍କୁ ମୁଁ ସଂସାରରେ ଆସୁରୀ ଯୋନିରେ ବରାବର ନିକ୍ଷେପ କରିଥାଏଁ"। ମନୁଷ୍ୟର ଜୀବନ ସନ୍ଧିସ୍ଥଳରେ ରହିଲା ବେଳେ ବଡ଼ ଅସ୍ଥିର। ତାହା ସର୍ବଦା ଟଳଟଳ, ତାହା ଏକେ ହେଲେ ଊର୍ଦ୍ଧ୍ୱକୁ ଉନ୍ନୀତ ହୁଏ, ନଚେତ୍ ତଳକୁ ଅବତରଣ କରେ। କ୍ରମାରୋହଣ ଦ୍ୱାରା ସେ ଦେବତ୍ୱ ପ୍ରାପ୍ତ ହୁଏ, ନଚେତ୍ କ୍ଷିପ୍ର ଅବରୋହଣ ଦ୍ୱାରା ଆସୁରୀ ଗତି ଲାଭ କରେ, ଯେଉଁଠାରେ ସେଠାରେ ଠିଆ ରହି mark time କରିବା ମନୁଷ୍ୟର ସାଧ୍ୟାତୀତ। ସେ ଯେତେ ଦିନ ଯାଏଁ ଉପରକୁ ଗତି ନ କରୁଛି ସେତେ ଦିନ ପର୍ଯ୍ୟନ୍ତ ନିମ୍ନଗାମୀ, ଏହା ତାକୁ ବୁଝି ରଖିବାକୁ ହେବ। ନିର୍ବେଦ ଚିତ୍ତରେ, ପଥର ପରି ମୌନବ୍ରତ ଅବଲମ୍ବନ ନିମନ୍ତେ ମାନବ ଜୀବନ ଗଠିତ ହୋଇ ନାହିଁ। ଅହରହ ତାହାର ଚେଷ୍ଟା ଲାଗିଛି। ଅହରହ ସେ ଘାତ ପ୍ରତିଘାତ ସହ୍ୟ କରୁଛି। ନିଜର ଉନ୍ନତି କରିବ ବୋଲି ଯେପରି କୌଣସି ଏକ ଶ୍ରେଣୀରୁ ଉପର ଶ୍ରେଣୀକୁ ଏକାଧିକ ଉପର୍ଯ୍ୟୁପରି ବର୍ଷରେ ହେଁ ଉନ୍ନୀତ ନ ହୋଇ ପାରିଲେ ନିମ୍ନଶ୍ରେଣୀକୁ ମଧ୍ୟ ତ୍ୟାଗ କରିବାକୁ ହୋଇଥାଏ, ସେହିପରି ମନୁଷ୍ୟ ଜୀବନ ରୂପ ମହାପରୀକ୍ଷାରେ ଉତ୍ତୀର୍ଣ୍ଣ ନ ହେଲେ, ଥରକୁ ଥର ଏହି ପରୀକ୍ଷାରେ ଅକୃତକାର୍ଯ୍ୟ ହେଲେ ସେହି ସୁଯୋଗଟିକୁ ମଧ୍ୟ ହରାଇବାକୁ ହୋଇଥାଏ। ତେଣୁ ଶ୍ରୀକୃଷ୍ଣ କହିଛନ୍ତି "ସେହି ମୂଢ଼ଗଣ ଆସୁରୀ ଯୋନି ପ୍ରାପ୍ତ ହେଲେ, ମତେ ଲାଭ କରି ନ ପାରି ତଦପେକ୍ଷା ଅଧିକ ଅଧମଗତି ଅର୍ଥାତ୍ ନୀଚ ଯୋନିରେ ପତିତ ହୁଅନ୍ତି।"

୭। କେତେ ଜଣ ଅସୁରଭାବାପନ୍ନ ବ୍ୟକ୍ତିଙ୍କ ପ୍ରଭାବରେ ଧର୍ମର ସମ୍ପୂର୍ଣ୍ଣ ଧ୍ୱଂସ ସମ୍ଭବପର ନୁହେଁ—ଏହାର ସାକ୍ଷୀ ଇତିହାସ, ହିରଣ୍ୟକଶିପୁଙ୍କ ପରି ଶୟତାନ ସଦୃଶ କେତେ ଅସୁର ଏହି ଧରା ବକ୍ଷକୁ ଆସି ନାହାନ୍ତି ? ମାତ୍ର ରୋଗର ପ୍ରତିକାର ସ୍ୱରୂପ ପ୍ରତ୍ୟେକ ଅସୁରର କାର୍ଯ୍ୟ ପରିଶେଷରେ ପ୍ରତିହତ ହୋଇ ଅଛି କେତେ ରୋଗ ଅଛି, ଯହିଁରେ ଆପେ ଆପେ ତାହାର ବିରୋଧୀ ଜୀବାଣୁ ଜାତ ହୋଇ ରୋଗର ସର୍ବନାଶ କରନ୍ତି। ଅଧର୍ମର ରୋଗରୁ ମଧ୍ୟ ସେହିପରି ଜୀବାଣୁ ଜାତ ହୁଅନ୍ତି, ତାହା ପ୍ରକୃତିର ଆତ୍ମ ରକ୍ଷଣନୀତି, ଭଗବାନଙ୍କର ଶାସନ କୌଶଳ ନଚେତ୍, ରାକ୍ଷସ ପୁରୀ ଲଙ୍କାରେ ବିଭୀଷଣଙ୍କର ଜନ୍ମ ଓ ହିରଣ୍ୟ କଶିପୁଙ୍କ ଗୃହରେ ପ୍ରହ୍ଲାଦଙ୍କ ଆବିର୍ଭାବର କାରଣ ଆଉ କ'ଣ ହୋଇ ପାରେ ? କଂସ କାରା ଗୃହରେ ଭାଗିନେୟ ଶ୍ରୀକୃଷ୍ଣଙ୍କ ଜନ୍ମ ମଧ୍ୟ ସେହି ଏକ ନୀତିର ଅନ୍ୟତମ ଦୃଷ୍ଟାନ୍ତ।

୮। କେତେ ଧର୍ମଗ୍ରନ୍ଥରେ ମନୁଷ୍ୟର ଶରୀର ସୃଷ୍ଟିର ଗୋଟିଏ କ୍ଷୁଦ୍ର ସଂସ୍କରଣରୂପେ ଚିତ୍ରିତ ହୋଇଅଛି. ତାହା ଅନ୍ୟ କୌଣସି ଦିଗରୁ ଯେତେଦୂର ସଙ୍ଗତ ହେଉ ବା ନ ହେଉ, ଦେବାସୁର ସଂଗ୍ରାମ ଦିଗରୁ ସମ୍ପୂର୍ଣ୍ଣ ସତ୍ୟ। କୌଣସି କାଳରେ କିମ୍ବା କୌଣସି ଦେଶରେ ଦେବ ଓ ଅସୁରଙ୍କର ଅଭାବ ଘଟି ନାହିଁ। ରାବଣ, କୁମ୍ଭକର୍ଣ୍ଣ, ଜରାସନ୍ଧ ଓ ଶିଶୁପାଳ ବରାବର ସେମାନଙ୍କର ଆସୁରୀ ପ୍ରଭାବ ଦେଖାଇବାକୁ ଛାଡ଼ି ନାହାନ୍ତି। ତାହା ସଙ୍ଗେ ସଙ୍ଗେ ରାମ ଓ କୃଷ୍ଣଙ୍କର ଆବିର୍ଭାବ ଓ କାର୍ଯ୍ୟକଳାପ ବରାବର ଲାଗିରହିଛି। ଧର୍ମାଧର୍ମର ଯୁଦ୍ଧ ସବୁ ଯୁଗରେ ବର୍ତ୍ତମାନ। ସବୁ ଯୁଗରେ ଅବତାରର ଆବଶ୍ୟକତା ରହିଅଛି। ଦ୍ୱାପର ଶେଷରେ ଶ୍ରୀକୃଷ୍ଣଙ୍କ ତିରୋଧାନ ହୋଇଥିଲା ସତ୍ୟ, ମାତ୍ର ସଞ୍ଜୟଙ୍କର ସେହି ଅମରବାଣୀ ଆଜି ପର୍ଯ୍ୟନ୍ତ ଘୋଷଣା କରୁଛି—

ଯତ୍ର ଯୋଗେଶ୍ୱରଃ କୃଷ୍ଣ ଯତ୍ର ପାର୍ଥୋ ଧନୁର୍ଦ୍ଧରଃ
ତତ୍ର ଶ୍ରୀର୍ବିଜୟୋଭୂତି ଧ୍ରୁବାନୀତିର୍ମତି ର୍ମମ।

୯। ମନୁଷ୍ୟ ହୃଦୟ ମଧ୍ୟ ଧର୍ମ ଯୁଦ୍ଧ ବା ଦେବାସୁର ସଂଗ୍ରାମର ଅନ୍ୟ ଏକ କୁରୁ କ୍ଷେତ୍ର। ସେହିଠାରେ ମନୁଷ୍ୟ ଓ ପଶୁ, ଦେବ ଓ ଅସୁର କଳହ କରନ୍ତି, ସେହି କଳହର ବିରାମ ନାହିଁ। ଅତି ପ୍ରଚ୍ଛନ୍ନ ଭାବରେ ଶୟତାନ ଜଗିଥାଏ, ମାନବକୁ ଆୟତ୍ତ କରିବା ନିମନ୍ତେ। ଇଡେନ ଉପବନରେ ଏହି ଶୟତାନର କରାଳ କବଳରେ ପତିତ ହୋଇ ଆଦମ ମନୁଷ୍ୟ ଭବିଷ୍ୟତ ବଂଶଧରଙ୍କୁ ପାପର ବୋଝ ଦେଇ ଥିଲା। ମାତ୍ର ସେହି ଶୟତାନର କରାମତି ଯୀଶୁଙ୍କ ସମ୍ମୁଖରେ କାର୍ଯ୍ୟକାରୀ ହେଲା ନାହିଁ। କେତେ ପ୍ରଲୋଭନ ଆଣି ସେ ତାଙ୍କ ସମ୍ମୁଖରେ ସ୍ଥାପନ କଲା। ତଥାପି କ୍ଷୁଧାତୁର ସମ୍ମୁଖରେ ସୁସ୍ୱାଦୁ ଆହାର ସୁଦ୍ଧା ଯୀଶୁଙ୍କ ଦେବତ୍ୱ ଲୋପ କରି ପାରିଲା ନାହିଁ। ସେ ଶୟତାନକୁ ଘୃଣାବ୍ୟଞ୍ଜକ ସ୍ୱରରେ କହିଲେ "Man lives not by bread alone"। ପ୍ରକୃତରେ ଅନ୍ନରେ କେବଳ ବଞ୍ଚିଲେ ମନୁଷ୍ୟ ବଞ୍ଚିଲା ବୋଲି କହିବାକୁ ହେବ ନାହିଁ। ତାହାର ଅନ୍ୟ ଏକ ମହତ୍ତର ପ୍ରାଣ ଅଛି ଯାହାକୁ ଭୌତିକ ଅନ୍ନ ବଞ୍ଚାଇ ରଖି ନ ପାରେ। ସେହି ପ୍ରାଣର ଖାଦ୍ୟ ଐଶ୍ୱରିକ ଉପାଦାନରେ ପ୍ରସ୍ତୁତ ହୁଏ। ତାହାହିଁ ଦେବ ଲୋକର ଅମୃତ। ମଥିତ ନ ହେଲେ ଯେପରି ଦୁଗ୍ଧରୁ ନବନୀତ ବାହାରେ ନାହିଁ, ସେହିପରି ଦେବାସୁର ବିଗ୍ରହ ନ ଘଟିଲେ ମାନବ ପ୍ରାଣରେ ଦେବତ୍ୱର ପ୍ରତିଷ୍ଠା ହୋଇ ପାରେ ନାହିଁ। ମନ୍ଥନର ଏକ ସମୟରେ ଯେ ବିଷ ବାହାରେ ଏହା ନିଶ୍ଚିତ। ମାତ୍ର ବିଷ ହରଣ କରିବାକୁ ମଙ୍ଗଳମୟ ଶିବଙ୍କର ଅଭାବ କେବେ ଘଟି ନାହିଁ। ନୀଳକଣ୍ଠ ହୋଇ ବିଷପାନର ଦାୟିତ୍ୱ ଭଗବାନଙ୍କର, ମୋହିନୀ ରୂପେ ଅମୃତ ବଣ୍ଟନ କରିବା ଭାର ମଧ୍ୟ ସେହି ବିଶ୍ୱେଶ୍ୱରଙ୍କର, ମନୁଷ୍ୟର ଏକମାତ୍ର କର୍ତ୍ତବ୍ୟ ବାସୁକୀ ସାହାଯ୍ୟରେ ସମୁଦ୍ର ମନ୍ଥନ। ବୁଦ୍ଧଦେବଙ୍କ ବୋଧିଲାଭର ପୂର୍ବ ଅବସ୍ଥା ଏହି ଦେବାସୁର ଯୁଦ୍ଧର ଅନ୍ୟ ଏକ ପ୍ରମାଣ। ମାର ଆସି ବୁଦ୍ଧଦେବଙ୍କ ତପସ୍ୟା ଭଙ୍ଗ କରିବା ନିମନ୍ତେ କେତେ ଚେଷ୍ଟା କଲା। ମାତ୍ର



Digitized by srujanika@gmail.com

ଦେବତ୍ୱର ଜୟ ଓ ଅସୁରତାର ପରାଜୟ ଘଟିଲା । ସେହିପରି ମଧ୍ୟ ଧ୍ରୁବଙ୍କ ଜୀବନୀ । ଅହରହ ମନୁଷ୍ୟର ଘରଅଡ଼େ ଶତ୍ରୁ ରହିଛନ୍ତି । ସବୁ ବେଳେ ତାକୁ ତାହାର ରିପୁମାନଙ୍କ ସଙ୍ଗେ ଯୁଦ୍ଧ କରିବାକୁ ହୁଏ । ଏହି ଯୁଦ୍ଧର ଫଳରେ ସେ ହେଲେ ହୁଏ ଦେବତା ନହେବା ରାକ୍ଷସ ।

୧୦ । ମନୁଷ୍ୟର ଯଦି ଦେବତା ହେବା ସମ୍ଭବ, ତେବେ ଏହି ଜଗତ ଦେବଭୂମି ହେବା ଅସମ୍ଭବ ନୁହେଁ । ଏହି ମାନବୀୟ ଜଗତହିଁ ଭଗବତ୍ ଲୀଳାର କ୍ଷେତ୍ର । ଏହି ମନୁଷ୍ୟର ହୃଦୟହିଁ ଅନ୍ତର୍ଯ୍ୟାମୀଙ୍କର ଆସନ । Kingdom of heaven ବୋଲି କୌଣସି ଏକ ଦୂରବର୍ତ୍ତୀ ଦେଶ ନାହିଁ । ଭଗବାନଙ୍କ ରାଜ୍ୟର ସୃଷ୍ଟି ଏହି ଆକାଶ ତଳେହିଁ ହୋଇଥାଏ । ଇହ ସଂସାରରେ ଧର୍ମ ପ୍ରତିଷ୍ଠାହିଁ ଭଗବଦବତାରର ମୁଖ୍ୟ ଉଦ୍ଦେଶ୍ୟ । ପ୍ରତି ମୁହୂର୍ତ୍ତ ଏହି ଧର୍ମପ୍ରତିଷ୍ଠା କାର୍ଯ୍ୟ ସମାଜରେ ଓ ମାନବ ହୃଦୟରେ ଅବହମାନ କାଳରୁ ଚାଲି ଆସୁଅଛି । ତାହାର କେବେ ବିରାମ ନାହିଁ । ଧର୍ମ ନାମରେ ଐହିକ ସଂସାର ପ୍ରତି ବୀତଶ୍ରଦ୍ଧ ହୋଇ ଧର୍ମପ୍ରତିଷ୍ଠା କାର୍ଯ୍ୟରେ ଅମନୋଯୋଗୀ ହେଲେ କର୍ତ୍ତବ୍ୟରେ ଅବହେଳା ଘଟେ । ଭଗବାନଙ୍କ ବାହିନୀରେ ନିଜକୁ ସୈନିକ ରୂପେ ଭୁକ୍ତକରି ତାଙ୍କର ଯୁଦ୍ଧ ଆମ୍ଭମାନଙ୍କୁ କରିବାକୁ ହେବ । ସର୍ବ ଧର୍ମ ପରିତ୍ୟାଗ କରି ତାଙ୍କର ଶରଣ ଗ୍ରହଣ କରିବାକୁ ହେବ, ମାତ୍ର ଦେବାସୁର ସଂଗ୍ରାମରୁ ବିରତ ହେଲେ ଚଳିବ ନାହିଁ, ଏହାହିଁ ଗୀତା ଧର୍ମର ସାର ମର୍ମ । ଗୋଟିଏ କୁରୁ ପାଣ୍ଡବ ଯୁଦ୍ଧ ଚଳାଇବାକୁ କେବଳ ଉପନିଷଦ୍-ସାର ଗୀତାର ପ୍ରକଟନ ହୋଇ ନ ପାରେ । ଚିରନ୍ତନ ଦେବାସୁର ଯୁଦ୍ଧ ଲାଗି ଗୀତାର ଉପଦେଶ ଉଦ୍ଦିଷ୍ଟ । ଆତ୍ମା-ଅନାତ୍ମା ଯୁଦ୍ଧର ପ୍ରତୀକ ଅଟେ ସେହି କୁରୁ କ୍ଷେତ୍ର । ତେଣୁ କୁରୁ କ୍ଷେତ୍ରକୁ ପ୍ରଥମ ଶ୍ଳୋକରେ ଧର୍ମକ୍ଷେତ୍ର ବୋଲି ପରିଚୟ ଦିଆ ଯାଇଅଛି । ଜଣେ ଗୀତା ସମ୍ବନ୍ଧରେ ଲେଖିଛନ୍ତି "In fact Arjuna's query did not relate to the War but to Brahman." ସେହି ଲେଖକଙ୍କ ମତରେ ଗୀତା ଉପାଖ୍ୟାନ ଐତିହାସିକ ନୁହେଁ କି ରୂପକ ନୁହେଁ । ତାହା ଚିରନ୍ତନ ସତ୍ୟର ଚିରନ୍ତନ ଅଭିବ୍ୟକ୍ତି । ସେହି ସତ୍ୟର ଆକାର ପ୍ରକାର ଅବସ୍ଥା ବିଶେଷରେ ପରିବର୍ତ୍ତିତ ହୋଇ ପାରେ । ସବୁଯୁଗରେ ଅର୍ଜୁନଙ୍କ ମନରେ ସନ୍ଦେହ ଉଦିତ ହେବା ଯେପରି ସତ୍ୟ, ଶ୍ରୀକୃଷ୍ଣଙ୍କ ଆଶ୍ରୟରେ ସେହି ସନ୍ଦେହ ଭଞ୍ଜନ ମଧ୍ୟ ସେହିପରି ସତ୍ୟ । ସତ୍ୟ ଏକ, ମାତ୍ର ତାହାର ରୂପ ଅନେକ ପ୍ରକାର । ତାହା କେଉଁଠାରେ Sermon on the mount ହୁଏ, କେଉଁଠାରେ ରାମାନନ୍ଦ ଚୈତନ୍ୟ ମିଳନ ହୁଏ, ଅନ୍ୟ କେଉଁଠାରେ ଗାନ୍ଧୀ ସୂତ୍ରରେ ବା ରବୀନ୍ଦ୍ର ରଚନାବଳୀରେ ପ୍ରକାଶ ପାଏ । ଏହି ଆକାରଗତ ପାର୍ଥକ୍ୟ ହେତୁ ମୂଳ ପଦାର୍ଥରେ ଯେଉଁ ବ୍ୟକ୍ତି ପ୍ରଭେଦ ଦେଖେ, ସେ ଦେଖି ଦେଖେ ନାହିଁ । ଏପରି ପ୍ରଭେଦ ଦର୍ଶନ ଧର୍ମ ବିଦ୍ୱେଷ ଓ ସାମ୍ପ୍ରଦାୟିକ ବିବାଦର ମୂଳକାରଣ । ମାନବିକତାର ଅଭିବୃଦ୍ଧି ସଙ୍ଗେ ସଙ୍ଗେ ସତ୍ୟୋପଲବ୍ଧି ସଂକୀର୍ଣ୍ଣ ମାନସିକତାରୁ ଉଦ୍ଧାର ପାଏ । ଯେଉଁ ସତ୍ୟ ସମଗ୍ର ସତ୍ୟ ସହିତ ମିଳିତ ହୁଏ ସେହି ସତ୍ୟହିଁ ପ୍ରକୃତ ସତ୍ୟ । ଅନ୍ୟସବୁ ମିଥ୍ୟା ଓ ପରିତ୍ୟାଜ୍ୟ । ବିଶ୍ୱମାନବିକତା ସଙ୍ଗେ ଯେଉଁ ତଥ୍ୟ ସମତୁଲ୍ୟ ନୁହେଁ ତାହା ଅସତ୍ୟ ।

୧୧ । ଜଗତ୍ ଭଗବାନଙ୍କର କର୍ମାଗାର । ତାଙ୍କର ସମସ୍ତ କାର୍ଯ୍ୟ କଳାପ କେବଳ ଏହି ଜଗତରେ ହୁଏ । ସେହି କର୍ମାଗାରର ପ୍ରଧାନ ସଚିବ ମନୁଷ୍ୟ । ତାଙ୍କ ଇଙ୍ଗିତରେ ସେ ତାଙ୍କର କାର୍ଯ୍ୟ କରିଯାଏ । ଭଗବାନ ଏହି ବିଚିତ୍ର ବିଶ୍ୱର ବିନ୍ଧାଣୀ । ଭଗବାନଙ୍କ ଶକ୍ତିର କୌଣସି ଅଭାବ ନାହିଁ, ତଥାପି ସେ ମନୁଷ୍ୟଙ୍କୁ ତ୍ୟାଗ କରି ତାଙ୍କ ସୃଷ୍ଟିକ୍ରିୟା ଚଳାଇବାକୁ ପ୍ରସ୍ତୁତ ନୁହନ୍ତି । ଏହା ତାଙ୍କର ଅସୀମ ଦୟା । ପରମ କାରୁଣିକ ଭଗବାନଙ୍କର ଏହି ଅନନ୍ତ କରୁଣାର ଯୋଗ୍ୟ ହେବା ନିମନ୍ତେ ମନୁଷ୍ୟର ସତତ ଚେଷ୍ଟା ଆବଶ୍ୟକ । ମନୁଷ୍ୟ ନିଜେ ଜାଣେ ତାହାର ଦୁର୍ବଳତା । ଏହି ଅଜ୍ଞାନତାର ଜ୍ଞାନ ତାହାର ଗୋଟିଏ ବଡ଼ ଗୁଣ । ନିଜର ଅକିଞ୍ଚନତା ଜାଣିବା ନିମନ୍ତେ ଯଥେଷ୍ଟ ଜ୍ଞାନ ଆବଶ୍ୟକ । କଥିତ ଅଛି ପ୍ରଖ୍ୟାତଯଶା ବୈଜ୍ଞାନିକ ସାର ଆଇଜାକ ନିଉଟନ କହିଥିଲେ ଯେ ସେ ଜ୍ଞାନ-ସମୁଦ୍ର ତୀରରେ କେବଳ ଉପଲଖଣ୍ଡ ମାତ୍ର ସଂଗ୍ରହ କରୁଛନ୍ତି । ମନୁଷ୍ୟର ପ୍ରକୃତି ଓ ଦେବପ୍ରକୃତି ଉଭୟେ ଏକା ସମୟରେ ତାହାର ମନ ଅଧିକାର କରିବାକୁ ଚେଷ୍ଟା କରନ୍ତି । କାରଣ ତାହାର ଜୀବନ ଦୁଇଟି ଉପାଦାନରେ ଗଠିତ । ଏ ସମ୍ବନ୍ଧରେ Madam Sophia Wadhia ଲେଖିଛନ୍ତି, "But man has a lower animal nature. Imperfection therefore is stamped on the clay of which man's body is formed", ଏହି ସତ୍ୟଟିକୁ ମନୁଷ୍ୟ ଭୁଲି ପାରେ ନାହିଁ ମାତ୍ର ତା ସଙ୍ଗେ ସଙ୍ଗେ ଦେବତ୍ୱ ପ୍ରତିଷ୍ଠାରେ ସେ କୌଣସି ଅବହେଳା କରେ ନାହିଁ । "The first necessary step is to recognise the existence of the latent perfection as well as the activity of the enveloping imperfection." ଐଶ୍ୱରିକ ସଙ୍ଗୀତର ମୂର୍ଚ୍ଛନା ସର୍ବଦା ମାନବ ପ୍ରାଣରେ ବିରାଜମାନ ମାତ୍ର ମାଟିର ଏହି ଦେହ ହେତୁ ଆମ୍ଭେମାନେ ତାହା ଶୁଣି ପାରୁ ନାହୁଁ । ଭୌତିକତାକୁ ବାଦ ଦେଲେ ସେହି ଅମୃତମୟ ଝଙ୍କାରରେ ଏହି ପ୍ରାଣଟି ଝଙ୍କୃତ ହୁଏ । ତେଣୁ ସେକ୍ସପିୟର କହିଛନ୍ତି:—

Such harmony is in immortal souls;
But whilst this muddy vesture of decay
Doth grossly close it in, we cannot hear it.

ଗାନ୍ଧୀଜିଙ୍କ ଚରିତ୍ରଗତ ପବିତ୍ରତା ସର୍ବଜନସମ୍ମତ, ତଥାପି ତାଙ୍କୁ ଏହି ପାଶବିକ ଆବରଣ ତ୍ୟାଗ କରି ନାହିଁ । ସେ ତାହା ସ୍ୱୀକାର କରନ୍ତି ଓ ସେପରି ସ୍ୱୀକାରହିଁ ତାଙ୍କର ନୈତିକ ବଳ ଅଟେ । ସେ ଥରେ କହିଥିଲେ," I am painfully conscious of my imperfection and therein lies all the strength



Digitized by srujanika@gmail.com

I possess, because it is a rare thing for man to know his own limitations." ଆମ୍ଭେମାନେ ଅବଶ୍ୟ ଦୁର୍ବଳ, ତଥାପି ଭଗବାନଙ୍କ ବଳରେ ଆମ୍ଭେମାନେ ବଳୀୟାନ ।

୧୨ । ଏହି ଜଗତରେ, ଏହି ଜୀବନରେ ଭଗବତ୍ କାର୍ଯ୍ୟ ସାଧନ ନ କରି ପରବର୍ତ୍ତୀ ଜୀବନରେ ସେହି କାର୍ଯ୍ୟ କରିବାକୁ ଯେ ଭାବେ ସେ ପରିଶେଷରେ ହତାଶ ହୁଏ । ଧର୍ମ ସଞ୍ଚୟ ଏହି ଜୀବନରେହିଁ ନିତାନ୍ତ ଆବଶ୍ୟକ । କବୀର କହିଛନ୍ତି, "ଜୀବିତ ଅବସ୍ଥାରେ ତୁମ୍ଭର ବନ୍ଧନ ମୁକ୍ତ ନ ହେଲେ ମୃତ୍ୟୁ ପରେ ତୁମ୍ଭେ ମୁକ୍ତି ପାଇବାକୁ କିପରି ଆଶା କରିବ ? ଶରୀରରୁ ଆତ୍ମା ଚାଲିଗଲା ମାତ୍ରେ ଭଗବାନଙ୍କ ସଙ୍ଗେ ମିଳିତ ହୁଏ ନାହିଁ, ଏପରି ଭାବନା ସ୍ୱପ୍ନସମ ଅଳୀକ । ଏତେବେଳେ ଯଦି ତୁମ୍ଭେ ଭଗବାନଙ୍କୁ ପାଇଛ, ସେତେବେଳେ ମଧ୍ୟ ତୁମ୍ଭେ ତାଙ୍କୁ ପାଇବ । ନ ହେଲେ ମୃତ୍ୟୁ ନଗରହିଁ ତୁମ୍ଭର ଏକମାତ୍ର ଗନ୍ତବ୍ୟ ସ୍ଥଳ ।"

ଏହି ଜୀବନରେହିଁ ଧର୍ମଯୁଦ୍ଧ କରିବାକୁ ହେବ । ସେହି ଯୁଦ୍ଧରେ ସେନାପତି ହେବେ ସ୍ୱୟଂ ଭଗବାନ ଏବଂ ଆମ୍ଭେମାନେ ହେବା ତାଙ୍କର ସୈନିକ ।

୧୩ । ଯେତେଦିନ ଯାଏ ମାନବ ହୃଦୟରେ ଭଗବଦ୍ ଆଲୋକ ପ୍ରବିଷ୍ଟ ହୋଇ ନାହିଁ ସେତେଦିନ ଯାଏ ତାହା ଅନ୍ଧକାରମୟ । ସଂସାରର ଅଜ୍ଞାନାନ୍ଧକାର ବିଦୂରୀକରଣ ମନୁଷ୍ୟ ଜୀବନରେ ଗୋଟିଏ ପ୍ରଧାନ କାର୍ଯ୍ୟ । ଭଗବାନଙ୍କ ଆଲୋକ ନିଜେ ପାଇ ପରକୁ ଦେବା ମନୁଷ୍ୟର ଧର୍ମ ।

ସତ୍ୟ ପ୍ରେମରେ ବିଭୋର ହୋଇ ମାନବ ନିଜକୁ ଉପଲବ୍ଧି କଲେ ମନୁଷ୍ୟତା ଦେବତ୍ୱରେ ପରିଣତ ହୁଏ । ସେତେବେଳେ ସେ ବଜ୍ର ଗମ୍ଭୀର ସ୍ୱରରେ କହିବାକୁ ସମର୍ଥ ହୁଏ, "ଅୟମହମ୍ଭୋ" । ସେ ଉପଲବ୍ଧି କରେ "ସୋଽହମ୍", ଯୀଶୁଙ୍କ ଭାଷାରେ ସେ କହେ, "I and my father are one."

# ପ୍ରତୀକ୍ଷା

ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡା

ସଞ୍ଜ ବେଳାର କଞ୍ଜ କଳିଟି
ଝାଉଁଳି ପଡ଼ଇ ଯେବେ,
ତବ ଆଗମନ ପଥ ଚାହିଁ ବସେଁ
ବାତାୟନ ପଥେ ତେବେ ।
ପ୍ରତୀଚୀ ଗଗନେ ବୁଡ଼ି ଯାଉଥାଏ
ଲୋହିତ ବରଣ ରବି,
ହୃଦପଟେ ମମ ପ୍ରତିଫଳେ ସଖା,
ତୁମର କରୁଣ ଛବି ।
ବିରହୀ ଅନ୍ତରେ ଜାଗି ଉଠେ ମନ
ନିବିଡ଼ ଲୋହିତ ବ୍ୟଥା,
ଗୁମରି ଉଠେ ମୋ କ୍ଷୁବ୍ଧ ପରାଣେ
ଅକୁହା ଗୁପତ କଥା ।
ନନ୍ଦନୁ ଝରନ୍ତା ଆଷାଢ଼ ଆସାର
ଭିଜି ଯାଏ ବୁକୁ ବାସ,
ଭାଙ୍ଗି ପଡ଼େ ମୋ ଧଇରଯ ସୀମା
ତୁଟିଯାଏ ମନୁ ଆଶା ।
ଦୂର ନଭକୋଣେ ସଞ୍ଜ ତାରାଟି
ମିଟି ମିଟି ଚାହିଁ ମୋରେ,
ଜାଳିଦିଏ ପୁଣି ଆଶାର ଆଲୋକ
ନିରାଶ ମୋ ହୃଦ ପୁରେ ।
ସାନ୍ଧ୍ୟ ସମୀରେ ଭାସିଆସେ ତବ
କରୁଣ ମୁରଲୀ ତାନ,
ନବୀନ ଆଶାରେ ମୁଞ୍ଜରି ଉଠେ
ଶୁଷ୍କ ହତାଶ ପ୍ରାଣ ।
ମଉଳା ଅଧରେ ଫୁଟିଉଠେ ମମ
ସରସ ମଧୁର ହାସ,
ଅନ୍ତରେ ମମ ନିରେଖଇଁ ପ୍ରିୟ
ତୁମର ମିଳନ ରାସ ।
ଧରଣୀ ଲପନୁ ନିଭିଯାଉ ଥାଏ
ଆଲୋକର ଶେଷ ଜ୍ୟୋତି,
ଅନ୍ତରେ ମମ ଫୁଟି ଉଠୁଥାଏ
ଶତ ଦରଭୁଲା ସ୍ମୃତି ।
ନୋହୁ ପଛେ ଦିନେ ଜୀବନରେ ଦେଖା
ସ୍ମୃତି ମାତ୍ର ଥାଉ ଜାଗି,
ନୀରବେ ନିରୋଳେ ଚାହିଁ ବସିଥିବି
ଦିବା ରାତି ତବ ଲାଗି ।

# ବିବର୍ତ୍ତନବାଦର କଥା

ବସନ୍ତ କୁମାର ବେହୁରା

ବିଶ୍ୱବିଦିତ ଇଂରେଜ ମନୀଷୀ ଚାର୍ଲସ୍ ରବାର୍ଟ ଡ଼ାରଉଇନ୍ (୧୮୦୯-୧୮୮୨) ବିବର୍ତ୍ତନବାଦର ଜନ୍ମଦାତା। ଡ଼ାରଉଇନ୍‌ଙ୍କ ମତ ଆଜି ନିଖିଳ ଜନସମାଦୃତ। ଏହି ତତ୍ତ୍ୱର କେତୋଟି ସୂକ୍ଷ୍ମାଂଶ ପରିମାର୍ଜିତ ହୋଇ ନୂତନ ମତ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲେ ମଧ୍ୟ ମୌଳିକ ତତ୍ତ୍ୱ ଅକ୍ଷୁଣ୍ଣ ରହିଅଛି। ଅଥଚ, ଏହି ମହାମନୀଷୀ ଯେତେବେଳେ ତାଙ୍କର ମତ ପୃଥିବୀରେ ପ୍ରଥମେ ପ୍ରଚାର କଲେ ସେତେବେଳେ ସମଗ୍ର ସଭ୍ୟ ଜଗତରେ ଯେଉଁ ପ୍ରବଳ ଝଟିକାର ଆବର୍ତ୍ତନ ହୋଇଥିଲା, ଆଜି ତାହା ଭାବିଲେ ସ୍ତମ୍ଭୀଭୂତ ହେବାକୁ ହୁଏ।

ଜଗତର ସମସ୍ତ ବଡ଼ ବଡ଼ ବୈଜ୍ଞାନିକ ତଥ୍ୟର ଇତିହାସ ସମ୍ବନ୍ଧରେ ଆଲୋଚନା କଲେ ଦେଖାଯାଏ ଯେ ଏକାଧିକ ବିଖ୍ୟାତ ମନୀଷୀଙ୍କର ଅପୂର୍ବ ଚିନ୍ତାଧାରା ଓ ସାଧନା ଫଳରେ ସେଗୁଡ଼ିକ ପ୍ରତିଷ୍ଠିତ। ଅବଶ୍ୟ ଶେଷରେ ଜଣେ ଅସାଧାରଣ ପ୍ରତିଭାସମ୍ପନ୍ନ ମହାମନୀଷୀ ସମସ୍ତ ଖଣ୍ଡ ଖଣ୍ଡ ଚିନ୍ତାକୁ ଏକତ୍ର କରି, ଆପଣାର ଅଲୌକିକ ପ୍ରତିଭାଦ୍ୱାରା ତାକୁ ଏକ ସମ୍ପୂର୍ଣ୍ଣ ନୂତନ ରୂପ ଦେଇ ମାନବ ସମାଜରେ ସୁପ୍ରତିଷ୍ଠିତ କରିଥାନ୍ତି। ବୈଜ୍ଞାନିକ ଆଇନ୍‌ଷ୍ଟାଇନ୍‌ଙ୍କ 'ରିଲେଟିଭିଟି' ତଥ୍ୟ ସମ୍ବନ୍ଧରେ ଏହା ଯେପରି ପ୍ରଯୁଜ୍ୟ ଡ଼ାରଉଇନ୍‌ଙ୍କ ବିବର୍ତ୍ତନବାଦ ସମ୍ବନ୍ଧରେ ମଧ୍ୟ ସେହିପରି ପ୍ରଯୁଜ୍ୟ।

ବହୁ ପ୍ରାଚୀନ କାଳରୁ ଦାର୍ଶନିକଗଣ ଜଗତରେ ଏକ ବିବର୍ତ୍ତନ ଶୀଳ ଜୀବନର ଧାରା ସମ୍ବନ୍ଧରେ ମତ ବ୍ୟକ୍ତ କରିଅଛନ୍ତି। ପ୍ରାଚୀନ ଗ୍ରୀକ୍, ହିନ୍ଦୁ ଓ ରୋମାନ୍ ଦାର୍ଶନିକମାନଙ୍କର ରଚନାରେ ଏହାର ସୂଚନା ଦେଖିବାକୁ ମିଳେ। ଡ଼ାରଉଇନ୍‌ଙ୍କ 'ଇଭଲିଉଶନ୍' ଲାଟିନ୍ ଶବ୍ଦ 'ଇଭଲଭିଅର୍' (Evolvere)ରୁ ଉତ୍ପନ୍ନ କରିଅଛି। ଏହି ଶବ୍ଦର ଅର୍ଥ 'ଖୋଲିଯିବା'। ଜୀବନର ଗ୍ରନ୍ଥିଗୁଡ଼ିକ ଖୋଲି ହୋଇ ହୋଇ ଏକରୁ ଆରେକକୁ ପରିବର୍ତ୍ତିତ ହେଉଅଛି—ସମ୍ଭବତଃ ଏହି ଅର୍ଥରେ ଉକ୍ତ କଥାର ବ୍ୟାଖ୍ୟା କରା ଯାଇଅଛି। 'ପ୍ରକୃତିରେ ମାନବର ସ୍ଥାନ' (Man's place in Nature)ର ଅମର ଲେଖକ ହାକ୍ସଲେ ବିବର୍ତ୍ତନବାଦର ବ୍ୟାଖ୍ୟା ଏହିପରି କରିଅଛନ୍ତି:—"A general name for the history of the steps by which any living being has acquired the morphological and physiological characters which distinguish it."

ସେ ଯାହାହେଉ, ଡାରଉଇନ୍‌ଙ୍କ ତଥ୍ୟ ସମ୍ବନ୍ଧରେ କିଛି କହିବା ଆଗରୁ ଏହାର ପୂର୍ବ ଇତିହାସ ସମ୍ବନ୍ଧରେ କିଞ୍ଚିତ୍ ଆଭାସ ଦେବା ଆବଶ୍ୟକ।

ପ୍ରାଗୈତିହାସିକ ଯୁଗରେ ଯେଉଁ ସମସ୍ତ ଅତିକାୟ ଜୀବଜନ୍ତୁ ପୃଥିବୀ ପୃଷ୍ଠରେ ବିଚରଣ କରୁଥିଲେ, ଯେଉଁମାନେ ଆଜି ଲୁପ୍ତ ଓ ପ୍ରକୃତିର ମହାଲୀଳାରେ ଯେଉଁମାନଙ୍କର ଅବଶିଷ୍ଟାଂଶ ପ୍ରସ୍ତର ଗାତ୍ରରେ ଖୋଦିତ ହୋଇ ରହି ଯାଇଅଛି; ଏବଂ ଯେଉଁମାନଙ୍କୁ ଆମ୍ଭେମାନେ 'ଫସିଲ୍' (fossil) ଆଖ୍ୟା ଦେଇଥାଉଁ, ତାହାଁର ତଥ୍ୟ ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀ ପୂର୍ବେ ଲୋକଙ୍କୁ ଜଣା ନ ଥିଲା। ଏହି ସମୟରେ, ପୃଥିବୀ-ବିଖ୍ୟାତ ଇଟାଲୀୟ ଚିତ୍ରକର ଓ ବୈଜ୍ଞାନିକ ଲିଓନାର୍ଡୋ ଡ଼ା ଭିନ୍‌ସି (୧୪୫୨-୧୫୧୯) 'ଫସିଲ୍' ସମ୍ବନ୍ଧରେ ପ୍ରକୃତ ତଥ୍ୟ ଉଦ୍ଭାବନ କରିଥିଲେ। ପ୍ରାଗୈତିହାସିକ ଯୁଗର ଜୀବଜନ୍ତୁ ଧ୍ୱଂସ ପ୍ରାପ୍ତ ହେବା ପରେ, କଠିନ ମୃତ୍ତିକା-ସ୍ତର ମଧ୍ୟରେ, ଶତାବ୍ଦୀ ପରେ ଶତାବ୍ଦୀ ପର୍ଯ୍ୟନ୍ତ କଙ୍କାଳର ଯେଉଁ ଛାପ ରହିଯାଏ ତାହା 'ଫସିଲ୍' ନାମରେ ଆଖ୍ୟାତ। ଲିଓନାର୍ଡୋଙ୍କର ତଥ୍ୟ ଉଦ୍ଭାବନ ପରେ ମଧ୍ୟ ସେତେବେଳେ କେହି ବେଶୀ ସେ ବିଷୟରେ ମସ୍ତିଷ୍କ ଚାଳନା କରି ନ ଥିଲେ; କିନ୍ତୁ ଏହା ପରେ ଯେତେବେଳେ ପ୍ରାଣୀତତ୍ତ୍ୱ ଓ ଉଦ୍ଭିଦତତ୍ତ୍ୱ ସମ୍ବନ୍ଧରେ ଲୋକେ ଧୀରେ ଧୀରେ ଆଗ୍ରହାନ୍ୱିତ ହେବାକୁ ଲାଗିଲେ ସେତେବେଳେ ପ୍ରାଗୈତିହାସିକ ଯୁଗର ଜୀବଜନ୍ତୁମାନଙ୍କ ସମ୍ବନ୍ଧରେ ନୂତନ ବୈଜ୍ଞାନିକ ଧାରଣାର ସୃଷ୍ଟି ହେଲା ଏବଂ ଏହାର ମୂଳରେ ଲିଓନାର୍ଡୋଙ୍କର 'ଫସିଲ୍'ତତ୍ତ୍ୱ ପ୍ରତିଷ୍ଠା ଲାଭ କରିଥିଲା।

ଏହାର ପ୍ରାୟ ତିନି ଶହ ବର୍ଷ ପରେ, ସୁପ୍ରସିଦ୍ଧ ପ୍ରକୃତିତତ୍ତ୍ୱବିଦ୍ ଫରାସୀ ମନୀଷୀ ଲାମାର୍କ (Jean Baptiste pierre Antoine de Monnet, chevalier de, Lamarck. ୧୭୪୪-୧୮୨୯) ତାଙ୍କର, ୧୮୦୯ ଖ୍ରୀଷ୍ଟାବ୍ଦରେ "Philosophie Zoologique" ଏବଂ ୧୮୧୫ ଖ୍ରୀଷ୍ଟାବ୍ଦରେ "Histoire Naturelle des Animaur sans vertebres" ପ୍ରକାଶ କରି ସେଥିରେ ଉଦ୍ଭିଦ ଜଗତରେ ବେଷ୍ଟନୀର ପ୍ରଭାବ ଏବଂ ଜୀବ-ଜଗତରେ ବଂଶ ପରମ୍ପରାରେ ଆକୃତି ଓ ପ୍ରକୃତିଗତ ସାଦୃଶ୍ୟ ବିଷୟ ଆଲୋଚନା କରିଥିଲେ। ପୂର୍ବେ ଅତିକାୟ ତିମି ମତ୍ସ୍ୟର ପଶ୍ଚାଦ୍ ଭାଗରେ ପାଦ ଥିଲା; କିନ୍ତୁ ଏହା କ୍ରମେ ଅପ୍ରୟୋଜନୀୟ ହୋଇ ଆସିଲା। ଏହାର ଫଳସ୍ୱରୂପ, ବଂଶାନୁକ୍ରମେ ଏହି ବିରାଟ ମତ୍ସ୍ୟର ପାଦ ପ୍ରୟୋଜନ ଓ ବ୍ୟବହାର ଅଭାବରୁ କ୍ଷୁଦ୍ରରୁ କ୍ଷୁଦ୍ରତର ହୋଇ ଶେଷରେ ଅଦୃଶ୍ୟ ହେଲା।

ଲାମାର୍କଙ୍କ ପରେ ଅସାଧାରଣ ପ୍ରତିଭାସମ୍ପନ୍ନ ଅଷ୍ଟ୍ରିୟାର ଉଦ୍ଭିଦ-ତତ୍ତ୍ୱବିଦ୍ ଗ୍ରେଗରୀ ଜୋହାନ୍ ମେଣ୍ଡେଲ (୧୮୨୨-୧୮୮୪) ଲାମାର୍କଙ୍କ ତଥ୍ୟଟିକୁ ଅଧିକ ସ୍ପଷ୍ଟରୂପେ ପ୍ରତିଷ୍ଠିତ କରିଥିଲେ ଏବଂ ନିଜେ ଗୋଟିଏ ସମ୍ପୂର୍ଣ୍ଣ ନୂତନ ତଥ୍ୟ ପ୍ରକାଶ କରି ଜଗତକୁ ସ୍ତମ୍ଭିତ କରି ଦେଇଥିଲେ। ସେ ବଂଶପରମ୍ପରାନୁକ୍ରମିକ ପ୍ରକୃତି



ଛ

Digitized by srujanika@gmail.com

ସମ୍ବନ୍ଧରେ ବିସ୍ତୃତ ଗବେଷଣା କରି କହିଲେ, ଯଦି ବଂଶ ପରମ୍ପରା ପ୍ରକୃତି ଓ ଆକୃତିଗତ ହୁଏ, ତେବେ ଅବଶେଷରେ ଏକ ସମ୍ପୂର୍ଣ୍ଣ ନୂତନ ସ୍ତରର ଜୀବର ସୃଷ୍ଟି ହେବ । ଏହି ତଥ୍ୟ ଦ୍ୱାରା ପ୍ରାଚୀନ ବିଶ୍ୱାସ ମୂଳରେ ସେ କୁଠାରାଘାତ କରିଥିଲେ । କାରଣ ପ୍ରାଚୀନ-ପନ୍ଥୀମାନଙ୍କର ମତ ଥିଲା ଯେ, ସୃଷ୍ଟିର ଆଦ୍ୟରେ ଯେଉଁ ଜୀବ ତିଆରି ହୋଇଥିଲେ, ସେମାନେ ବର୍ତ୍ତମାନ ଯେପରି ଅଛନ୍ତି ଠିକ୍ ସେହିପରି ଗଢ଼ା ହୋଇଥିଲେ । ଅନ୍ୟ କଥାରେ ଏହି ସୃଷ୍ଟି ଏକାବେଳକେ ସଦ୍ୟପ୍ରସୂତ ।

ଏହି ସମୟରେ ଟମାସ୍ ରବାର୍ଟ ମେଲଥାସ୍ (୧୭୬୬-୧୮୩୪) ନାମକ ଜଣେ ଇଂରେଜ "The Principle of Population" ନାମକ ଅର୍ଥନୀତି ସମ୍ବନ୍ଧରେ ଗୋଟିଏ ମୌଳିକ ପ୍ରବନ୍ଧ ପ୍ରକାଶ କରିଥିଲେ, ଯହିଁରେ ଅର୍ଥନୀତିର ଏକ ଚିରନ୍ତନ ସମସ୍ୟା ବିଷୟ ଆଲୋଚିତ ହୋଇଥିଲା । ଜନସଂଖ୍ୟା କି ଜ୍ୟାମିତିକ ରୂପେ ବଢ଼ିଚାଲିଛି, ଅଥଚ ଅନ୍ୟ ଦିଗରେ ଖାଦ୍ୟ ସରବରାହ ତଦନୁପାତରେ ବୃଦ୍ଧି ପାଇବା କିପରି ସମ୍ଭବପର ହେଉନାହିଁ—ଏହିକଥା ସେ ଦର୍ଶାଇଥିଲେ । ଏହି ଚିରନ୍ତନ ସମସ୍ୟାର ସମାଧାନ ଆଜି ପର୍ଯ୍ୟନ୍ତ ହୋଇନାହିଁ । କିନ୍ତୁ ସେ ଯୁଗରେ ଏହି ଆଲୋଚନା ବିରଳ ଥିଲା । ମେଲଥାସ୍ଙ୍କ ମତରେ ବିବାହ ଓ ଅନ୍ୟାନ୍ୟ ବିଷୟରେ ଜନସଂଖ୍ୟା ନିୟନ୍ତ୍ରଣ କରିବା ଏକାନ୍ତ କର୍ତ୍ତବ୍ୟ । ବଞ୍ଚି ରହିବାକୁ ହେଲେ ଖାଦ୍ୟ ଦରକାର । କାର୍ଯ୍ୟତଃ, ଜୀବନ ସଂଗ୍ରାମରେ ସତ୍ତା ବଜାୟ ରଖିବା ପାଇଁ ପ୍ରାଣୀକୁ ଯୁଦ୍ଧ କରିବାକୁ ପଡ଼େ ଏବଂ ଜିଣିବାକୁ ହେଲେ ଖାଦ୍ୟ ସମସ୍ୟାର ସମାଧାନ ସର୍ବାଦୌ ପ୍ରୟୋଜନ ।

ତାଙ୍କର ରଚନା ସର୍ବତ୍ର ସମାଦୃତ ହେଲା । ଏ ସମୟରେ ଅନ୍ୟାନ୍ୟ ଅନେକଙ୍କ ମଧ୍ୟରେ ଦୁଇ ଜଣ ବିଖ୍ୟାତ ଚିନ୍ତାଶୀଳ ବ୍ୟକ୍ତିଙ୍କର ଏହି ପ୍ରବନ୍ଧ ପ୍ରତି ନଜର ପଡ଼େ । ସେମାନେ ହେଉଛନ୍ତି ଆଲ୍‌ଫ୍ରେଡ଼ ରସେଲ ଓ ଚାର୍ଲସ ଡାରଉଇନ୍ । ଉଭୟେ ଥିଲେ ପ୍ରକୃତିତତ୍ତ୍ୱବିଦ୍ । ଲାମାର୍କଙ୍କ ତଥ୍ୟରୁ ସେମାନେ ଗୋଟିଏ ବିଷୟ ବୁଝିଥିଲେ ; କିନ୍ତୁ ତାହା ଅସମ୍ପୂର୍ଣ୍ଣ ଭାବରେ । ଲାମାର୍କ କହନ୍ତି ବଂଶ ପରମ୍ପରାରେ କ୍ରମବିକାଶ ଫଳରେ ନୂତନତର ଜୀବର ସୃଷ୍ଟି ହେବ । କିନ୍ତୁ ତା'ହେଲେ ଜୀବଜଗତ ଏତେ ରକମ ଭାବରେ କ୍ରମ-ପରିବର୍ତ୍ତନଶୀଳ ହୁଏ କିପରି ? ଯୁଗ ଯୁଗ କ୍ରମାଗତ ନୂତନରୁ ନୂତନତର ଜୀବ ଆବିର୍ଭୂତ ହେଉଛନ୍ତି କିପରି ? ଏ ସବୁର ଉତ୍ତର ସେମାନେ ପାଇଲେ ମେଲ୍‌ଥାସ୍ଙ୍କ ରଚନାରେ—ତାଙ୍କର ସେହି ସତ୍ତା ପାଇଁ ଯୁଦ୍ଧ-ମତରେ ।

ସେମାନଙ୍କର ମତ ଥିଲା, ଜୀବ ହେଉ ବା ଉଦ୍‌ଭିଦ ହେଉ କାହାରିକୁ ହେଲେ ସେମାନଙ୍କର ପୂର୍ବ ପୁରୁଷଗଣ ବଂଶ ପରମ୍ପରାରେ ଅଳ୍ପ ଅଳ୍ପ ପରିବର୍ତ୍ତିତ କରି ଛାଡ଼ି ଦେଇଯାନ୍ତି ନାହିଁ—ଯାହା ଫଳରେ ବହୁ ପୁରୁଷ ପରେ ଏକ ଜୀବରୁ ଅନ୍ୟ ଏକ ଜୀବର ଉତ୍ପତ୍ତି ହୁଏ । ତା' ହେଲେ ତ ତାହା ଜୀବନ୍ତ କଳ ହୋଇ ଗଲା ! ସେମାନଙ୍କ ମତରେ ସେମାନେ ନିଜେ ପାରିପାର୍ଶ୍ୱିକ ଆବହାଓଆ ସହିତ ଖାପ ଖାଇ ନ ଚଳିଲେ ହେବ ନାହିଁ । କାର୍ଯ୍ୟତଃ ଜୀବନ ସଂଗ୍ରାମରେ ଜୟୀ ହେବା ପାଇଁ ସେମାନେ ଚତୁର୍ଦ୍ଦିଗର ପୃଷ୍ଠଭୂମି ସହିତ ନିଜକୁ ଉପଯୋଗୀ କରି ନେବାକୁ ବାଧ୍ୟ । ଏହା ଫଳରେ ସେମାନଙ୍କ ମଧ୍ୟରେ ବିରାଟ ପରିବର୍ତ୍ତନ ଆସେ ।

ବର୍ତ୍ତମାନ, ସେମାନଙ୍କର ଯେଉଁ ଉତ୍ପାଦନେଚ୍ଛା—ତାହା ପୂରଣ କରିବା ନିମିତ୍ତ ସେମାନେ ସ୍ୱଭାବତଃ ସେମାନଙ୍କର ସମୟୋପଯୋଗୀ ସଙ୍ଗୀ ଖୋଜି ନେବେ । ତାହା ଫଳରେ ସେମାନଙ୍କର ସନ୍ତାନଗଣ ସେହି ପାରିପାର୍ଶ୍ୱିକ ଅବସ୍ଥାର ଉପଯୋଗୀ ହୋଇ ଜନ୍ମଗ୍ରହଣ କରନ୍ତି । ଏହିପରି ଭାବରେ ସେମାନେ ଆପଣା ଅଜ୍ଞାତରେ ସେମାନଙ୍କର ଗୁଣ ଗୁଡିକ ଆପଣା ସନ୍ତାନମାନଙ୍କ ମଧ୍ୟରେ ପ୍ରଚଳନ କରି ଦିଅନ୍ତି—ଯାହା ଫଳରେ କି ଧୀରେ ଧୀରେ ନୂତନତର ଜୀବର ଆବିର୍ଭାବ ହୁଏ । ମୋଟା ମୋଟି ଏହାହିଁ କ୍ରମବିକାଶ ତତ୍ତ୍ୱର ଉତ୍ତର କଥା ।

ଡାରଉଇନ୍ ଥିଲେ ବହୁଦର୍ଶୀ ବିଜ୍ଞ । ତେଣୁ ସେ ହଠାତ୍ ତାଙ୍କର ମତ ଜନସମାଜରେ ପ୍ରଚାର କରିବାକୁ ଇତସ୍ତତଃ ହୋଇ ଥିଲେ । କାରଣ ସେ ବୁଝିଥିଲେ, ତାଙ୍କର ଏହି ତଥ୍ୟ ସମାଜରେ ଏକ ଭୀଷଣ ଆନ୍ଦୋଳନ ସୃଷ୍ଟି କରିବ । ଅବଶେଷରେ ୧୮୪୨ ମସିହାରେ ସେ ଏ ସମ୍ବନ୍ଧରେ ପଇଁତିରିଶ ପୃଷ୍ଠାର ଏକ କ୍ଷୁଦ୍ର ପ୍ରବନ୍ଧ ପ୍ରକାଶ କଲେ । ଏହାର ପ୍ରାୟ ଦୁଇ ବର୍ଷ ପରେ ଡାରଉଇନ୍ ଏହାକୁ ପରିବର୍ଦ୍ଧିତ କରି ତାଙ୍କର ବିବର୍ତ୍ତନବାଦ ସମ୍ବନ୍ଧରେ ଯେଉଁ ରଚନା ପ୍ରକାଶ କରିଥିଲେ ତାହା ଦୁଇଶତ ତିରିଶ ପୃଷ୍ଠା ଥିଲା ।

ଡାରଉଇନ୍‌ଙ୍କ ତଥ୍ୟ ପ୍ରକାଶିତ ହେବାର ପ୍ରାୟ ଚଉଦ ବର୍ଷ ପରେ ବିଖ୍ୟାତ ଇଂରେଜ ପ୍ରକୃତିତତ୍ତ୍ୱବିଦ୍ ଆଲ୍‌ଫ୍ରେଡ୍ ରସେଲ ଓ୍ୱାଲେସ୍ (୧୮୨୩-୧୯୧୩) ମାଲୟ ଦ୍ୱୀପପୁଞ୍ଜରୁ, ଗୋଟିଏ ପ୍ରବନ୍ଧ ରଚନା କରି, ତାଙ୍କ ନିକଟକୁ ପଠାଇ ଦେଇଥିଲେ । କି ଭାବରେ ଏକ ଶ୍ରେଣୀର ଜୀବରୁ ଅପର ଏକ ଶ୍ରେଣୀର ଜୀବ ଉଦ୍‌ଭୂତ ହୋଇପାରେ, ଏ ବିଷୟ ନେଇ ଓ୍ୱାଲେସ୍ ଅନେକ ଦିନ ଧରି ମଥା ଖଟେଇଥିଲେ । ଏହି ସମୟରେ ମେଲ୍‌ଥାସ୍ଙ୍କ ରଚନା ପଢି "Survival of the fittest" କଥାଟି ମନରେ ଜାଗି ଉଠିଥିଲା । ଡାରଉଇନ୍ ଦେଖିଲେ, ଓ୍ୱାଲେସ୍ଙ୍କ ରଚନାରେ ତାଙ୍କର ମତ ଠିକ୍ ଏ ଅନ୍ୟଭାବରେ ବ୍ୟକ୍ତ କରା ଯାଇଅଛି । ସେ ଯାହା ହେଉ, ଓ୍ୱାଲେସ୍ଙ୍କ ମୌଳିକତ୍ୱ ଯାହା, ତା' ସ୍ୱୀକାର କରିବାକୁ ଡାରଉଇନ୍ କୁଣ୍ଠିତ ହୋଇ ନ ଥିଲେ । ଏହାପରେ ୧୮୫୯ ଖ୍ରୀଷ୍ଟାବ୍ଦରେ (ନଭେମ୍ବର ୨୪) ସହୃଦୟ ବନ୍ଧୁମାନଙ୍କର ବିଶେଷ ଅନୁରୋଧରେ ଡାରଉଇନ୍ ତାଙ୍କର ଅମର କୀର୍ତ୍ତି "Origin of the species" ନାମକ ଗ୍ରନ୍ଥ ପ୍ରକାଶ କଲେ ।

ପୁସ୍ତକଟି ସୁଦ୍ଧା ଶିକ୍ଷିତ ସମାଜ ଦ୍ୱାରା ଆଦୃତ ହୋଇଥିଲା ଓ ସେ ସମୟର ବୈଜ୍ଞାନିକ ଚିନ୍ତାଧାରା ତାଙ୍କର ତଥ୍ୟଟିକୁ ଗ୍ରହଣ



Digitized by srujanika@gmail.com

କଲେ ମଧ୍ୟ ସେ କାଳର ଈଶ୍ୱରବାଦୀମାନେ ଏହି ତତ୍ତ୍ୱପ୍ରତି ନାସିକାକୁଞ୍ଚନ କରୁଥିଲେ, ମାତ୍ର ଯେତେବେଳେ ୧୮୭୧ ମସିହାରେ ଡାରଉଇନ୍ ତାଙ୍କର "Descent of Man and selection in relation to sex" ନାମକ ଗ୍ରନ୍ଥ ପ୍ରକାଶ କଲେ ସେତେବେଳେ ସାତମତ ଗୋଳମାଳ ଆରମ୍ଭ ହେଲା । ଏ ପର୍ଯ୍ୟନ୍ତ ଅନ୍ୟାନ୍ୟ ଜୀବଜନ୍ତୁମାନଙ୍କର ଆବିର୍ଭାବ ସମ୍ବନ୍ଧରେ ଡାରଉଇନ୍‌ଙ୍କ ମତ ପ୍ରାୟ ସର୍ବତ୍ର ସ୍ୱୀକୃତ ହୋଇଥିଲା । କିନ୍ତୁ ଗୋଳମାଳ ଆରମ୍ଭ ହେଲା ମଣିଷକୁ ନେଇ । ଅନ୍ୟାନ୍ୟ ଜୀବଜନ୍ତୁ ଡାରଉଇନ୍‌ଙ୍କ କ୍ରମବିକାଶ ଫଳରେ ଜନ୍ମ ହୋଇ ପାରନ୍ତି ମାତ୍ର ମନୁଷ୍ୟ ସମ୍ବନ୍ଧରେ କୌଣସି ମତେ ତାହା ପ୍ରଯୁଜ୍ୟ ନୁହେଁ । ମନୁଷ୍ୟର ଜନ୍ମ ସମ୍ପୂର୍ଣ୍ଣ ଆକସ୍ମିକ—ଯାହାକୁ ଇଂରାଜୀରେ କହନ୍ତି accidental.

ଏକ ବିଶେଷ ଶ୍ରେଣୀର ଜୀବ ହଠାତ୍ ସବଂଶରେ ଲୋପ ପାଇ ଯିବାର ପ୍ରାୟ ଦେଖାଯାଏ । ୧୮୭୯ ଖ୍ରୀଷ୍ଟାବ୍ଦରେ ମେକ୍‌ସିକୋ ଉପସାଗରରେ ଏକଜାତୀୟ ନୂତନ ମତ୍ସ୍ୟ ଦେଖା ଯାଇଥିଲେ । ତିନି ବର୍ଷ ପରେ ସେ ସମସ୍ତ ମତ୍ସ୍ୟ ହଠାତ୍ ସମୂଳେ ବିନଷ୍ଟ ହୋଇ ଯାଇଥିଲେ । ଏହାର କାରଣ ସ୍ୱରୂପ କୁହା ଯାଇଥିଲା ଯେ, ଉତ୍ତର ମେରୁ ପ୍ରଦେଶରୁ ଯେଉଁ ଶୀତଳ ଜଳ-ପ୍ରବାହ ବାହାରେ, ତାହା ଫଳରେ ଏହି ମତ୍ସ୍ୟ ଗୋଷ୍ଠୀ କୌଣସି ଏକ ସ୍ଥାନରୁ ପଳାଇ ଆସିଥିଲେ ଓ ପରେ ହଠାତ୍ ଆହୁରି ଅଧିକ ଥଣ୍ଡା ଜଳ-ପ୍ରବାହ ଆସିବାରୁ ସେମାନେ ତାହା ସହ୍ୟ କରି ନ ପାରି ବିନଷ୍ଟ ହୋଇଥିଲେ । ସେମାନଙ୍କର ସଂଖ୍ୟା ଲକ୍ଷେ କୋଟି ହେବ ବୋଲି ହିସାବ କରି ଦେଖା ଯାଇଥିଲା, ପ୍ରାୟ କୋଡ଼ିଏ ବର୍ଷ ପୂର୍ବେ ଥରେ ନ୍ୟୁୟର୍କ ସହରରେ ଶୀତ କାଳରେ ସମସ୍ତ ବ୍ଲୁ ବାର୍ଡ଼ ପକ୍ଷୀ ଧ୍ୱଂସ ପ୍ରାପ୍ତ ହୋଇଥିଲେ ।

କୌଣସି ବିଶେଷ ଜୀବ ଶ୍ରେଣୀର ଏହିରୂପ ସମ୍ପୂର୍ଣ୍ଣ ବିନାଶର ହେତୁ ସ୍ୱରୂପ କେତୋଟି କାରଣ ପରିଲକ୍ଷିତ ହୋଇଥାଏ । ପ୍ରଥମତଃ ଆବହାଓଆର ଦ୍ରୁତ ପରିବର୍ତ୍ତନ – ଯାହା ଫଳରେ ସେହି ଆବ-ହାଓଆର ଅନୁପଯୋଗୀ, ସେହି ପ୍ରଦେଶର ସମସ୍ତ ଜୀବ ସଚରାଚର ବିନାଶ ପ୍ରାପ୍ତ ହୁଅନ୍ତି । ଏହା ଉପରେ ପୁଣି ଅଛି ଖାଦ୍ୟ ସମସ୍ୟା । ହଠାତ୍ ଆବହାଓଆର ପରିବର୍ତ୍ତନ ଫଳରେ ଜୀବଜନ୍ତୁମାନଙ୍କର ଖାଦ୍ୟର ଅଭାବ ହୁଏ । ଫଳତଃ ଅନାହାରରେ ଶ୍ରେଣୀ ଶ୍ରେଣୀ ଜୀବ ବିନଷ୍ଟ ହୁଅନ୍ତି । ତା' ଛଡ଼ା ଜଳ କଷ୍ଟ ଓ ନାନା ପ୍ରକାର ଆକସ୍ମିକ ଘଟଣା ତ ପୁଣି ରହିଛି ।

କାଲିଫର୍ନିଆର 'ଲାବ୍ରେୟା' (Labrea) ନାମକ ସ୍ଥାନ ବର୍ତ୍ତମାନ ଆମେରିକାର ଗୋଟିଏ ତୈଳୋତ୍ପାଦନ ସ୍ଥାନ । ପ୍ରାଗୈତିହାସିକ ଯୁଗରେ ଏଠାରେ ଗୋଟିଏ ଭୟାବହ ଆକସ୍ମିକ ଦୁର୍ଘଟଣା ଘଟିଥିଲା । ଏହା 'ଟାରଟ୍ରେପ୍' (Tartrap) ନାମରେ ଅଭିହିତ । ଆଗ୍ନେୟଗିରିର ଅଗ୍ନ୍ୟୁତ୍ପାତ ଫଳରେ ଗଳିତ ଧାତୁସ୍ରୋତ ଦିନେ ଏହି ପ୍ରଦେଶ ଉପରେ ପ୍ରବାହିତ ହୋଇଥିଲା । କାଳକ୍ରମେ ଏହି ସ୍ରୋତର ଉପର ଭାଗରେ ଛିଦ୍ର କଠିନ ଆବରଣ ପଡ଼ିଗଲା । ଏହା ମଧ୍ୟରେ ଛୋଟ ଛୋଟ ଜଳାଶୟର ମଧ୍ୟ ସୃଷ୍ଟି ହୋଇଥିଲା । କୌଣସି ସମୟରେ ଜଳକଷ୍ଟ ହେତୁ ଆକୁଳ ହୋଇ ଦଳ ଦଳ ଜୀବଜନ୍ତୁ ସେଠାକୁ ଦୌଡ଼ି ଆସିଥିଲେ । ଏହାର ଫଳ କ'ଣ ହେଲା ତାହା ସହଜରେ ଅନୁମେୟ । ଅସହ୍ୟ ପିପାସାରେ ସେଠାକୁ ଆସୁଥିବା ଅସଂଖ୍ୟ ଜୀବଜନ୍ତୁ ସେହି ଗଳିତ ଧାତୁସ୍ରୋତ ମଧ୍ୟରେ ନିମଜ୍ଜିତ ହୋଇ ସବଂଶ ନିର୍ବାଣପ୍ରାପ୍ତ ହୋଇଥିଲେ, ଦୀର୍ଘ-କାଳ ପରେ ଏ ଯୁଗର ବୈଜ୍ଞାନିକମାନେ ସେଠାରୁ ସେମାନଙ୍କର କଙ୍କାଳ ଉଦ୍ଧାର କରି ଅଛନ୍ତି । ବର୍ତ୍ତମାନ ସେ ସ୍ଥାନ କଠିନ ମୃତ୍ତିକା ସ୍ତରରେ ପରିଣତ ହୋଇଅଛି । କେତେ ଜୀବଜନ୍ତୁ ଯେ ସେହି ବିସ୍ତୃତ ସ୍ଥାନରେ ଧ୍ୱଂସପ୍ରାପ୍ତ ହୋଇଥିଲେ । ସେ ସମ୍ବନ୍ଧରେ କେବଳ ଏତିକି କହିଲେ ଯଥେଷ୍ଟ ହେବ ଯେ ପନ୍ଦର ଫୁଟ ପ୍ରଶସ୍ତ ପଚାଶ ଫୁଟ ଦୀର୍ଘ ଓ ପଇଁତିରିଶ ଫୁଟ ଗଭୀର ସ୍ଥାନରେ ସତର ଗୋଟି ଅତିକାୟ ହସ୍ତୀର ଅବଶିଷ୍ଟାଂଶ ମିଳିଅଛି । ଆହୁରି ମଧ୍ୟ ସେହି ସ୍ଥାନର ଚତୁର୍ଦ୍ଦିଗସ୍ଥ ସମସ୍ତ ପ୍ରଦେଶରେ ସମସ୍ତ ଶ୍ରେଣୀର ଜୀବର ଅବଶିଷ୍ଟାଂଶ ଏହି ଭୀତିପ୍ରଦ କବର ମଧ୍ୟରୁ ପ୍ରାପ୍ତ ହୋଇଅଛି । ସେହିସବୁ ଜୀବଜନ୍ତୁର ବେଶୀ ଭାଗର ଅସ୍ତିତ୍ୱ ଆଜି ଅବଲୁପ୍ତ । ଜୀବନ୍ତ ସମାଧି ପ୍ରାପ୍ତ ସହସ୍ର ସହସ୍ର ଜୀବଜନ୍ତୁର ଦୀର୍ଘଦିନ ଆକୁଳ କ୍ରନ୍ଦନର ମୂକ ସାକ୍ଷୀ ସ୍ୱରୂପ ଆଜି ରହିଛି ସେହି ଲାବ୍ରେୟା ।

ଏହି ସମସ୍ତ ଦୁର୍ଘଟନା ଫଳରେ ବହୁ ଜୀବ ସବଂଶ ଧ୍ୱଂସ ପ୍ରାପ୍ତ ହୋଇଅଛନ୍ତି ସତ୍ୟ; ମାତ୍ର ପ୍ରତ୍ୟେକ ଜୀବ ତ ଆଉ ବିନଷ୍ଟ ହୋଇ ନାହାନ୍ତି । ଯେଉଁମାନେ ବଞ୍ଚି ରହନ୍ତି ସେମାନେ ଅନ୍ୟ ସବୁ ଜୀବଙ୍କ ଭାଗ୍ୟରେ ଯାହା ଘଟି ଅଛି ତା'କୁ ଏଡ଼ି ଦିଅନ୍ତି କିପରି ? ଏହାର ଉତ୍ତର ସେହି 'Survival of the fittest' ମଧ୍ୟରେ ହିଁ ମିଳେ । ଯେଉଁ ସମସ୍ତ ଜୀବଜନ୍ତୁ ଅପେକ୍ଷାକୃତ କଠିନପ୍ରାଣ ସେମାନେ ଚତୁର୍ଦ୍ଦିଗର ପରିବର୍ତ୍ତିତ ପରିବେଶ ମଧ୍ୟରେ ଅତି କଷ୍ଟରେ ବଞ୍ଚି ରହନ୍ତି । କିନ୍ତୁ ସେମାନେ ପରିବର୍ତ୍ତିତ ହୋଇ ପରିବେଶର ଉପଯୋଗୀ ହୋଇ ଗଠିତ ହୁଅନ୍ତି ଯାହା ଫଳରେ ଏକ ନୂତନ ଶ୍ରେଣୀର ଜୀବର ସୃଷ୍ଟି ହୁଏ ।

କି ମଣିଷ, କି ପଶୁ, କି ଉଦ୍ଭିଦ, ସମସ୍ତଙ୍କ ମଧ୍ୟରେ ଅସ୍ତିତ୍ୱ ପାଇଁ ସଂଗ୍ରାମ ସର୍ବତ୍ର ସର୍ବଦା ଏ ଜଗତରେ ଚାଲିଅଛି । ସେମାନଙ୍କ ମଧ୍ୟରେ ଯେଉଁମାନେ ଯୋଗ୍ୟତମ ସେହିମାନେ କେବଳ ବଞ୍ଚି ରହିବେ ଓ ଆପଣାର ସ୍ଥାନ ରକ୍ଷା କରିବେ । ଆଉ ଅନ୍ୟ ସମସ୍ତେ ଯେ କୌଣସି ଉପାୟରେ ହେଉ ଧ୍ୱଂସପ୍ରାପ୍ତ ହେବେ ଏହାହିଁ ଜଗତର ନୀତି । ଏହି କଠିନ ସଂଗ୍ରାମ ମଧ୍ୟରେ, ଏହି ଦ୍ରୁତ ପରିବର୍ତ୍ତନଶୀଳ ଜଗତର ବାସ୍ତବ ପରିବେଶ ସହିତ ସାମଞ୍ଜସ୍ୟ ରକ୍ଷା କରି ଚାଲୁ ଚାଲୁ ଜୀବଜଗତ ମଧ୍ୟରେ କ୍ରମାଗତ ପରିବର୍ତ୍ତନ ଅବଶ୍ୟମ୍ଭାବୀ ।



Digitized by srujanika@gmail.com

# ଦେଶୀୟ ରାଜ୍ୟ ସମାଚାର

## ହିନ୍ଦୋଳ

### ରାଜା ସାହେବଙ୍କ ଅଭିଭାଷଣ

ନଭେମ୍ବର ୯ ତାରିଖ ସନ୍ଧ୍ୟାରେ ଉତ୍କଳ ସାହିତ୍ୟ ସମାଜ ତରଫରୁ ଅନୁଷ୍ଠିତ ସାହିତ୍ୟ ସପ୍ତାହ ଉଦ୍‌ଘାଟନ କରିବାକୁ ଯାଇ ଉତ୍ସବର ପ୍ରଧାନ ପୁରୋଧାରୂପେ ହିନ୍ଦୋଳର ରାଜାସାହେବ କହିଥିଲେ, “କର୍ମ-ଜଞ୍ଜାଳ ମଧ୍ୟରେ ମନୁଷ୍ୟ ବା ମନୁଷ୍ୟ-ସମାଜ କ୍ଲାନ୍ତ ହୋଇ ପଡ଼ିବା ବେଳେ ଉତ୍ସବ ଅନୁଷ୍ଠାନ କରି ତହିଁରେ ନିଜର ଶକ୍ତି ବଢ଼ାନ୍ତି, ଶତଗୁଣିତ ସାହସ ଓ ବଳ ନେଇ, ପୁଣି କର୍ମ କ୍ଷେତ୍ରରେ ପହଞ୍ଚିଯାଏ । ବେଳେ ବେଳେ ବହୁ ଶକ୍ତିସମ୍ପନ୍ନ ହୀନବଳ ଓ ଶୂନ୍ୟହୃଦୟ ହୋଇ ପଡ଼ିଲେ, ନିଜର ଅମୃତନ୍ତ୍ରୀ ବଳରେ ବୀର ହୁଙ୍କାର ଧାରଣ କରିବା ପାଇଁ ଉତ୍ସବର ଆନନ୍ଦ ଲହରୀରେ ନିଜକୁ ଭସାଇ ନିରାଶା-କୁହୁଡ଼ି ମଧ୍ୟରେ ବାଟ ତାଡ଼ି ତାଡ଼ି ଆଲୋକକୁ ଯାଏ ।”

ସଭାସଦମାନଙ୍କୁ ଉଦ୍‌ବୋଧନ ଦେଇ ରାଜା ସାହେବ କହିଲେ, “କବିସୂର୍ଯ୍ୟ, ଗୋପାଳକୃଷ୍ଣ, ବିଶ୍ୱନାଥ, ଉପେନ୍ଦ୍ରଭଞ୍ଜ ଆଦିଙ୍କର କବିତାର ମୂର୍ଚ୍ଛନାରେ ସବଳ ଓ ସରସ ହିନ୍ଦୁଆର ଗୀତଲହରୀ, ଶୀତକାଳୀନ ପାହାନ୍ତିଆରେ ପାଣିକୁହାଳର ପ୍ରାଣର ମୂର୍ଚ୍ଛନା ଯୋଗୀନ୍ଦ୍ର ଦାଣ୍ଡିଆ ଓ ବଉଳା ବାଈ ଗୀତର ଅମର ମୂର୍ଚ୍ଛନାରେ ସରସ ଯୋଗୀପ୍ରାଣ ଓ ମୁଷ୍ଟିଦାନୀର ଗୃହସାମନ୍ତୀର ଅଣସ୍ତ ହୃଦୟ ଗ୍ରାମେ ଗ୍ରାମେ ରାମଲୀଳା ଗୀତରେ ବନ୍ଧି ରହିଥିବା ଓ ଅପେ ଅପେ ଝରି ପଡ଼ୁଥିବା ଶତି ବିକ୍ରମଙ୍କର ବୀଣାସମ୍ବଳିତ ବିଶାଳ ଉତ୍କଳ କଳେବରର ହୃଦସ୍ପନ୍ଦିତ ଏହି ମଞ୍ଚ (ଶ୍ରୀରାମଚନ୍ଦ୍ର ଭବନ ହତାରେ ନିର୍ମିତ ମଞ୍ଚ) ଶତ ଭାବରେ ଶତ ପୁଲକ ଧାରରେ ପୁଲକିତ ଓ ଆଶାରେ ଉତ୍‌ଫୁଲ୍ଲ ରହିବା ପରି ମୋତେ ବୋଧ ହେଉଅଛି ।”

ଓଡ଼ିଆ ଭାଷାର ପ୍ରାଚୀନତା ସମ୍ବନ୍ଧରେ କହିବାକୁ ଯାଇ ରାଜାସାହେବ କହିଲେ, “ବୌଦ୍ଧଯୁଗର ବହୁ ପଛରୁ ଓଡ଼ିଆ ଜାତି ଓ ଓଡ଼ିଆ ଭାଷା ରହିଛି । ଇତିହାସ ତତ୍ତ୍ୱାନୁସନ୍ଧିତ୍ସୁମାନେ ପୁରାଣମାନଙ୍କରେ ‘ଓଡ୍ରଦେଶ’ ଓ ‘ଓକ୍‌କଳ’ରେ ଜାତିର ଅସ୍ତିତ୍ୱ ଦେଖି ପାରୁଅଛନ୍ତି । ଓଡ୍ରଦେଶର ବ୍ୟାଘ୍ର ରାଜା ମହାଭାରତ ଯୁଦ୍ଧରେ ଦୁର୍ଯ୍ୟୋଧନ ପକ୍ଷରେ ଯୁଦ୍ଧ କରିଥିଲେ ।”

ପରିଶେଷରେ ସଭାପତି ମହୋଦୟ ଆଧୁନିକ ସାହିତ୍ୟିକ-ମାନଙ୍କର ଭାବ ଓ ଭାଷାର ଭୂୟସି ପ୍ରଶଂସା କରି ପ୍ରାଚୀନ ସାହିତ୍ୟର ଆଦର୍ଶ ଓ ଗୌରବରେ ଅନୁପ୍ରାଣିତ ହେବାକୁ ଅନୁରୋଧ କରିଥିଲେ ।

## ପାଟଣା

### ସାଧାରଣ ପାଠାଗାର

ସର୍ବସାଧାରଣଙ୍କୁ ବିନା ବ୍ୟୟରେ ପୁସ୍ତକାଦି ପାଠ କରିବାର ସୁବିଧା ଲାଗି ପାଟଣା ସରକାର ଏକ ଯୋଜନା ଗଢ଼ୁଛନ୍ତି । ଏହି ଯୋଜନା ଅନୁଯାୟୀ ରାଜ୍ୟର ସବ୍‌ଡିଭିଜନ କେନ୍ଦ୍ରରେ ଗୋଟିଏ ଲେଖାଏଁ ପାଠାଗାର ସ୍ଥାପିତ ହେବ ଓ ଗୋଟିଏ ପାଠାଗାର କମିଟି ସେଗୁଡ଼ିକର ପରିଚାଳନା କରିବେ । କମିଟିରେ ସବ୍‌ଡିଭିଜନାଲ ଅଫିସର ସଭାପତି ଓ ମଧ୍ୟ ଇଂରାଜୀ ବିଦ୍ୟାଳୟର ହେଡ୍‌ମାଷ୍ଟର ସମ୍ପାଦକ ହେବେ ଏବଂ ତହିଁରେ ସାଧାରଣଙ୍କ ତରଫରୁ ତିନିଜଣ ସଭ୍ୟ ରହିବେ । ବହି କିଣିବା ଲାଗି ସରକାର ଯେତେ ଯେତେ ଟଙ୍କା ମଞ୍ଜୁର କରିବେ ତନ୍ମଧ୍ୟରୁ ଶତକଡ଼ା ୭୫ ଟଙ୍କାରେ ଓଡ଼ିଆ ବହି କିଣାଯିବ ।

ଗ୍ରାମ ସଂଗଠନ କେନ୍ଦ୍ର ପାଇଁ ଗୋଟିଏ ଚଳନ୍ତା ପାଠାଗାର ସ୍ଥାପନ କରିବା ଦିଗରେ ମଧ୍ୟ ସରକାରଙ୍କର ଦୃଷ୍ଟି ଆକୃଷ୍ଟ ହୋଇଅଛି ।

### ଆୟୁର୍ବେଦ ଚିକିତ୍ସା

ଆୟୁର୍ବେଦ ଚିକିତ୍ସାର ମର୍ଯ୍ୟାଦା ବଢ଼ାଇବା ଲାଗି ପାଟଣା ସରକାର ରାଜଧାନୀ ଠାରେ ଗୋଟିଏ ଆୟୁର୍ବେଦୀୟ ଚିକିତ୍ସାଳୟ ସ୍ଥାପନ କରିବାର ଉଦ୍ୟମ କରୁ ଅଛନ୍ତି । ସେଠାରେ ରୋଗୀମାନେ ରହି ଓ ସେଠାରୁ ଔଷଧ ନେଇ ଚିକିତ୍ସା ଲାଭ କରି ପାରିବେ ।

ଔଷଧାଳୟ ଓ ରୋଗୀ-ନିବାସ ଇତ୍ୟାଦି ନିର୍ମାଣ କରିବାର ସମସ୍ତ ବ୍ୟୟ ଭାର ବର୍ତ୍ତମାନ ରାଜମାତା ନିଜେ ବହନ କରୁଅଛନ୍ତି । ଏହି ଚିକିତ୍ସାଳୟରେ ଜଣେ କବିରାଜ ବରାବର ରହି ସେଠାରେ ରହିଥିବା ରୋଗୀମାନଙ୍କର ତତ୍ତ୍ୱ ନେବେ ।

## ମହୀଶୂର

### ବୟସ୍କଙ୍କ ମଧ୍ୟରେ ଶିକ୍ଷା ପ୍ରସାରର ବ୍ୟବସ୍ଥା

ରାଜ୍ୟର ସମସ୍ତ ଲୋକଙ୍କୁ ସାକ୍ଷର କରିବା ପାଇଁ ମହୀଶୂର ବିଶ୍ୱ-ବିଦ୍ୟାଳୟ ଇତିମଧ୍ୟରେ ଏକ ଯୋଜନା ପ୍ରସ୍ତୁତ କରିଅଛନ୍ତି । ଏଥିପାଇଁ ବହୁ ସ୍ୱେଚ୍ଛାସେବକ ନିଯୁକ୍ତ ହୋଇ ଅଛନ୍ତି ଏବଂ ମହୀଶୂର ସହରର ବିଭିନ୍ନ ମହଲ୍ଲାରେ ବୟସ୍କମାନଙ୍କ ପାଇଁ ଶିକ୍ଷା କେନ୍ଦ୍ରମାନ ଖୋଲା ଯାଇଅଛି । ପୂର୍ଣ୍ଣ ସାକ୍ଷରତା ଲାଭ କରିବା ପାଇଁ ଓ ସାକ୍ଷରତା ବଜାୟ ରଖିବା ପାଇଁ ପ୍ରୟୋଜନୀୟ ପାଠକ୍ରମ ପ୍ରସ୍ତୁତ ହୋଇଅଛି ।

ସାକ୍ଷରତା ଲାଭ କରିବା ପାଇଁ ପ୍ରାୟ ଅଢ଼େଇ ମାସ ସମୟ ନିର୍ଦ୍ଧାରିତ ହୋଇଅଛି । ପୁଣି ନିରକ୍ଷର ହେବା ସମ୍ଭାବନା ନ ଥିବା ଭଳି ଶିକ୍ଷାଲାଭ କରିବାକୁ ହେଲେ ଆଉ ଅଧିକ ଅଢ଼େଇ ମାସ ସମୟ ଲାଗିବ ।

ଉକ୍ତ ଯୋଜନା କାର୍ଯ୍ୟରେ ପରିଣତ କରିବା ପାଇଁ ରାଜ୍ୟରେ ଗୋଟିଏ କମିଟି ଗଠିତ ହେବ ଏବଂ ରାଜ୍ୟର ବିଭିନ୍ନ ଅଞ୍ଚଳରେ ତିନି ଶହ କେନ୍ଦ୍ର ସ୍ଥାପିତ ହେବ ।

### ବୈଦ୍ୟୁତିକ ପ୍ରତିଷ୍ଠାନ

ରାଜ୍ୟରେ ବୈଦ୍ୟୁତିକ ଶକ୍ତିର ବହୁଳ ପ୍ରସାରର ଆବଶ୍ୟକତା ଅନୁଭବ କରି ମହୀଶୂର ସରକାର ପ୍ରକାଣ୍ଡ ଜଗ୍ ଜଳପ୍ରପାତରେ ଏକ ବୈଦ୍ୟୁତିକ ପ୍ରତିଷ୍ଠାନ ଖୋଲିବାର ପ୍ରାଥମିକ ଖର୍ଚ୍ଚ ପାଇଁ ୨୮୦.୫ ଲକ୍ଷ ଟଙ୍କା ମଞ୍ଜୁର କରିଅଛନ୍ତି ।

### ଅର୍ଥନୈତିକ ଅନୁସନ୍ଧାନ

ପଲ୍ଲୀ ସଂଗଠନ ସମ୍ପର୍କୀୟ କୌଣସି ଯୋଜନା ପ୍ରସ୍ତୁତ କରିବାରେ ଯେଉଁ ବିଶ୍ୱାସଯୋଗ୍ୟ ତଥ୍ୟ ଆବଶ୍ୟକ ତାହା ପାଇବା ପାଇଁ ଗ୍ରାମ ସମୂହର ଆର୍ଥିକ ଅବସ୍ଥାର ଅନୁସନ୍ଧାନ ସମ୍ବନ୍ଧରେ ସେନ୍‌ସସ ସୁପରିଣ୍ଟେଣ୍ଡେଣ୍ଟ ଯେଉଁ ସୁପାରିସ ଦେଇଥିଲେ ତଦନୁଯାୟୀ କେତୋଟି ଗ୍ରାମରେ ଅର୍ଥନୈତିକ ଅନୁସନ୍ଧାନ କାର୍ଯ୍ୟ ଚଳାଇବାର ପ୍ରସ୍ତାବ ସରକାର ମଞ୍ଜୁର କରିଅଛନ୍ତି ।

ଏହି ଯୋଜନା ଅନୁଯାୟୀ ପ୍ରତି ଜିଲ୍ଲାରୁ ୩୦ ଲେଖାଏଁ ୩୦୦ଟି ଗ୍ରାମ ନିର୍ବାଚିତ ହୋଇଅଛି । ସେଗୁଡ଼ିକର ତଦନ୍ତ ବେଳେ ନିମ୍ନୋକ୍ତ ବିଷୟ ପ୍ରତି ଦୃଷ୍ଟି ଦିଆ ଯାଉଅଛି:—(୧) ଅବସ୍ଥାନ, (୨) ବିସ୍ତୃତି, (୩) ବିଶିଷ୍ଟ ଜାତି ବା ସମ୍ପ୍ରଦାୟର ଆଧିକ୍ୟ, (୪) କୃଷି ବ୍ୟତୀତ ଅନ୍ୟ ଆନୁଷଙ୍ଗିକ ଶିଳ୍ପ, (୫) ଚିକିତ୍ସା ଓ ଚିକିତ୍ସାର ସୁବିଧା, (୬) ଶିଳ୍ପାନୁଷ୍ଠାନ ଓ ବ୍ୟବସାୟ କେନ୍ଦ୍ରର ଦୂରତା, (୭) ରାସ୍ତା ଘାଟର ସୁବିଧା, (୮) ଉତ୍ପନ୍ନ ଶସ୍ୟ, (୯) ଲୁଗା ବୁଣା ବା ଗ୍ରାମର ଅନ୍ୟାନ୍ୟ ବିଶିଷ୍ଟ ବ୍ୟବସାୟ । ଯେଉଁ ଯେଉଁ ଗ୍ରାମରେ ଉପଯୁକ୍ତ, ଶିକ୍ଷିତ, ଉଦ୍ୟମୀ ଓ ପ୍ରଭାବଶାଳୀ ଲୋକ ଅଛନ୍ତି ସେହି ଗ୍ରାମଗୁଡ଼ିକୁହିଁ ବଛା ଯାଇଅଛି । କୌଣସି ପରିବାର ବିଶେଷ ଉପରେ ନଜର ଦିଆ ନ ଯାଇ ସମଗ୍ର ଗ୍ରାମର ଅବସ୍ଥା ଅନୁସନ୍ଧାନ କରା ଯାଉଅଛି ।

## ତ୍ରିବାଙ୍କୁଡ଼

### ରାଜ୍ୟରେ ଦୁଃସ୍ଥ-ନିବାସ

ବିନା ମୂଲ୍ୟରେ ଜାତି-ବର୍ଣ୍ଣ-ନିର୍ବିଶେଷରେ ଗରିବମାନଙ୍କର ରହିବା ଲାଗି ସୁନ୍ଦର ବ୍ୟବସ୍ଥା କରିବା ସମ୍ପର୍କରେ 'ଭକ୍ତିବିଳାସରେ' ସମ୍ପ୍ରତି ଏକ ସଭା ହୋଇଥିଲା । ଦେବାନ ସାର ସି. ପି. ରାମସ୍ୱାମୀ ଆୟାର ସଭାପତି ହୋଇଥିଲେ । ଦେବାନ ସାହେବ ତାଙ୍କ ଭାଷଣରେ କହିଥିଲେ ଯେ ଏ ସମ୍ପର୍କରେ ଦୁଇଟି ଘଟଣା ତାଙ୍କୁ ବିଶେଷ ଆଲୋଡ଼ିତ କରିଛି । ଗୋଟିଏ ହେଉଛି ଶିକ୍ଷା ବିଭାଗୀୟ ଡିରେକ୍ଟରଙ୍କ ରିପୋର୍ଟରୁ ଜଣାଯାଏ ଯେ କେତେକ ଛାତ୍ର ଖାଦ୍ୟାଭାବରୁ କୌଣସି ପରୀକ୍ଷାରେ ପ୍ରଶ୍ନର ଉତ୍ତର କରି ପାରି ନ ଥିଲେ । ଅନ୍ୟଟି କୌଣସି କୌଣସି କାଙ୍ଗାଳୀ ଭୋଜନରେ ପିଲାଏ ଖାଦ୍ୟ ପାଇଁ ପରସ୍ପର ମଧ୍ୟରେ କଳହ ଲଗାଇବାର ସେ ନିଜେ ଦେଖିଛନ୍ତି । ସେଥିଯୋଗୁଁ ଏ ଦିଗରେ ବଦାନ୍ୟତା ବଡ଼ ଆବଶ୍ୟକ ।

ରାମକୃଷ୍ଣ ସେବାସଙ୍ଘ ଓ ମାନ୍ଦ୍ରାଜର ଅନ୍ନଦାନ ସମାଜର କାର୍ଯ୍ୟ ବର୍ଣ୍ଣନା କରି ତଦନୁରୂପ ଏକ ଅନୁଷ୍ଠାନ ତ୍ରିବାନ୍ଦ୍ରମରେ ପ୍ରତିଷ୍ଠା କରିବା ନିମନ୍ତେ ପାଣ୍ଠି ସଂଗ୍ରହ କରିବାକୁ ଦେବାନ ସାହେବ ନିବେଦନ କରିଥିଲେ । ଉପଯୁକ୍ତ କାର୍ଯ୍ୟପନ୍ଥା ସ୍ଥିର କରିବା ପାଇଁ ଗୋଟିଏ କମିଟି ଗଠିତ ହେଲା ।

## ବରୋଦା

ରାଜ୍ୟରେ ଶିଳ୍ପ ପ୍ରସାରର ନୀତି ସରକାର ଦୃଢ଼ତାର ସହିତ ଅନୁସରଣ କରୁଅଛନ୍ତି । ଏହି ଉଦ୍ଦେଶ୍ୟରେ ପେଟଲାଦ୍‌ର ଶେଠ ବାଲୁଭାଇ ଦାସ ନାରାୟଣ ଦାସଙ୍କୁ ସରକାର ଗୋଟିଏ ପେନ୍‌ସିଲ କାରଖାନା ଚଳାଇବା ପାଇଁ ଆର୍ଥିକ ସାହାଯ୍ୟ ଦେଇ ଅଛନ୍ତି ଏବଂ ସାମୟିକ ଟ୍ୟାକ୍ସରୁ ତାଙ୍କୁ ଶତକଡ଼ା ଟ୧୨୫୯ ଛାଡ଼ ଦେଇ-ଅଛନ୍ତି ।

ନବସାରି ଜିଲ୍ଲାର ଜଙ୍ଗଲରେ ଲାହା ଗଛ ଲଗାଇବା ପାଇଁ ସରକାର ବୋମ୍ବାଇର ଜଣେ ଭଦ୍ରବ୍ୟକ୍ତିଙ୍କୁ ପାଞ୍ଚ ବର୍ଷ ସକାଶେ ଅନୁମତି ଦେଇଅଛନ୍ତି । ଅନ୍ତର ମଧ୍ୟ ସୈନ୍ୟମାନଙ୍କ ବ୍ୟବହାରୋପଯୋଗୀ ବୁଟ ଯୋତା ସରବରାହ କରିବା ଲାଗି ଭାରତ ସରକାରଙ୍କ ଠାରୁ ଆଦେଶ ପାଇ ସରକାର କଣ୍ଟ୍ରାକ୍ଟର-ମାନଙ୍କୁ ଟ୧୫,୦୦୦ ଋଣ ଦେଇ ଅଛନ୍ତି ।

ରାଜ୍ୟ ମଧ୍ୟରେ ଲୁହା, ସିମେଣ୍ଟ, ଲୁଣ, ଚିନି, ଦିଆସିଲି, ରବର ପ୍ରଭୃତି ଆବଶ୍ୟକୀୟ ପଦାର୍ଥମାନଙ୍କର ବୃହତ୍ କାରଖାନାମାନ ରହିଥିବାରୁ ଶିଳ୍ପ-ପ୍ରସାର ଦିଗରେ ଦେଶୀୟ-ରାଜ୍ୟମାନଙ୍କ ମଧ୍ୟରେ ବରୋଦା ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଅଛି ।



ଭ

# ସମ୍ବାଦ ଓ ସଙ୍କେତ

## ଉଡ଼ାଜାହାଜ ଆକ୍ରମଣ ପ୍ରତିଷେଧକ ବ୍ୟବସ୍ଥା

ସୁଦୂର ପ୍ରାଚ୍ୟର ଗୁରୁତର ପରିସ୍ଥିତି ଦୃଷ୍ଟିରେ ମୟୂରଭଞ୍ଜ ସରକାର ଏକ ଏ. ଆର୍. ପି. ଯୋଜନା ପ୍ରସ୍ତୁତ କରି ଅଛନ୍ତି ଓ ସେଥିପାଇଁ ଏକ ସେବକବାହିନୀ ମଧ୍ୟ ଗଢ଼ା ଯାଇଅଛି । ସେଥିରେ ଦେବାନ ମେଜର ବି. ପି. ପାଣ୍ଡେ ସିଭିଲ ଡିଫେନ୍ସ କମିଶନର, ଇନ୍ସପେକ୍ଟର ଜେନେରେଲ ଅଫ୍ ପୋଲିସ କଣ୍ଟ୍ରୋଲର ଓ ପୋଲିସ ସୁପାରିନ୍‌ଟେଣ୍ଡେଣ୍ଟ୍ ସହକାରୀ କଣ୍ଟ୍ରୋଲର ନିଯୁକ୍ତ ହୋଇ ଅଛନ୍ତି । ଉକ୍ତ କାର୍ଯ୍ୟପାଇଁ ୨୫୦ ଜଣ ସ୍ୱେଚ୍ଛାସେବକ ନିର୍ବାଚିତ ହୋଇଅଛନ୍ତି ।

ଉଡ଼ାଜାହାଜ ଆକ୍ରମଣ ପ୍ରତିଷେଧକ ବ୍ୟବସ୍ଥା ଅବଲମ୍ବନ କରିବାରେ ଅଳ୍ପ ଅଧିକ କଷ୍ଟକଣା କରିବାର ସୁବିଧା ପାଇଁ ଡିସେମ୍ବର ମାସ ୨୦ ତାରିଖ ଠାରୁ ମୟୂରଭଞ୍ଜ ସରକାର ସ୍ଥାନୀୟ ସମୟକୁ ଘଣ୍ଟାଏ ବଢ଼ାଇ ଦେଇଛନ୍ତି । ବିମାନ ଆକ୍ରମଣ ହେଲେ କିପରି ସତର୍କତା ଅବଲମ୍ବନ କରିବାକୁ ହେବ ତାହାର ଉପାୟମାନ ଛପାଯାଇ ଲୋକସାଧାରଣଙ୍କ ମଧ୍ୟରେ ବଣ୍ଟା ଯାଇଅଛି ।

ଅଳ୍ପଦିନ ତଳେ ମୟୂରଭଞ୍ଜ ସରକାର, ଶ୍ରୀଯୁକ୍ତ ରାଧାଗୋବିନ୍ଦ ଦାସ, ଚିଫ୍ ୱାର୍ଡ଼େନଙ୍କୁ ଏ. ଆର. ପି. ଅଫିସର୍ସ ଟ୍ରେନିଂ ପାଇଁ କଲିକତା ପଠାଇ ଥିଲେ । ସେ ସେଠାରେ ଶିକ୍ଷା ସମାପ୍ତ କରି ଏବେ ଫେରିଛନ୍ତି ।

## ଯୁଦ୍ଧ ସାହାଯ୍ୟ

ମୟୂରଭଞ୍ଜର ଶ୍ରୀମନ୍ ମହାରାଜା ମହୋଦୟ ତାଙ୍କର ମେଦିନୀପୁର ଜିଲ୍ଲା ସ୍ଥିତ ନୟାବସାଣ ଜମିଦାରୀ ତରଫରୁ ଶତକରା ତିନ ଟଙ୍କା ସୁଧବିଶିଷ୍ଟ ଟ୫,୦୦୦ ଙ୍କାର ଡିଫେନ୍ସ୍ ବଣ୍ଡ କିଣିବା ପାଇଁ ଆଦେଶ କରି ଅଛନ୍ତି । ଗୋଟିଏ ଉଡ଼ାଜାହାଜ ଦାନ ବ୍ୟତୀତ ମହାରାଜାଙ୍କର ମୋଟ ଦାନର ପରିମାଣ ଉକ୍ତ ଟଙ୍କାକୁ ନେଇ ପ୍ରାୟ ଟ୯,୬୮,୨୦୦୮ ହୋଇଅଛି ।

ରାଜ୍ୟର ଜନସାଧାରଣଙ୍କଠାରୁ ମିଳିଥିବା ଦାନର ପରିମାଣ ଟ୧୦,୧୨୯୪ । ସେଥି ମଧ୍ୟରୁ ଭାଇସରୟଙ୍କ ଯୁଦ୍ଧ-ପାଣ୍ଠି ପାଇଁ ଟ୫,୦୦୦ ଓ ସିଲିଭର ତ୍ରିକେଟ-ପାଣ୍ଠି ପାଇଁ ଟ୧୦୨୮ ଦିଆ ଯାଇଅଛି । "ମୟୂରଭଞ୍ଜ" ନାମିତ ଗୋଟିଏ ମୋଟର ଆମ୍ବୁଲେନ୍ସ କିଣିବା ପାଇଁ ଯୁଦ୍ଧ-ପାଣ୍ଠିରୁ ଆହୁରି ଟ୩୨୭୫୮ ଦିଆ ଯାଇଅଛି ।

## ରେସିଡେଣ୍ଟଙ୍କ ଗସ୍ତ

ପୂର୍ବାଞ୍ଚଳ ଦେଶୀୟ-ରାଜ୍ୟସମୂହର ରେସିଡେଣ୍ଟ ଲେଫ୍‌ଟେନେଣ୍ଟ କର୍ଣ୍ଣେଲ ସି. ପି. ହେନ୍‌କକ୍ ଡିସେମ୍ବର ୧୧ ତାରିଖରେ ମୟୂରଭଞ୍ଜ ଶୁଭାଗମନ କରିଥିଲେ । ରେସିଡେଣ୍ଟ ସଦଳବଳରେ ସେଦିନ ସକାଳେ ରୁପ୍ସାରେ ପହଞ୍ଚିଲେ । ଦେବାନ ମେଜର ବି. ପି. ପାଣ୍ଡେ ଓ ସେକ୍ରେଟେରୀ ଶ୍ରୀଯୁକ୍ତ ଟି. ଏସ୍. ରାଜଗୋପାଳନ୍ ତାଙ୍କୁ ପାଛୋଟି ଆଣିଥିଲେ । ତତ୍‌ପରେ ସେ ମୋଟର ଯୋଗେ ଆସି ବେଲଗଡ଼ିଆ ପ୍ରାସାଦରେ ପହଞ୍ଚିଲେ । ଶ୍ରୀମନ୍ ମହାରାଜା ମହୋଦୟ ରେସିଡେଣ୍ଟଙ୍କୁ ସେଠାରେ ଭେଟିଲେ । ପୋଲିସ ଫୌଜ ସେଲ୍ୟୁଟ୍ ଓ ବିହିତ ସମ୍ମାନ ପ୍ରଦର୍ଶନ କରିଥିଲେ । ଅପରବେଳା ରାଜବାଟୀଠାରେ ଗୋଟିଏ ଭୋଜିର ବନ୍ଦୋବସ୍ତ ହୋଇଥିଲା । ରାଜବଂଶର ସମ୍ଭ୍ରାନ୍ତ ବ୍ୟକ୍ତିମାନେ, ବିଭାଗୀୟ ଉପରିସ୍ଥ କର୍ମଚାରୀ ଓ ସର୍ଦ୍ଦାରମାନେ ଭୋଜିରେ ଯୋଗ ଦେଇଥିଲେ ।

ପରଦିନ ସକାଳେ ମହାରାଜା ରେସିଡେଣ୍ଟଙ୍କୁ ପୂର୍ଣ୍ଣଚନ୍ଦ୍ର ଶିଳ୍ପ-ସଦନ, ଡାକ୍ତରଖାନା, ଜେନାନା ହାସପାତାଲ, ଷ୍ଟେଟ୍ ବେଙ୍କ, ସେକ୍ରେଟେରିଏଟ୍ ଓ ହାଇକୋର୍ଟ ପ୍ରଭୃତି ବିଶିଷ୍ଟ କାର୍ଯ୍ୟାଳୟ ଓ ଅନୁଷ୍ଠାନମାନ ଦେଖାଇଥିଲେ । ମୟୂରଭଞ୍ଜ ଯୁଦ୍ଧଉଦ୍ୟମ କମିଟିଙ୍କ ଉଦ୍‌ଯୋଗରେ ହାସପାତାଲରେ ଯେଉଁ ପ୍ରାଥମିକ ଚିକିତ୍ସା ପଦ୍ଧତି ଶିକ୍ଷା ଦିଆ ଯାଉଅଛି ତାହା ଦେଖି ରେସିଡେଣ୍ଟ ମହୋଦୟ ବିଶେଷ ପ୍ରୀତ ହୋଇଥିଲେ ।


୧୨ ତାରିଖ ସନ୍ଧ୍ୟାବେଳକୁ ରେସିଡେଣ୍ଟ ସଦଳବଳରେ କଲିକତା ପ୍ରସ୍ଥାନ କଲେ । ମେଜର ପାଣ୍ଡେ ରୁପ୍ସା ପର୍ଯ୍ୟନ୍ତ ସଙ୍ଗରେ ଯାଇ ରେସିଡେଣ୍ଟଙ୍କୁ ବିଦାୟ ଦେଇଥିଲେ ।

## ଦେବାନ ସାହେବଙ୍କ ଗସ୍ତ

ଜାନୁୟାରୀ ମାସ ଦ୍ୱିତୀୟ ସପ୍ତାହରେ ଦେବାନ ସାହେବ ମେଜର ବି. ପି. ପାଣ୍ଡେ ତାଙ୍କର ବାର୍ଷିକ ଗସ୍ତ ଉପଲକ୍ଷରେ ବାରିପଦା ସବ୍‌ଡିଭିଜନର କେତେକ ଅଞ୍ଚଳ ବୁଲିଥିଲେ । ଗସ୍ତକାଳ ମଧ୍ୟରେ ସେ ବାରିପଦା, ଖଣ୍ଡଡ଼ି, ଜୟପୁର ଓ ଖୁଣ୍ଟା ପ୍ରଭୃତି କେତେକ ପ୍ରଧାନ ଜନବସତି ଏବଂ ସେଠାରେ ଥିବା ସରକାରୀ ଅଫିସ ଓ ଅନୁଷ୍ଠାନମାନ ପରିଦର୍ଶନ କରିଥିଲେ । ଉଦଳାଠାରେ ସେ ସବ୍-ଜେଲ ଏବଂ ସବ୍-ଟ୍ରେଜେରୀ ପରିଦର୍ଶନ କରିଥିଲେ । ଦରଦାମ



Digitized by srujanika@gmail.com



ବାମ ପଟରୁ:—

ମେଜର ବି. ପି. ପାଣ୍ଡେ, ଦେୱାନ, ମୟୂରଭଞ୍ଜ ଷ୍ଟେଟ୍; ଏ. ଏନ୍. ଝା, ରେସିଡେଣ୍ଟଙ୍କର ଅଣ୍ଡର ସେକ୍ରେଟେରି; ମହାରାଜା ସାର୍ ପ୍ରତାପ ଚନ୍ଦ୍ର ଭଞ୍ଜ ଦେବ, ମୟୂରଭଞ୍ଜର ମହାରାଜା; ମିଷ୍ଟର ଟି. ଏସ୍. ରାଜଗୋପାଳନ୍, ସେକ୍ରେଟେରି, ମୟୂରଭଞ୍ଜ ଷ୍ଟେଟ୍ ।

Digitized by srujanika@gmail.com



ଗାଡ଼୍ ଅଫ୍ ଅନର



ବେଲଗଡ଼ସ୍ଥ ପ୍ରାସାଦ

Digitized by srujanika@gmail.com

ନିୟନ୍ତ୍ରଣ କମିଟି ଯେପରି ମଣ୍ଡିରେ ମଣ୍ଡିରେ ନିୟମିତ ଭାବରେ ବସେ, ସେଥିଲାଗି ସେ ସବ୍‌ଡିଭିଜନାଲ ଅଫିସରଙ୍କୁ ବିଶେଷ ପରାମର୍ଶ ଦେଇଥିଲେ । ଏତଦ୍ୱାରା ଲୋକେ ପୋକ ରଖିବା ଓ ଜିନିଷପତ୍ର ଜମାଇ ରଖିବାର କୁଫଳରୁ ରକ୍ଷା ପାଇ ପାରିବେ ।

ଦେବାନ ସାହେବ ସର୍ଦ୍ଦାର ଓ ମୁଖ୍ୟ ଲୋକମାନଙ୍କ ସହିତ ସାକ୍ଷାତ କରି ସେମାନଙ୍କୁ ମିଥ୍ୟା ଜନରବ ବିରୁଦ୍ଧରେ ପ୍ରତିବାଦ କରିବାକୁ ଉପଦେଶ ଦେଇଥିଲେ । ଲୋକେ ଯେପରି ଧୀର ସ୍ଥିର ରହନ୍ତି ଓ ଭୟଭୀତ ନ ହେବା ପାଇଁ ନିଜ ନିଜର ସଦ୍‌ବୋଧ ପ୍ରଭାବ ବିସ୍ତାର କରିବାକୁ ଅନୁରୋଧ କରିଥିଲେ ।

ପାନୀୟ ଜଳ-ସରବରାହର ବ୍ୟବସ୍ଥା କରିବା ଉଦ୍ଦେଶ୍ୟରେ ଦେବାନ ସାହେବ କେତେଗୁଡ଼ିଏ ସ୍ଥାନ ପର୍ଯ୍ୟବେକ୍ଷଣ କରିଥିଲେ ଓ ଲୋକସାଧାରଣଙ୍କ ସହିତ ଘନିଷ୍ଠ ସମ୍ପର୍କରେ ଆସି ସେମାନଙ୍କର ଅଭିଯୋଗ ଶ୍ରବଣ କରିଥିଲେ ।

ପୋଲିସ ଇନ୍ସପେକ୍ଟର ଜେନେରେଲ ରାୟ ବାହାଦୁର ବି. ଏନ୍. ବାନାର୍ଜି ଦେବାନ ସାହେବଙ୍କ ସହିତ ଯାଇଥିଲେ ଓ ସବ୍‌ଡିଭିଜନର ଥାନା ସମୂହ ପରିଦର୍ଶନ କରିଥିଲେ ।

## ଭାରତୀୟ ଐତିହାସିକ ରେକର୍ଡ଼ସ୍ କମିସନ

ଭାରତୀୟ ଐତିହାସିକ ରେକର୍ଡସ୍ କମିସନର ୫ମ ଅଧିବେଶନ ଜାନୁୟାରୀ ୨୧ ତାରିଖଠାରୁ ୨୩ ତାରିଖ ପର୍ଯ୍ୟନ୍ତ ମହୀଶୂର ଠାରେ ବସିଥିଲା । ମୟୂରଭଞ୍ଜ ସରକାର ଶ୍ରୀଯୁକ୍ତ ପରମାନନ୍ଦ ଆଚାର୍ଯ୍ୟଙ୍କୁ ରାଜ୍ୟର ପ୍ରତିନିଧି ସ୍ୱରୂପ ସେଠାକୁ ପଠାଇଥିଲେ । ଶ୍ରୀଯୁକ୍ତ ଆଚାର୍ଯ୍ୟ 'ଅଲବର୍ଦ୍ଦି ଖାଁଙ୍କ ଓଡ଼ିଶା ଅଭିଯାନ ସମୟରେ ମୟୂରଭଞ୍ଜ' ନାମକ ଗୋଟିଏ ପ୍ରବନ୍ଧ ସେଠାରେ ପାଠ କରିଥିଲେ ।

ଏଥି ପୂର୍ବେ ଶ୍ରୀଯୁକ୍ତ ଆଚାର୍ଯ୍ୟ ବଡ଼ମ୍ବା ଓ ନରସିଂହଗଡ଼ ରାଜ୍ୟ ଦ୍ୱୟକୁ ପ୍ରେରିତ ହୋଇଥିଲେ । ସେଠାରେ ସେ କେତେକ ମୂଲ୍ୟବାନ୍ ଐତିହାସିକ ତଥ୍ୟ ଆବିଷ୍କାର କରିବାରେ ସକ୍ଷମ ହୋଇଅଛନ୍ତି । ମହାନଦୀ ଉପତ୍ୟକାରେ ଅନୁସନ୍ଧାନ କାର୍ଯ୍ୟ ଚଳାଇ ସେ ଉତ୍କଳର ପ୍ରାଚୀନ ସଂସ୍କୃତି ଓ ଗୌରବ ଉପରେ ନୂଆ ଆଲୋକପାତ କରିବାର ଆଶା କରନ୍ତି ।

## ପୁଷ୍ୟାଭିଷେକ

ଜାନୁୟାରୀ ୪ ତାରିଖ ରବିବାର ଶ୍ରୀମନ୍ ମହାରାଜା ମହୋଦୟଙ୍କର ପୁଷ୍ୟାଭିଷେକ ଯଥାବିଧି ସମ୍ପନ୍ନ ହୋଇଥିଲା । କୌଳିକ ରୀତି ଅନୁଯାୟୀ ମହାରାଜା ଉତ୍ସବର ପ୍ରତ୍ୟେକ ଅଙ୍ଗରେ ଯୋଗ ଦେଇଥିଲେ । ସହରବାସୀମାନେ ଉତ୍ସବ ଦର୍ଶନ ନିମିତ୍ତ ରାଜବାଟୀର ପ୍ରାଙ୍ଗଣରେ ସମବେତ ହୋଇଥିଲେ ।

ମାନନୀୟ ଦେବାନ ସାହେବ ମେଜର ବି. ପି. ପାଣ୍ଡେ ଜନସାଧାରଣ ଓ କର୍ମଚାରୀମାନଙ୍କ ତରଫରୁ ଏକ ଅଭିନନ୍ଦନ ପତ୍ର ପାଠ କରିଥିଲେ । ସେଥିରେ ପ୍ରଜାପୁଞ୍ଜଙ୍କର ଶୁଭ ଇଚ୍ଛା ମହାରାଜା ଓ ମହାରାଣୀଙ୍କୁ ଜଣାଇ ଦିଆ ଯାଇଥିଲା । ଅଭିନନ୍ଦନରେ ଦେବାନ ସାହେବ କହିଥିଲେ ଯେ ମହାରାଜା ରାମଚନ୍ଦ୍ରଙ୍କର ପଦାଙ୍କ ଅନୁସରଣ କରି ସ୍ମରଣାତୀତ କାଳରୁ ମୟୂରଭଞ୍ଜ ରାଜବଂଶ ଏହି ଉତ୍ସବ ପାଳନ କରୁଛନ୍ତି । ପ୍ରଜାକୁଳର ବର୍ଷକର ପାପଭାର ରାଜା ବହନ କରି ପୁଷ୍ୟାଭିଷେକ ପାଳନ ଦ୍ୱାରା ତାହା ଲଘୁ କରନ୍ତି । ଏଣୁ ଏହି ଅଭିଷେକ ବାସରରେ ପ୍ରାପ୍ତ ଅନୁଗ୍ରହ ଲାଗି କୁଳଦେବୀ ଶ୍ରୀ କିଚକେଶ୍ୱରୀଙ୍କ ନିକଟରେ କୃତଜ୍ଞତା ଜଣାଇ ମହାରାଜା ଓ ମହାରାଣୀଙ୍କୁ ସପରିବାର ଚିରାୟୁ କରିବା ଲାଗି ତାଙ୍କଠାରେ ପ୍ରାର୍ଥନା କରିବା ସମସ୍ତ ରାଜଭକ୍ତ ପ୍ରଜା ତଥା କର୍ମଚାରୀଗଣଙ୍କର ଅନିବାର୍ଯ୍ୟ କର୍ତ୍ତବ୍ୟ ।

## ବ୍ରହ୍ମାନନ୍ଦ କେଶବଚନ୍ଦ୍ର

ବ୍ରହ୍ମାନନ୍ଦ କେଶବ ଚନ୍ଦ୍ର ସେନଙ୍କ ୬୮ଶ ମୃତ୍ୟୁବାର୍ଷିକୀ ଉପଲକ୍ଷରେ ଜାନୁୟାରୀ ୮ ତାରିଖ ସନ୍ଧ୍ୟାରେ ନବବିଧାନ ବ୍ରାହ୍ମ ସମାଜର ଉଦ୍ୟମରେ ବାରିପଦା ଉଚ୍ଚ ଇଂରାଜୀ ବିଦ୍ୟାଳୟ ପ୍ରକୋଷ୍ଠରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଦେବାନ ମେଜର ବି. ପି. ପାଣ୍ଡେ ସଭାପତି ହୋଇଥିଲେ । ସହରର ବିଶିଷ୍ଟ ଭଦ୍ର ବ୍ୟକ୍ତି ଓ ଛାତ୍ରମାନେ ସଭାରେ ଉପସ୍ଥିତ ଥିଲେ । ମହିଳା ମହଲରେ ବ୍ରହ୍ମାନନ୍ଦଙ୍କର ସୁଯୋଗ୍ୟା କନ୍ୟା ମୟୂରଭଞ୍ଜର ସିନିଅର ଡାଓଏଜାର ମହାରାଣୀ ଶ୍ରୀ ସୁଚାରୁ ଦେବୀ ଉପସ୍ଥିତ ଥିଲେ ।

ସଭାପତି ତାଙ୍କର ସାରଗର୍ଭକ ବକ୍ତୃତାରେ କେଶବଚନ୍ଦ୍ରଙ୍କ ଜୀବନ ଓ ବ୍ୟକ୍ତିତ୍ୱ ବିଷୟ ଆଲୋଚନା କରି କହିଥିଲେ— ବ୍ରହ୍ମାନନ୍ଦ କେଶବଚନ୍ଦ୍ର ସେନ ଥିଲେ ସଂସ୍କାରକ, ଖୁବ୍ ଉଚ୍ଚ-ଶ୍ରେଣୀର ଦେଶପ୍ରେମିକ ଏବଂ ସର୍ବୋପରି ଗତାନୁଗତିକତାର ଚରମ-ବିଦ୍ରୋହୀ । ଯୁଗାତ୍ମାର ଅନ୍ତଃପ୍ରେରିତ ଅବିରତ ଜଣେ ଜଣେ ସଂସ୍କାରକଙ୍କୁ ସୃଷ୍ଟି ଓ ପ୍ରକାଶ କରେ । ସେହି ସଂସ୍କାରକମାନେ ଯୁଗାତ୍ମାକୁ ଏକ ଶିକ୍ଷା, ଏକ ଦର୍ଶନ କିମ୍ବା ଏକ ଧର୍ମ ସାହାଯ୍ୟରେ ଆକାର ଓ ଅଭିବ୍ୟକ୍ତି ପ୍ରଦାନ କରନ୍ତି । କେଶବଚନ୍ଦ୍ର ଦେଖିଲେ ଯେ ବଙ୍ଗଦେଶ ଏକ ଅଧୋମୁଖୀ ଅବୋଧ ଗତାନୁଗତିକତାର ଆବରଣରେ ନିମଜ୍ଜିତ ଏବଂ ସଂସ୍କାରକ ଭାବରେ ସେ ତହିଁପରେ ଦାରୁଣ ଆଘାତ ଦେଇଥିଲେ ଓ ସେଥିପାଇଁ ଦାରୁଣ ପ୍ରତିରୋଧ ମଧ୍ୟ ପାଇଥିଲେ । ତାଙ୍କର ମାତୃଭୂମିକୁ ବିରାଟତମ ଦାନ ହେଉଛି ଏକ ବାସ୍ତବ ସାର୍ବଜନୀନ ଓ ମାନବିକ ଧର୍ମ ଯହିଁରେ ସବୁ ଶ୍ରେଣୀର, ସବୁ ଭାବର ଓ ସବୁ ଧର୍ମର ପୁରୁଷ ଓ ନାରୀ ଅବାଧରେ ଯୋଗ ଦେଇ ପାରିବେ । ପରିଶେଷରେ ସେ କହିଥିଲେ, "କେଶବଚନ୍ଦ୍ର ସେନଙ୍କର ବାଣୀର ତାତ୍ପର୍ଯ୍ୟ ହେଉଛି—ପୃଥକ୍ ପୃଥକ୍ ଜିନିଷ ମଧ୍ୟରେ ଏକତ୍ୱ ପ୍ରତିଷ୍ଠା କରିବା, ନିଜ ମଧ୍ୟରେ ଆଶା, ପ୍ରେମ ଓ ବିଶ୍ୱାସ ବିସ୍ତାର କରିବା, ସର୍ବୋପରି ଅସ୍ୱାସ୍ଥ୍ୟକର ଗତାନୁଗତିକତାର ଅଧୀନ ନ ହେବା । ଶ୍ରେଣୀ



Digitized by srujanika@gmail.com

ବିଦ୍ୱେଷ-ଜନିତ ବିଭିନ୍ନ ସମ୍ପ୍ରଦାୟ, ଜାତି, ଶ୍ରେଣୀ ମଧ୍ୟରେ କଳହ, ସଙ୍କୀର୍ଣ୍ଣ ଆଦର୍ଶବାଦ ଓ ଘୃଣ୍ୟ ସାମ୍ପ୍ରଦାୟିକତା ଯଦି ଆମ୍ଭେମାନେ ଛୁଟାଇ ପାରୁଁ, ଆମ୍ଭେମାନେ ପ୍ରକୃତରେ ବ୍ରହ୍ମାନନ୍ଦ କେଶବଚନ୍ଦ୍ର ସେନଙ୍କର ଉଦ୍ଦେଶ୍ୟର ମହତ୍ତ୍ୱ ବୁଝି ପାରିବା । ତଦ୍ୱାରା ଆମ୍ଭେମାନେ ଆମର ନିଜ ନିଜ କ୍ଷୁଦ୍ର ଉପାୟରେ ସଂସାରର ଦୁଃଖଦୈନ୍ୟ କିଞ୍ଚିତ୍ କମାଇ ପାରିବା । ”

## ଦରଦାମ ନିୟନ୍ତ୍ରଣ

ଦର ନିୟନ୍ତ୍ରଣ କରିବା ଏବଂ ଅଯଥା ଲାଭ ଉଠାଇବା ଓ ଜିନିଷପତ୍ର ଜମାଇବା ପ୍ରଭୃତି ଦମନ କରିବା ବିଷୟରେ ଆଲୋଚନା କରିବା ନିମନ୍ତେ ଦେବାନ ସାହେବ ଗୃର ସବ୍‌ଡିଭିଜନର ସବ୍‌ଡିଭିଜନାଲ ଅଫିସରମାନଙ୍କୁ ଜାନୁୟାରୀ ୬ ତାରିଖ ଦିନ ସେକ୍ରେଟେରିଏଟରେ ଏକ ସଭାକୁ ଡାକିଥିଲେ ।

ଆନ୍ତର୍ଜାତିକ ଅବସ୍ଥିତି ଯୋଗୁଁ କାରବାରରେ ଯେଉଁ ସାମୟିକ ଗଣ୍ଡଗୋଳର ସୃଷ୍ଟି ହୋଇଛି ଏବଂ କେତେକ ଜିନିଷର ମୂଲ୍ୟ ବୃଦ୍ଧି ପାଇଛି ସେ ବିଷୟରେ ଆଲୋଚନା ହୋଇଥିଲା ।

ସଦର ସବ୍‌ଡିଭିଜନ ନିମନ୍ତେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷମାନଙ୍କର ଖୁଚୁରା ଓ ପାଇକାରୀ ଦରର ଏକ ତାଲିକା ନିର୍ଦ୍ଧାରିତ ହେଲା ଏବଂ ଅନ୍ୟ ସବଡିଭିଜନର ସବ୍‌ଡିଭିଜନାଲ ଅଫିସରମାନଙ୍କୁ ସେମାନଙ୍କର ସ୍ଥାନୀୟ ଅବସ୍ଥା ଦୃଷ୍ଟିରେ ଏହିପରି ତାଲିକା ପ୍ରସ୍ତୁତ କରିବା ନିମନ୍ତେ ଅନୁରୋଧ କରାଗଲା ।

## ମଧ୍ୟ-ଇଂରାଜୀ ପ୍ରାଥମିକ ବୃତ୍ତି ପରୀକ୍ଷା

ନଭେମ୍ବର ମାସରେ ଅନୁଷ୍ଠିତ ମଧ୍ୟ-ଇଂରାଜୀ, ପ୍ରାଥମିକ ଓ ଗୁରୁଟ୍ରେନିଂ ପରୀକ୍ଷାରେ ୨,୨୦୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨,୦୧୬ ଜଣ ଉତ୍ତୀର୍ଣ୍ଣ ହୋଇଥିବାର ଜଣାଯାଏ । ଗତ ବର୍ଷର ସଂଖ୍ୟା ଯଥାକ୍ରମେ ୨୧୪୯ ଓ ୧୮୬୬ ଥିଲା । ଗତ ବର୍ଷର ଶତକଡ଼ା ୮୨.୨ ଛାତ୍ର କୃତକାର୍ଯ୍ୟ ହୋଇଥିବା ସ୍ଥଳେ ଏ ବର୍ଷର ଶତକଡ଼ା ୯୧.୧ ହୋଇଅଛି ।

ଏହି ପରୀକ୍ଷା ଫଳ ଉପରେ ଶିକ୍ଷାବିଭାଗ ଏ ବର୍ଷ ୪୬ ଟି ବୃତ୍ତି ଯୋଗ୍ୟ ଛାତ୍ରଙ୍କୁ ଦେବେ । ତନ୍ମଧ୍ୟରୁ ୯ଟି ବୃତ୍ତି ନିମ୍ନ-ସମ୍ପ୍ରଦାୟ ଛାତ୍ରଙ୍କୁ ଦିଆଯିବ ।

## ମହାରାଜାଙ୍କ ଗସ୍ତ

ପାଞ୍ଚପୀଢ଼ ସବ୍-ଡିଭିଜନରେ ୫ ଦିନ ଗସ୍ତ ସାରି ଶ୍ରୀମନ୍ ମହାରାଜା ମହୋଦୟ ସମ୍ପ୍ରତି ରାଜଧାନୀକୁ ଫେରିଛନ୍ତି ସେ ଜାନୁୟାରୀ ୨୯ ତାରିଖରେ ବାରିପଦାରୁ ବାହାରି କରଞ୍ଜିଆରେ ପହଞ୍ଚିଲେ । ସେଠାରେ ତାଙ୍କୁ ସ୍ଥାନୀୟ ସର୍ଦ୍ଦାର ଓ କର୍ମଚାରୀବୃନ୍ଦ ଅଭ୍ୟର୍ଥନା କରିଥିଲେ । ସେ ତହିଁ ଆରଦିନ ସକାଳେ ଫରେଷ୍ଟ ଅଫିସର, ଚିଫ୍ ଇଞ୍ଜିନିଅର ଓ ସ୍ଥାନୀୟ ସବ୍‌ଡିଭିଜନାଲ ଅଫିସରଙ୍କ ସହିତ ଭରୁଆଁକୁ ଯାଇଥିଲେ ଓ ଜଙ୍ଗଲ ସଂରକ୍ଷଣ ସମ୍ବନ୍ଧରେ ନାନା ବିଷୟ ଆଲୋଚନା କରିଥିଲେ । ସେଠାରୁ ଫେରିଲା ବେଳେ ସେ ସୁକ୍ରୁଲିରେ ନୂଆ ମାଇନର ସ୍କୁଲଟି ପରିଦର୍ଶନ କରିଥିଲେ ଓ ସେଠାରେ ପ୍ରସ୍ତାବିତ ଡାକ୍ତରଖାନା ଲାଗି ସ୍ଥାନ ନିର୍ଦ୍ଦେଶ କରିଥିଲେ ଏବଂ ଡାକ୍ତରଖାନା ଓ ଗ୍ରାମର ସୁବିଧା ହେବା ଭଳି ସ୍ଥାନରେ କୂଅ ଖୋଳାଇବାର ଗୋଟିଏ ପ୍ରସ୍ତାବ ମଞ୍ଜୁର କଲେ ।

ମହାରାଜା ତୃତୀୟ ଦିନ ଖିଚିଙ୍ଗର ବଡ଼ ଦେଉଳ ପରିଦର୍ଶନ କରିଥିଲେ । ଏହି ପ୍ରାଚୀନ ଭଙ୍ଗା ମନ୍ଦିରଟିର ଅଳ୍ପଦିନ ହେଲା ପ୍ରତ୍ନବିଭାଗ ଦ୍ୱାରା ବହୁ ଅର୍ଥ ବ୍ୟୟରେ ପୁନରୁଦ୍ଧାର କାର୍ଯ୍ୟ ଶେଷ ହୋଇଅଛି । ବିଭିନ୍ନ ମୂର୍ତ୍ତିଗୁଡ଼ିକୁ ମନ୍ଦିରର ଉପଯୁକ୍ତ ସ୍ଥାନରେ ଶୀଘ୍ର ବସାଇବା ପାଇଁ ମହାରାଜା ଆଦେଶ ଦେଇଅଛନ୍ତି । ତାଙ୍କର ଗସ୍ତ ସମୟରେ, ମହାରାଜା ସବ୍‌ଡିଭିଜନର ଅନ୍ୟାନ୍ୟ ଅନେକ ସ୍ଥାନ ପରିଦର୍ଶନ କରିଥିଲେ ଓ ପ୍ରଜାଙ୍କ ସହିତ ଘନିଷ୍ଠ ସଂପର୍କରେ ଆସି ସେମାନଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ ।

## ସିଂହାସନାରୋହଣ ଉତ୍ସବର ଆୟୋଜନ

ଫେବୃୟାରୀ ୧୬ ତାରିଖ ମଙ୍ଗଳବାର ଶ୍ରୀମନ୍ ମହାରାଜା ମହୋଦୟଙ୍କ ସିଂହାସନାରୋହଣ ଉତ୍ସବ ପାଳିତ ହେବ । ଏ ଉତ୍ସବର ପରିଚାଳନା ଲାଗି ଦେବାନ ମେଜର ବି. ପି. ପାଣ୍ଡେଙ୍କ ସଭାପତିତ୍ୱରେ ଗୋଟିଏ କମିଟି ସର୍ବସାଧାରଣଙ୍କ ତରଫରୁ ଗଠିତ ହୋଇଅଛି । ପୂର୍ବ ପୂର୍ବ ବର୍ଷପରି ଏବର୍ଷ ଉତ୍ସବକୁ ସର୍ବାଙ୍ଗ-ସୁନ୍ଦର କରିବା ଉଦ୍ଦେଶ୍ୟରେ କୃଷିଶିଳ୍ପ ପ୍ରଦର୍ଶନୀ, ନାଟକାଭିନୟ, ପାଲାଗାଅଣ, କ୍ରୀଡ଼ାକୌତୁକ, ଗରିବମାନଙ୍କ ଭୋଜନ ବ୍ୟବସ୍ଥା, ଡ୍ରିଲ ଓ ପୋଲିସ୍ ପାରେଡ୍ ପ୍ରଭୃତି ନାନାବିଧ ଆମୋଦ ପ୍ରମୋଦର ବ୍ୟବସ୍ଥା ହୋଇଛି । ଓଡ଼ିଆରେ ଭଲ ନାଟକର ଅଭାବ ଦୃଷ୍ଟିରୁ ନାଟକ ଲେଖକମାନଙ୍କୁ ଉତ୍ସାହିତ କରିବା ଲାଗି ଆସନ୍ତା ବର୍ଷର ସର୍ବୋତ୍କୃଷ୍ଟ ନାଟକ ଲେଖକଙ୍କୁ ଏକଶତ ଟଙ୍କା ପୁରସ୍କାର ଦେବାର କମିଟି ଘୋଷଣା କରିଛନ୍ତି ।

ମୟୂରଭଞ୍ଜ ଷ୍ଟେଟ୍ ପ୍ରେସ୍‌ରେ ଶ୍ରୀ ପଦ୍ମଚରଣ ଦାଶଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ



Digitized by srujanika@gmail.com

# CALCITHRIC VITAMIN'D'

*Triple Salts of Calcium with 25 Units of Vitamin 'D'*

*for*

RICKETS, SCROFULA, TUBERCULOSIS AND

**ALL WASTING DISEASES**

---

## EDWARD'S TONIC

*Specific for*

MALARIA & ALL OTHER FEVERS

# BUTTO KRISTO PAUL & Co., Ltd.

*Manufacturing Chemists, Calcutta.*

---

# BHOLANATH DUTT & SONS

## THE PREMIER PAPER HOUSE OF INDIA

*Tel:*—"PRIVILEGE" CALCUTTA. PHONE B.B. 4288 (2 lines)

BHOLANATH BUILDINGS—167, Old China Bazar Street, Calcutta.

*Branches:*—134 & 135 Old China Bazar Street, Calcutta. 64 Harrison Road, Calcutta. 1 Hewet Road, Allahabad. Chawk Benares. 58 Patuatuly, Dacca.

---

## ଇମ୍ପେରିଅଲ କମର୍ସିଅଲ ଇନଷ୍ଟିଚ୍ୟୁଟ, କଟକ, ଓଡ଼ିଶା ।

**(ଓଡ଼ିଶା ସରକାରଙ୍କ ଦ୍ୱାରା ଅନୁମୋଦିତ)**

ସର୍ଟହାଣ୍ଡ, ଟେଲିଗ୍ରାଫି, ଟାଇପ୍‌ରାଇଟିଂ, ବୁକ୍‌କିପିଂ, ଏକାଉଣ୍ଟାନ୍‌ସି, ମୁକ୍ତାରସିପ୍ କ୍ଲାସରେ ସ୍ଥାନାଭାବ ନ ଥିଲେ ଯେ କୌଣସି ସମୟରେ ନୂତନ ଛାତ୍ର ନିଆଯାନ୍ତି । ଅମିନସର୍ଭେ ଓ ଡ୍ରାଫ୍‌ଟସମାନସିପ୍ କ୍ଲାସରେ ପ୍ରତି ଇଂରାଜୀ ମାସ ପ୍ରଥମ ସପ୍ତାହରେ ନୂତନ ଛାତ୍ର ନିଆଯାନ୍ତି । ମଫସଲ ଛାତ୍ରମାନଙ୍କୁ ଡାକଯୋଗେ ମୁକ୍ତାରସିପ୍, ଏକାଉଣ୍ଟାନ୍‌ସି ଓ ସର୍ଟହାଣ୍ଡ ଶିକ୍ଷା ଦିଆଯାଏ । ପ୍ରବେଶାର୍ଥୀମାନେ କଟକ ଚୌଧୁରୀବଜାର (କେଉଟସାହି) ରେ ଥିବା ସ୍କୁଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ଅଫିସରୁ ଅନ୍ୟାନ୍ୟ ବିଷୟ ବୁଝିପାରନ୍ତି । ସ୍କୁଲ ସଂଲଗ୍ନ ବୋର୍ଡିଂ ଅଛି ।


Digitized by srujanika@gmail.com

# ମୟୂରଭଞ୍ଜର

ଶସ୍ତା          ସୁନ୍ଦର          ସ୍ଥାୟୀ

ସ୍ୱଦେଶୀ ଜିନିଷମାନ କିଣନ୍ତୁ

**ମୟୂରଭଞ୍ଜର ବୁଣା କାମ**

ଆଧୁନିକ ରୁଚିସମ୍ପନ୍ନ ବିଭିନ୍ନ ପ୍ରକାର ପକ୍କା ରଙ୍ଗର ହାତକଟା, ହାତବୁଣା **ଟସର, ରେଶମ, ପଶମ** ଓ **ସୂତା** ନିର୍ମିତ ପଦାର୍ଥମାନ

**କୁଟୀର ଶିଳ୍ପ**

୧। ଦୀର୍ଘକାଳ ସ୍ଥାୟୀ, ସୁନ୍ଦର ଓ ମଜବୁତ **ଦରୀ**

୨। ଡନ୍[illegible]ଟେ୍ରକି ଗଦି ଏବ ବିଛଣା ଗଦି

୩। କପାସୂତ[illegible] ଗାଲିଚ୍ ଓ ଅଭଙ୍ଗା କଣ୍ଟେଇ

୪। ସ୍ଥାନୀୟ ଶିଶୁ ଓ ପିଆଶାଳ କାଠରେ ପ୍ରସ୍ତୁତ ଆଧୁନିକ ରୁଚିସମ୍ପନ୍ନ ନାନା ପ୍ରକାର **ଉତ୍କୃଷ୍ଟ ଜିନିଷ**

**ବନ୍ୟଜାତ ଦ୍ରବ୍ୟ**

୧। **ହାତୀଦାନ୍ତ**

୨। **ବୋଟେଇ ଟସର**

୩। **ଶାଳ, ପିଆଶାଳ, ଶିଶୁ** ଓ ଅନ୍ୟାନ୍ୟ ମୂଲ୍ୟବାନ କାଠ

୪। ଉତ୍କୃଷ୍ଟ **କୁସୁମୀ** ଓ **ରଙ୍ଗଣୀ ଲାହା** ଓ ତହିଁରୁ ପ୍ରସ୍ତୁତ ଚଉକି ଓ ଚପଡ଼ା ଇତ୍ୟାଦି

Digitized by srujanika@gmail.com

# ଉଓଁପ୍ରଭାତ

ବାରପଦା, ଆଷାଢ଼ ୧୩୪୯



उत्तिष्ठत जाग्रत प्राप्य वरान्निबोधत

Digitized by srujanika@gmail.com

PHONE 2492 CAL.

GRAM "LAVATORY."

# SANITATION

PLUMBING
DRAINAGE
& WATER-WORKS.

CONSULT

## S. K. CHAKRAVARTI LTD.

MISSION ROW    SANITARY ENGINEERS — CALCUTTA

## Mayurbhanj Law Reporter

Highly appreciated in India & Abroad.

It is a quarterly publication.

It is published in September, December, March and June.

| | |
|---|---|
| Yearly Subscription | Rs. 3 |
| Single Copy | As. 12 |

Postage Extra.

*Manager*—N. C. SANYAL, B. A.
MAYURBHANJ LAW REPORTER.

Estd. Half A Century

## J. N. CHUNDER & BROS.

14/2 Old Chinabazar Street, Room No. 105 CALCUTTA

CHEAPEST HOUSE FOR

**PRINTING & STATIONERY GOODS**

*Please ask for Price List.*

## Bhanja Pradeep

*It is an illustrated Oriya quarterly quite independent of the English Edition of the Mayurbhanj Chronicle.*

SUBSCRIPTION

| | | |
|---|---|---|
| *Annual* | *Rs. 0-12-0* | *(post free)* |
| | *1-4-0* | *(with postage)* |
| *Price per copy ,,* | *0-3-0* | *(post free)* |
| | *0-5-0* | *(with postage)* |

*Manager*—N. C. SANYAL, B.A.
BHANJA PRADEEPA

Digitized by srujanika@gmail.com

## ଡିଫେନ୍ସ ବଣ୍ଡ

ବାର୍ଷିକ ଛଅ ଟଙ୍କା ସୁଧରେ ଶହେ ଟଙ୍କିଆ ଡିଫେନ୍ସ ବଣ୍ଡ ମିଳୁଛି । ଯେଉଁମାନେ ଏହା କିଣିବାକୁ ଇଚ୍ଛା କରନ୍ତି ସେମାନେ ତାଙ୍କର ବ୍ୟାଙ୍କ ସାହାଯ୍ୟରେ କିମ୍ବା ନିକଟବର୍ତ୍ତୀ ଟ୍ରେଜେରୀ ବା ସବ୍-ଟ୍ରେଜେରୀ ଅଫିସରଙ୍କୁ ଆବେଦନ କରନ୍ତୁ ।

## ଡିଫେନ୍ସ ସେଭିଂସ୍ ସାର୍ଟିଫିକେଟ୍

ଦଶ ଟଙ୍କା ମୂଲ୍ୟ ଦେଇ ଗୋଟିଏ ସାର୍ଟିଫିକେଟ୍ କିଣିଲେ ୧୦ ବର୍ଷ ପରେ ଟ ୧୯ ଙ୍କା ମିଳିବ । ପ୍ରତ୍ୟେକ ବଡ଼ ବଡ଼ ପୋଷ୍ଟ ଅଫିସରେ ମିଳୁଅଛି ।

## ଡିଫେନ ସେଭିଂସ୍ ବ୍ୟାଙ୍କ୍

ପ୍ରତ୍ୟେକ ପୋଷ୍ଟ ଅଫିସରେ—ଯେଉଁଠାରେ କି ସାଧାରଣ ସେଭିଂସ୍ ବ୍ୟାଙ୍କ କାରବାର ହୁଏ, ସେଠାରେ ଡିଫେନ୍ସ ସେଭିଂସ୍ ବ୍ୟାଙ୍କ ଏକାଉଣ୍ଟ୍ ଖୋଲା ଯାଇ ପାରିବ ଏବଂ ଟ ୨୯ ଙ୍କା ଠାରୁ ଆରମ୍ଭ କରି ଟ ୧୦,୦୦୦୯ ଙ୍କା ପର୍ଯ୍ୟନ୍ତର ଏକାଉଣ୍ଟ ଖୋଲା ଯାଇ ପାରିବ । ଏଥିରେ ଶତକରା ବାର୍ଷିକ ଟ ୨୪ ସୁଧ ମିଳିବ ।

## ଡିଫେନ୍ସ ସେଭିଂସ୍ ଷ୍ଟାମ୍ପ

ଚାରିଅଣା, ଆଠଅଣା ଓ ଏକଟଙ୍କା ମୂଲ୍ୟର ଡିଫେନ୍ସ ସେଭିଂସ୍ ଷ୍ଟାମ୍ପ ପ୍ରତ୍ୟେକ ପୋଷ୍ଟ ଅଫିସରେ ମିଳୁଛି ଓ ଏହା ସଙ୍ଗରେ ଗୋଟିଏ କାର୍ଡ ଦିଆ ଯାଉଛି । ଆପଣମାନେ ଆପଣଙ୍କ ଆର୍ଥିକ ଅବସ୍ଥାନୁସାରେ ଷ୍ଟାମ୍ପ କିଣି ଏହି କାର୍ଡରେ ଲଗାଉଥିବେ ଓ ଯେତେବେଳେ ସେ ଗୁଡ଼ିକ ଟ ୧୦ ଙ୍କାର ହୋଇଯିବ ସେତେବେଳେ ପୋଷ୍ଟ ଅଫିସରୁ ତା ବଦଳରେ ଗୋଟିଏ ଡିଫେନ୍ସ ସେଭିଂସ୍ ସାର୍ଟିଫିକେଟ ପାଇବେ । ମଧ୍ୟବିତ୍ତ ଶ୍ରେଣୀ ଏବଂ ମଜୁରିଆମାନଙ୍କ ପକ୍ଷରେ ଏଥିରେ ଅର୍ଥ କମାଇବା ବିଶେଷ ସୁବିଧାଜନକ ।

## ଦେଶ ରକ୍ଷା ନିମନ୍ତେ ଡିଫେନ୍ସ ଲୋନରେ ଅର୍ଥ ନିୟୋଗ କରନ୍ତୁ

ଡିଫେନ୍ସ ଲୋନ କିଣିଲେ **ଆପଣ** ଦେଶ ରକ୍ଷା **ବ୍ୟବସ୍ଥାରେ** ସାହାଯ୍ୟ କରି ପାରିବେ । ଆପଣଙ୍କର ଦେଶ ସୁରକ୍ଷିତ ହେଲେ ଆପଣଙ୍କର ଘର, ପରିବାର-ବର୍ଗ ଓ ବିଷୟ-ସମ୍ପତ୍ତି ନିରାପଦ ରହିବ । ଡିଫେନ୍ସ ଲୋନରେ ଅର୍ଥ ନିୟୋଗ କରିବା ସର୍ବାପେକ୍ଷା ନିରାପଦ, କାରଣ ପୂରାପୂରି ସୁଧ ସହ ପରିଶୋଧର ଦାୟିତ୍ୱ ଗଭର୍ଣ୍ଣମେଣ୍ଟ ନେଇ ଅଛନ୍ତି । ଏଥିରେ ଅର୍ଥ ନିୟୋଗ କଲେ ଦେଶ-ସେବା ଓ ସଞ୍ଚିତ ଅର୍ଥର ନିରାପତ୍ତା ଏହି ଦୁଇଟି ଉଦ୍ଦେଶ୍ୟ ସାଧିତ ହେବ । ଏଥିଲାଗି ଆପଣଙ୍କୁ କୌଣସି ପ୍ରକାର ସ୍ୱାର୍ଥତ୍ୟାଗ କରିବାକୁ ହେବ ନାହିଁ । ଏହା ଆପଣଙ୍କର ଅର୍ଥ ସଞ୍ଚୟରେ ସାହାଯ୍ୟ କରିବ ଏବଂ ଟଙ୍କାର ବଜାରରେ ହ୍ରାସବୃଦ୍ଧିର ସହିତ ଏହାର କୌଣସି ସମ୍ବନ୍ଧ ରହିବ ନାହିଁ । ଡିଫେନ୍ସ ଲୋନରେ ଅର୍ଥ ନିୟୋଗ କଲେ ଆପଣ, ଆପଣଙ୍କର ଅର୍ଥ, ପରିବାର-ବର୍ଗ ଓ ଦେଶ ସମସ୍ତ ସୁରକ୍ଷିତ ହେବ ।

Digitized by srujanika@gmail.com

# ଭଞ୍ଜ ପ୍ରଦୀପ

**ଏକାଦଶ ଭାଗ** **ଚତୁର୍ଥ ସଂଖ୍ୟା**

## ସୂଚୀ-ପତ୍ର


| | | | ପୃଷ୍ଠା |
|---|---|---|---|
| ୧ । | ଓଡ଼ିଆ ପଦମାନଙ୍କର ଦ୍ୱିରୁକ୍ତି | ଶ୍ରୀ ଗିରିଜାଶଙ୍କର ରାୟ | ୧ |
| ୨ । | ଦୁଇଅଗ୍ରାଢ଼ ଏ (୫,୬) | ରାୟ ବାହାଦୁର ଗୋପାଲ ଚନ୍ଦ୍ର ପ୍ରହରାଜ | ୭ |
| ୩ । | ଧର୍ମ ଓ ନୀତି | ଶ୍ରୀ ଶଶିଭୂଷଣ ରାୟ | ୧୧ |
| ୪ । | ଗୋଟିଏ ପରିବାର | ଶ୍ରୀ ବସନ୍ତ କୁମାର ବେହୁରା | ୧୪ |
| ୫ । | ଅବତାର | ଶ୍ରୀ କାଳିଆ ପାଣିଗ୍ରାହୀ | ୧୫ |
| ୬ । | ଏମିତି ବି ଦିନ ଆସେ | ଶ୍ରୀ ମହେଶ୍ୱର ନାୟକ | ୧୯ |
| ୭ । | ବିଲ୍ୱଦଳ | ଶ୍ରୀ କ୍ଷୀରୋଦ ଚନ୍ଦ୍ର ପାଲ | ୨୨ |
| ୮ । | ଦେହର ଦାବୀ | ( ଧୂର୍ଜଟି ) | ୨୪ |
| ୯ । | ରଙ୍ଗ-ରସ | | ୨୬ |
| ୧୦ । | ଦେଶୀୟ ରାଜ୍ୟ ସମାଚାର | | ୨୭ |
| ୧୧ । | ସମ୍ବାଦ ଓ ସଙ୍କେତ | | ୩୦ |


## ଚିତ୍ର-ସୂଚୀ


| | | |
|---|---|---|
| ୧ । | ବାଲିଡିହା ଜଳସେଚନ କେନାଲ | ମୁଖପୃଷ୍ଠ |
| ୨ । | ମୟୂରଭଞ୍ଜ ସଦର ପ୍ରଜାସଭାର ଗୋଟିଏ ଦୃଶ୍ୟ | ୩୧ |


—————0—————

Digitized by srujanika@gmail.com

ଏତେଗୁଡ଼ିଏ ଆପାତତଃ ଅପ୍ରାସଙ୍ଗିକ ବିଷୟର ଅବତାରଣା କରି ପାଠକ ପାଠିକାମାନଙ୍କର ବହୁମୂଲ୍ୟ ସମୟ ନଷ୍ଟ କଲି ବୋଲି ସେମାନେ ବିରକ୍ତ ହେଉଥିବେ । କିନ୍ତୁ ଏ ପ୍ରସଙ୍ଗ ଉତ୍ଥାପନ କରିବାର ଉଦ୍ଦେଶ୍ୟ ଏହି ଯେ ସନ୍ତାନସନ୍ତତିଙ୍କଠାରୁ ପ୍ରତ୍ୟୁପକାର ପାଇବେ ବୋଲି ଆଶା କରି ପିତାମାତା ସେହି ଲୋଭରେ ସନ୍ତାନସନ୍ତତିଙ୍କୁ ଆଦର ଓ ପାଳନ କରନ୍ତି । ଏ କଥାଟା ମୋ ମନଗଢ଼ା କଥା ନୁହେଁ । ଏହି କଥା ଆପଣମାନଙ୍କୁ ବୁଝାଇ 'ଅଷ୍ଟ୍ରକୌଁସିଲ ନଜିର୍' (Privy Council Ruling) ଦେବା ପାଇଁ ଚଣ୍ଡୀ ପୁରାଣ ବିଷୟ ଏ ପ୍ରସଙ୍ଗରେ ମୋତେ ବାଢିବାକୁ ପଡ଼ିଲା । ଅତଏବ 'କ୍ଷନ୍ତବ୍ୟୋମେଽପରାଧଃ' ।

ସନ୍ତାନସନ୍ତତିଙ୍କୁ ଲାଳନ ପାଳନ ଓ ଆଦର ସ୍ନେହ ମନୁଷ୍ୟ କରେ କାହିଁକି ? ସନ୍ତାନ ସନ୍ତତିଙ୍କ ପାଇଁ ବାପ ମା ଏତେ ଦୁଃଖ ଦହଗଞ୍ଜ ଭୋଗ କରନ୍ତି କାହିଁକି ? ଏ ପ୍ରଶ୍ନ ଦ୍ୱୟର ଉତ୍ତର ଏ ସନ୍ଦର୍ଭର ଶିରୋନାମାରେ ଉଦ୍ଧୃତ ଢ଼ଗରେ ନିହିତ ଅଛି । ସନ୍ତାନଙ୍କୁ ଚାହିଁ ମାତା ପିତା ମୁହଁରେ ନ କହନ୍ତୁ ପଛକେ, ମନେ ମନେ ଗୁଣି ହେଉ ଥାଆନ୍ତି:—'ତୁ ଦଉଥିବୁ, ମୁଁ ଖାଉଥିବି, ତୋ ସୁନ୍ଦର ବଦନ ଚାହୁଁଥିବି' । ଏହି ଆଶାପ୍ରଣୋଦିତ ମାତା-ପିତାଙ୍କୁ 'ପୁତ୍ରଗାତ୍ରସ୍ୟ ସଂସ୍ପର୍ଶଃଚନ୍ଦନାତ୍ ଅତିରିଚ୍ୟତେ' (ଅର୍ଥାତ୍ ପୁଅର ଦେହ ବାପମାଆଙ୍କୁ ଚନ୍ଦନଠାରୁ ବଳି ସୁଖସ୍ପର୍ଶ ହୁଏ) । ଯେଉଁ ପୁଅ ବାପ ମାଙ୍କୁ ପାଳିଲା, ବାପ ମାଙ୍କର ସେବା କଲା ସେ ପୁଅ ହେଲା ସୁପୁତ୍ର ବା କୁଳନନ୍ଦନ ; ଯେ ବାପ ମାଙ୍କୁ ନ ପାଳିଲା ସେ ହେଲା କୁପୁତ୍ର ବା 'ଘୋଡ଼ା ମୁହାଁ' ବା 'ଫୁଲୁଫୁଲା ମୁହାଁ' । ଏଥିପାଇଁ ଲୋକେ କହନ୍ତି "କୁଳକ୍ଷୟ ବେଳକୁ ଘୋଡ଼ାମୁହାଁ ପୁଅ ଜାତ" ।

ଆପଣମାନେ ସଂସାରର ସବୁ କ୍ଷେତ୍ରରେ, ସବୁ ପରିବାରରେ, ସବୁ ଇଲାକାରେ ଟିକିଏ ତଲେଇ କରି ନିରେଖନ୍ତୁ ; ଦେଖିବେ ଯେ, ରାଜାଙ୍କ ପ୍ରାସାଦଠାରୁ ରଙ୍କର ପତର କୁଡ଼ିଆ ପର୍ଯ୍ୟନ୍ତ, ପ୍ରିଭିକାଉନ୍‌ସିଲଠାରୁ ଗ୍ରାମ ପଞ୍ଚାୟତ ପର୍ଯ୍ୟନ୍ତ, ପାର୍ଲିଆମେଣ୍ଟଠାରୁ ଚଉକିଦାରୀ ୟୁନିଅନ୍ ପର୍ଯ୍ୟନ୍ତ, ବିଶ୍ୱ ଭାରତୀଠାରୁ ପ୍ରାଇମେରୀ ସ୍କୁଲ ପର୍ଯ୍ୟନ୍ତ, ଗୁରୁ କୁଳଠାରୁ ଗାଁଆ ଚାହାଳି ପର୍ଯ୍ୟନ୍ତ, ଲାଟ ସଭା-ଠାରୁ ଜାତିଆଣ ସଭା ପର୍ଯ୍ୟନ୍ତ ସବୁଠାରେ ଲାଗିଛି ଏହି 'ପେଟ ପାଇଁ ନାଟ' । ଏହି ପେଟ ପାଇଁ ଲାଗିଥିବା 'ନାଟ'କୁ ଲକ୍ଷ୍ୟ କରି ପୁରୀ ଜିଲ୍ଲା ରାହାଙ୍ଗ ଶାସନମାନଙ୍କ ଗାଆଁ ମାଇପେ ଢ଼ଗ ବୋଲନ୍ତି:—"ଏହି ପେଟ, ଏହି ପେଟ ଲାଗି ସବୁ ନାଟ, ଏହି ପେଟ ଲାଗି ଧାନ କୁଟ, ଏହି ପେଟ ଲାଗି ବଙ୍ଗଳା ବାଟ, ଏହି ପେଟ ଲାଗି ତନ୍ତୁଳ ଘାଟ, ଏହି ପେଟ ଲାଗି ଅଇଁଠା ଚାଟ ଇତ୍ୟାଦି ଇତ୍ୟାଦି" । ତୁମେ ମୋତେ ଦେଉଥିବା ଯାକେ, ତୁମ ଦାନା ମୋ ପେଟରେ ପଡ଼ୁଥିବା ଯାକେ, ତୁମ କନା ମୋ ପିଠିରେ ଲାଗୁଥିବାଯାକେ, ତୁମ ଧନ ମୋ ଅଣ୍ଟାରେ ଖୋଷା ହେଉଥିବା ଯାକେ ତୁମେ ମୋର 'ପ୍ରିୟବନ୍ଧୁ', ତୁମ ମୁହଁ ମୋ ଆଖିରେ 'ଚନ୍ଦ୍ର-ବଦନ' । ତୁମର ଏ 'ଦେବା' କଥାଟି ବା ତହିଁର ଆଶା ବନ୍ଦ ହେବା କ୍ଷଣି ତୁମେ ହେଲ ମୋର 'ଦୁଶ୍‌ମନ୍', ତୁମ ମୁହଁ ମୋ ଆଖିରେ ହେଲା 'ଫୁଲୁଫୁଲା ମୁହଁ' । ମଣିଷ ଗଛଟିଏ ଲଗାଏ, ତାକୁ ଖୁବ ଯତ୍ନରେ ବଢ଼ାଏ, ମୁଣ୍ଡ ଝାଳ ତୁଣ୍ଡକୁ ବୁହାଇ ଗଛ ମୂଳେ ପାଣି ଦିଏ, ତା ଡାଳଠାରୁ ତଳପା ପର୍ଯ୍ୟନ୍ତ ସେ ଗଛର ସେବାରେ ଖଟିଥାଏ । ମନୁଷ୍ୟ ଏ ମିହନତ କରେ କାହିଁକି ? ଗଛରେ ଫୁଲ ଫୁଟିଲେ ବା ଫଳ ଧଇଲେ ମନୁଷ୍ୟ ସବୁ ଦୁଃଖ ପାଶୋରି ଯାଏ । ଗଛରେ ଯେବେ ଫୁଲ ବା ଫଳ ନ ଧଇଲା ତେବେ ସେ 'ଅଣ୍ଡିରି ଗଛ'ର ମୁହଁ ଚାହିଁ ଯୋଗାଏ ନାହିଁ । ଏ ସନ୍ଦର୍ଭର ଶିରୋଭାଗରେ ଉଦ୍ଧୃତ ଢ଼ଗର ମୂଳରେ ଏହି ସତ୍ୟ ହିଁ ନିହିତ ଅଛି । ଯେ ମୋତେ ଦେଲା ତା ପ୍ରଶଂସା ମୋ ମୁହଁରେ ଅଜସ୍ର ବାହାରେ, ଯେ ନ ଦେଲା ତା ନିନ୍ଦା ଗାଉ ଗାଉ ମୋ ଦିନ ସରେ ନାହିଁ ।

ସବୁ ନିୟମର ନିପାତନ ଅଛି । ଏଥିର ମଧ୍ୟ ନିପାତନ ଅଛି । ନିପାତନ ହେଲା 'ଅକାଳ ଫଳ' । 'ଅକାଳଫଳ'ଟିଏ ଦେଖିଲେ ଲୋକେ ତାକୁ ଭାରି ଆଦର କରନ୍ତି । କିନ୍ତୁ 'ଅକାଳଫଳରେ ସଂସାରର ଗୁଜରାନ୍ ମେଣ୍ଟେ ନାହିଁ ।

( ୬ )

"କହିବି ନାହିଁ, କହିଲେ ଏ ଘରେ ରହିବି ନାହିଁ
ଖଣ୍ଡିଆ ପଥୁରୀ ଚାଟିକଲା ମାଡ଼ ନିତି ନିତି ଆଉ ସହିବି ନାହିଁ ।।"

ପାଠକ ପାଠିକାମାନେ ବୋଧହୁଏ ଜାଣିଛନ୍ତି ଯେ ମୁଁ 'କଲଷଠା'କୁ ୧୦ ବର୍ଷ ହେଲା ଟପିଲିଣି । ଆପଣମାନେ ବିଟିଆ ହ୍ୱିସ୍କି (ବିଲାତି ସୁରା) ବିଜ୍ଞାପନରେ ଦେଖିଥିବେ :—"Born in 1793 & still going strong" (ଅର୍ଥାତ୍ ଏ ସୁରାର ଜନ୍ମ ଶହେ ବର୍ଷ ପୂର୍ବେ ହୋଇଥିଲା, ଏହାର ବୟସ ଶହେ ବର୍ଷକୁ ଟପି ଦେଢ ଶହ ବର୍ଷରେ ଧାପ ଦେଲାଣି ; ତଥାପି ବର୍ତ୍ତମାନ ଏ ଖୁବ୍ ବଳୁଆ ରହିଛି) । ମୋ କଥା ସେହି ଭଳି, **Born in 1874, still going strong** (ମୋ ଜନ୍ମ ୧୮୭୪ ସାଲରେ, ବର୍ତ୍ତମାନ ମୁଁ ବଳୁଆ ରହିଛି) ମୋର "ଅଙ୍ଗମ୍ ଗଳିତଂ ପଳିତଂ ମୁଣ୍ଡଂ, ଦନ୍ତ-ବିହୀନଂ ଯାତୁ ତୁଣ୍ଡମ୍, କରଧୃତ କମ୍ପିତ ଶୋଭିତ ଦଣ୍ଡଂ, ତଦପି ନ ମୁଞ୍ଚତ୍ୟାଶାଭାଣ୍ଡଂ" (ଅର୍ଥାତ୍ ଅଙ୍ଗଗଳିତ ହେଲାଣି, ମୁଣ୍ଡର କେଶ ଧଳା ହେଲାଣି, ତୁଣ୍ଡରୁ ଦାନ୍ତଯାକ ବିଦାୟ ନେଲେଣି, ହାତ ଥରିଲାଣି, ବାଡ଼ି ଖଣ୍ଡିଏ ନ ଧରିଲେ ଚାଲିପାରୁ ନାହିଁ ତଥାପି ଆଶା ଛାଡୁ ନାହିଁ) । ଶଙ୍କରାଚାର୍ଯ୍ୟଙ୍କର ଏ ଶ୍ଳୋକର ଶେଷ ଚରଣକୁ 'ତଦପି ନ ମୁଞ୍ଚତି ଲେଖନୀ ଦଣ୍ଡମ୍' (ଅର୍ଥାତ୍—ତଥାପି ମୋ ହାତରୁ କଲମ ଖସି ପଡୁ ନାହିଁ) କରି ଆପଣମାନେ ମୋ ପ୍ରସଙ୍ଗରେ ପାଠ କରିବେ । ମୋର ଜଣେ ବାଲ୍ୟ ସଙ୍ଗୀ ଅଛନ୍ତି, ତାଙ୍କ ହାତ ଥରିଲାଣି କିନ୍ତୁ ସେ ଅବଧି 'ଲେଖନୀଦଣ୍ଡ' ଛାଡୁନାହାନ୍ତି । ସାହିତ୍ୟ ସାଧନା କହନ୍ତୁ, ସରସ୍ୱତୀ ସେବା କହନ୍ତୁ, ମୋ ପକ୍ଷରେ ଏହା ଏକ ପ୍ରକାର ମାନସିକ କଣ୍ଡୁ । 'ବସିବା ଠାରୁ କାଟିବା ଭଲ' ଏହି ନ୍ୟାୟରେ ପଶା ତାସ ଖେଳ, ଖୋସ୍‌ଗପ, ପରଚର୍ଚ୍ଚା



ଗ

Digitized by srujanika@gmail.com

(gossip) ଆଦି ଅପେକ୍ଷା କଲମ ଠେଲା ମୋତେ ବେଶୀ ସୁଖ ଲାଗେ। ମୋ କଲମ ଚାଲିଲାବେଳେ ଚଇତ ମାସରେ ନୂଆ ଗୁଡ଼ ଖାଇଥିବା ଲୋକଙ୍କ ଅବସ୍ଥା ମାଛେ ଖଣ୍ଡିକ ପରେ ଯାହା ହୁଏ ମୋ ଅବସ୍ଥା ସେହିପରି ହୁଏ। ସେ ନିଶାରେ ସ୍ଥାନ ଅସ୍ଥାନ, ପାତ୍ର ଅପାତ୍ର, ସମୟ ଅସମୟ, ସବୁ କେଉଁ ଆଡ଼େ ଉଭେଇ ଯାଏ। ଢେଲାଟା ଲକ୍ଷ୍ୟ ବସ୍ତୁରେ ବାଜୁ ଅବା ନ ବାଜୁ, ସେଥିରେ କେହି ବ୍ୟକ୍ତି ଘାଇଲା ହୁଅନ୍ତୁ କି ନ ହୁଅନ୍ତୁ, ଢେଲାଟା ଲକ୍ଷ୍ୟଭ୍ରଷ୍ଟ ହୋଇ ଛୁଟିକି କରି ଆଉ କାହା ଦେହରେ ବାଜୁ କି ନ ବାଜୁ, ଏ ସବୁ ବିଷୟ ପ୍ରତି ମୋର ଖିଆଲ୍ ରହେ ନାହିଁ। ସାଇପଡ଼ିଶାଙ୍କ ପିଠା ଛିଆ ଦେଖି ମୋ ମନ ଉବେଇ ଖବେଇ ହୁଏ ଓ ମୁଁ ଘଷିଫଡ଼ା-କରେ, ମନର ଓରମାନଙ୍କୁ ମେଣ୍ଟାଏଁ। ମୋ ହାତରେ ଘଷିଫଡ଼ା ଦେଖି ଯେବେ କେହି ତାକୁ 'ଇଣ୍ଡୁରି ପିଠା' ବୋଲି ଭାବନ୍ତି, ସେଥି ପାଇଁ ମୁଁ ଦୋଷୀ ନୁହେଁ। ବିଲାତର Dean Swift (ଡୀନ୍ ସ୍ୱିଫ୍ଟ୍) ବୋଲି ଜଣେ ଲେଖକ ଥିଲେ। ସେ କହିଥିଲେ 'If you want to throw a stone every lane will furnish one." (ଯେବେ ତୁମର କାହାକୁ ଢେଲା ମାରିବାକୁ ଇଚ୍ଛା ହେବ, ତେବେ ଯେ କୌଣସିଠାରେ ତୁମ୍ଭଙ୍କୁ ଢେଲାର ଅଭାବ ହେବ ନାହିଁ।)

ଦିନେ ମୋ ଭଗ୍ନୀପ୍ରତିମା ଜଣେ ବର୍ଷୀୟସୀ ଭୂମାଷ୍ଟ ମୋ ପାଖରେ ଆସି ପହଞ୍ଚି ଏକ ସରକାରୀ ବିଭାଗର କର୍ତ୍ତାଙ୍କର ଗୋଟିଏ ସରକାରୀ ଚିଠି ମୋ ଆଗରେ ପେସ୍ କଲେ ଓ ଉକ୍ତ ପତ୍ର ସମ୍ବନ୍ଧେ ମୋର ଲିଖିତ ମତ ଲୋଡ଼ିଲେ। ସେ ଲିଖିତ ମତ ପାଇଁ ମୋ ସଙ୍ଗେ ଭାରି ଅଳି କରିବାରୁ ମୁଁ ମୋ ମତକୁ କଲମ ବନ୍ଦ କରି ତାଙ୍କ ହାତକୁ ଦେଲି। ଦିନା କେତେ ବାଦ ଭୂମାଷ୍ଟ ଆସି ମୋତେ କହିଲେ :— "ତୁମ ମତକୁ କର୍ତ୍ତାଙ୍କ ଆଗରେ ପେସ୍ କରିବାରୁ କର୍ତ୍ତା ତାକୁ ପାସଙ୍ଗରେ ପକାଇଲେ ନାହିଁ; କହିଲେ ଯେ ତୁମେ ନିପଟ ଖୋସାମଦିଆ, ଅତଏବ ତୁମ ମତର କିଛି ମୂଲ୍ୟ ନାହିଁ।" ପାଠ ଜାଣିଛୁ ସବୁ କହିବ ମରମ୍ କଥା ନ କହିବ। ବିଭାଗୀୟ କର୍ତ୍ତାଙ୍କର ମୋ ପ୍ରତି 'ଖୋସାମଦିଆ' ଉପାଧି ପ୍ରୟୋଗ କଥାଟା ମୋ ଦେହରେ ଚିଞ୍ଚିଲି ବାଜିଗଲା। ଏ କଥା ଶୁଣି କେତେ ଭାବ, କେତେ ବିଭାବ, କେତେ ଅନୁଭାବ, କେତେ ପୂର୍ବଭାବ, କେତେ ଅଭାବ, କେତେ ସ୍ୱଭାବ ମୋ ମନରେ ଖେଳେଇ ହୋଇଗଲା ଓ ମୋ ମଗଜରେ ନଈ ବଢ଼ି ପାଣିଭଳି ମାଡ଼ିଯାଇ ଥିବା ଭାବନାର ଢେଉଙ୍କୁ ପାଠକ ପାଠିକାଙ୍କ ଆଗରେ ବାଢ଼ିବି ବୋଲି କଲମ ଧରିଲି। ଏହି 'ଖୋସାମଦ' ଶବ୍ଦ ଫାର୍ସୀ 'ଖୁସ୍-ଆମଦ' ଶବ୍ଦରୁ ଅପଭ୍ରଷ୍ଟ। ଏ ଶବ୍ଦ ବଙ୍ଗ ଭାଷାରେ 'ତୋଷାମୋଦ, ଆକାରରେ ଅପଭ୍ରଷ୍ଟ ହୋଇଅଛି। 'ଫାର୍ସୀ ଖୁସ-ଆମଦ' ଶବ୍ଦର ଅର୍ଥ ଅନ୍ୟ ବ୍ୟକ୍ତିକୁ ଖୁସି କରିବା ପାଇଁ କରା ହେବା ମିଥ୍ୟା ପ୍ରଶଂସା। ଓଡ଼ିଆ ଭାଷାରେ 'ଖୋସାମଦିଆ' ଶବ୍ଦ ଦୁଇଟି ଅର୍ଥରେ ବ୍ୟବହୃତ ହୁଏ। ଯେଉଁ ବ୍ୟକ୍ତି ଚାଟୁକରେ ସେ ଖୋସାମଦିଆ ଓ ଯେଉଁ ବ୍ୟକ୍ତି ଚାଟୁପ୍ରିୟ ତାଙ୍କୁ ମଧ୍ୟ ଖୋସାମଦିଆ ବୋଲାଯାଏ।

ଅତଏବ ଚାଟୁକାର ଚାଟୁଗ୍ରାହୀ, ଉଭୟ ବ୍ୟକ୍ତିଙ୍କ ପ୍ରତି ଏ ବିଶେଷଣ ଆମ ଭାଷାରେ ଚଳେ। କର୍ତ୍ତା ମୋତେ କେଉଁ ଶ୍ରେଣୀରେ ପକାଇଲେ, ମୁଁ ତାହା ପହିଲେ ଠଉରାଇ ପାରିଲି ନାହିଁ। ବରଞ୍ଚ ମୋ ସଙ୍ଗେ ଉକ୍ତ କର୍ତ୍ତାଙ୍କ ସମ୍ପର୍କରେ ମୁଁ ଏ ଦୁଇ ଅବତାର ଗ୍ରହଣ କରିଛି ବୋଲି ମନେ ପଡ଼ିଲା। ମୁଁ ନିଜେ ଜାଣେ ଯେ କର୍ତ୍ତାଙ୍କର ବହୁତ ଗଲତି ଅଛି। କର୍ତ୍ତା ମୋହକତ ମିଛୁଆ, ପୟୋମୁଖବିଷକୁମ୍ଭ, ଚକ୍ଷୁଣ କୁହା, ସେ ଅନେକ ସ୍ଥଳରେ ମିଥ୍ୟା, ଅନୀତି, ଅସତ୍ ଓ ଅଧର୍ମ ଆଚରଣ କରି ଥାଆନ୍ତି, ବା ତହିଁର ପ୍ରଶ୍ରୟ ଦେଇ ଥାଆନ୍ତି। ତାଙ୍କର ଏ ସ୍ୱରୂପ ଜାଣି ଶୁଣି ମୁଁ ତାଙ୍କୁ 'ଧର୍ମାବତାର' ବୋଲି ଯେଉଁ ସମ୍ବୋଧନ କରିଛି, ତାହାକୁ ଖୋସାମଦ ଛଡ଼ା ଆଉ କିଛି କୁହା ଯାଇ ପାରିବ ନାହିଁ। କର୍ତ୍ତା ମଧ୍ୟ ଜାଣନ୍ତି ଯେ ମୁଁ ଅପଦାର୍ଥ ଓ ଅଯୋଗ୍ୟ, ଏବଂ ସେ ମୋ ଆଜ୍ଞାବହ ଭୃତ୍ୟ ନୁହନ୍ତି; କିନ୍ତୁ ସରକାରୀ ଚିଠିରୁ ସେ I beg to remain Sir, 'Your most obedient servant (ମହାଶୟ ମୁଁ ଆପଣଙ୍କର ପରମ ଆଜ୍ଞାକାରୀ ନୌକର ହୋଇରହିଛି) ବାକ୍ୟଚୟ ଦ୍ୱାରା ଭଣିତା କରିଥାନ୍ତି। ଏପରି ସ୍ଥଳରେ ତାଙ୍କୁ 'ଧର୍ମାବତାର' ସମ୍ବୋଧନ କଲାବେଳେ ମୁଁ ହୁଏ ଚାଟୁକାର ସେ ହୁଅନ୍ତି ଚାଟୁଗ୍ରାହୀ; ମୋର 'ପରମ ଆଜ୍ଞାକାରୀ ନୌକର' ହେଲାବେଳେ ସେ ହୁଅନ୍ତି ଚାଟୁକାର, ମୁଁ ହୁଏ ଚାଟୁଗ୍ରାହୀ। ଏପରି ସ୍ଥଳରେ ମୋତେ ଏ ବିଶେଷଣ ଦ୍ୱାରା ଅଲଙ୍କୃତ କରି ସେ ଠିକ୍ କରିଛନ୍ତି ବୋଲି ମନକୁ ବୋଧ ଦେଲି—ମୁଁ କଥାଟାକୁ ଖୁବ୍ ଦୃଢ଼ ଭାବରେ ଚିନ୍ତା କଲି ଓ ଦେଖିଲି ଯେ ଏ ଦୁନିଆରେ ଅଳପ ଅଧିକ ସମସ୍ତେ ଖୋସାମଦ କରନ୍ତି ଓ ଖୋସାମଦ ଶୁଣନ୍ତି। ଭଗବଦ୍-ଗୀତାରେ ବର୍ଣ୍ଣିତ 'ତୁଲ୍ୟ ନିନ୍ଦାସ୍ତୁତି' ବ୍ୟକ୍ତି ସଂସାରରେ ବିରଳ, ଏମନ୍ତ କି ନାହାନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। ବରଫ ସମସ୍ତଙ୍କୁ ଶୀତଳ ଲାଗେ, ନିଆଁ ସମସ୍ତଙ୍କ ଦେହକୁ ଜାଳି ଦିଏ। ପାଠରେ ପଢ଼ିଥାଇଁ ଶାସ୍ତ୍ରରେ ଶୁଣିଥାଇଁ ଯେ ଏପରି ଯୋଗ ସାଧକ ମୁନିଋଷି ଓ ସିଦ୍ଧ ପୁରୁଷ ଅଛନ୍ତି, ବରଫ ଓ ନିଆଁ ସ୍ପର୍ଶରେ ଯାହାଙ୍କର ସମାନ ଅନୁଭୂତି ହୁଏ। କିନ୍ତୁ ଏପରି ସିଦ୍ଧପୁରୁଷକଳ୍ପିଙ୍କ ଭଳି ସରକାରୀ ବିଭାଗରେ ହାକିମ ହେବାକୁ ଆସନ୍ତି ନାହିଁ, କିମ୍ବା ମୋ ଭଳି ଅନୁଗ୍ରହ—ଭିକାରୀ ହୋଇ କର୍ତ୍ତାଙ୍କ ଘର ଆଡ଼େ ବା ଅଫିସ ଆଡ଼େ ଖଡ଼ା ପହରା ଦେବାକୁ ଆସନ୍ତି ନାହିଁ। ଟିକିଏ ଲକ୍ଷ୍ୟ କଲେ ଦେଖିବା ଯେ ସଂସାରଟା Mutual Flattering Society (ପରସ୍ପର ଖୋସାମଦିଆ ସଂଘ) ଅଟେ। ମୁଁ ତୁମ୍ଭଙ୍କୁ ଖୋସାମଦ କରୁଛି, ତୁମେ ଉଧାର ମାଣକ ପାଞ୍ଚ ପାଅ ରେଟ୍‌ରେ ମୋତେ ଖୋସାମଦ କରୁଛ। ଏ ସଂସାରରେ ସରକାରୀ ଓ ବେସରକାରୀ, କଂଗ୍ରେସୀ ଓ ବେକଂଗ୍ରେସୀ, ଜମିଦାରୀ ଓ ମହାଜନୀ, ରାଜନ୍ୟମଣ୍ଡଳ ଓ ପ୍ରଜାମଣ୍ଡଳ, ହାକିମ ଓ ପକ୍ଷ, କମ୍ପାନୀ ଓ ଯୌଥାନୁଷ୍ଠାନ, ସବୁଠାରେ ଖୋସାମଦ ଲାଗିଛି। କାର୍ଯ୍ୟୋଦ୍ଧାର କରିବା ପାଇଁ, ଧନ ପ୍ରାର୍ଥନା କରିବା ପାଇଁ, ଅନୁଗ୍ରହ ଲାଭ କରିବା ପାଇଁ, ଚାକିରୀ ଖଣ୍ଡେ ପାଇବା ପାଇଁ, ଦାନା-ପାଣି



Digitized by srujanika@gmail.com

ଲଭିବା ପାଇଁ ଆମେ ଯାହା ଯାହାଙ୍କ ପାଖରେ ଯାଇ ପହଞ୍ଚୁ ତାଙ୍କୁ ଖୋସାମଦ ନ କଲେ ଆମ କାମ ଫତେ ହୁଏ ନାହିଁ । ମୁଁ ଜାଣୁଛି ଯେ, ଅମୁକ ରଜାଟା ନିପଟ ମିଛୁଆ, ପରସ୍ୱାପହାରୀ, ପରଦାରାପହାରୀ, ଉତ୍ପୀଡ଼କ, ଅପବ୍ୟୁଅର୍ଥୀ, ଧର୍ମହୀନ, ଅବିଚାରକ, ତଥାପି ସେ ରାଜାଙ୍କ ଶ୍ରୀଛାମୁରେ ଅନୁସରଣିଆ ବା ଉମେଦ୍‌ୱାର୍ ହୋଇ ପହଞ୍ଚିଲା ବେଳେ ତାଙ୍କର ପ୍ରଶଂସା କରିବାକୁ ମୋର ଗୋଟାଏ ମୁହଁ ଯଥେଷ୍ଟ ହୁଏ ନାହିଁ ବୋଲି ମୁଁ ଅବ୍‌ସୋସ୍ କରେଁ । ଏହିପରି ମୋଠାରୁ ଯାହାଙ୍କର କୌଣସି କାମ ହାସଲ କରିବାକୁ ପଡ଼େ, ସେ ଜାଣନ୍ତି ଯେ, ମୋ ଦେହରେ ରୁମ ଯେତେ ମୋ ଭିତରେ ଦୁର୍ଗୁଣ ସେତେ, ତେବେ ସୁଦ୍ଧା ସେ ମୋତେ ଗୁଣବାନ୍, ନ୍ୟାୟବନ୍ତ, ଧାର୍ମିକ, ସଚ୍ଚରିତ୍ର ବୋଲି ବର୍ଣ୍ଣନା କରନ୍ତି । ରଜାଙ୍କୁ ତୁମେ ବୋଲି ସମ୍ବୋଧନ ନ କରି 'ଛାମୁ', ବିଚାର ପତିଙ୍କୁ 'ଧର୍ମାବତାର'. ହାକିମଙ୍କୁ 'ହଜୁର୍', ଦୁଷ୍ଟରଜାଙ୍କୁ ଆଦର୍ଶଚରିତ୍ର ଉତ୍ପୀଡ଼କଙ୍କୁ 'ଅପତ୍ୟ ନିର୍ବିଶେଷରେ ପ୍ରଜାପାଳକ', ଲକ୍ଷ୍ମୀ-ଛଡ଼ାଙ୍କୁ 'ଶ୍ରୀମାନ୍' ଓ ଶ୍ରୀଭ୍ରଷ୍ଟାଙ୍କୁ 'ଶ୍ରୀମତୀ' ଆଦି ସମ୍ବୋଧନ ଖୋସାମଦର ଗୋଟିଏ ଗୋଟିଏ ସ୍ଫୁରଣ ମାତ୍ର । "ମୋର ତୁମଙ୍କୁ କହିବାର ବିଷୟ ଏହି କି" ନ କହି "ଅଧୀନର ଶ୍ରୀହଜୁରଙ୍କ ଛାମୁରେ ସବିନୟ ନିବେଦନ ଏହି କି" କହିବା ଖୋସାମଦ ଛଡ଼ା ଆଉ କିଛି ନୁହେଁ । ଦେଖାଯାଏ ଯେ, ସମସ୍ତେ ଅଳ୍ପ ବହୁତ ଆପଣାର ପ୍ରଶଂସା ଶୁଣିବାକୁ ସୁଖ ପାଆନ୍ତି ଓ ଆପଣାର ନିନ୍ଦା ଶୁଣିଲେ ବ୍ୟଥିତ ହୁଅନ୍ତି ଓ ତଳ ପାହ୍ୟାର ଲୋକେ ଉପର ପାହ୍ୟାର ଲୋକଙ୍କୁ ଅଳ୍ପ ବହୁତ ଖୋସାମଦ କରନ୍ତି । ଖୋଦ୍ ଈଶ୍ୱରଙ୍କୁ ମଧ୍ୟ ଖୋସାମଦ କରି ଆମେ ଆମ କାମ ହାସଲ କରିବାକୁ ପାଞ୍ଚ କରୁଁ । ଆମ ବଡ଼-ବଡ଼ୁଆମାନେ କହି ଯାଇଛନ୍ତି "ସତ୍ୟଂ ବ୍ରୂୟାତ୍ ପ୍ରିୟଂ ବ୍ରୂୟାତ୍ ମା ବ୍ରୂୟାତ୍ ସତ୍ୟ ମପ୍ରିୟଂ" (ଅର୍ଥାତ୍ ସତ କହିବ, ପ୍ରିୟ କଥା କହିବ, ସତ୍ୟ ଓ ଅପ୍ରିୟ କଥା କହିବ ନାହିଁ) । ଦୁନିଆରେ ସବୁଠାରେ ଅଳ୍ପ ବହୁତ ଏ ଖୋସାମଦର ଖେଳ ଲାଗିଛି । ତେବେ ଏ ମଳମୁଣ୍ଡିଆଁ ଉପରେ ଧୋବ-ଧୋବଳିଆ କର୍ତ୍ତାଙ୍କର ଶ୍ରେଷ୍ଠ ପଡ଼ିଲା କିଆଁ ? ଏ କଥାହିଁ ମୁଁ ମନେ ମନେ ବାଣ୍ଟୁଛି ।

( ଚାଲୁଥାଉ )

# ଧର୍ମ ଓ ନୀତି

**ଶ୍ରୀ ଶଶିଭୂଷଣ ରାୟ**

ଧର୍ମ ଜନସମାଜର ଜୀବନୀଶକ୍ତି ଏବଂ ନୀତି ତାହାର ରକ୍ଷାବନ୍ଧନୀ ସ୍ୱରୂପ । ଜନସମାଜର ରକ୍ଷା ଓ ଉନ୍ନତି ସକାଶେ ଏକ ପାର୍ଶ୍ୱରେ ଧର୍ମବଳ, ଅପର ପାର୍ଶ୍ୱରେ ନୀତି ଜ୍ଞାନର ସମାନ ଆବଶ୍ୟକତା ରହିଛି ।

ଧର୍ମ ମାନବ ଜାତିର ଏକ ସାର୍ବଭୌମ ଅବଲମ୍ବନ । ମାନବ-ପ୍ରକୃତିର ଅଭ୍ୟନ୍ତରରେ ନିହିତ ବିଶ୍ୱାସହିଁ ଧର୍ମର ପ୍ରାଣ । ସେହି ବିଶ୍ୱାସ ପ୍ରତ୍ୟେକ ମାନବାତ୍ମାର ସ୍ୱାଭାବିକ ଲକ୍ଷଣ, ତାହା ଉପାର୍ଜିତ ନୁହେ । ଜୀବଶରୀରରେ ପାକସ୍ଥଳୀ ପକ୍ଷରେ କ୍ଷୁଧା ଯେପରି, ମାନବାତ୍ମା ପକ୍ଷରେ ବିଶ୍ୱାସ ମଧ୍ୟ ସେହିପରି । ମନୁଷ୍ୟର ବିଶ୍ୱାସ, ଶିକ୍ଷା, ସହବାସ, ଅବସ୍ଥା ଓ ଆତ୍ମକର୍ମ ଅନୁଯାୟୀ ଗଠିତ ହୋଇଥାଏ । ଏହି ହେତୁରୁ ଧର୍ମଜଗତରେ ବିଶ୍ୱାସର ଏ ଭଳି ଅଭାବନୀୟ ବୈଚିତ୍ର୍ୟ ଦେଖାଯାଏ । ସହସ୍ର ସହସ୍ର ଲୋକ ମୁକ୍ତି ଓ ସଦ୍ଗତିର ପ୍ରକୃତ ଜ୍ଞାନରେ ଅବିସମ୍ବାଦିତ ଚିତ୍ତରେ ଯାହାଙ୍କ ପଦରେ ଲୁଣ୍ଠିତ ହୁଅନ୍ତି ସହସ୍ର ସହସ୍ର ଲୋକେ ହୁଏତ ତାହାଙ୍କର ଅଲୌକିକ ମାହାତ୍ମ୍ୟ ଦୂରକୁ ଥାଉ, ତାହାଙ୍କର ଅସ୍ତିତ୍ୱରେ ମଧ୍ୟ ବିଶ୍ୱାସ କରନ୍ତି ନାହିଁ ।

କୌଣସି ଗ୍ରନ୍ଥବିଶେଷର ଲିଖିତ ଉପଦେଶ କିମ୍ବା ଅନୁଷ୍ଠାନ-ପରମ୍ପରା, ଅଥବା କୌଣସି ବ୍ୟକ୍ତି କିମ୍ବା ସମ୍ପ୍ରଦାୟର ଅବଲମ୍ବିତ ଓ ପ୍ରଚାରିତ ମତ ସମୂହହିଁ ଧର୍ମ ଏ କଥା କହିଲେ ଧର୍ମର ଧର୍ମତ୍ୱ ଲୁପ୍ତ ହୁଏ, ଧର୍ମ ସାମ୍ପ୍ରଦାୟିକତାରେ ପରିଣତ ହୋଇଯାଏ । କେତେ ଗୁଡ଼ିଏ ମନୁଷ୍ୟର ହୃଦୟ ମନର ଗଠନର ସାମ୍ୟ ଏବଂ ଅବସ୍ଥା, ଶିକ୍ଷା, ଚିନ୍ତା ଓ କାର୍ଯ୍ୟ ପ୍ରଣାଳୀର ଅପେକ୍ଷାକୃତ ସମତା ବଶରୁ ସେହି ସମସ୍ତ ଲୋକଙ୍କ ବିଶ୍ୱାସ ଅନେକାଂଶରେ ଏକ ପ୍ରକାର ହୋଇ ଗଠିତ ହୁଏ; ସୁତରାଂ ସେମାନଙ୍କ ମତର ମଧ୍ୟ ଅନେକ ପରିମାଣରେ ଏକତା ସମ୍ପନ୍ନ ହେବାହିଁ ସ୍ୱାଭାବିକ । ଏହି ପ୍ରକାର ଏକ-ମତାବଲମ୍ବୀ ମନୁଷ୍ୟ ସମଷ୍ଟିକୁ ଏକ ସମ୍ପ୍ରଦାୟ କହନ୍ତି । ଅସାଧାରଣ ଶକ୍ତିସମ୍ପନ୍ନ କୌଣସି ମନୁଷ୍ୟ ଯେତେବେଳେ କୌଣସି ଅଭିନବ ଧର୍ମମତ ପ୍ରଚାର କରନ୍ତି ସେତେବେଳେ ସେ ଅପର ସାଧାରଣର ହିତାର୍ଥେ ନିଜର ବିଶ୍ୱାସ ଓ ତଦନୁଯାୟୀ ଉପଦେଶ ଓ ଅନୁଷ୍ଠାନ ଲିପିବଦ୍ଧ କରି ପ୍ରଚାର କରନ୍ତି; ଏହିପରି ଭାବରେ ଧର୍ମଶାସ୍ତ୍ର ସମୂହର ଉତ୍ପତ୍ତି । କୌଣସି ଧର୍ମଶାସ୍ତ୍ର ଅପୌରୁଷେୟ କିମ୍ବା ଆପ୍ତବାକ୍ୟ ନୁହେ । ଏହି କଳ୍ପିତ କଥାର କୌଣସି ଯୁକ୍ତି ନାହିଁ ଏବଂ ଏହାର ପ୍ରମାଣ ମଧ୍ୟ ରହି ନ ପାରେ । ମାନବର ଧର୍ମ, ଜୀବନର ଅଭିଜ୍ଞତା ଓ ଆଧ୍ୟାତ୍ମିକ ଉନ୍ନତିର ଇତିହାସ ବୋଲି ସମସ୍ତ ଧର୍ମଶାସ୍ତ୍ର ଅତି ଯତ୍ନ ଓ ଶ୍ରଦ୍ଧାର ସାମଗ୍ରୀ ସତ୍ୟ; କିନ୍ତୁ ଧର୍ମ ସମ୍ପ୍ରଦାୟର ଉକ୍ତି ଅଥବା ଉପଦେଶ ବୋଲି କେଉଁ ମତ ପ୍ରଦର୍ଶୀୟ



Digitized by srujanika@gmail.com

କିମ୍ବା କେଉଁ ଅନୁଷ୍ଠାନ ପାଳନୀୟ ମନେ କରିବା ଅଜ୍ଞ ଓ ଅସାରର କାର୍ଯ୍ୟ । ନିଜର ଅନ୍ତରର ବିଶ୍ୱାସ ଯହିଁରେ ପ୍ରବୃତ୍ତି କରେ, ମନୁଷ୍ୟ ପକ୍ଷରେ ତାହାହିଁ ପ୍ରକୃତ ଧର୍ମ ।

ହିତାହିତ-ବିଚାରହିଁ ଜ୍ଞାନର ଲକ୍ଷ୍ୟ । ସତ୍ୟ କଅଣ, ମିଥ୍ୟା କଅଣ, ଧ୍ରୁବ କଅଣ, ଅଧ୍ରୁବ କଅଣ, ମଙ୍ଗଳପ୍ରଦ କଅଣ ଏବଂ କଅଣ ଅବା ଅମଙ୍ଗଳର ହେତୁ, ଏ ଭଳି ବିଚାର ସକାଶେ ଅନୁସନ୍ଧିତ୍ସା ଏବଂ ଏ ଭଳି ବିଚାର କ୍ଷମତାକୁ ଜ୍ଞାନ କହନ୍ତି । ମାନବର ଏହି ଜ୍ଞାନହିଁ ଜନସମାଜରେ ସମସ୍ତ ନୀତି ସୂତ୍ରର ପ୍ରବର୍ତ୍ତକ । ଶରୀର ପକ୍ଷରେ ଯେପରି ଚରଣ ଓ ଚକ୍ଷୁ, ଆତ୍ମା ପକ୍ଷରେ ସେପରି ବିଶ୍ୱାସ ଓ ଜ୍ଞାନ ଉଭୟହିଁ ଉପାଦାନ । ଚଳଚ୍ଛକ୍ତି ରହିତ ହେଲେ ଯେପରି ପ୍ରଖର ଦୃଷ୍ଟି ସମ୍ପନ୍ନ ବ୍ୟକ୍ତି ମଧ୍ୟ ପଦମାତ୍ର ଅଗ୍ରସର ହୋଇ ନ ପାରେ, ସେହିପରି ଦୃଷ୍ଟିଶକ୍ତିବିହୀନ ଅନ୍ଧ ମଧ୍ୟ ସ୍ୱକୀୟ ପଦ ଦ୍ୱାରା ଚାଲିବାକୁ ଅକ୍ଷମ, ଚାଲିବାର ଚେଷ୍ଟା କଲେ ବିପଥଗାମୀ ହୋଇ ବିଭ୍ରାଟଗ୍ରସ୍ତ ହୋଇଥାଏ । ଅତଏବ ବିଶ୍ୱାସ ଓ ଜ୍ଞାନରେ ସାମଞ୍ଜସ୍ୟ ରକ୍ଷା କରି ଚାଲିବାହିଁ ବିହିତ । ଯାହାର ଆତ୍ମା ବିଶ୍ୱାସ ବଳରୁ ବଞ୍ଚିତ, ପ୍ରଖର ଜ୍ଞାନର ଆଧାର ହେଲେହେଁ ସେ ବ୍ୟକ୍ତି ଜୀବନ ପଥରେ ପଙ୍ଗୁ ଓ ଅସହାୟ । ତଦୀୟ ଜ୍ଞାନ ଗରିମା କଳ୍ପନାରେ ଏବଂ କାର୍ଯ୍ୟକାଳରେ କାପୁରୁଷତାରେ ମଧ୍ୟ ପରି ସମାପ୍ତ ହୋଇପାରେ । ଏହି ହେତୁରୁ ଧର୍ମପ୍ରବର୍ତ୍ତକ ପୁରୁଷପୁଙ୍ଗବ ଗମ୍ଭୀର ସ୍ୱରରେ ସ୍ୱୀୟ ଶିଷ୍ୟମାନଙ୍କୁ କହିଥିଲେ—"ଯେବେ ସର୍ଷପ କଣିକା-ପ୍ରମାଣ ବିଶ୍ୱାସ ତୁମ୍ଭମାନଙ୍କର ଥାଏ, ଉତ୍ତୁଙ୍ଗ ପର୍ବତକୁ କହିବ 'ଘୁଞ୍ଚି ଯାଅ'—ପର୍ବତ ମଧ୍ୟ ଘୁଞ୍ଚି ଯିବ ।" ଯେ ଏହି ମହାବାକ୍ୟ ଉଚ୍ଚାରଣ କରିଥିଲେ ତାଙ୍କର ବାକ୍ୟ ପ୍ରମାଣିତ ହୋଇଅଛି । ଦ୍ୱାଦଶ ଜଣ ମାତ୍ର ଅନୁଚର ଘେନି ବିଶ୍ୱାସ ବଳରୁ ସେହି ସାମାନ୍ୟ ସୂତ୍ରଧର ପୁତ୍ର ଯେଉଁ କାର୍ଯ୍ୟ ଆରମ୍ଭ କରିଥିଲେ ସମଗ୍ର ଭୂମଣ୍ଡଳରେ ତାହାଙ୍କ ପ୍ରଭାବ ବିସ୍ତୃତ ହୋଇ ଯାଇଅଛି ।

ପକ୍ଷାନ୍ତରେ ପୁଣି ଜ୍ଞାନବର୍ଜିତ ବିଶ୍ୱାସ ମଧ୍ୟ ନାନା ବିଡମ୍ବନାର ଆକାର ସ୍ୱରୂପ । ଯାହାର ଅନ୍ତର ଜ୍ୱଳନ୍ତ ବିଶ୍ୱାସରେ ପୂର୍ଣ୍ଣ, ଅଥଚ ଯାହାର ଜ୍ଞାନ-ଶକ୍ତି ଯଥୋଚିତ ପରିସ୍ଫୁଟ ନୁହେ, ତାହାର ବିଶ୍ୱାସ କୁସଂସ୍କାରର ଅନ୍ଧତ୍ୱରେ ପରିଣତ ହୋଇଥାଏ । ଧର୍ମଭୟବିହୀନ ଦୁଷ୍କର୍ମାନ୍ୱିତ ବ୍ୟକ୍ତି ଯେଉଁ ଭଳି ନୀଚ ଓ ନିଷ୍ଠୁର କାର୍ଯ୍ୟରେ ଲିପ୍ତ ହୋଇପାରେ, ଧର୍ମର ଦ୍ୱାହି ଦେଇ ସେହି ବ୍ୟକ୍ତି ମଧ୍ୟ ତତୋଧିକ ଅସ୍ୱାଭାବିକ କାର୍ଯ୍ୟ ସାଧନ କରିପାରେ, ସନ୍ଦେହ ନାହିଁ । ସେ ଏକଆଡ଼େ ଅତି ଅସହାୟ, ଅନ୍ୟଆଡ଼େ ଘୋରତର ଅତ୍ୟାଚାରୀ ହୋଇ ସମାଜର କଣ୍ଟକ ସ୍ୱରୂପ ହୋଇପାରେ । ଜ୍ଞାନୀ ପକ୍ଷରେ ଯେପରି ସଂଶୟ ଓ ସ୍ୱାର୍ଥହିଁ ଦୁର୍ବଳତା ଓ ସ୍ୱେଚ୍ଛାଚାରର କାରଣ, ତାହା ପକ୍ଷରେ କୁସଂସ୍କାର ଜନିତ ଅମୂଳକ ବିଭୀଷିକା ଏବଂ ଅଜ୍ଞାନତା ଜନିତ ଅହଙ୍କାର ଓ ଅନୁଦାରତା ସେହିପରି ଭୀରୁତା ଓ ଅତ୍ୟାଚାରର ହେତୁ ହୋଇଥାଏ ।

ଏହି ବିଶ୍ୱାସମୂଳକ ଧର୍ମ ଏବଂ ଜ୍ଞାନମୂଳକ ନୀତିର ଅନୁଶାସନ ବ୍ୟତୀତ ଯେପରି ପ୍ରତ୍ୟେକ ବ୍ୟକ୍ତିର ଜୀବନର ସୌନ୍ଦର୍ଯ୍ୟ ନ ଥାଏ, ସମାଜ ପକ୍ଷରେ ମଧ୍ୟ ତଦ୍ରୂପ । ସମାଜ ବନ୍ଧନର ତଥା ସମାଜର ସ୍ଥାୟିତ୍ୱ ଓ ଉନ୍ନତି ସକାଶେ ଧର୍ମ ଓ ନୀତିର ଯୁଗପତ୍ ସମାନ ଆବଶ୍ୟକତା ରହିଅଛି । ପୃଥିବୀର ଇତିହାସରେ ଏ କଥାର ଅନେକ ପ୍ରମାଣ ରହିଅଛି । ଜୀବ ଶରୀର ସଜୀବ ଓ ସଚେତନ ରଖିବା ସକାଶେ ଯେପରି ଅମ୍ଳଯାନ ବାୟୁର ପ୍ରୟୋଜନ, ସମାଜକୁ ବଳବାନ କରିବାକୁ ହେଲେ ସେହିପରି ଧର୍ମବିଶ୍ୱାସର ପ୍ରୟୋଜନ । କୌଣସି କାଳରେ କୌଣସି ନାସ୍ତିକ-ଶିଷ୍ୟ କୌଣସି ସମାଜ-ଶକ୍ତିର ସୃଷ୍ଟି କରି ପାରି ନାହାନ୍ତି । ଧର୍ମ-ବଳର ଅଭାବରୁ ଜଗତରେ କୌଣସି ଜାତି କେବେହେଁ ସୌଭାଗ୍ୟର ମୁଖ ଦେଖି ନାହିଁ । ପ୍ରାଚୀନ ଭାରତର ଉନ୍ନତି ଧର୍ମକୁ ଅବଲମ୍ବନ କରି ହୋଇଥିଲା । ପୁରାତନ ଭାରତର ଶିଳ୍ପ, ସାହିତ୍ୟ ଓ ରାଜନୀତି ଧର୍ମ ଚର୍ଚ୍ଚା ଓ ଧର୍ମ ପରିଚର୍ଯ୍ୟାର ଉପକରଣ ରୂପେହିଁ ଗଠିତ ହୋଇ ଥିବାର ପ୍ରତୀୟମାନ ହୁଏ । ଧର୍ମବଳରୁ ରୋମ-ନଗରୀ ସଭ୍ୟ ଜଗତର ଶାସନ—ଭାର ଗ୍ରହଣ କରିବାକୁ କ୍ଷମ ହୋଇଥିଲା । ଧର୍ମ ଜଗତର ଶାସକରୂପେ "ପୋପ"ର ବାସସ୍ଥାନ ଆଜି ପର୍ଯ୍ୟନ୍ତ ସୁଦ୍ଧା ରୋମନଗରରେ ବିଦ୍ୟମାନ । କଥିତ ଅଛି ରୋମ ରାଜ୍ୟର ଅଧିଷ୍ଠାତ୍ରୀ ଯୁଦ୍ଧ ଦେବତାର ମନ୍ଦିରର ସମସ୍ତ ଦ୍ୱାର ରୋମରାଜତ୍ୱକାଳ ମଧ୍ୟରେ ତିନି ଥର ମାତ୍ର ଅବରୁଦ୍ଧ ହୋଇଥିଲା । ଏହିପରି ପ୍ରଥା ରହି ଥିଲା ଯେ ଯେତେବେଳେ ରୋମ ରାଜ୍ୟ ସହିତ କୌଣସି ପ୍ରତିବେଶୀ ରାଜ୍ୟର ସଂଗ୍ରାମ ଉପସ୍ଥିତ ହେଉଥିଲା ସେତେବେଳେ ଯୁଦ୍ଧ ଦେବତାଙ୍କ ମନ୍ଦିର-ଦ୍ୱାର ଦିବାରାତ୍ର ଉଦ୍ଘାଟିତ ରହୁଥିଲା । ପୁରାତନ କାଳରେ ସେହି ରଣ-କଣ୍ଡୂୟନ ସମୟରେ ଅତି ବିସ୍ତୃତ ରୋମରାଜ୍ୟରେ ଏ ଭଳି ସଂଗ୍ରାମର ଆଉ ଶେଷ ନ ଥିଲା । ରୋମର ବୀର ପୁରୁଷମାନେ ରଣମଦରେ ମତ୍ତ ହୋଇ ରଣକ୍ଷେତ୍ରରେ ଅବତୀର୍ଣ୍ଣ ହେବା ସମୟରେ ରୋମ ରାଜ୍ୟର ନଗର ଓ ଗୃହ ସମୂହରେ ଦେବ ପୂଜାର ରୋଳ ଉଠୁଥିଲା । ସଭ୍ୟ ଜଗତର ଶୀର୍ଷ ସ୍ଥାନରେ ଅବସ୍ଥିତ ହୋଇ ସୁଦ୍ଧା ଆମେରିକା ମଧ୍ୟ ବର୍ତ୍ତମାନ ସମୟରେ ଧର୍ମ ଚର୍ଚ୍ଚା ଏବଂ ପାରଲୌକିକ ଗବେଷଣାରେ ନିମଗ୍ନ ରହିଅଛି ।

ପରମେଶ୍ୱର, ପରଲୋକ ଓ ପରମାର୍ଥରେ ବିଶ୍ୱାସର ନାମହିଁ ଧର୍ମବଳ । ଏହି ତିନୋଟିରେ ବିଶ୍ୱାସ ସ୍ଥାପନ କରି ନ ପାରିଲେ ମନୁଷ୍ୟର ଆଶା, ଉତ୍ସାହ, ଅଧ୍ୟବସାୟ, ଆତ୍ମନିଗ୍ରହ, ଭକ୍ତି, ବିନୟ ଓ ଭ୍ରାତୃଭାବ ପ୍ରଭୃତି ସ୍ଥିର ଭିତ୍ତି ଉପରେ ସଂସ୍ଥାପିତ ହେବ ନାହିଁ । ଏ ସମସ୍ତ ଗୁଣର ଅଭାବରୁ ଜାତୀୟ ଅଭ୍ୟୁଦୟ କିମ୍ବା ସାମାଜିକ ମଙ୍ଗଳ ସମ୍ଭବ ହେବ କି ? ଯେଉଁମାନଙ୍କର ଭ୍ରାତୃ ଭାବ ନାହିଁ ସେମାନଙ୍କ ମଧ୍ୟରେ ଏକତା କଅଣ ସମ୍ଭବପର ? ଯେଉଁମାନଙ୍କର ସତ୍ ସାହସ ନାହିଁ ସେମାନଙ୍କର ବୀରତ୍ୱ ଅବା କଅଣ ? ଏବଂ ଯାହାର ଆଶା ଅନନ୍ତ ନୁହେ, ତାହାର ଅଧ୍ୟବସାୟ ସକଳ ଅବସ୍ଥାରେ ସ୍ଥିର ରହେ କି ? ଧର୍ମବଳହିଁ ବୀରତ୍ୱ, ଧର୍ମବଳହିଁ ମନୁଷ୍ୟତ୍ୱ । ସତୀ ଯେତେବେଳେ ହାସ୍ୟମୁଖରେ ଜ୍ୱଳନ୍ତ ଚିତାରେ



Digitized by srujanika@gmail.com

ଦେହ ବିସର୍ଜ୍ଜନ କରୁଥିଲେ ସେତେବେଳେ ଧର୍ମବିଶ୍ୱାସହିଁ ଅବଳାର କୋମଳ ହୃଦୟରେ ଅଲୌକିକ ଧର୍ମବଳ ପ୍ରଦାନ କରୁଥିଲା । ସ୍ୱଦେଶହିତୈଷୀ ବୀରପୁରୁଷ ପାରଲୌକିକ ଅନନ୍ତ ସୁଖର ଆଶ୍ୱାସରେହିଁ ସ୍ତ୍ରୀ କଳତ୍ରର ମାୟା ପରିତ୍ୟାଗ କରି ଉତ୍ସାହର ପ୍ରତିମୂର୍ତ୍ତିରୂପେ ଶତ୍ରୁର ଅସ୍ତ୍ର ଉପେକ୍ଷା କରି ଥାଆନ୍ତି । ଦକ୍ଷିଣ ମହା ସମୁଦ୍ରର ବକ୍ଷରେ ଭାସମାନ ଦ୍ୱୀପପୃଷ୍ଠରେ ଯେଉଁ ସମସ୍ତ ନର ମାଂସାଶୀ ମନୁଷ୍ୟ ଏ ଯୁଗରେ ସୁଦ୍ଧା ମନୁଷ୍ୟ ଜୀବନ ପ୍ରତି ଭୟଙ୍କର ରାକ୍ଷସୀ ବୃତ୍ତିର ଅଭିନୟ କରୁଅଛନ୍ତି, ସେମାନଙ୍କ ମଧ୍ୟରେ ଜ୍ଞାନ ଓ ଧର୍ମ ପ୍ରଚାର ସକାଶେ ଆଜି କିଏ ଯତ୍ନ କରୁଅଛନ୍ତି ? ଯେଉଁ ମାନଙ୍କ ହୃଦୟ ଐଶୀଶକ୍ତି ପ୍ରଭାବରେ ପରିପୂର୍ଣ୍ଣ, ଯେଉଁ-ମାନଙ୍କର ଅନ୍ତର ଧର୍ମଭାବ ଓ ସ୍ୱର୍ଗୀୟ ଭ୍ରାତୃଭାବରେ ଅଳଙ୍କୃତ ସେମାନେହିଁ ସଭ୍ୟ ସମାଜର ସ୍ୱଚ୍ଛନ୍ଦତା ଓ ଗୃହ ସୁଖଲାଳସା ପରିତ୍ୟାଗ କରି ସେହି ସମସ୍ତ ରାକ୍ଷସ ହସ୍ତରେ ଆତ୍ମସମର୍ପଣ କରିବାକୁ କୁଣ୍ଠିତ ହୋଇ ନାହାନ୍ତି ।

ଧର୍ମର ଶାସନ ବ୍ୟତୀତ ଚରିତ୍ର ଗଠନ କିଏ କରିଥାଏ ? ବିଶ୍ୱାସ ବ୍ୟତୀତ ଚରିତ୍ରରେ କିଏ ବଳ ଦିଏ ? ଯେଉଁମାନେ ଧର୍ମକୁ ଉପେକ୍ଷା କରି ଧର୍ମ ବିଷୟରେ ଉଦାସୀନ ରହି, ସାମାଜିକ ଉନ୍ନତି ପ୍ରଭୃତି ସମ୍ପନ୍ନ କରିବାକୁ ଚାହାନ୍ତି, ସେମାନେ କି ଭଳି ଭ୍ରାନ୍ତ ! ମନୁଷ୍ୟ ସ୍ୱଭାବହିଁ ଧର୍ମ । ଈଶ୍ୱର, ପରକାଳ ଏବଂ ଭ୍ରାତୃଭାବ ସାଧନ ସେହି ସ୍ୱଭାବର ଲକ୍ଷଣ । ସ୍ୱଭାବକୁ ଉପେକ୍ଷା କରି, ସ୍ୱାର୍ଥକୁ ଉଚ୍ଚ କରି ଯେଉଁମାନେ ସାମାଜିକ ଉନ୍ନତି ସକାଶେ ଚେଷ୍ଟା କରନ୍ତି, ସେମାନଙ୍କର ସମସ୍ତ ଚେଷ୍ଟା ବ୍ୟର୍ଥ ହୋଇଥାଏ ।

ଧର୍ମ ସାଧନରେ ଉପେକ୍ଷା କରି, ଧର୍ମ ବଳ ଲାଭର ଚେଷ୍ଟା ନ କରି ବ୍ୟକ୍ତିଗତ ଓ ସମଷ୍ଟିଗତ ଭାବରେ ସମାଜ ମଧ୍ୟରେ ଧର୍ମର ବଳ ଓ ଧର୍ମର ମହିମା ପ୍ରତିଷ୍ଠିତ କରିବା ସକାଶେ ଇଚ୍ଛା ଓ ଯତ୍ନ ନ କରି ଶତ ଶତ ବାଗ୍ମୀ ଯେବେ ଅଜସ୍ର ବକ୍ତୃତା କରନ୍ତି, ଶତ ଶତ ସୁଲେଖକ ଯେବେ ରାଶି ରାଶି ପ୍ରବନ୍ଧ ରଚନା କରନ୍ତି ତହିଁରେ ସମାଜର ଉନ୍ନତି କେବେହେଁ ହେବ ନାହିଁ । ଜୀବନ ଅର୍ଥାତ୍ ସ୍ୱକୃତ କାର୍ଯ୍ୟ କିମ୍ବା ବ୍ୟବହାର ଦ୍ୱାରା ଦୃଷ୍ଟାନ୍ତ ପ୍ରଦର୍ଶନ କଲେ ଫଳଲାଭର ସମ୍ଭାବନା । ଯାହାଙ୍କର ଧର୍ମ ବଳ ନାହିଁ, ସତ୍‌ସାହସ ତାହାଙ୍କ ପକ୍ଷରେ ଅତ୍ୟନ୍ତ ଦୁର୍ଲ୍ଲଭ । ଯାହାଙ୍କର ସତ୍‌ସାହସ ନାହିଁ ସେ ବ୍ୟକ୍ତି ଯେବେ ଲୋକ ଶିକ୍ଷାର ଭାର ଗ୍ରହଣ କରନ୍ତି ସେ ନିଶ୍ଚୟହିଁ ଚତୁରତା ଅବଲମ୍ବନ କରି ବାଙ୍ମୟୀ ଦେଶ-ହିତୈଷିତା ପ୍ରଦର୍ଶନ କରିବେ । କିନ୍ତୁ ଦେଶ କିମ୍ବା ସମାଜର ହିତସାଧନ କେବଳ କଥାରେ ହେବ ନାହିଁ । ସମାଜର ହିତ-ସାଧନ କରିବାକୁ ହେଲେ ସ୍ୱ ଚରିତ୍ରର ବଳ ସାଧନ କରି ଅପରର ଚରିତ୍ରର ଉନ୍ନତି ସାଧନ କରିବାକୁ ହେବ । ଏ ଭଳି ଭାବରେ ସମସ୍ତେ ମିଳି ମିଶି କାର୍ଯ୍ୟ କ୍ଷେତ୍ରରେ ଅବତୀର୍ଣ୍ଣ ହେଲେ ଅଭୀଷ୍ଟ ସିଦ୍ଧି ହୋଇ ପାରେ ।

ଏହିପରି ସମାଜର ଚରିତ୍ର ବଳ ସାଧନ କରିବା ଧର୍ମ ବିଶ୍ୱାସସାପେକ୍ଷ । ଯୁକ୍ତିତର୍କ ଦ୍ୱାରା ମନୁଷ୍ୟକୁ ସତ୍କାର୍ଯ୍ୟ ଓ ସତ୍ ସାହସର କାର୍ଯ୍ୟରେ ପ୍ରବୃତ୍ତ କରାଯିବ ନାହିଁ । ଏ କଥାରେ ସଂଶୟ ଉପସ୍ଥିତ ହେଲେ ବିଖ୍ୟାତ ଫରାସୀ ବିପ୍ଳବର ଇତିବୃତ୍ତ ପାଠ କରିବା ଆବଶ୍ୟକ । ଏ ଭଳି ଭୟଙ୍କର ସମାଜ ବିପ୍ଳବ, ଏ ଭଳି ଭୀଷଣ ଅଗ୍ନିକାଣ୍ଡ ଆଉ ସଂଘଟିତ ହୋଇ ନାହିଁ । ଯେବେ ସେହି ସମୟରେ ଫରାସୀ ଜାତିର ଚରିତ୍ରରେ ବଳ ଥାଆନ୍ତା, ତାହାହେଲେ ବିପ୍ଳବକାରୀମାନେ ସାମ୍ୟ, ମୈତ୍ରୀ ଓ ସ୍ୱାଧୀନତା ପ୍ରଭୃତି ଯେଉଁ ସମସ୍ତ ନାମ ଉଚ୍ଚାରଣ କରି ବିପ୍ଳବ ଆରମ୍ଭ କରିଥିଲେ, ନିଶ୍ଚୟହିଁ ସେମାନେ ଫ୍ରାନ୍ସ ଭୂମିକୁ ସ୍ୱର୍ଗ ଭୂମିରେ ପରିଣତ କରି ଜଗତରେ ଅବିନଶ୍ୱର କୀର୍ତ୍ତି ରଖି ଯାଇ ଥାଆନ୍ତେ । ସ୍ୱାଧୀନତା, ସାମ୍ୟ ଓ ଭ୍ରାତୃଭାବର ନାମ ଗ୍ରହଣ କରି ସେତେ-ବେଳେ ସେମାନେ କି ଭୟଙ୍କର ଲୋମହର୍ଷଣ କାଣ୍ଡ ସମ୍ପନ୍ନ କରି ନାହାନ୍ତି । କିନ୍ତୁ ଏ ସବୁ ଆଚରଣ କରି କିଛି ନୋହିଲା, ଫରାସୀ ଜାତି ପୁଣି ଯଥେଚ୍ଛାଚାରର ଶାସନଦଣ୍ଡ ଶିରୋଧାର୍ଯ୍ୟ କଲା । ଯେତେବେଳେ ମାନବଶକ୍ତିର ଅଗ୍ନେୟଗିରିରୂପୀ ନେପୋଲିୟନ ବୋନାପାର୍ଟ କାର୍ଯ୍ୟ କ୍ଷେତ୍ରରେ ଅଭିନୟ ଆରମ୍ଭ କଲେ ସେତେ-ବେଳେ ଚରିତ୍ରହୀନ ବିପ୍ଳବକାରୀମାନେ, ଚରିତ୍ରହୀନ ଫରାସୀ ଜାତିଙ୍କ ପ୍ରତି ତାହାଙ୍କ ପଦତଳରେ ଲୁଣ୍ଠିତ ହେଲେ ଏବଂ ପରିଣାମରେ ସଙ୍କଟରେ ପଡ଼ି ବିଷାକ୍ତ ବୃଶ୍ଚିକ ଦଳ ଭଳି ପରସ୍ପରର ଅଙ୍ଗ ଦଂଶନ କରି ପ୍ରାଣତ୍ୟାଗ କଲେ ଏବଂ ଏହିରୂପେ ନିଜର ଧର୍ମହୀନତାର ପ୍ରାୟଶ୍ଚିତ୍ତ ସାଧନ କରିଥିଲେ । ଏ ଭଳି ହେବାର କାରଣ, ବହୁ ଶତାବ୍ଦିରୁ କୁସଂସ୍କାରର ଅବତାରରୂପୀ ଧର୍ମର ଅନୁଚିତ ଶାସନ ଫଳରୁ ଫରାସୀ ଜାତି ଅନ୍ତରରେ ପ୍ରକୃତ ଧର୍ମ-ହୀନ ଓ ବିଶ୍ୱାସବିହୀନ ହୋଇ ଦୁର୍ବଳ ହୋଇ ପଡ଼ିଥିଲେ । ଅଷ୍ଟାଦଶ ଶତାବ୍ଦିର ନିଦାରୁଣ ବିପ୍ଳବ ଓ ତଦାନୁଷଙ୍ଗିକ ସ୍ୱେଚ୍ଛାଚାର ସେହି ଦୀର୍ଘକାଳର ଅନ୍ଧ-ଭକ୍ତି-ପ୍ରଧାନ ଧର୍ମର ଅନୁଚିତ ଶାସନର ପ୍ରତିକ୍ରିୟା ସ୍ୱରୂପ । ପ୍ରକୃତ ଧର୍ମବଳ ଓ ପ୍ରକୃତ ଚରିତ୍ର ବଳ ନ ଥିବାରୁ ଫରାସୀ ଜାତି ଏ ଭଳି ଗୁରୁତର ଆନ୍ଦୋଳନ କରି ଅଜସ୍ର ଅର୍ଥ, ସାମର୍ଥ୍ୟ ଓ ସୁଖ୍ୟାତିର ଶ୍ରାଦ୍ଧ କରି ପରିଣାମରେ ଏ ଭଳି ବିଭ୍ରାଟ ଭୋଗ କରିଥିଲେ ।

ଜ୍ଞାନହୀନ ବିଶ୍ୱାସ ମହା ଅନର୍ଥର ମୂଳ । ଅନ୍ଧବିଶ୍ୱାସ ଉପରେ ସଂସ୍ଥାପିତ ଧର୍ମ ମଧ୍ୟ ସମାଜକୁ ଧ୍ୱଂସ କରିବାର ହେତୁ ହୋଇଥାଏ । ଜ୍ଞାନାଲୋଚନାର ଅଭାବରୁ ଧର୍ମ କୁସଂସ୍କାର ଓ କୁକର୍ମର ଆକର ହୁଏ । ତାଦୃଶ ଧର୍ମ ଯେଉଁ ସମାଜର ଅବଲମ୍ବନ ଅଟେ ତାହାର ଦୁର୍ଗତି ଘଟିଥାଏ । ଇଉରୋପର ଯେଉଁ ସମସ୍ତ ଦେଶରେ ପୁରାତନ ଧର୍ମ ପୁସ୍ତକ ଓ ଧର୍ମ-ଗୁରୁ ପୋପଙ୍କର ଏକାଧିପତ୍ୟ ଦୀର୍ଘକାଳ ପ୍ରଚଳିତ ଥିଲା, ସେହି ସମସ୍ତ ଦେଶରେ ବହୁବିଧ ଦୁର୍ନୀତି ପ୍ରବେଶ କରି ପରିଣାମରେ ସେମାନଙ୍କୁ ବିଷମ ବିଭ୍ରାଟଗ୍ରସ୍ତ କରି ଦେଇଅଛି, କାହାକୁ ଅବା ଏକାବେଳକେ ବିପର୍ଯ୍ୟସ୍ତ କରି ପକାଇ ଅଛି । ଜ୍ଞାନାଲୋଚନା-ବିହୀନ ଭ୍ରାନ୍ତ ଧର୍ମ ସଂସ୍କାରର ଅନୁରୋଧରେ ସପ୍ତଦଶ ସଂଖ୍ୟକ ଅଶ୍ୱାରୋହୀଙ୍କ ଭୟରେ ଦିନେ ବଙ୍ଗର ସିଂହାସନ ବିଜାତୀୟ



Digitized by srujanika@gmail.com

ଲୋକଙ୍କ କରତଳସ୍ଥ ହୋଇଥିଲା । ଭକ୍ତଶ୍ରେଷ୍ଠ ଚୈତନ୍ୟଙ୍କର ଅନୁଚରମାନଙ୍କର ବର୍ତ୍ତମାନ ସମୟରେ ଯେଉଁ ଶୋଚନୀୟ ଦୁର୍ଦ୍ଦଶା, ଜ୍ଞାନାଲୋଚନାର ଅଭାବହିଁ ତାହାର ଏକମାତ୍ର କାରଣ । ଦିନେ ମହାପ୍ରଭୁଙ୍କର ଶିଷ୍ୟମାନେ ଏକ ହସ୍ତରେ ଅସି ଏବଂ ଅପର ହସ୍ତରେ କୋରାନ ଧେନି ବ୍ରହ୍ମପୁତ୍ର ନଦରୁ ଆଟ୍‌ଲାଣ୍ଟିକ ମହାସାଗର ପର୍ଯ୍ୟନ୍ତ ବ୍ୟାପି ଯାଇଥିଲେ, ମାତ୍ର ଜ୍ଞାନାଲୋଚନାର ଅଭାବରୁ କ୍ରମେ କ୍ରମେ ସେମାନଙ୍କର ପରାକ୍ରମ କ୍ଷୁଣ୍ଣ ହୋଇ ଯାଇଅଛି । ବିଶ୍ୱାସ ଜ୍ଞାନ ଚର୍ଚ୍ଚାର ଅଭାବରୁ କୁସଂସ୍କାର, ଅନୁଦାରତା ଓ କଳ୍ପନା-ପ୍ରିୟତାରେ ପରିଣତ ହୋଇଥାଏ । କୁସଂସ୍କାର ମନୁଷ୍ୟଙ୍କୁ ଅନ୍ଧ କରେ ; ଅନୁଦାରତା ମନୁଷ୍ୟଙ୍କୁ ନିଷ୍ଠୁର କରେ ଏବଂ କଳ୍ପନାପ୍ରିୟତାରେ ମନୁଷ୍ୟର ଚରିତ୍ର ଶିଥିଳ ହୋଇଯାଏ । ଅଜ୍ଞତା, ଅତ୍ୟାଚାର ଏବଂ ସ୍ୱେଚ୍ଛାଚାରହିଁ ପ୍ରତ୍ୟେକ ସମାଜର ପତନର କାରଣ ।

ଏ ଯୁଗର ସମାଜ ସ୍ୱେଚ୍ଛାଚାର, କପଟତା ଏବଂ ଇତର ସୁଖ-ଲାଳସାରେ ନିମଗ୍ନ । ଏ ଦେଶର ପ୍ରତି ଘରେ, ପ୍ରତି ପଲ୍ଲୀରେ ଏବଂ ଶିକ୍ଷାମନ୍ଦିର-ସମୂହରେ ଜ୍ଞାନ ଓ ଧର୍ମ ଏକସୂତ୍ରରେ ସାଧିତ ନ ହେଲେ ସମାଜର ସୌଭାଗ୍ୟ-ସୂର୍ଯ୍ୟର ମୁଖାବଲୋକନ ସୁଦୂର-ପରାହତ ।

# ଗୋଟିଏ ପରିବାର

ଶ୍ରୀ ବସନ୍ତ କୁମାର ବେହୁରା

"ମା, ମା, ଏ ମା, ମୋତେ କ'ଣ ଅଳ୍ପ ବାଲି ଦିଅନ୍ତୁ—ଭୋକରେ ଯେ ମୋ ପେଟ ଜଳି ଗଲାଣି............", ରୋଗ ଶଯ୍ୟାରେ ପଡ଼ି ଜ୍ୱର ଓ ଭୋକରେ ଛଟପଟ ହୋଇ ନିରୁ କହିଲା ।

ହାରାମଣି ବାର୍ଲି ଓହ୍ଲାଉ ଥିଲେ । 'ହଁଅ ଲୋ ହେଇ ଥଣ୍ଡା କରି ନେଉଚି' କହି ଘରର ଏକମାତ୍ର ବାସନ ଭଙ୍ଗା ପଥୁରୀଟିରେ ବାର୍ଲି ଥଣ୍ଡା କରି ଆଣିଲେ ।

କେତେବେଳୁ ନିରୁ ଡାକି ଡାକି ଢାଳେଇ ପଡ଼ିଥିଲା । ହାରାମଣି ଧୀରେ ଡାକି ତାକୁ ଉଠାଇଲେ । ତା' ମୁହଁରେ ପାତ୍ରଟି ଧରିଲେ । ନିରୁ ଟିକିଏ ଚାଖି ବିରକ୍ତ ହୋଇ କହିଲା—"ଚିନି ପଡ଼ିନି—ମୁଁ ଖାଇ ପାରିବିନି— ମୁଁ ଖାଇ ପାରିବିନି........"

ହାରାମଣି ଅଞ୍ଚଳରେ ଅଖି ପୋଛି କହିଲେ—"ମୋ ସୁନା ଝିଅଟି ପରା—ମୋ କଥା ମାନ । ଚିନି ପରା ଆସିନି । ବାପା ଯାଇଛନ୍ତି ଆଣିବାକୁ—ତୁ ଏଇଲେ ଏତିକି ପିଇ ଦେ—ପଛକୁ ଚିନି ପକେଇ ଭଲ କରି କରି ଦେବି ।" ନିରୁ ଭୋକ ବାଉଳାରେ ସେତିକି ଅଖିବୁଜି ଢୋକି ଦେଇ ଛିଣ୍ଡା କନ୍ଥାଟି ଉପରେ ଗଡ଼ି ପଡ଼ିଲା ।

ସହରର ଏକ ସନ୍ତସନ୍ତିଆ ଅଞ୍ଚଳ । ଖଣ୍ଡିଏ ଚାଳ ଘର, ଗୋଟିଏ ବୋଲି କୋଠରୀ । ପିଣ୍ଡାର ଗୋଟିଏ ପାଖରେ ଜୀର୍ଣ୍ଣ ବାଉଁଶ ତାଟିଟିଏ ଝୁଲୁଛି । ସେଇଟି ହେଉଛି ଚୁଲିଟିଏ । ରୋଷେଇ-ବାସ ସେଇଠି ହୁଏ । ପିଣ୍ଡାର ଅନ୍ୟ କୋଣରେ ପ୍ରେମାନନ୍ଦ ମୁଣ୍ଡ ମଳେ ମଣ୍ଡକୁ ପୋତି ବସିଛି । ଘରଟିର ଭଡ଼ା ମାସକୁ ଅଠ'ଣା । ତା' ବି ଦୁଇ ମାସ ହେଲା ଦିଆ ଯାଇ ନାହିଁ । ତୃତୀୟ ମାସର ଅଧି ଅଧାଅଧି ହେଲାଣି । ରଘୁ ସାହୁ ମହାଜନ ସକାଳେ ଅସି ରୋକ୍ ଠୋକ୍ କହିଦେଇ ଯାଇଛି । "ଟଙ୍କା ନ ଦେଇ ପାରିବେତ ଚବିଶ ଘଣ୍ଟା ଭିତରେ ଘର ଖାଲି କରିଦେଇ ଚାଲିଯାନ୍ତୁ—ଏଟା କା'ର କୋଠ ସମ୍ପତ୍ତି ନୁହେଁ ଯେ ବିନା ଭଡ଼ାରେ ରହିଥିବେ... " ଇତ୍ୟାଦି

ପ୍ରେମାନନ୍ଦ ଶିକ୍ଷିତ ଯୁବକ । ମେଟ୍ରିକୁଲେସନ୍ କୃତିତ୍ୱର ସହିତ ପାଶ୍ କରିଥିଲା । କଲେଜରେ ନା' ଲେଖେଇବାକୁ ଟଙ୍କା ଅଭାବରୁ ଆଉ ଘରର ଭାର କାନ୍ଧରେ ବୋହିବାକୁ ପଡ଼ିବାରୁ ସେ ବାଧ ହୋଇ ବେଶୀ ପାଠ ପଢ଼ିବା ଆଶା ଛାଡ଼ି ଦେଇଥିଲା । ତା' ଛାଡ଼ ପିଲାଦିନୁ ସେ ବାହା ହୋଇଛି । ଯୋଡ଼ିଏ ଝିଅ, ନିରୁଟି ବଡ଼ ଆଠବରଷ । ସାନଟି ବରଷକର । ଦୁଇବରଷ ତଳେ ବାପା ତା'ର ହଇଜାରେ ଯାଇଛନ୍ତି । ଧାର ଉଧାର କରି ଯେଉଁ ଟଙ୍କାରେ ପୁଅକୁ ପାଠ ପଢ଼େଇଥିଲେ ସେତିକି ସୁଝା ହୋଇ ନ ପାରିବାରୁ ଯେଉଁ ଦୁଇ ଗୁଣ୍ଠ ଜମି ଗାଁରେ ଥିଲା ତା'ବି ନିଲାମରେ ଉଠି ଯାଇଛି । ପ୍ରେମାନନ୍ଦ, ବହୁତ ବହୁତ ଧରା ଧରରେ ଗୋଟିଏ କମ୍ପାନୀ ଅଫିସରେ ଖଣ୍ଡେ କିରାନି ଚାକିରୀ ପାଇଥିଲା । ଦୁଇ ମାସ ତଳେ ତା'ବି ଚାଲି ଯାଇଚି । ଏ ଚାକିରି ଚାଲି ଯିବାରେ ତା'ର କିଛି ହାତ ନ ଥିଲା । ଯୁଦ୍ଧ ଯୋଗୁଁ ଖରଚ ବହୁତ ବଢ଼ି ଯିବାରୁ କମ୍ପାନୀ ଅସ୍ଥାୟୀ ଲୋକଙ୍କୁ କାର୍ଯ୍ୟରୁ ବରଖାସ୍ତ କରିବାକୁ ବାଧ ହେଲା । ଫଳରେ ପ୍ରେମାନନ୍ଦର ଦାନାପାଣି ଚାଲିଗଲା । ସେଇ ଦିନୁ ସେ ନାନା ସ୍ଥାନକୁ ଦରଖାସ୍ତ କରିଚି, ନାନା ଅଫିସରେ ଯାଇ ବୁଲିଛି; କିନ୍ତୁ ଏ ମହରଗ ବେଳେ କିଏ ବା କାହିଁକି ଇଚ୍ଛାଟାରେ ନୂଆ ଲୋକ ଭରତି କରିବ । ପ୍ରେମାନନ୍ଦ କେ-ଡହନ ଟିଉସନଟିଏ ପାଇଁ ଖୁବ୍ ଲାଗି ଥିଲା ମାତ୍ର ତା'ବି ହୋଇ ପାରିଲା ନାହିଁ । ଘରେ ଦି ଦିନ ହେଲା ଦାନା ନାହିଁ । ଶେଷ ସମ୍ବଳ କଂସା ଟିଣ୍ଡିକ ବନ୍ଧା ପକେଇବାରେ ଯାହା ମିଳିଥିଲା ସେଥିରେ କିଛି ଚାଉଳ ଓ ବାର୍ଲି ଆସିଥିଲା ।



Digitized by srujanika@gmail.com

ଚାଲିଲା ସରି ଯାଇଛି, ଶେଷ ବାଲିଟିକ ଖାଇ ନିରୁ ଶୋଇ ଯାଇଛି । ଖାଦ୍ୟ ଅଭାବରୁ ଓ ଋତୁ ପରିବର୍ତ୍ତନ ହେତୁ ନିରୁର ଆଜିକି ପ୍ରାୟ ଚୌଦ ଦିନ ହେଲା ଜ୍ୱର । ଜ୍ୱର ଜମା ଓହ୍ଲାଇବାକୁ ନାହିଁ । ସାନ ପିଲାଟି ହଟ ହଉଚି ।

ପ୍ରେମାନନ୍ଦର ବସନ ଜୀର୍ଣ୍ଣ । ଆଖି ପଶି ଯାଇଛି । ମୁହଁରେ ଗୁଡ଼ାଏ ରୁଢ଼ ହୋଇ ମୁହଁଟା ରୁକ୍ଷ ଦେଖା ଯାଉଛି । ଆଉ ତା' ଉପରେ ସ୍ପଷ୍ଟ ଫୁଟି ଉଠିଛି ଅନାହାରର ଚିହ୍ନ । ମଇଳା କାମିଜଟା କାନ୍ଧ ପାଖରେ ଫାଟି ଉଡ଼ି ଯାଇଛି । ଜୋତା ହଳକର ତଳ ନାହିଁ କହିଲେ ଚଳେ । ଆଣ୍ଠୁ ଭିତରେ ମୁଣ୍ଡକୁ ପୋତି ସେ ଆକାଶ ପାତାଳ କ'ଣ ଭାବି ଯାଉଥିଲା ।

ହାରାମଣି ଖୁଣ୍ଟକୁ ଆଉଜି କହିଲେ—"ହେ ଶୁଣୁଚ, ଏମିତି ମନକୁ ମାରି ବସି ବସି ଭାବିଲେ ଭଲା କ'ଣ ହବ କହିଲ ? ବାଲି ଯାହା ଥିଲା ସେତିକ ଖାଇ ନିରୁ ଶୋଇ ଯାଇଛି, ଉଠିଲେ ମୋ ଜୀବନ ଖାଇବ । ଯାଅ, ଦେଖ ଯଦି ଭାଗ୍ୟରେ କିଛି ଜୁଟେ ।"

ପ୍ରେମାନନ୍ଦ ଯନ୍ତ୍ରଚାଳିତ ପରି ହୁଡ଼ି କନା ଉଠି ଦୁଆର ଦେଇ ବାହାରି ଗଲା । ହଠାତ୍ କାହିଁକି କେଜାଣି ହାରାମଣିଙ୍କ ହୃଦୟରେ କିଏ ଯିମିତି କ'ଣ ଗୋଟେ ବଡ଼ ଭାରି ଜିନିଷ କଚାଡ଼ି ପକେଇଲା ପରି ସେ ମନେ କଲେ । ସେ ମନକୁ ବାଆଁରେଇ ଦେଇ ଚୁଲିରେ ମୁଣ୍ଡିଆ ମାରି ମା' ଭଗବତୀଙ୍କୁ ସୁମରଣା କରି କ'ଣ କହିଲେ ।

ପ୍ରେମାନନ୍ଦ ଦାଣ୍ଡକୁ ବାହାରି ଆସି କୁଆଡ଼େ ଯିବ କିଛି ଭାବି ପାରିଲା ନାହିଁ । ସେ ବୁଢ଼ୀ ଶୁକୁରି ମା ପାଖକୁ ଗଲା । ସେ ସଫା ସଫା ବତେଇ ଦେଲା କିଛି ଜିନିଷ ବନ୍ଧା ନ ଦେଲେ ସେ ଛିଦାମଟିଏ ବି ଦେଇ ପାରିବ ନାହିଁ । ଆଉ ଦି ଚାରିଠା ବୁଲିଲା । ସବୁଠି ସେହି ଏକ 'ନାହିଁ' ଛଡ଼ା ନୂଆ କିଛି ଉତ୍ତର ମିଳିଲା ନାହିଁ । ପ୍ରେମାନନ୍ଦ ପାର୍କ ଆଡ଼େ ଚାଲିଲା । ଗଛର ଛାଇରେ ସେ ଦଣ୍ଡେ ଦମ୍ ନେବ ବୋଲି ବସି ପଡ଼ିଲା ।

*　　*　　*　　*

ତା' ପରଦିନ ସନ୍ଧ୍ୟାବେଳ । ପ୍ରେମାନନ୍ଦ ସେହି ଯେ ଯାଇଛି ଆଉ ଫେରି ନାହିଁ । ଦିନକ ଭିତରେ ସଂସାର ଓଲଟ ପାଲଟ ହୋଇ ଯାଉଛି । ହାରାମଣି ନିରୁର ଶବ ନିକଟରେ ବସି କାନ୍ଦି ଗଡ଼ୁଛନ୍ତି । ତାଙ୍କ ଆଖି ଆଗରେ ନାଚି ଯାଉଚି କିମିତି ନିରୁ ଚାଲି ଗଲା ବେଳେ ବାପାକୁ ତା'ର ଦେଖିବା ପାଇଁ 'ବାପା ବାପା' ବୋଲି କ୍ଷୀଣ ଚିତ୍କାର କରୁଥିଲା । ଏଇ ସମୟରେ ପଡ଼ାର ବଗୁଲିଆ ଟୋକା ହିନେଇ ଧଇଁ ସଇଁ ହୋଇ ଦୁଆର ମୁହଁରୁ, "ମାଉ-ସୀ, ମାଉ-ସୀ, —ମା-ଉ-ସୀ—" ବୋଲି ପାଟି କରି କରି ଆସି କହିଲା—"ସାହୁ ଦୋକାନରେ ହରି ବାବୁ ରଘୁ ମହାଜନକୁ କହୁଥିଲେ କି କାଲି ସଞ୍ଜବେଳେ ଅଫିସରୁ ଫେରିଲା ବେଳେ ସେ କୁଆଡ଼େ ମଉସାଙ୍କୁ କାହାଁ ବାବୁ ଘରେ ଚୋରି କରୁଥିଲେ ବୋଲି ପୁଲିସ ହାତକଡ଼ା ଦେଇ ଜିହଲକୁ ନେଇ ଯାଉଥିଲା—ସେ ଦେଖିଛନ୍ତି........"ହାରାମଣି ଆଁ କରି କଥା ଗୁଡ଼ାକ ଯେମିତି ପାଟି ବାଟେ ପିଇ ଯାଉଥିଲେ—ତାଙ୍କ ଆଖିରେ ଲୁହ ନ ଥିଲା । ଆଉ ସେ ଏକ ଦୃଷ୍ଟିରେ ଦେଖୁଥିଲେ ଚାରିଆଡ଼୍ ସନ୍ଧ୍ୟା ଅନ୍ଧକାର ରାକ୍ଷସ ଭଳି ତାଙ୍କୁ ଗିଳି ଦବାକୁ ଧାଇଁ ଆସୁଛି ।

# ଅବତାର

ଶ୍ରୀ କାଳିଆ ପାଣିଗ୍ରାହୀ

ଅନାଦି ଅନନ୍ତ ନିରାକାର ଭଗବାନ ଅବତାର ରୂପରେ କିପରି ଆବିର୍ଭୂତ ହୁଅନ୍ତି ଏହା ଗଭୀର ଗବେଷଣାର ବିଷୟ. କେବଳ ମାନବ ରୂପେ ନୁହେଁ, ପଶ୍ୱାଦି ଆକାରରେ ମଧ୍ୟ ଭଗବାନ ରୂପ ପରିଗ୍ରହ କରିଥିବା ବିଷୟ ପୁରାଣାଦି ଶାସ୍ତ୍ରରେ ଉକ୍ତ ହୋଇ ଅଛି । ମତ୍ସ୍ୟ, କୂର୍ମ, ବରାହ, ନୃସିଂହ ଅବତାର ଏହି ଉକ୍ତିର ଦୃଷ୍ଟାନ୍ତ । ଏହି ଅବତାର ଗୁଡ଼ିକକୁ ସୃଷ୍ଟି ତତ୍ତ୍ୱ ସହିତ ଜଡ଼ିତ କଲେ ସେଥିର ସତ୍ୟତା କେତେ ଦୂର ଉପଲବ୍ଧି ହୁଏ । ଜୀବ ବିଜ୍ଞାନାନୁସାରେ ପ୍ରାଣୀର ପ୍ରଥମ ସୃଷ୍ଟି ଜଳରେ, ତାପରେ ଜଳ ଓ ସ୍ଥଳ ଉଭୟ ସ୍ଥାନରେ ପୁଣି ପରିଶେଷରେ ସ୍ଥଳରେ । ଏହି ସୃଷ୍ଟି ପ୍ରକ୍ରିୟା ସଙ୍ଗେ ମତ୍ସ୍ୟ, କୂର୍ମ, ବରାହ ଅବତାର ବିଚାର କଲେ, ଅବତାରବାଦର ବୈଜ୍ଞାନିକତା ସହଜେ ପ୍ରତୀୟମାନ ହୁଏ । ସୃଷ୍ଟିର ପ୍ରଥମ ମତ୍ସ୍ୟ. ପ୍ରଥମ କୂର୍ମ ଓ ପ୍ରଥମ ବରାହକୁ ମାନବ ଭଗବାନଙ୍କର ଆଖ୍ୟା ପ୍ରଦାନ କରିବା ବିଜ୍ଞାନବିରୁଦ୍ଧ ହୋଇ ନ ପାରେ । ସୃଷ୍ଟି ଇତିହାସର ଅର୍ବାଚୀନ ଜୀବମନୁଷ୍ୟ ମାନବ ଜାତିର ପୂର୍ଣ୍ଣ ବିକାଶ ପୂର୍ବରୁ ତାହାକୁ ଅର୍ଦ୍ଧ ମନୁଷ୍ୟ ଓ ଅର୍ଦ୍ଧ ପଶୁ ଆକାର ପୁଣି ଖର୍ବ ବାମନ ରୂପ ପରିଗ୍ରହ କରିବାକୁ ହୋଇଥିଲା ; ଏଥିରେ ଆଶ୍ଚର୍ଯ୍ୟାତ୍ମକ କିମ୍ବା ଅପ୍ରାକୃତିକ ବିଷୟ କିଛି ନାହିଁ । ଏହା ଡାରଉଇନଙ୍କ ବିବର୍ତ୍ତନବାଦ ପରି ସତ୍ୟ, ବିଜ୍ଞାନମୂଳକ ଓ ଯୁକ୍ତି ସଙ୍ଗତ । ପୁରାଣର କାହାଣୀ ଗୁଡ଼ିକ ଏହି ବୈଜ୍ଞାନିକ ତତ୍ତ୍ୱ ଉପରେ ପ୍ରତିଷ୍ଠିତ ହେଲେ ହେଁ ବା କାଳକ୍ରମେ ଏତେଦୂର ଅତିରଞ୍ଜିତ



Digitized by srujanika@gmail.com

ଓ ଅପ୍ରାକୃତିକ କରାଯାଇଅଛି ଯେ ସେଗୁଡ଼ିକ ମୂଳରେ ବିଜ୍ଞାନ ସମ୍ମତ ତତ୍ତ୍ୱ ନିହିତ ବୋଲି ବିଶ୍ୱାସ କରିବା କଷ୍ଟସାଧ୍ୟ ହୋଇଥାଏ । ମାତ୍ର ଅତିରଞ୍ଜିତ କବିକଳ୍ପନାକୁ ବାଦ୍ ଦେଲେ ଅବତାରବାଦର ମୂଳରେ ସୃଷ୍ଟି ତତ୍ତ୍ୱର ସତ୍ୟତା ସହଜେ ହୃଦୟଙ୍ଗମ ହୁଏ, ମାନବେତର ଜୀବ ରାଜ୍ୟରେ ଧର୍ମର ବିକାଶ କପରି ହୁଏ ଜାଣିବା କଷ୍ଟ ସାଧ୍ୟ । ଜୀବନ ସଂଗ୍ରାମ ଓ ସବଳର ବିଜୟ ନୀତିର ପ୍ରାବଲ୍ୟ ହେତୁ କେତେ ଦୂର ଧର୍ମଭାବ ପଶୁସମାଜକୁ ପ୍ରଭାବାନ୍ୱିତ କରେ ଜାଣିବାର ଉପାୟ ନାହିଁ । ତେଣୁ ଶଂଖାସୁର ନିଧନ, ହିରଣ୍ୟ କଶିପୁ ବିଦାରଣ ଓ ହିରଣାକ୍ଷ ମରଣରେ କେତେଦୂର ସୃଷ୍ଟିରେ ଧର୍ମସଂସ୍ଥାପନ କାର୍ଯ୍ୟ ସମାହିତ ହୋଇଅଛି ତାହା ଠିକ୍ ଭାବେ କହି ହେବ ନାହିଁ । ମାତ୍ର ଏହିସବୁ ପ୍ରକ୍ରିୟାରେ ସୃଷ୍ଟିକର୍ତ୍ତା ଭଗବାନଙ୍କର ହାତ ଅଛି ଏହା ନିଃସନ୍ଦେହ । ସୃଷ୍ଟିର ମାନବ ଯୁଗ ପୂର୍ବେ କେତେ ଯୁଗ ଅତିବାହିତ ହୋଇଅଛି ତାହାର ସାକ୍ଷୀ ସାକ୍ଷ୍ୟ ଦିଅନ୍ତି ଏହି ବିଭିନ୍ନ ଅବତାର । ଯେଉଁ ଯୁଗ ସେହି ଅବତାର, ଏହା ସୃଷ୍ଟି କର୍ତ୍ତାଙ୍କର ନିୟମ ।

ବଙ୍ଗୀୟ କବି ନବୀନ ଚନ୍ଦ୍ର କହିଛନ୍ତି

ମାନବେର ଦୁଇ ଯୁଗ ; କିନ୍ତୁ ଜଗତେର
ଏଇରୂପେ କତ ଯୁଗ ଗିୟାଛେ ବହିୟା
କେ ବଲିବେ, ଭଗବାନ ? ଯୁଗ ଉପଯୋଗୀ
ଚରମଉନ୍ନତ ଅବତାରଣ ଯଖନ
ଘଟିୟାଛେ, ସେ ଯୁଗେର ସେଇ ଅବତାର,
ପ୍ରଥମ ସଲିଲେ ମତ୍ସ୍ୟ, ଏଇ ନୀତି ବଲେ
ସଲିଲ ପଙ୍କିଲ ଯବେ, କୂର୍ମ ଅବତାର ।
ପଙ୍କ ଦୃଢ଼ତର ଯବେ ଅଙ୍କୁର ଉଦ୍‌ଭିଦେ
ହଇଲ ବରାହ ସୃଷ୍ଟି, ପ୍ରାଣୀର ଶୃଂଖଲ
କ୍ରମଶଃ ଉନ୍ନତି ଚକ୍ରେ ହୟ ଦୀର୍ଘତର,
ନରସିଂହ ଅବତାର, ବିସ୍ମୟ ମୂରତି
ଅର୍ଦ୍ଧ ପଶୁ ଅର୍ଦ୍ଧ ନର ! କ୍ରମେ ପଶୁଭାଗ
ତିଲତିଲ ଯୁଗେ ଯୁଗେ ହଇୟା ଅନ୍ତର
ବିକୃତ ମାନବ ମୂର୍ତ୍ତି ଜନ୍ମିଲ ବାମନ,
ତିନ ପାଦଭୂମି ନାହି ମିଲିଲ ତାହାରେ,—
ଜଗତ ଅରଣ୍ୟମୟ, ହିଂସ୍ରଜନ୍ତୁ ବାସ !

ସୃଷ୍ଟିତତ୍ତ୍ୱ ସମ୍ବନ୍ଧରେ ଅର୍ବାଚୀନତମ ଜୈବିକ ସିଦ୍ଧାନ୍ତ ସହିତ ଉଲ୍ଲିଖିତ ପଙ୍‌କ୍ତିଚୟର ସାମଞ୍ଜସ୍ୟ ପାଠକେ ହୃଦୟଙ୍ଗମ କରିବା ଆବଶ୍ୟକ, ହିନ୍ଦୁମାନେ ମାଛକୁ, କଚ୍ଛପକୁ ପୂଜାକରି ପ୍ରକୃତ ଭଗବାନଙ୍କୁ ପୂଜା କରନ୍ତି ନାହିଁ ବୋଲି ସମୟେ ସମୟେ ଅନ୍ୟ ଧର୍ମାବଲମ୍ବୀମାନେ ସମାଲୋଚନା କରନ୍ତି । ମାତ୍ର ସେମାନଙ୍କର ଯୁକ୍ତିହୀନ ସମାଲୋଚନା ବିଜ୍ଞାନସମ୍ମତ ନୁହେ । ତାହା ସେମାନଙ୍କ ମୂର୍ଖତାର ପରିଚାୟକ ମାତ୍ର । ବାଇବେଲର ଛଦିନଆ ସୃଷ୍ଟିର ଇତିହାସ ଡାରଉଇନଙ୍କ ଦ୍ୱାରା କ୍ଷିପିତ ସମ୍ପ୍ରଦାୟ ମନରୁ ବହୁଦିନ ହେଲା ଅପସାରିତ ହୋଇଛି । ଏହି ବିଭିନ୍ନ ଅବତାରଚୟ ସୃଷ୍ଟିରେ ମାନବର ଅବିର୍ଭାବ ପୂର୍ବରୁ ଜୀବ ରାଜ୍ୟରେ ସୃଷ୍ଟିକର୍ତ୍ତାଙ୍କ କାର୍ଯ୍ୟର ସୂଚନା ମାତ୍ର । ସୃଷ୍ଟି ଇତିହାସ ତୁଳନାରେ ମାନବ ଇତିହାସ ଅତି କ୍ଷୁଦ୍ର, ଅତି ନୂତନ । ସର୍ବଶ୍ରେଷ୍ଠ ଜୀବ ହେଲେ ମଧ୍ୟ ସେ ସର୍ବଶେଷ ଜୀବ ଅଟେ । ମନୁଷ୍ୟ ନିଜକୁ ଐତିହାସିକ ବୋଲି ଗର୍ବ କରେ । ମାତ୍ର ସୃଷ୍ଟି ଇତିହାସ ତୁଳନାରେ ତାହାର ଇତିହାସ ଅଣୁପରମାଣୁ ସଙ୍ଗେ ସମାନ ହେବ କି ନାହିଁ ସନ୍ଦେହ । ଗର୍ବାନ୍ଧ ମାନବ ଏହି ସୃଷ୍ଟି ପ୍ରବାହର ଅନାଦିଧାରା ବିସ୍ମୃତ ହୋଇ ନିଶ୍ଚିନ୍ତ ହୁଏ । ମାତ୍ର ଏହି ନିଶ୍ଚିନ୍ତ ମାନସିକତା ତାହାର ମୂଢତାର କେବଳ ପରିଚୟ ଦିଏ । ପୃଥିବୀର ବିବର୍ତ୍ତନ ଇତିହାସ ପ୍ରତି ଦୃଷ୍ଟି ନିକ୍ଷେପ କଲେ ଜଗତର ପ୍ରୟୋଜନାନୁସାରେ ବିଭିନ୍ନ ଅବତାରର ଆବଶ୍ୟକତା ଜଣାଯାଏ । ମତ୍ସ୍ୟାଦି ଅବତାର ଦ୍ୱାରା ସେହି ବିବର୍ଦ୍ଧମାନ ପ୍ରାଣଧାରାର ଗୋଟିଏ ଗୋଟିଏ ଯୁଗ ବା ପର୍ବ ସୂଚିତ ହୁଏ । ଏହି ପୃଥିବୀରେ ସୃଷ୍ଟି ଓ ପ୍ରଳୟର ଇୟତ୍ତା ନାହିଁ, ସୃଷ୍ଟି ପୂର୍ବେ ପ୍ରଳୟ ଓ ପ୍ରଳୟ ପରେ ସୃଷ୍ଟି ଏହିପରି ଯୁଗ ଯୁଗ ଧରି ଅବିରାମ ଧାରାରେ ଚାଲିଅଛି । ପ୍ରଳୟରୁ ଉଦ୍ଧାର କରି ପୁନର୍ବାର ସୃଷ୍ଟି କରିବା ଭାର ସ୍ୱୟଂ ଭଗବାନଙ୍କର ; ସେହି ସୃଷ୍ଟି ରଚନାର ଇତିହାସହିଁ ଅବତାରବାଦର ଭିତ୍ତି ।

ମାନବେତର ଅବତାର ସହିତ ସମ୍ବନ୍ଧ ରଖି ଭୂତତ୍ତ୍ୱର ବ୍ୟାଖ୍ୟାନ କରାଯାଇ ପାରେ ।

ପୃଥିବୀ ପ୍ରଳୟ ଜଳରେ ନିମଗ୍ନ, ଭୂତତ୍ତ୍ୱ ଅନୁଯାୟୀ ଏହାକୁ ମତ୍ସ୍ୟଯୁଗ ବୋଲାଯାଏ । ସେ ହେତୁ ଏହି ଯୁଗର ଅବତାର ମତ୍ସ୍ୟ × × × ମତ୍ସ୍ୟ ଯୁଗ ପରେ ସରୀସୃପ ଯୁଗ । ପ୍ରଳୟ ସଲିଳରେ ସ୍ଥାନେ ସ୍ଥାନେ ସ୍ଥଳ ଭାସି ଉଠିଅଛି ଏବଂ ପ୍ରାଣଧାରା ମତ୍ସ୍ୟ ଶରୀର ଉତ୍ତୀର୍ଣ୍ଣ ହୋଇ ସରୀସୃପରେ ବିବର୍ତ୍ତିତ ହୋଇଅଛି । ସରୀସୃପ ଉଭୟଚର ଜୀବ; ତାହାର ପ୍ରତିଭୂ କୂର୍ମ × × " **The type of the evolution then proceeding, the tortoise, the logos in that form makes himself the base of the revolving axis of evolution.**"

କୂର୍ମ ଅବତାର ସଙ୍ଗେ ପୌରାଣିକ ସମୁଦ୍ର ମନ୍ଥନ କାହାଣୀ ବିଜଡ଼ିତ ଅଟେ । ଏହି ଘଟଣାରେ ମଧ୍ୟ ଗୋଟିଏ ଗଭୀର ବୈଜ୍ଞାନିକ ତତ୍ତ୍ୱ ପ୍ରଚ୍ଛନ୍ନ ହୋଇ ରହିଅଛି । ନିସର୍ଗ ବା **Nature** ପ୍ରୋଟାଇଲ ସମୁଦ୍ରରେ ଗୋଟିଏ ସୁସ୍ଥିତ ମେରୁଦଣ୍ଡ ଉପରେ ଭର ରଖି ( ପୁରାଣର ମନ୍ଦର ପର୍ବତ ) ଦୁଇଟି ବିରୁଦ୍ଧ ଶକ୍ତିର ସାହାଯ୍ୟରେ ବା ମନ୍ଥନ ଦ୍ୱାରା ପରମାଣୁପୁଞ୍ଜର ଉତ୍ପତ୍ତି କରିଅଛି ।

ସରୀସୃପ ଯୁଗ ପରେ ସ୍ତନ୍ୟପାୟୀ ଯୁଗ । ଏହି ଯୁଗରେ ସୃଷ୍ଟି କାରିଗରଙ୍କ ଦ୍ୱାରା ବରାହ ମୂର୍ତ୍ତିର ଗଠନ । ବରାହ ପୃଥିବୀର ପ୍ରଥମ ସ୍ତନ୍ୟପାୟୀ ଜୀବ ଅଟେ ।

ନୃସିଂହ ଅବତାର ସମ୍ବନ୍ଧେ ଆନି ବେସାନ୍ତଙ୍କ ସିଦ୍ଧାନ୍ତ ଅତି ଯୁକ୍ତି ସଙ୍ଗତ " **Strange forms are seen, half human**

and half animal, wholly monstrous; terrible struggles arise between these monstrous forms. × × × × One of these conflicts, the greatest of all is given in the story of the Avatara as that of Narasimha—the Man Lion." ସର୍ବଶେଷରେ ମାନବର ଅବିର୍ଭାବ ବାମନ ରୂପରେ । ଏହିଠାରେ ମାନବ-ଇତିହାସର ପ୍ରଥମ ଯୁଗ ଆରମ୍ଭ । ଏହି ପର୍ଯ୍ୟନ୍ତ ପୃଥିବୀ ବକ୍ଷରେ ମନୁଷ୍ୟର ପାଦ ପଡ଼ି ନ ଥିଲା, ତେଣୁ ଭଗବାନଙ୍କ ଅଭିବ୍ୟକ୍ତ ମାନବେତର ଜନ୍ତୁଦ୍ୱାରା ହେଉଥିଲା । କ୍ରମ-ବିକାଶ ନିୟମର ବଶବର୍ତ୍ତୀ ହୋଇ ପ୍ରାଣ-ଧାରା ମନୁଷ୍ୟରୂପ ଗ୍ରହଣ କଲା, ପୁଣି ସେହି ଦିନଠାରୁ ଭଗବଦ୍ ଅଭିବ୍ୟକ୍ତି ନିମନ୍ତେ ନିକୃଷ୍ଟ ପ୍ରାଣୀର ଆବଶ୍ୟକତା ରହିଲା ନାହିଁ । ମନୁଷ୍ୟ ଯୁଗରେ ମନୁଷ୍ୟା-ବତାରରେହିଁ ଭଗବଦ୍ ଶକ୍ତିର ପୂର୍ଣ୍ଣ ବିକାଶ ସାଧିତ ହେଲା ।

ମାତ୍ର ମାନବ ପ୍ରାଣର ଆରମ୍ଭ ସଙ୍ଗେ ସଙ୍ଗେ ତାହାର ଦୁଇଟି ଦିଗରେ ବିକାଶର ଚେଷ୍ଟା ଚାଲିଲା, ଗୋଟିଏ ଭୌତିକ ଓ ଅନ୍ୟଟି ଆଧ୍ୟାତ୍ମିକ । ଏହି ଚେଷ୍ଟାହିଁ ମାନବ ସଭ୍ୟତାର ମୂଳରେ ନିହିତ ଅଟେ ଏବଂ ଏହି ଚେଷ୍ଟା ଫଳରେ ମାନବ ସମାଜ ପଶୁ ସମାଜ ଠାରୁ ଭିନ୍ନ ହୋଇ ରହିଛି । କ୍ଷୁଧା ତୃଷା ମେଣ୍ଟାଇବାକୁ ଯାଇ ଯେତେବେଳେ ମନୁଷ୍ୟ ତାହାର ଭୌତିକ ଶରୀର ଧାରଣର ଆବଶ୍ୟକୀୟ ଉପାୟ ବିଧାନ କରି ପାରିଲା ସେତେବେଳେ ସେ ତାହାର ପ୍ରାଣରେ ଆତ୍ମାର ସନ୍ଧାନ ଲାଭ କଲା । ସେ ସେତେବେଳେ ଜାଣିଲା ଯେ, ତାହାର ରକ୍ତ-ମାଂସର ଶରୀର ବ୍ୟତୀତ ସେ ଅନ୍ୟ ଏକ ପ୍ରକାର ଶରୀରର ଅଧିକାରୀ ଯାହାର ଭରଣପୋଷଣ ନିମନ୍ତେ ଭୌତିକ ଖାଦ୍ୟ ଅନୁପଯୋଗୀ । ଆଧ୍ୟାତ୍ମିକ ଖାଦ୍ୟର ସନ୍ଧାନରେ ବ୍ରତୀ ହୋଇ ମନୁଷ୍ୟ ତାହାର ଭୌତିକ ଭାବର ବସ୍ତୁ ଉପରର ଉଚ୍ଚ ସ୍ତରକୁ ଯିବାକୁ ସମର୍ଥ ହେଲା । ଏହିଠାରେ ମନୁଷ୍ୟ ଜୀବନର ସାର୍ଥକତା ରହିଅଛି । ମାନବ ଜଡ଼ ପଦାର୍ଥର ସମଷ୍ଟି ନୁହେଁ କିମ୍ବା ଇନ୍ଦ୍ରିୟଯୁକ୍ତ ଶରୀରରେ ଆବଦ୍ଧ ନୁହେଁ । ସେ ତାର ଭୌତିକ ଆକାରର ବସ୍ତୁ ଉପରେ ଏଥିରେ ମତାନ୍ତରର ଅବକାଶ ନାହିଁ । ଭଗବାନ ଯେତେବେଳେ ମାନବ ହୃଦୟରେ ସ୍ଥାନ କରନ୍ତି ତେବେ ମନୁଷ୍ୟ ମାନେ ତ ଭଗବାନଙ୍କର ଅବତାର । ତେବେ ଭଗବାନଙ୍କ ବିଶିଷ୍ଟ ଅବତାରର ଆବଶ୍ୟକତା କେଉଁଠାରେ ? ଭଗବାନ ସୃଷ୍ଟିର କର୍ତ୍ତା, ଜଗତର ମୂଳାଧାର; ସେ ସର୍ବାନ୍ତର୍ଯ୍ୟାମୀ ଓ ସର୍ବକାଳ ସ୍ଥିତ । ତେବେ ଜଣେ ମନୁଷ୍ୟ ହୋଇ ସେ କିପରି ଆବଦ୍ଧ ହେବେ । ଜନ୍ମରହିତ ଭଗବାନଙ୍କର ଜନ୍ମ ଓ ମୃତ୍ୟୁଞ୍ଜୟଙ୍କର ମରଣ ବିଶ୍ୱାସ କରିବା ସହଜ ନୁହେଁ । ଦ୍ୱିଜେନ୍ଦ୍ର ନାଥଙ୍କ କଥାରେ, ଯେ ସୃଷ୍ଟି, ସ୍ଥିତି, ପ୍ରଳୟର ଅଧିନାୟକ । ଯେ ବିରାଟ ବିଶ୍ୱ ମଧ୍ୟବର୍ତ୍ତୀ ଅନନ୍ତ କୋଟି ବ୍ରହ୍ମାଣ୍ଡର ଅଧିପତି, ଯେ ହର୍ତ୍ତା, କର୍ତ୍ତା, ବିଧାତା, ସେହି ସର୍ବେଶ୍ୱର ମହେଶ୍ୱର ଯେ ଗୋଟିଏ କ୍ଷୁଦ୍ର ଗ୍ରହ-ମଣ୍ଡଳର ମାଟିରେ ତାଙ୍କର ସମଗ୍ରତାକୁ ନିମଜ୍ଜିତ କରି ଭିଚ୍ଛ ମନୁଷ୍ୟର ସ୍ୱରୂପ ଓ ବିଡ଼ମ୍ବନା, ତାଡ଼ନ ଓ ଲାଞ୍ଛନାର ଭାଗୀ ହେବେ ଏହା ଆମ୍ଭମାନଙ୍କ ଧାରଣାର ଅତୀତ ।

ଦୟାନନ୍ଦ ସରସ୍ୱତୀ କୃତ 'ସତ୍ୟାର୍ଥ ପ୍ରକାଶ'ରେ ଲେଖା ଅଛି, "ଯେଉଁ ଈଶ୍ୱର ବିନା ଶରୀରରେ ଜଗତର ଉତ୍ପତ୍ତି, ସ୍ଥିତି ଏବଂ ପ୍ରଳୟ କରି ପାରନ୍ତି, ତାହାଙ୍କ ଆଗରେ କଂସ ରାବଣାଦି ଏକ ଏକ କୀଟ ସମାନ ମଧ୍ୟ ନୁହନ୍ତି । ଈଶ୍ୱର ସର୍ବବ୍ୟାପକ ହେବା ହେତୁ କଂସରାବଣାଦି ଶରୀରରେ ମଧ୍ୟ ପରିପୂର୍ଣ୍ଣ ଅଛନ୍ତି । ସୁତରାଂ ଯେତେ ବେଳେ ଇଚ୍ଛା କରନ୍ତି ସେତେବେଳେ ମର୍ମ ଛେଦନ କରି ସେମାନଙ୍କୁ ବିନାଶ କରିପାରନ୍ତି । ଅନନ୍ତ ଗୁଣ, କର୍ମ ଓ ସ୍ୱଭାବ ଯୁକ୍ତ ପରମାତ୍ମା ଏକ କ୍ଷୁଦ୍ର ଜୀବକୁ ମାରିବା ସକାଶେ ନିଜେ ଜନ୍ମ-ମରଣଯୁକ୍ତ ଶରୀର ଧାରଣ କରନ୍ତି—ଏହି କଥା ଯେଉଁମାନେ କହନ୍ତି ସେମାନଙ୍କ ମୂର୍ଖପଣକୁ ଆଉ ପଟାନ୍ତରି ନାହିଁ । ଯଜୁର୍ବେଦରେ ବଚନ ଅଛି, 'ଅଜ ଏକ ପାତ' 'ସ ପର୍ଯ୍ୟ ଗାତ୍ରୁ କ୍ରମକାୟଂ ।' ତେବେ ଗୀତୋକ୍ତ 'ଯଦା ଯଦାହି ଧର୍ମସ୍ୟ' ପ୍ରଭୃତି ଶ୍ଳୋକ ବେଦ ବିରୁଦ୍ଧ, ତେଣୁ ତାହା ଅବତାରର ପ୍ରମାଣ ହୋଇ ନ ପାରେ ।" ମାତ୍ର ଗୀତୋକ୍ତ ଶ୍ଳୋକଟିର ଆକ୍ଷରିକ ଅର୍ଥ ବେଦ ବିରୁଦ୍ଧ ହେଲେ ସୁଦ୍ଧା, ସେହି ଶ୍ଳୋକଟିରେ ଗୂଢ଼ ଅର୍ଥ ନିହିତ । ଉପନିଷଦରେ ରାମକୃଷ୍ଣାଦି ଅବତାରର ଅବତାରଣା ନାହିଁ । ଭଗବଦ୍ ଗୀତା ଉପନିଷଦର ସାର ସଂଗ୍ରହ । ତେଣୁ ସେହି ଗ୍ରନ୍ଥର ଶ୍ଳୋକଟିକୁ ବେଦ ବିରୁଦ୍ଧ ବୋଲି କହିବାରେ କିଛି ଉପକାର ହେବ ନାହିଁ । ଭଗବାନ ଅବତାର ଗ୍ରହଣ କରନ୍ତୁ ବା ନ କରନ୍ତୁ ରାମଚନ୍ଦ୍ର, ଶ୍ରୀକୃଷ୍ଣ ଆଦି ସଂସାରରେ ଜନ୍ମଲାଭ କରି, ଦୁଷ୍ଟ ଦଳନ, ଶିଷ୍ଟପାଳନ ଓ ଧର୍ମ ସଂସ୍ଥାପନ କରି ଅଛନ୍ତି, ଏଥିରେ ସନ୍ଦେହ ନାହିଁ । ଏହି ସବୁ ଯୁଗ-ପ୍ରବର୍ତ୍ତକଙ୍କ କାର୍ଯ୍ୟରେ ଭଗବାନଙ୍କର ହାତ ଯେ ବରାବର ରହିଥିବ ତାହା ଆସ୍ତିକ ପକ୍ଷେ ବିଶ୍ୱାସ କରିବା କିଛି କଷ୍ଟ ସାଧ୍ୟ ବ୍ୟାପାର ନୁହେଁ । ଯୁଗେ ଯୁଗେ ଯେତେବେଳେ ଧର୍ମର ପତନ ଘଟି ଅଛି, ସେତେବେଳେ କୌଣସି ଜଣେ ମାନବର ନେତୃତ୍ୱରେ ଧର୍ମୋଦ୍ଧାର କାର୍ଯ୍ୟ ସମ୍ପାଦିତ ହୋଇଅଛି । ବଙ୍କିମଙ୍କ ଭାଷାରେ "ଯେଉଁ ମହାପୁରୁଷଗଣ ମନୁଷ୍ୟର ମୁକ୍ତି କାମନା କରିଅଛନ୍ତି ସେମାନଙ୍କର ବାଣୀ 'ସମ୍ଭବାମି ଯୁଗେ ଯୁଗେ '। ଯୁଗେ ଯୁଗେ ତ ଜନ୍ମିଛନ୍ତି, ସେମାନେ ଦେଶେ ଦେଶେ, ଆଜ ମଧ୍ୟ. ଏହି ମୁହୂର୍ତ୍ତରେ ମଧ୍ୟ ସେମାନେ ଜନ୍ମିଛନ୍ତି, ପୁଣି କାଲି ସେମାନେ ଜନ୍ମଲାଭ କରିବେ । ମନୁଷ୍ୟ ଯେତେବେଳେ ଇତିହାସ ମଧ୍ୟ ଦେଇ ଅଗ୍ରସର ହୁଏ ଏବଂ କହେ 'ସୋଽହମ୍, I and my father are one ' ସେତେବେଳେ ମନୁଷ୍ୟକୁ ଭଗବାନଙ୍କ ଅବତାର ବୋଲି ଭାବିବା କି ଦୋଷାବହ ହେବ ?" ଜୀବ ସମକ୍ଷରେ ପୂର୍ଣ୍ଣ ଆଦର୍ଶ ପ୍ରଦର୍ଶନ ନିମନ୍ତେ ଅବତାର ଆବଶ୍ୟକ । ଆଦର୍ଶ ପୁରୁଷହିଁ ଅବତାର ରୂପେ ଖ୍ୟାତ । ବାଲ୍ମୀକି ନାରଦଙ୍କୁ ଥରେ ପ୍ରଶ୍ନ କରିଥିଲେ, "ସମ୍ପ୍ରତି ଏହି ଲୋକରେ ଗୁଣବାନ କିଏ ? ବୀର୍ଯ୍ୟବାନ କିଏ ? ଧର୍ମଜ୍ଞ କିଏ ? କୃତଜ୍ଞ କିଏ ? ସତ୍ୟବାଦୀ କିଏ ? ଦୃଢ଼ବ୍ରତ କିଏ ? ଇତ୍ୟାଦି ଇତ୍ୟାଦି " ନାରଦଙ୍କ ଉତ୍ତର ହେଲା, "ଇକ୍ଷ୍ୱାକୁ



Digitized by srujanika@gmail.com

ବଂଶଜାତ ରାମଚନ୍ଦ୍ର, ହିଁ ସେହି ଆଦର୍ଶ ପୁରୁଷ ।" ତେଣୁ ରାମଚନ୍ଦ୍ର, ଅବତାର ପୁରୁଷ ବୋଲିବାରେ କିଛି ଦୋଷ ହୋଇ ନ ପାରେ । ଭଗବାନଙ୍କ ଅନ୍ୟ ନାମ ପୁରୁଷୋତ୍ତମ । ତେବେ ମନୁଷ୍ୟ ପକ୍ଷେ ଅବତାର ହେବା ବିଚିତ୍ର ନୁହେଁ । ଏହି ଅବତାର କ୍ରମନ୍ତେ କୌଣସି ଉଚ୍ଚତମ ଧାମରୁ ନିମ୍ନଗାମୀ ହେବା, ଅପ୍ରପଞ୍ଚ ଦେଶରୁ ପ୍ରପଞ୍ଚକୁ ଆସିବା ଅନାବଶ୍ୟକ । "ନୀହାରିକାର ମହା କ୍ଷେତ୍ରରେ ଯେଉଁଠାରେ ଜ୍ୟୋତିଷ୍କ ସୃଷ୍ଟି ହୁଏ ସେଠାରେ ସମୟେ ସମୟେ ଗୋଟିଏ ଗୋଟିଏ ତାରା ଦେଖାଯାଏ । ସେ ଗୁଡ଼ିକ ସ୍ପଷ୍ଟ ଜଣାଇ ଦିଅନ୍ତି ନୀହାରିକାର ବିରାଟ ଅନ୍ତରରେ ସୃଷ୍ଟି-ହୋମ-ହୁତାଶନର ଉଦ୍ଦୀପନା । ସେପରି ମନୁଷ୍ୟର ଇତିହାସ କ୍ଷେତ୍ରରେ ସମୟେ ସମୟେ ମହାପୁରୁଷମାନେ ଦେଖା ଦିଅନ୍ତି । ସେମାନଙ୍କଠାରୁ ଏହି କଥାହିଁ ଜାଣୁ ଯେ ସମସ୍ତ ମାନବ ଜାତିର ଅନ୍ତରରେ ରହିଛି ଅତିବ୍ୟକ୍ତିର ପ୍ରେରଣା । ତାହା ଭୂମାର ଅଭିବ୍ୟକ୍ତି ।" ଏହି ଅତିବ୍ୟକ୍ତି ଯାହାଠାରେ ପ୍ରାପ୍ତବ୍ୟ, ଏହି ଆଦର୍ଶ ଯାହାଠାରେ ଦ୍ରଷ୍ଟବ୍ୟ, ସେହିଁ ସେହି ଯୁଗର ଅବତାର । ଅବତାରଙ୍କୁ ମାନବ ପ୍ରାଣରେ ଦେବାବତରଣ ନ କହି ମନୁଷ୍ୟର ଦେବାରୋହଣ କହିଲେ ମଧ୍ୟ ଅବତାରତତ୍ତ୍ୱର ବେଶୀ କିଛି କ୍ଷୟ ବୃଦ୍ଧି ହେବ ନାହିଁ ।

ଭାଗବତାଦି ପୁରାଣରେ ୨୪ ଗୋଟି ଅବତାରର ଉଲ୍ଲେଖ ଥିଲେ ସୁଦ୍ଧା, ଜୟଦେବ ଗୋସ୍ୱାମୀଙ୍କ ସମୟରୁ ହିନ୍ଦୁମାନେ ଦଶ ଗୋଟି ଅବତାରର କେବଳ ପୂଜା କରୁଥିଲେ, ବୁଦ୍ଧଦେବ ବେଦ-ବିରୁଦ୍ଧ ଧର୍ମ ପ୍ରଚାର କରିଥିଲେ ସୁଦ୍ଧା, ତାଙ୍କୁ ଏହି ଦଶାବତାର ତାଲିକାରେ ଭୁକ୍ତ କରା ଯାଇଅଛି । ଭବିଷ୍ୟତରେ କଳ୍କି ଅବତାରର ଆଭାସ ଦିଆଯାଇଅଛି । ଚୈତନ୍ୟ, ଯୀଶୁଖ୍ରୀଷ୍ଟ, ରାମକୃଷ୍ଣ ପରମହଂସ ପ୍ରଭୃତି ମହାପୁରୁଷମାନେ ମଧ୍ୟ ପୁରାଣୋଲ୍ଲିଖିତ ନ ହୋଇଥିଲେ ସୁଦ୍ଧା ସେମାନଙ୍କର ଅନୁଚରମାନଙ୍କ ଦ୍ୱାରା ଅବତାର ରୂପେ ପୂଜା ପାଉଛନ୍ତି । ମହାତ୍ମା ଗାନ୍ଧୀଙ୍କୁ ଅବତାର ପୁରୁଷ ବୋଲି ଡାକିବାକୁ ତାଙ୍କର ଶିଷ୍ୟମାନେ ପରାଙ୍ମୁଖ ନୁହନ୍ତି । ଏହିସବୁ ଭୂତ ବର୍ତ୍ତମାନର ଐତିହାସିକ ଅବତାର ପ୍ରମାଣ ବିଚାର କଲେ ତତ୍ସମ୍ବନ୍ଧେ ପ୍ରଚଳିତ ଅଳୀକ ଅତିରଞ୍ଜିତ କାହାଣୀ ଗୁଡ଼ିକକୁ ବିଶ୍ୱାସ କରିବାକୁ ମନ ଯାଏ ନାହିଁ । ଅନୁମିତ ହୁଏ ଯେ କୌଣସି ଐତିହାସିକ ଆଦର୍ଶ ମନୁଷ୍ୟଙ୍କୁ କାଳକ୍ରମେ ଅନେକ ଅପ୍ରାକୃତିକ ଶକ୍ତିରେ ଭୂଷିତ କରି ତାଙ୍କୁ ଅବତାର ଆଖ୍ୟା ପ୍ରଦାନ କରିଅଛି । ରାମଚନ୍ଦ୍ର, ଦଶରଥଙ୍କ ଔରସରେ ଜାତ ହୋଇ ତାଙ୍କ ଜୀବନରେ ଯେଉଁ ପବିତ୍ର ଆଦର୍ଶ ଦେଖାଇଥିଲେ ସେହି ଆଦର୍ଶ ହେତୁ ତାଙ୍କୁ କାଳକ୍ରମେ ବିଷ୍ଣୁଙ୍କର ଅବତାର ରୂପେ ପୂଜା କରା ଯାଇଅଛି । ସେହିପରି ଶ୍ରୀକୃଷ୍ଣ । ଦେବକୀ ନନ୍ଦନ ଶ୍ରୀକୃଷ୍ଣଙ୍କ ଜନ୍ମ କଂସ କାରାଗୃହରେ ହୋଇଥିଲା । ତାଙ୍କର ବାଲ୍ୟଜୀବନ ବୃନ୍ଦାବନ ଓ ଗୋପରେ, ଯୌବନ ମଥୁରାରେ ଓ ପ୍ରୌଢ଼ ଜୀବନ ଦ୍ୱାରକାରେ ଅତିବାହିତ ହୋଇଥିଲା, ସେ ନିଜ ଜୀବନରେ ଅନେକ ବୀରୋଚିତ କାର୍ଯ୍ୟ କରିଥିଲେ । ସବୁବେଳେ ସେ ଧର୍ମ ପକ୍ଷରେ ଯୁଦ୍ଧ କରି ଅଧର୍ମଙ୍କୁ ହରାଇଥିଲେ । ନିଜ ବୀରୋଚିତ କର୍ମ ସଙ୍ଗେ ସଙ୍ଗେ ଗୀତା, ଅନୁଗୀତା ଓ ଉଦ୍ଧବ ଉପଦେଶ ଦ୍ୱାରା ଗମ୍ଭୀର ଧର୍ମତତ୍ତ୍ୱ ପ୍ରଚାର କରିଥିଲେ । ଏପରି ଜଣେ ବିରଳଚରିତ୍ର ଆଦର୍ଶବାନ ଐତିହାସିକ ପୁରୁଷଙ୍କୁ ପରବର୍ତ୍ତୀ କାଳରେ ସ୍ୱୟଂ ବିଷ୍ଣୁ ବୋଲି ଲୋକେ ପୂଜା କରିବାକୁ ଲାଗିଲେ । ଏହି ଭଳି ଅନ୍ୟାନ୍ୟ ନରଦେହଧାରୀ ଅବତାର ପୁରୁଷମାନଙ୍କ ସମ୍ବନ୍ଧେ ମଧ୍ୟ କୁହା ଯାଇ ପାରେ । ଯାହାର ଯେତେ ଦୂର ଈଶ୍ୱର ଉପଲବ୍ଧି, ତାହାର ଅବତାରତ୍ୱ ମାତ୍ରା ସେତେ ଅଧିକ ।

ଅବତାର ପୁରୁଷମାନଙ୍କୁ ଉଚିତ ପୂଜା କରିବା ମାନବର କର୍ତ୍ତବ୍ୟ । ପୂଜାର ଅର୍ଥ ସମ୍ମାନ ପ୍ରଦାନ । ପିତାମାତା ଓ ଗୁରୁଙ୍କୁ ପୂଜା କରିବା ଆମ୍ଭମାନଙ୍କର ନୈମିତ୍ତିକ କର୍ତ୍ତବ୍ୟ । ସେହିପରି ମହାପୁରୁଷମାନଙ୍କର ପୂଜା ଜୀବନରେ ଏକାନ୍ତ ଆବଶ୍ୟକ । ମାତ୍ର ଏହି ପୂଜା ସଙ୍ଗେ ଭଗବତ୍ ପୂଜାକୁ ଜଡ଼ିତ କଲେ, ଆଧ୍ୟାତ୍ମିକ ରାଜ୍ୟରେ ବିଭ୍ରାଟ ଘଟେ । ଶ୍ରୀରାମଚନ୍ଦ୍ର, ଆଦର୍ଶ ରାଜା, ପୁତ୍ର ଓ ପତିରୂପେ ଆମ୍ଭମାନଙ୍କର ନମସ୍ୟ । ଶ୍ରୀକୃଷ୍ଣ ଧର୍ମ ଓ କର୍ମ ବୀରରୂପେ ଆମମାନଙ୍କର ଭକ୍ତିଭାଜନ । ବୁଦ୍ଧଦେବ ଓ ଯୀଶୁ ମୈତ୍ରୀର ଆଦର୍ଶ ସ୍ୱକୀୟ ଜୀବନରେ ଦେଖାଇ ଆମ୍ଭମାନଙ୍କର ପୂଜାସ୍ପଦ । ମାତ୍ର ସେମାନେ ସ୍ୱୟଂ ଭଗବାନ, ସେମାନଙ୍କୁ ପୂଜା କଲେ ଭଗବାନଙ୍କୁ ପୂଜା କରିବା ଅନାବଶ୍ୟକ, ଏପରି ଧାରଣା ସଂପୂର୍ଣ୍ଣ ଭ୍ରମାତ୍ମକ ଅଟେ । ମନୁଷ୍ୟଙ୍କୁ ଭଗବାନଙ୍କ ଭଳି ପୂଜା କରିବାଦ୍ୱାରା ପୂଜକର କିମ୍ବା ପୂଜାପ୍ରାପ୍ତ ବ୍ୟକ୍ତିର କିଛି ଉପକାର ହୋଇ ନ ଥାଏ । ବରଂ ତଦ୍ୱାରା ଈଶ୍ୱର ଧାରଣାରେ ଭ୍ରମ ଉପୁଜେ ଓ ମନୁଷ୍ୟ ସତ୍ୟପଥଟିକୁ ଭୁଲିଯାଇ ମିଥ୍ୟା ପଥରେ ଚାଲିବାକୁ ଆରମ୍ଭ କରେ । ରାମଚନ୍ଦ୍ର ଓ ଶ୍ରୀକୃଷ୍ଣଙ୍କ ଯୁଗରେ କେହି ହେଲେ ଭଗବଦ୍ ପୂଜାକୁ ବାଦ ଦେଇ ତାହାର ସ୍ଥାନରେ ରାମ ପୂଜା ବା କୃଷ୍ଣ ପୂଜା କରିବା ଦେଖା ଯାଏ ନାହିଁ । ଯୀଶୁ ଖ୍ରୀଷ୍ଟଙ୍କ ଅନୁଚରମାନେ ଭଗବାନଙ୍କୁ ପୂଜା କରିବାକୁ ଭୁଲି ନ ଥିଲେ । ବୁଦ୍ଧଦେବ ବ୍ୟକ୍ତିଗତ ପୂଜାର ଘୋର ବିରୋଧୀ ଥିଲେ ଓ ସଙ୍ଘର ନିୟମ ପାଳନହିଁ ପ୍ରକୃତ ପୂଜା ବୋଲି ପ୍ରଚାର କରିଥିଲେ । ମହମ୍ମଦ, ଚୈତନ୍ୟ, ରାମକୃଷ୍ଣ ଇତ୍ୟାଦି ମହାପୁରୁଷମାନେ ବ୍ୟକ୍ତିଗତ ପୂଜା କେବେ ଲୋଡ଼ି ନାହାନ୍ତି । ସେମାନେ ଯେପରି ଭଗବାନଙ୍କର ଭକ୍ତ, ଅନ୍ୟମାନଙ୍କୁ ସେପରି ଭକ୍ତ ହେବାକୁ ଉପଦେଶ ଦେଇଥିଲେ । ଏପରି ସ୍ଥଳେ ଆମ୍ଭେମାନେ ଚୈତନ୍ୟଙ୍କର ବିଗ୍ରହ ଗଠନ କରି କିମ୍ବା ପରମହଂସଙ୍କ ତୈଳ-ଚିତ୍ରକୁ ଫୁଲ ଚନ୍ଦନ ଦେଇ ସେମାନଙ୍କ ଏକାନ୍ତ ଆରାଧ୍ୟ ଭଗବାନଙ୍କର ପୂଜାକୁ ବାଦ ଦେଲେ, ସେମାନଙ୍କର ଆତ୍ମା କି ସନ୍ତୁଷ୍ଟ ହୋଇ ପାରିବ ? କଦାପି ନୁହେଁ । ମହାପୁରୁଷମାନଙ୍କ ଆଦର୍ଶଙ୍କୁ ଅନୁସରଣ କରିବାହିଁ ସେମାନଙ୍କର ପ୍ରକୃତ ପୂଜା ; ସେମାନଙ୍କୁ ଭଗବାନଙ୍କ ସ୍ଥାନରେ ବସାଇ ପୂଜା କରିବା ଗୋଟିଏ ଭ୍ରମ । ଭଗବଦ୍ ଗୀତାରେ ଅନେକ ସ୍ଥାନରେ ଶ୍ରୀକୃଷ୍ଣ ପ୍ରଥମ ପୁରୁଷ ଏକ ବଚନ ବ୍ୟବହାର କରିଅଛନ୍ତି ବୋଲି ତାଙ୍କୁ ସ୍ୱୟଂ



Digitized by srujanika@gmail.com

ଭଗବାନ ବୋଲି ଯେଉଁମାନେ ଠିକ କରନ୍ତି ସେମାନଙ୍କୁ ଜାଣିବାକୁ ହେବ ଯେ ସେହି ଗ୍ରନ୍ଥର ଅନ୍ଥର ଅନେକ ସ୍ଥାନରେ ସେହି ଶ୍ରୀକୃଷ୍ଣ ତୃଣସ୍ପୃ ପୁରୁଷ ମଧ୍ୟ ବ୍ୟବହାର କରଅଛନ୍ତି । ଶ୍ରୀ ଚୈତନ୍ୟ ସବୁବେଳେ ଭକ୍ତିରସାପ୍ଲୁତ ହୋଇ ଯେଉଁ ବିମଳ ଭକ୍ତି ପ୍ରସ୍ରବଣ ଦେଶରେ ବୁହାଇ ଥିଲେ, ତାଙ୍କୁ ଭଗବଦ୍ ଭକ୍ତ ନ କହି ସ୍ୱୟଂ ଭଗବାନ କହିଲେ କି ତାଙ୍କ ମନରେ କଷ୍ଟ ହେବ ନାହିଁ ? ରାମକୃଷ୍ଣ ପରମହଂସଙ୍କୁ ତାଙ୍କର ଅନୁଚରମାନେ ସ୍ୱୟଂ ଭଗବାନ ବୋଲି ପୂଜା କରନ୍ତି, ମାତ୍ର ଏପରି ପୂଜା ବିଧିଯୁକ୍ତ ନୁହେଁ, ତଦ୍ ବିଷୟରେ ରାମକୃଷ୍ଣ ଜୀବନୀ ରଚୟିତା ଫରାସୀ ଲେଖକ Romain Rolland ଯାହା ଲେଖିଛନ୍ତି ତାହା ପ୍ରତ୍ୟେକ ଚନ୍ତାଶୀଳ ବ୍ୟକ୍ତିଙ୍କର ପ୍ରଣିଧାନ ଯୋଗ୍ୟ, "Ramakrishna lies very near to my heart, beaouse, I see in him a man and not an 'Incarnation' as he appears to his disciples. In accordance with the vedantists I need not enclose god within the bounds of a privileged man in order to admit that the Divine dwells within the soul aud that the soul dwells in every thing—that atman is Brahman+++ The very greatest of men is only a clearer reflection of the sun which gleams in each drop of dew."

ଅନ୍ତର୍ଯ୍ୟାମୀ ପୁରୁଷ ମାନବ ହୃଦୟରେ ସର୍ବଦା ସ୍ଥିତ । ତାହାର ଅଭିବ୍ୟକ୍ତିର ମାତ୍ରା ମାନବର ସଂସ୍କାର ଅନୁସାରେ ହୋଇଥାଏ । କ୍ଷେତ୍ରର ତାରତମ୍ୟ ଅନୁସାରେ କ୍ଷେତ୍ରଜ୍ଞର ବିକାଶ । Shelley କହିଛନ୍ତି—

> Life like a dome of many—coloured glass
> Stains the white radiance of eternity.

ପ୍ରତ୍ୟେକ ପ୍ରାଣୀଠାରେ ଅବତାରର ଅଂଶ ରହିଅଛି । କାହାଠାରେ ବେଶୀ, କାହାଠାରେ ଅଳ୍ପ । "ଜଗତର ବିପୁଳ ଅଭିବ୍ୟକ୍ତିରେ ପ୍ରଥମ ଅର୍ଥ ଦେଖା ଗଲା ପ୍ରାଣ କଣାରେ, ତା ପରେ ଜନ୍ତୁଠାରେ ତାପରେ ମନୁଷ୍ୟଠାରେ " ମହାପୁରୁଷ ହେବା ନିମନ୍ତେ ପ୍ରତ୍ୟେକ ମନୁଷ୍ୟର ଅଧିକାର ରହିଅଛି, ସୋଽହମ ହିଁ ତାହାର ଚରମ ଲକ୍ଷ୍ୟ । ଏହି ସ୍ଥଳରେ ପହଞ୍ଚିବା ପାଇଁ ଅବହମାନ କାଳରୁ ମାନବର ଯାତ୍ରା ଲାଗି ଅଛି ।

ଏହା ତାହାର ପ୍ରେମ ଓ ଭକ୍ତିର ପରିଚୟ ପ୍ରଦାନ କରେ । ମାତ୍ର ଭକ୍ତି ସଙ୍ଗେ ଜ୍ଞାନ ବ୍ୟବହୃତ ହେଲେ ଅବତାର ଓ ଭଗବାନଙ୍କ ମଧ୍ୟରେ ଥିବା ପ୍ରଭେଦ ଜଣାଯାଏ । ପୁଣି ଅବତାର ପୁରୁଷ ଓ ସାଧାରଣ ମନୁଷ୍ୟର ପ୍ରକୃତ ସମ୍ବନ୍ଧ ସ୍ୱୀକୃତ ହୁଏ । ଅବତାର ପୁରୁଷଙ୍କୁ ଦେବତା ଉପାଧିରେ ଭୂଷିତ କରି ମନୁଷ୍ୟ ସମାଜଠାରୁ ଦୂରରେ ରଖିବା ଦ୍ୱାରା ସମାଜର କଲ୍ୟାଣ ସାଧିତ ହୁଏ ନାହିଁ ।

# ଏମିତି ବି ଦିନ ଆସେ

**ଶ୍ରୀ ମହେଶ୍ୱର ନାୟକ**

ଅଭିମାନ ? କା ଉପରେ ? ଅରୁଣ ତାର କିଏ, ଏ ପ୍ରଶ୍ନ ଉଠିବାର ଅବକାଶ ରେଣୁ ମନରେ ଘଟି ନାହିଁ । ଅରୁଣଟି ସେ ଦେଖି ଆସିଛି ତରୁଣର ଆଦର୍ଶ —ଏହି ଅଧିକାରରେ ଯେତେବେଳେ ସେ ଅବିଷ୍କାର କରେ ଲଳିତା ସଙ୍ଗେ ତାର ବିବାହ ବ୍ୟବସ୍ଥା, ସ୍ପୃହା ନାରୀ ତାର ବୈଶାଖୀ ଝଟିକାର ଆନ୍ଦୋଳନ ପରି ଅଶାନ୍ତ ହୋଇ ଉଠିଲା । ତଳକଥା ଭିତରେ ମୁହଁ ଲୁଚାଇ କଥାଟାର ସତ୍ୟତା ଅପ୍ରମାଣିତ କରିବାର ପ୍ରୟାସ ମଧ୍ୟ ସେ କଲା । କିନ୍ତୁ ଦେଖିଲା ଲୁବ୍ଧ-ତରଙ୍ଗର ଘାତ ପ୍ରତିଘାତ ଅନ୍ଥର ଜୀବ୍ର ।

ଲଳିତା ? କ'ଣ ଅଛି ଲଳିତାର ? ଆଖି ଦୁଇଟିରେ ମଦିରା ଛଳ ଛଳ ଏଇ ତ ତାର ସର୍ବସ୍ୱ । କିନ୍ତୁ କ୍ଷୀଣ ତନୁଲତା ଯେ ଅରୁଣର ପୁଷ୍ଟ ଅଙ୍ଗରେ ଶାଙ୍କୁଳୀ ହେବ ମାତ୍ର—ବୁଝିଙ୍କର ସଂଯୋଗ ମୈକଲଟି ହେବାର ତ ଦୂରର କଥା । ହୋଇପାରେ ଲଳିତାର ସୌଭାଗ୍ୟ; କିନ୍ତୁ ଅରୁଣର ? ପିତାମାତା ତାର ଅନ୍ଧ ହୁଅନ୍ତୁ, ଅରୁଣର ତ ବିବେଚନା ଶକ୍ତି ଅଛି । ସବୁଠି ପ୍ରିୟ ଅରୁଣ କେଉଁ ତରୁଣୀର କାମ୍ୟ ନୁହେଁ ? କିନ୍ତୁ କ'ଣ ସେ କଲା ? ଆଉ ରେଣୁ ? ରୂପସୀ ବୋଲି ତ ତାର ଅପ୍ରତିହତ ଖ୍ୟାତି । ସେ ସେ ହାତ ଦେଇ ତାଙ୍କୁ ସୁନ୍ଦର କରି ଗଢିଧାରିବାର ଜଳ୍ପ କଣ୍ଠ କଲା ଏକା ରେଣୁର ବୋଲି ଅରୁଣ ତ କେତେଥର କହିଛି । ଅରୁଣ ରେଣୁ ବେଶ ଖାପ ଖାଏ । କିନ୍ତୁ ଏ କ'ଣ ଭାବୁଛି ସେ! ହୋଇପାରେ ସେ ଭୁଲ, ଶୁଣିଛି । ଲଳିତା—ଅରୁଣ ?—ନା—

ରାତି ଗୋଟା କଟି ଗଲା ତାର ଖାଲି ଛଟପଟ ହୋଇ । ଅବୋଧ ମନ ତାର ମୋଟେ ମାନିବାକୁ ରାଜି ହେଲା ନାହିଁ । ଏଥିରେ



Digitized by srujanika@gmail.com

ତାର ଯାଇ କେତେ ? ସେ ତେବେ ଅରୁଣକୁହିଁ ଚାହେଁ—ଏ ଯଥାର୍ଥ ନା. ଲତିକା ପ୍ରତି ତାର ଏ ଅନୁଚିତ ଈର୍ଷା ! ନା ଲତିକା ତାର ଈର୍ଷାର ସୁଦ୍ଧା ଅନୁପଯୁକ୍ତ । ଈର୍ଷା ! କାହିଁକି ! ଅରୁଣକୁ ଜୀବନ-ସାର୍ଥୀ ରୂପେ ପାଇବାର ଗୋପନତମ ଆଶା ସେ ତ ଦିନେ ପୋଷଣ କରି ନାହିଁ । ବରଂ ସେ ତାକୁ ଦେଖି ଆସୁଛି ନିକଟତମ ଆତ୍ମୀୟ ରୂପେ । ଅନ୍ୟରୂପେ ନୁହେଁ । ତେବେ ଆଜି କାହିଁକି ଏ ବିଡ଼ମ୍ବନା? ନିଶ୍ଚୟ ଈର୍ଷା, ଅରୁଣକୁ ସେ ଆନ୍ତରିକ ଚାହେଁ । ତା ଉପରେ ଅନ୍ୟର ଦାବୀ କେବଳ ଅଘଟଣ ନୁହେଁ, ଅନଧିକାର । କିନ୍ତୁ ଅରୁଣ କି ତାକୁ ଚାହେଁ ? ନିଶ୍ଚୟ । ତାଙ୍କ ଘରକୁ ଆସିଲା-ମାତ୍ରେ ଆଗେ ରେଣୁକୁ ଖୋଜିବା; ଟୀକା କରି ରତିବିଳାପ ପଢ଼ି ଶୁଣାଇବା; ସାମାନ୍ୟ ମୁଣ୍ଡ—ବିଥାରେ ରେଣୁର ଶୁଶ୍ରୂଷା ଲୋଡ଼ିବା; ଏ ସବୁ କ'ଣ ଅନ୍ତ ଅନୁରକ୍ତିର ଲକ୍ଷଣ ? ଯଦି ତାହା ଭାଇ ଭଉଣୀର ଆଦାନ ପ୍ରଦାନ ? ଯଦି ସେ ଲତିକାକୁ ଜୀବନ-ସଙ୍ଗିନୀରୂପେ ପାଇବାକୁ ବାସ୍ତବିକ ଆନ୍ତରିକ କାମନା କରିଥାଏ !

ସେ ଆଉ ଭାବି ପାରିଲା ନାହିଁ । ମନ-ପ୍ରାଣ ସହିତ ସର୍ବାଙ୍ଗ ତାର ଅବଶ ହୋଇ ପଡ଼ିଲା । ଶୀତସ୍ପର୍ଶ ପାହାନ୍ତିଆ ବାୟୁ ମାତ୍ର ତ ଆଖିରେ ନିଦ୍ରାର ଅବଲେପ ଦେଇ ତା ହୃଦୟ ଭିତରର ଆନ୍ଦୋଳନକୁ ଟିକିଏ ଶାନ୍ତ କଲା ।

ସକାଳୁ ସେ ଶଯ୍ୟା ତ୍ୟାଗ କଲା ସେଇ ଭାବନାକୁ ସମ୍ବଳ କରି । କିନ୍ତୁ ଆଜି ସେ କାଲି ପରି ବିଚଳିତ ନୁହେ । ସେ ଉଠିଛି ହୃଦୟରେ ଦମ୍ଭ ସଞ୍ଚୟ କରି । ଏ ବିବାହ ସେ କରାଇ ଦେବ ନାହିଁ । ଅରୁଣର ଏ ବିପତ୍ତି ! ତାକୁ ସେ ରକ୍ଷା କରିବ ଯିମିତି ହେଉ, ଏପରିକି ଲୋକ ଲଜ୍ଜାର ବନ୍ଧ ଭାଙ୍ଗି । କିନ୍ତୁ ଅରୁଣ ଯଦି ଏ ବିବାହରେ ସୁଖୀ ହୁଏ ? ଏତେ ବଡ଼ ପ୍ରମାଦ, ଏଡ଼େ ଅପୂରଣୀୟ ଅନ୍ୟାୟ ସେ କରିବାକୁ ଯିବ । ଅରୁଣର ସୁଖ ଯେ ସେ ଚାହେଁ—ସେଥିରେ ସେଇ ପୁଣି ପ୍ରତିବନ୍ଧକ ହେବ ? ନା, ଲତିକା ସଙ୍ଗେ ଅରୁଣ ସୁଖୀ ହୋଇ ପାରେ ନା, ଅସମ୍ଭବ । ସେ ନିଜେ ସବୁପ୍ରକାର କ୍ଷତି ସହିବାକୁ ପ୍ରସ୍ତୁତ । ଯଦି ଅରୁଣକୁ ସେ ମୁକ୍ତ କରିପାରେ । ଆଶାର ଏଇ ଉତ୍ତେଜନାମୟୀ ସୂଚନା ଆଗନ୍ତୁ ତାକୁ ବିଜୟିନୀର ଆସନ ପାତି ଦେଲା ।

ଏ ବିବାହ ଘଟାଇ ନ ଦେବାରେ ରେଣୁର ପ୍ରୟାସ କେତେ କେହି ଜାଣେନା; ହୁଏତ ଅରୁଣର ଅଛପା ନ ଥିବ । ତଥାପି ବିବାହ ଅରୁଣର ହେଲା, ଆଉ ହେଲା ସେଇ ଲତିକା ସଙ୍ଗରେ । ବିବାହର ଶେଷ ମଙ୍ଗଳ କର୍ମ ଅବଧି ପାଷାଣକରି ଛାତି ତଳେ ପ୍ରାଣର ଶତକମ୍ପନକୁ ଜବରଦସ୍ତି ଚାପି ରେଣୁ ଯାହାଲାଗି ହସ କୌତୁକର ବାସ୍ତବ ଅଭିନୟ କରିଗଲା ତା'ରି ଠାରେହିଁ ସେ ଦେଖିବାକୁ ପାଇଲା ଗୋଟାଏ ଅନିଶ୍ଚିତର ଛାୟା. ଆଶ୍ଚର୍ଯ୍ୟ ! ତେବେ କ'ଣ ଅରୁଣ ତାର ଗୋପ୍ୟ ବସ୍ତୁର ସନ୍ଧାନ ପାଇଛି ? !

* * * *

ଅରୁଣ ଅଗାଧ ଯତ୍ନ କରିଛି; ନିଜଠାରୁ ଯୋଗ୍ୟତର ପାତ୍ର ଅନୁସନ୍ଧାନ କରି ଆଣିଛି । କିନ୍ତୁ ରେଣୁର ଜିଦ୍ ଟଳିଲା ନାହିଁ । ଭଙ୍ଗା ଖପରା ଗୋଟାଇ ନୂତନ ମାଠିଆ ଗଢ଼ିବାର ଦୁଃସାହସିକତାରେ ଆତଙ୍କିତ ହେବା ଛଡ଼ା ଆଉ ସେ କିଛି ଜାଣି ନାହିଁ । ଅରୁଣ ବ୍ୟତୀତ ଅନ୍ୟ କେହି ତାର ରମଣୀ କାମନାକୁ ସମ୍ମାନିତ କରି ପାରିବ, ଏଟା ଯେପରି ବୋଧର ଅତୀତ । ସେବାଶ୍ରମର ସହକାରିଣୀରୂପେ ଯେଉଁ ଦୁଇ ବର୍ଷ ଯାଏ ଭିତରେ ତାର କଟିଗଲା ତା ମଧ୍ୟରେ କାର୍ଯ୍ୟବ୍ୟସ୍ତ ସମୟତକ ବାଦ ଦେଲେ ବାକି ଯେଉଁ ଅବସରମାନ ତାକୁ ମିଳିଛି ସେ ସବୁ ସେ କଟାଇଛି ଅନ୍ତରର ଅନଲୋଦ୍ଗାର ପଥକୁ କେବଳ ବୁଜିବାରେ । ନିଜର ଅତର୍କିତ ମୁହୂର୍ତ୍ତରେ କେତେବେଳେ ଲତିକାର ମୃତ୍ୟୁକାମନା ଜାଗି ଉଠିଲେ, ସେ ପ୍ରାୟଶ୍ଚିତ୍ତ କରିଛି ଆପଣାକୁ ଧିକ୍କାର ଦେଇ । ଅଥଚ ଅଭିମାନ ସେ କରି ନାହିଁ, ଯଦି କରିଥାଏ ଖାଲି ନିଜ ଉପରେ, ଆପଣାର ଅସମର୍ଥତା ଉପରେ, ତାର ଶ୍ରେଷ୍ଠ କାମ୍ୟକୁ ନିଜର କରି ନେବାକୁ ଏତେ ବିଳମ୍ବ କଲା ବୋଲି । ବିଳମ୍ବ ! ନିଶ୍ଚୟ ! ସେ ତାର ଅସୀମ ପ୍ରୀତି ନିବେଦନ କରିବାକୁ ଅଭିସାରିଣୀ ସାଜି ଅରୁଣର ଶୟନକକ୍ଷ ପର୍ଯ୍ୟନ୍ତ ପ୍ରବେଶ କରିବାକୁ ଛାଡ଼ି ନାହିଁ. କିନ୍ତୁ କେତେବେଳେ ? ଲେଡ଼ି ଗୁଡ଼ି କହୁଣୀକି ବୋହିଯିବା ପରେ । ଆପଣା ଉଚ୍ଚ ସମ୍ମାନ-ବୋଧ ଉପରେ ରେଖାପାତ କରିବାର ଅବକାଶ ନ ଦେଇ ଅରୁଣ ରେଣୁକୁ ଫେରାଇ ଦେଇଛି ଅମାନିଆ ଶିଶୁ ଭଉଣୀ ପ୍ରତି ବଡ଼ଭାଇର ଆଦର ଢାଳି । ଦେବତା ସେ; ମାଟି ଧୂଳିର କାମନା ଘେନି ତାର ପବିତ୍ରତା ଉପରେ ଦାଗ ଲଗାଇବାକୁ ରେଣୁ କିଏ ସେ ? ଏଇ ତାର ଭୁଲ । କିନ୍ତୁ ଅରୁଣ ତାକୁ ଘୃଣା କରେ ନାହିଁ ତ ? କାହିଁ, ତାଚ୍ଛଲ୍ୟ ବା ବିଦ୍ରୂପର ଆଭାସ ତ ଅରୁଣର ଆଖି ମୁହଁରେ କେବେ ସେ ଦେଖି ନାହିଁ । ଏମିତିକି ସେଇ ଜନହୀନ ରାତ୍ରିର ଲଜ୍ଜାକର ସଂଘଟନରେ ବି ତାକୁ ସେ ଦେଖିଛି ସ୍ୱଚ୍ଛ, ପ୍ରଶାନ୍ତ, ନିଷ୍କପଟ । ନା, ସେ ଘୃଣା କରି ପାରେ ନା, ତା ହେଲେ ଯେ ରେଣୁ ବହୁଦିନୁ ମରି ଥାନ୍ତା । ଅରୁଣର ଅନୁରାଗ ତାର ଅନ୍ତର ଚାହେଁ । ଆଉ ଏହି ଅନୁରାଗର ସନ୍ଧାନ ନ ନେଇ ସେ ମରି ସୁଦ୍ଧା ପାରିବ ନାହିଁ ।

* * * *

ଦୁଇଦିନ ଗୋଟିଏ ରାତ୍ରିର ମରଣାନ୍ତ ବେଦନା ପରେ ସନ୍ଧ୍ୟା ପୂର୍ବରୁ ପୁତ୍ରଟିଏ ଭୂମିଷ୍ଠ କରି ଲତିକା ସଂଜ୍ଞାହୀନ ହୋଇ ପଡ଼ିଲା । ଏହି ସଙ୍କଟକ୍ଷଣରେ ଲତିକାକୁ ଛାଡ଼ି ଦଶ ମିନିଟ୍ ସୁଦ୍ଧା ଅନ୍ତର ହୋଇ ରହିବାର ରେଣୁକୁ କେହି ଦେଖି ନାହିଁ । ଈର୍ଷ୍ୟାର ତାଡ଼ନାରେ ଅନିଚ୍ଛା ସତ୍ତ୍ୱେ ଲତିକାର ଅମଙ୍ଗଳ ହୁଏତ ସେ ଚାହିଁଛି, କିନ୍ତୁ କୃପା ଛଡ଼ା ଅନ୍ୟ କିଛି ତା ଅନ୍ତରକୁ ଛୁଇଁ ନାହିଁ । ତାକୁ ସେ କୃପା କରିଛି; କାରଣ ସେ ଜାଣେ ଅରୁଣକୁ ତାଠୁଁ ଛଡ଼ାଇ ନେବାଟା ଲତିକାର ଅନ୍ୟାୟ. ତାର ଅତି ସୁକୁମାର ଅଙ୍ଗରେ ଏଟା ଯିବ ନାହିଁ । ଲତିକା ଦେଇ ସେ ଯେ ଅରୁଣର କାର୍ଯ୍ୟରେ ଲାଗି ପାରିଛି । ଆଶ୍ରମ ଛାଡ଼ି ଏଇ କେତେ ଦିନ ଏଠି



Digitized by srujanika@gmail.com

କଟାଇବାରେ ତାର ମସ୍ତବଡ଼ ଲାଭ ଏଇ । ଡାକ୍ତର, ଧାତ୍ରୀ ଏମାନେ ରୋଗିଣୀ ପ୍ରସୂତିର ପରିଚର୍ଯ୍ୟାରେ ଲାଗନ୍ତୁ; କିନ୍ତୁ ଶିଶୁଟି ଉପରେ ଅଧିକାର ଏକା ତାର । ଅରୁଣର ରକ୍ତରେ ଅରୁଣର ଛାପ ଘେନି ଯେ ଏ ଲକ୍ଷ୍ମଣୀ ପିଲାଟାର ସୃଷ୍ଟି ତାକୁ ଆଉ କାହାର ହାତକୁ ଟେକି ସେ ଦେଇପାରେ ନା । ମାତାର ଗୌରବରେ ସେ ସମସ୍ତ କାତରସ୍ବର ସାରା ନିଦ୍ରିତ ଶିଶୁକୁ ଆପଣା କୋଳରୁ ଓହ୍ଲାଇ ଶୁଆଇ ଦେବାକୁ ଯାଉଛି, ଲତିକାର ସଜ୍ଞା ଫେରିଲା । ନାଃଶ୍ୱାସଲର କୌତୂହଳରେ କ'ଣ ସେ ଖୋଜିବାର ଦେଖି ରେଣୁ ଠିକଏ ଗର୍ବିତା ଭଳି ଶିଶୁକୁ ତା ଆଖି ଆଗକୁ ନେଇ ଧରିବାରେ କ୍ଳାନ୍ତ ଅବସନ୍ନ ମୁଖରେ ଲତିକାର କ୍ଷୀଣ ହସ ଫୁଟି ଉଠିଲା । 'ମୁଁ ଶୁଏଁ, ଭଉଣୀ' କହି ସେ ପୁଣି ଚକ୍ଷୁ ମୁଦ୍ରିତ କଲା ।

ଟାଉନରୁ ବଡ଼ ଡାକ୍ତର ଆସି ଔଷଧ ବ୍ୟବସ୍ଥା କରି ଦେବା ବେଳେ ସେଠି ଠିଆ ହୋଇ ରହିବାର ସାହସ ଅରୁଣର ନ ଥିଲା । 'ଅବସ୍ଥା ସାଂଘାତିକ' କାଲେ ଏହି କଥା ଡାକ୍ତର କହିବେ ଏହି ଭୟରେ ସେ ବାଡ଼ପଟ ବଗିଚା ଭିତରେ ଲୁଚି ଆସନ୍ନ ବିପଦର ହାତରେ ଆତ୍ମଗୋପନ କରିବାର ପ୍ରବଞ୍ଚନା ମାତ୍ର କରୁଥିଲା ।

ବଡ଼ ଡାକ୍ତରଙ୍କ ଅଭୟ ବାଣୀରେ ସବୁଠାରୁ ବେଶୀ ଆଶ୍ୱାସନା ପାଇଲା ରେଣୁ । ସେ ଯେ ଆଶଙ୍କା କରୁଥିଲା ନିଜର ଅତର୍କିତ ଅବସ୍ଥାରେ ଲତିକାର ଯେଉଁ ଅମଙ୍ଗଳ ସେ କେବେ କେବେ ଚିନ୍ତୁଛି, ଦୁର୍ଦ୍ଦୈବ ହୁଏତ ସେଇ କଥା ଶୁଣିଛି । ଅର୍ଥାତ୍ ଆବେଗରେ ତାର ସେଇ ଘର କୋଣ ଭିତରେ ଯେପରି ଶ୍ୱାସ ରୁଦ୍ଧ ହୋଇ ପଡ଼ୁଥିଲା, ତାକୁ ଟିକଏ ମୁକ୍ତ ଦେବା ପାଇଁ ସେ ଧାଇଁଲା ବଗିଚା ଭିତରକୁ ।

ଖଣ୍ଡେ ଦୂର ଭିତରକୁ ଯାଇ ନାହିଁ, ପଛରୁ କାହାର ହାତ ସ୍ପର୍ଶ ସେ ଅନୁଭବ କଲା । ଘୋର ପଡ଼ି ଅନ୍ଧକାରରେ ସୁଦ୍ଧା ଅରୁଣର ମୁଖରେ ସେ ନିଃସହାୟତା ଦେଖି ପାରିଲା । ମୁହୂର୍ତ୍ତକ କେହି କିଛି କହି ପାରିଲେ ନାହିଁ । ଅରୁଣର ଭୟ ଲତିକାର ବୋଧହୁଏ ଏଇ ଶେଷ । ଆଉ ରେଣୁ ? ସେ ଯାହାକୁ ନିକଟରେ ପାଇଲେ ପ୍ରଲୋଭନର ସୀମା ଅତିକ୍ରମ କରି ଯାଇ ପାରେ ବୋଲି ଆଶଙ୍କା କରି ତାଠାରୁ ଦୂରରେ ଦୂରରେ ନିଜକୁ ରଖୁଥିଲା ସେହି ଆଜି ଅପ୍ରତ୍ୟାଶିତ ଭାବରେ ଏଇ ଗଛଲତାର ଗହଳ ଅନ୍ଧକାରରେ ତାକୁ ସ୍ପର୍ଶ ସୁଖ ଦିଏ । ଅରୁଣକୁ ହିଁ ନୀରବତା ଭାଙ୍ଗିବାକୁ ହେଲା । "କ'ଣ କହିଲେ ଡାକ୍ତର ? ଆଶା ଅଛି ?" ରେଣୁର ଚମକ ଭାଙ୍ଗିଲା, ତାର ମନେ ହେଲା ଏ ଭାଷା ଯେପରି ଅରୁଣର ନୁହେଁ, ଗୋଟାଏ ଅର୍ଦ୍ଧମୃତ ପିଣ୍ଡର । ଅବଲା ହେଲେ ସୁଦ୍ଧା ଆବଶ୍ୟକ ବେଳେ ନିଜକୁ ସବଳ କରିବାର ଶକ୍ତି ଅରୁଣଠାରୁ ରେଣୁର ଢେର ବେଶୀ ସେ ଜାଣେ । ଅରୁଣକୁ ଏପରି ଭୀତବିହ୍ୱଳ ଦେଖି ସେ ଟିକଏ ବିବ୍ରତ ହୋଇଥିଲା ସତ, କିନ୍ତୁ ସମ୍ଭାଳି ନେବାକୁ ବେଶୀ ଡେରି ହେଲା ନାହିଁ । ଯେତେଦୂର ପାରେ କଣ୍ଠରେ ଆଶ୍ୱାସନା ଭରି କହିଲା, "ତୁମେ ଏମିତି ପିଲା ହେଲେ ଚଳିବ ?"

ଅଧିକ ଅଧୀର ହୋଇ ଅରୁଣ କହିଲା, "ରେଣୁ, ତୁମେ ମୋର କ'ଣ ନ କରିଛ ? ଲତିକାକୁ ଫେରାଇ ଆଣି ପାରିବ ଏକା ତୁମେ; କୁହ ପାରିବ ।"

ରେଣୁର ହସିବାକୁ ଇଚ୍ଛା ହେଲା । ତଥାପି ସେ ଭାବ ଦମନ କରି କହିଲା, "ତୁମଙ୍କୁ ସେ ଚିନ୍ତା କରିବାକୁ ହେବ ନାହିଁ । ଲତିକାର ବଞ୍ଚିବା ଶକ୍ତି ଢେର ।"

"କୁହ ରେଣୁ, ତୁମର ରାଗ ଅଭିମାନ ନାହିଁ, ତୁମେ ତାକୁ ବଞ୍ଚାଇବ; ପରିହାସ କରୁ ନାହଁ, କୁହ ।"

ରେଣୁ ହଠାତ୍ ଗମ୍ଭୀର ହୋଇ ଉଠିଲା । ଶେଷ କଥାଟି ଯେପରି ତାକୁ ଆଘାତ କଲା । ଦୀନ ପରି ସେ ଉତ୍ତର ଦେଲା, "ଏଇ ସଙ୍କଟ କାଳରେ ମୁଁ ପରିହାସ କରିବି; ଏତେ ଦିନେ ସୁଦ୍ଧା ମୋତେ ଏଇ ବୁଝିଲ ତୁମେ—?" ଦଣ୍ଡେ କାଳ ନୀରବ । ପୁଣି ସେ ଆରମ୍ଭ କଲା, "ତୁମେ ତ ପୁଅକୁ ଦେଖିନ, ଆସ ଦେଖିବ ।"

କଣ୍ଠସ୍ୱରର ପରିବର୍ତ୍ତନରେ ସୁଦ୍ଧା ଅରୁଣ ବୁଝିଲା ରେଣୁକୁ ସେ ବ୍ୟଥା ଦେଇଛି । ପ୍ରତିବିଧାନ ପାଇଁ ସେ ଭାଷା ଖୋଜି ପାଇଲା ନାହିଁ । ରେଣୁର ସୁଗୋଲ ହାତ ଦୁଇଟିକୁ ନିଜ ବକ୍ଷ ଭିତରେ ଚାପି ନିତାନ୍ତ ଗଦ୍ ଗଦ ସ୍ୱରରେ କହିଲା, "ରେଣୁ, ତୁମଙ୍କୁ ମୁଁ ଖାଲି ବ୍ୟଥା ଦେଇଛି । କ୍ଷମା କର ନ କର, ଆଜି ଗୋଟାଏ କଥା ମୋର ଶୁଣ ।"

ଏତିକ କଥାରେ ଅରୁଣର ସମସ୍ତ ଅଶ୍ଳେଷ ରେଣୁ ଯେପରି ଅନୁଭବ କଲା । ସଙ୍ଗେ ସଙ୍ଗେ ତା ହୃଦୟରେ ବ୍ୟର୍ଥ ଅଭିସାର ରାତ୍ରିର ସମସ୍ତ ବେଦନା ଧପ୍ କରି ଜଳି ଉଠିଲା । କାନ୍ଦି ସେ ପାରିଲା ନାହିଁ, କିନ୍ତୁ ମୁଖ ସାରା ତାର ପାଣ୍ଡୁରିମା ଖେଳି ଯାଇଛି ବୋଲି ତାର ସ୍ୱତଃ ବୋଧ ହେଲା । ସେତେବେଳକୁ ଶିର ତାର ଅରୁଣର କାନ୍ଧ ଉପରକୁ ଆଉଜି ପଡ଼ିଛି ।

ଦୁହିଁଙ୍କର ବକ୍ଷ ସ୍ପନ୍ଦନ ଦୁହେଁ ଅନୁଭବ କଲେ । ଗଳିତ ତୁଷାର ପରି ଦୁହିଁଙ୍କ ଆଖିରୁ ଝର ଝର ଅଶ୍ରୁ ବୋହିଗଲା । ଗଭୀର ଉଚ୍ଛ୍ୱାସରେ ଅରୁଣ ରେଣୁର ଅଶ୍ରୁଭରା ଗାଲ ଉପରେ ଗୋଟାଏ ଦୀର୍ଘ ଚୁମ୍ବନ ଆଙ୍କି ଦେଲା ।

ଅରୁଣର ବାକି କଥା ଅକୁହା ରହି ସୁଦ୍ଧା ବେଶୀ ବାଙ୍ମୟ ହୋଇଛି ବୋଲି ରେଣୁର ମନେ ହେଲା ।

ଉଚ୍ଛ୍ୱାସର ମାତ୍ରାରେ ରେଣୁହିଁ ପ୍ରଥମେ ସଜ୍ଞ ହୋଇ ଆପଣାକୁ ମୁକ୍ତ କରି ନେଲା । ଅରୁଣର ମର୍ଯ୍ୟାଦା ସର୍ବାଗ୍ରେ ସେ ଚାହେଁ ।

ରାତି ସାରା ଗାଲରେ ତାର ଚୁମ୍ବନର ଉଷ୍ଣତା । ଏତେ ଦିନେ ବୁଝିଲା ସେ ପୁରୁଷର ହୃଦୟ ପାଷାଣର ନୁହେଁ । ସେ ଯେପରି ଇପ୍ସିତର ସନ୍ଧାନ ପାଇଲା ।

ପରଦିନ ସକାଳେ କିନ୍ତୁ ରେଣୁର କୌଣସି ସନ୍ଧାନ ମିଳିଲା ନାହିଁ—ଆଶ୍ରମରେ ସୁଦ୍ଧା ନୁହେଁ ।



Digitized by srujanika@gmail.com

# ବିଲ୍ୱଦଳ

ଶ୍ରୀ କ୍ଷୀରୋଦ ଚନ୍ଦ୍ର ପାଳ

( ସାମାଜିକ ଏବଂ ପୌରାଣିକ ବିଷୟବସ୍ତୁ ଭିତ୍ତି କରି ଚୈତ୍ରପର୍ବ ନୃତ୍ୟର ଅନୁଷ୍ଠାନମାନ ଯୋଜନା କରାଯାଇଥାଏ । ବିଲ୍ୱଦଳ ନୃତ୍ୟଟି ନିମ୍ନ ଉପାଖ୍ୟାନ ଉପରେ ପର୍ଯ୍ୟବସିତ )

କ୍ଷୀରୋଦ ସାଗରେ ଦିନେ କମଳା-ଶ୍ରୀପତି
ଅନନ୍ତ ଶଯ୍ୟନେ ଲଭୁଥିଲେ ସୁପ୍ତିପତି ।
ଗମ୍ଭୀର ନିଶୀଥ ମଧ୍ୟେ ପ୍ରଭୁ ଜଗନ୍ନାଥ
ସୁଷୁପ୍ତିରୁ ଜାଗରିତ ହେଲେ ଅକସ୍ମାତ ।
ପଦ୍ମାଳୟା ପ୍ରଶ୍ନେ ହରି ହୋଇ ପରସନ୍ନ
ଭାଷିଲେ, "ଶୁଣ ଗୋ ଲକ୍ଷ୍ମୀ କମଳ ଆସନ,
ସ୍ୱପନରେ କଲି ମୁହିଁ ଅଦ୍ଭୁତ ଦର୍ଶନ
କୋଟିଚନ୍ଦ୍ରଜିତପ୍ରଭ ଭୁଜଙ୍ଗଭୂଷଣ
ତ୍ରିଶୂଳ ଡମ୍ବରୁଧର ଶମ୍ଭୁ ତ୍ରିଲୋଚନ
ଆନନ୍ଦେ ବିହ୍ୱଳ ହୋଇ କରନ୍ତି ନର୍ତ୍ତନ
ରୋମାଞ୍ଚିତ ହେଲା ମୋର ସାରା ଅପଘନ
ଅଣଆୟତ୍ତରେ ହେଲା ଉଦ୍‌ବେଳିତ ମନ ।
ବଳୁଛି ମାନସ ସଖି ଶିବ ଦରଶନେ
ଆସ ସଖି ଚାଲିବା ଗୋ କୈଳାସ ଭୁବନେ ।"

* * *

ଯାଉଁ ଯାଉଁ ପଥମଧ୍ୟେ ଦେଖିଲେ ଚକିତେ
ଆସୁଛନ୍ତି ହର-ଗୌରୀ ପୁଲକିତଚିତ୍ତେ ।
ହରି ହର ଗୌରୀ-ଲକ୍ଷ୍ମୀ ଅପୂର୍ବ ମିଳନେ
ଆଲିଙ୍ଗିଲେ ପରସ୍ପରେ ପ୍ରୀତି-ପୂତମନେ ।
କ୍ଷଣକରେ ସ୍ମିତ ମୁଖେ ଭାଷିଲେ ଶ୍ରୀହରି,
"ଯାଉଥିଲୁଁ ଦର୍ଶନରେ ଶଙ୍କର ଶଙ୍କରୀ ।
ବହୁ ଭାଗ୍ୟବଳେ ପଥେ ହେଲା ଦରଶନ
କା ତପ ପୂରଣେ ତବ ଏହୁ ଆଗମନ ?"
ଉତ୍ତରିଲେ ଶିବ ହସି "ହେ ଗୋଲକ ପତି,
ଦେଖିଲି ସ୍ୱପନେ ତବ ନବଘନ କାନ୍ତି,
ସେ ଶ୍ୟାମସୁନ୍ଦର ରୂପ, ଶଙ୍ଖ-ଚକ୍ର-ଗଦା-
ପଦ୍ମ, ସଙ୍ଗେ ପଦ୍ମାଳୟା ଶାନ୍ତିଦା ମୁକ୍ତିଦା ।
ସେ ମୁନିମୋହନ ରୂପ ଦରଶନ ଆଶେ
ଯାଉଥିଲୁଁ ମହାନନ୍ଦେ ତୁମରି ସକାଶେ ।"

* * *

"ଗିରିଜା-ଶଙ୍କର ଚାଲ ବଇକୁଣ୍ଠ ଧାମ
ଅରଚନା କରି ହେବୁଁ ହର-ଲକ୍ଷ୍ମୀ ଧନ୍ୟ ।"
ଉତ୍ତରିଲେ ଶିବ, "ଆସ କମଳା କେଶବ
କୈଳାସେ ରଚିବୁଁ ବ୍ରତ ପୂଜାର ଉତ୍ସବ ।"
ଏକାଳେ ମିଳିଲେ ଆସି ଦେବର୍ଷି ନାରଦ
ପଚାରନ୍ତି ହରିହର ପ୍ରେମ ଗଦଗଦ—
"କାହା ସଙ୍ଗେ ଯିବ କିଏ କହ ହେ ନିଷ୍ପତ୍ତି"
ଶୁଣିଣ ନାରଦ ମନେ ଗଣିଲେ ବିପତ୍ତି ।
ବୋଇଲେ, "ହେ ହରିହର, ଛନ୍ତି ଲକ୍ଷ୍ମୀ ଗୌରୀ
ଯୁକ୍ତିଦାନେ ସୁନିପୁଣା କହିବେ ବିଚାରି ।"
ହରିହର କହିଲେ, "ଗୋ ଗିରିଜା କମଳା,
କହ ଫେଡ଼ି କିଏ ଯିବ କା' ଭବନେ ତ୍ୱରା ।"
ପଦ୍ମାଳୟା କହନ୍ତି," ହେ ଦେବଦ୍ୱୟ ଶୁଣ
ଶଙ୍କରୀ ନିର୍ଣ୍ଣୟ କରି କହିବେ ବଚନ ॥"
ହରିହର ଅନୁନୟେ କହନ୍ତି ପାର୍ବତୀ;
"ହରିହର ଏକ ଆତ୍ମା—ପ୍ରଣୟ ପୀରତି
ସମଭାବେ ପୂରି ଅଛି—ଏକଇ ସଂସ୍କୃତି
ଦୁଇ ଘଟେ ପଡ଼ି ଯେବେ ବେନି ପ୍ରତିକୃତି ।
ଏକର ଅର୍ଚ୍ଚନା ହେଲେ ଉଭୟେ ପୂଜିତ
ଜଣଙ୍କର ନିନ୍ଦାବାଦେ ଦୁହେଁ କଳଙ୍କିତ ।
ତେଣୁ ହେ ଅଭେଦାତ୍ମନ ! ଆହେ ହରିହର
ଗିରିଜା କମଳା ଠାରେ ନାହିଁଟି ଅନ୍ତର ।
କହିବି କପଟ କରି ଭେଦ ପ୍ରଦର୍ଶନ
ଆକୁଳ ଅନ୍ତର ମୋର ବ୍ୟଥିତ ଜୀବନ ।"
ଏହା ଶୁଣି ପ୍ରୀତିଭରେ ଯେଝା ପୁରେ ଗଲେ
ଆଲିଙ୍ଗି ଶଙ୍କର ହରି ଲକ୍ଷ୍ମୀ ଗୌରୀ ଭୁଲେ ।

* * *

* * *

ନିବେଦିଲେ ବଇକୁଣ୍ଠ, ଲକ୍ଷ୍ମୀ ନାରାୟଣେ
"କହ ପ୍ରଭୁ ପ୍ରିୟତମ ଭାବ କେଉଁ ଜନେ ?"
ଭାଷିଲେ ଶ୍ରୀପତି "ଶୁଣ ଶୁଣ ସିନ୍ଧୁ ସୁତା
ପ୍ରିୟତମ ଶଙ୍କରହିଁ ମୋ ଭାବନା ଚିନ୍ତା ।"
"ଯେସନେ ଗୁରୁଜନରେ ମାତାହିଁ ପ୍ରଧାନ
ନିଜଠାରୁ ଅତି ପ୍ରିୟେ ଅଟଇ ସନ୍ତାନ ।
ବନ୍ଧୁବର୍ଗେ ମଧ୍ୟେ ଜାୟା ସକଳ ପ୍ରଧାନ
ତେସନ ନାହିଁଟି କେହି ପ୍ରିୟେ ମୋ ସମାନ-
ଥିଲା ମୋ ଧାରଣା ଆଜ ଚୂନା ହେଲା ତାହା
ମୋହଠାରୁ ପ୍ରିୟ ଯେଣୁ ଗିରିବାଳା-ନାହା ।



Digitized by srujanika@gmail.com

ଶିବା ପତିଙ୍କ ପ୍ରିୟ ପୁଣି କେ ଅଛି କି ?
କହିଲେ ଜାଣିବ ପ୍ରୀତି ଅଛି ମୋ ପ୍ରତି କି ।"
ଭାଷିଲେ, "ଶ୍ରୀପତି ଶୁଣ ଶୁଣ ଗୋ କମଳେ,
ଶଙ୍କରହିଁ ପ୍ରିୟତମ ଏ ବିଶ୍ୱ ମଣ୍ଡଳେ ।
ଆପଣା ଶରୀରୁ ପ୍ରିୟ ନାହିଁ କେ ଯେସନ
ନୀଳକଣ୍ଠ ଠଉଁ ପ୍ରିୟ ନାହିଁ କେ ତେସନ ।
ପୁରୁଷେ ପୁରୁଷେ ଯିନା ପ୍ରଣୟ ମିତ୍ରତା
ପୂର୍ବ ଅଛି ଅକୃତ୍ରିମ ଅଭେଦ ମମତା ।
ଦୁଇ ଘଟେ ଏକ ଆତ୍ମା ରହିଛି ଗୋ କାନ୍ତେ,
ଭକ୍ତି ଭାବେ ଶଙ୍କରେ ଯେ ଅର୍ଚ୍ଚଇ ଏକାନ୍ତେ
ସେହି ମୋର ଅତିପ୍ରିୟ ଭକତ ପ୍ରଧାନ
ଶିବ ଦ୍ରୋହୀ ହରି ପ୍ରାଣ ନୁହେ ଭାଗ୍ୟବାନ ।"
ହରି ମୁଖୁଁ ହରପ୍ରିୟା ଶୁଣି ଏ ବଚନ
ହେଲେ ମର୍ମାହତା ସତୀ ଦୁଃଖେ ମ୍ରିୟମାଣ ।
"ବହି ହରପ୍ରିୟା ନାମ ନୁହେ ହରପ୍ରିୟା,
ଭାବିଲେ ଏକଥା ଦୁଃଖେ କମ୍ପି ଉଠେ ହିଆ ।
ଶିବ ପୂଜ ହେବ ଯଦି ମୁଁ ପ୍ରୀତି ଭାଜନ
ଯଥାବିଧି ମହେଶରେ କରିବି ଅର୍ଚ୍ଚନ ।"
"ନ ହୁଅ କାତର ସତୀ" ଭାଷିଲେ ଶ୍ରୀହରି
"ଶିବ ପୂଜା ପ୍ରବର୍ତ୍ତନ ଉଦ୍ଦେଶ୍ୟ ମୋହରି ।
ଏକାନ୍ତ ମନରେ ସତି ପୂଜ ନିତି ଶିବେ
ସକଳ ତୋ ମନୋବାଞ୍ଛା ପୂର୍ଣ୍ଣ ସେ କରିବେ ।"

* *

"ନୀଳକଣ୍ଠ କେଉଁ ପୁଷ୍ପେ ତୁଷ୍ଟ ହେ କେଶବ ?
କହ ମୋତେ ଆଣିବି ମୁଁ ପୁଷ୍ପ ଅଭିନବ ।"
"ଶୁଣ ସିନ୍ଧୁସୁତେ କହେଁ ପୁଷ୍ପ ବିବରଣ
ପରିତୁଷ୍ଟ ହେବେ ଯହିଁ ସେ ଚନ୍ଦ୍ରଭୂଷଣ ।
ଶିରୀଷ, ଚମ୍ପକ, ଶେଫାଳିକା, କରବୀର,
ମଲ୍ଲିକା, ଦ୍ରୋଣ, ପୁନ୍ନାଗ, ମନ୍ଦାର, ଧୁସ୍ତୁର
କେତକୀ, ବକ, ଠଗର, ଜାତି, ନାଗେଶ୍ୱର,
କୁନ୍ଦ, ମୁଚୁକୁନ୍ଦ ଫୁଲେ ତୁଷ୍ଟ ମହେଶ୍ୱର ।
ଏ ସକଳ ଫୁଲ ଦାନେ ମିଳଇ ଯେ ଫଳ
ହୁଅଇ ସେ ପୁଣ୍ୟ ସତି ଏକା ଶତଦଳ ।"
ରୁକ୍ମିଣୀରମଣ ବାଣୀ ଶୁଣି ସିନ୍ଧୁସୁତା
ଆରମ୍ଭିଲେ ଶିବ ପୂଜା ହୋଇ ଭକ୍ତିଯୁତା ।
ସ୍ୱହସ୍ତେ ସହସ୍ର ପଦ୍ମ କରନ୍ତି ଚୟନ
ସରୋବରେ, ଶୁଦ୍ଧମନେ କରି ପ୍ରକ୍ଷାଳନ
ଅର୍ପନ୍ତି ସମ୍ମୁଖେ ନିତି ମହେଶରେ
ଲକ୍ଷ୍ୟ ରଖି ଏକ ମନେ ସିଦ୍ଧି ଲଭିବାରେ ।

* * *

ଦୁଇଟି କମଳ ଦିନେ ହେଲା ଊଣା ଅହା
ଆରମ୍ଭିଲେ ସିନ୍ଧୁସୁତା ନ ପାଆନ୍ତି ରାହା ।
ସ୍ଥାନ ଛାଡ଼ି ଫୁଲ ପାଇଁ ନ ପାରିବେ ଯାଇ
ପୂଜାରତା କି କରିବେ ବୁଦ୍ଧି ଦିଶୁ ନାହିଁ ।
କପରି ପାଇବେ ଆଉ ଦୁଇଟି କମଳ
ପୂଜାରେ ଲଗାନ୍ତି ନାହିଁ ପର ତୋଳା ଫୁଲ ।
ସଂକଳ୍ପରୁ ଭ୍ରଷ୍ଟ ଭୟେ ହୋଇଲେ ଆକୁଳ
ବିକଳ ଅନ୍ତର ନେତ୍ର ହୋଇଲା ସଜଳ ।
ନିବିଷ୍ଟ ଚିତ୍ତରେ କଲେ ଉପାୟ ଚିନ୍ତନ
ଯେଉଁ ମତେ ହେବ ସେହି ଅଭାବ ପୂରଣ ।'
ମନେ ହେଲା, "କହିଥିଲେ ସ୍ୱୟଂ ନାରାୟଣ
ମମ କୁଚ ଅବ୍ଜ ସଙ୍ଗେ ଅଟଇ ସମାନ ।
ପ୍ରେମାଳାପେ ତୋଷମନେ କହିଥିଲେ ହରି
ସୁଷମାର ସରୋବର ଶରୀର ମୋହରି ।
ସ୍ୱାମୀ ବାକ୍ୟ ନ ହୋଇବ ଅନ୍ୟଥା ମୋହର
କୁଚ ପଦ୍ମ ଦେଇ ମୁହିଁ ଅର୍ଚ୍ଚିବି ଶଙ୍କର ।
ସହସ୍ର ପଦ୍ମ ଦାନେ ସଂକଳ୍ପ ପୂରଣ
ହେବ, ତୁଷ୍ଟ ହେବେ ନିଶ୍ଚେ ହର ନାରାୟଣ ।"
ପଦ୍ମାସନା ଭାବି ଏତେ ହୋଇ ହୃଷ୍ଟମନ
କଲେ ଶୁଦ୍ଧେ ପଞ୍ଚାକ୍ଷର ମନ୍ତ୍ର ଉଚ୍ଚାରଣ ।
ଭକ୍ତିଭରେ ବାମକୁଚ କରିଣ ଛେଦନ
ମହେଶରେ ସସଂଭ୍ରମେ କଲେ ଅରପଣ ।
ଦକ୍ଷିଣ ସ୍ତନ ଛେଦନେ ହୁଅନ୍ତେ ଉଦ୍ୟତ
ପ୍ରୀତ ଶମ୍ଭୁ ସ୍ୱଚ୍ଛଲିଙ୍ଗୁ ହେଲେ ଆବିର୍ଭୂତ ।
ଭାଷିଲେ, "ଗୋ ସତି ! ଶୁଣ ବରୁଣ ନନ୍ଦିନୀ
ନ ଛେଦ ଗୋ ସ୍ତନ ଆଉ କମଳବାସିନୀ ।
ପ୍ରୀତ ମୁହିଁ ଦେଖି ତୋ ସେ ପରମା ଭକ୍ତି
ବାମ ସ୍ତନ ବକ୍ଷେ ପୁଣି ହେଉ ଗୋ ଉତ୍ପତ୍ତି ।
ଏ କୀର୍ତ୍ତି ତୋ ସ୍ମରଣୀୟ କରିବା ମାନସେ
ଶ୍ରୀଫଳ ବୋଲାଇବ ଗୋ ଅର୍ଚ୍ଚିତ କୁଚ ସେ ।

ତୋ ରୁଧିରୁ ଜାତ ହେଲା ଏହି ବିଲ୍ୱବୃକ୍ଷ
ମୂର୍ତ୍ତିମନ୍ତ ଭକ୍ତିର ସେ ହେଉଥିବ ସାକ୍ଷ୍ୟ ।
ଯେତେ କାଳ ଚନ୍ଦ୍ର-ସୂର୍ଯ୍ୟ ଥିବେ ବିରାଜିତ
ସେ ଶ୍ରୀଫଳ ବୃକ୍ଷ ପତ୍ରେ ହେବି ମୁଁ ପୂଜିତ ।

ମଣି-ମୁକ୍ତା-ହୀରା-ନୀଳା-ପ୍ରବାଳ ପ୍ରସୂନ
ପ୍ରୀତିପ୍ରଦ ଅଛି ଯେତେ ପୂଜୋପକରଣ
ବିଲ୍ୱଦଳ ସହ କିଛି ନ ହେବ ସମାନ
ତ୍ରିପୁସ୍ତକ ଗଙ୍ଗାଜଳ ପ୍ରିୟ ବସ୍ତୁ ସମ,
ଶ୍ରୀଫଳ ତ୍ରିପତ୍ର ହେବ ଅତି ପ୍ରିୟତମ,
ଏହା ଭିନ୍ନ ତ୍ରିନେତ୍ରର ନୋହିବ ପୂଜନ ।



Digitized by srujanika@gmail.com

ଗୋ କମଳା ବିଷ୍ଣୁକାନ୍ତେ ହୋଇଛି ପ୍ରସନ୍ନ,
ମାଗ ଅଭୀଷ୍ଟ ବର, କରିବି ପ୍ରଦାନ ।"
"ହେ ଶମ୍ଭୋ ହେ ନୀଳକଣ୍ଠ ଦୁଃଖାପହାରକ
ଏତେଦିନେ ହେଲା ମୋର ଜୀବନ ସାର୍ଥକ ।
ତବ କୃପା ପ୍ରଭାବରେ ହୁଏଁ ବିଷ୍ଣୁ ପ୍ରିୟା ।
ଆନନ୍ଦ ପୁଲକେ ମୋର କମ୍ପେ ଉଠୁ ହିଆ ।
ଦିଅ ଏହି ବର ଶମ୍ଭୋ ଅନନ୍ତ ଚରଣେ

ଥାଉ ମୋ ଅଚଳା ଭକ୍ତି ନିରନ୍ତର ମନେ,
ଅଖଣ୍ଡ ମଣ୍ଡଳାକାର ହେ ଶକ୍ତିସୂଚକ
ଶିବ ନିନ୍ଦା କରିବାରେ ହୁଏଁ ମୁହିଁ ମୂକ ।"
ଗିରୀଶ ମହେଶ ଶିବ ବିଭୂତିଭୂଷଣ
"ତଥାସ୍ତୁ" ଉଚ୍ଚାରି ତହୁଁ ହେଲେ ଅନ୍ତର୍ଦ୍ଧାନ ।
ଦେଖିଲେ ସମ୍ମୁଖେ ଲକ୍ଷ୍ମୀ ନାହାନ୍ତି ମହେଶ
ସର୍ପିତେ ଅନ୍ତ୍ରେତେ ରଙ୍ଗେ ଉଭା ହୃଦୟେଶ ।

# ଦେହର ଦାବୀ

'ଧୂର୍ଜଟୀ'

ମାର୍ଚ୍ଚ ମାସ ଶେଷ । ରାତି ପ୍ରାୟ ଦଶଟା । ଖାଇସାରି ଘରେ ନ ରହି ରାସ୍ତାରେ ବୁଲି ବୁଲି ଆସି ତୁଳସୀପୁରର ଏକ ଜନ-ବିରଳ ପଥରେ ପହଞ୍ଚିଲି । ଦୂରରେ ଦୂରରେ ଆଲୁଅ ଝୁଣ୍ଟି, ଯୂଥଭ୍ରଷ୍ଟ ଏଠି ସେଠି ଗୋଟିଏ ଗୋଟିଏ ଘର, ରାସ୍ତା ଏକାବେଳକେ ଜନମାନବ ଶୂନ୍ୟ । ଚମତ୍କାର ହାୱା, ଗଛଆଡ଼ର ସ୍ତବ୍ଧ ଗାମ୍ଭୀର୍ଯ୍ୟ ମନଟାକୁ କେମିତି ଉଦାସ କରିଦିଏ ।

ବେଶ୍ ଲାଗୁଥିଲା ବୁଲିବାକୁ । ଅସ୍ପଷ୍ଟ ଅନ୍ଧକାରରେ ଅଦୂରରେ ଦେଖିଲି ଏକ ନାରୀ ମୂର୍ତ୍ତି । ରାସ୍ତାରେ ଆଉ କୁଆଡ଼େ କେହି ନାହିଁ—ଆଲୁଅ ଜଳୁଛି, କିନ୍ତୁ ସେଥିରେ ଆଲୁଅ ଠାରୁ ଅନ୍ଧାର ଏତେ ବଢ଼ି ଯାଉଛି ଯେ, ମୋ ପାଖଦେଇ ସ୍ତ୍ରୀ ଲୋକଟି ଗଲାବେଳେ ମୁହଁଟାକୁ ସୁଦ୍ଧା ଦେଖି ପାରିଲିନି । ରାତ୍ରିଚରଣୀ ହତଭାଗିନୀ ବୋଲି ମନେ ହେଲା ।

ରାସ୍ତା ଶେଷରେ ଯାଇ ଛକ ବୁଲିଲି । ଦେଖିଲି ସ୍ତ୍ରୀ ଲୋକଟି ଫେରୁଛି । ସାମନା ସାମନି ଦେଖା ହେଲା । ଭାବରୁ ମନେ ହେଲା କାହା ପାଇଁ ଅପେକ୍ଷା କରୁଛି । ଯାହାହେଉ—ଭାଗ୍ୟବାନ୍ ପୁରୁଷଟିକୁ ଦେଖିବା ପାଇଁ ଟିକିଏ କୌତୁହଳ ହେଲା ।

ତୃତୀୟ ଥର ଫେରିବା ପଥରେ ରାସ୍ତାର ଠିକ ମଝାମଝି ଜାଗାରେ ପୁଣି ଦେଖାହେଲା । ଭାବିଲି କିଏ ଏ ? ଭଦ୍ରମହିଳା ? ନା ତ, କେଉଁ ଭଦ୍ର ମହିଳା ଏତେ ରାତିରେ ଏ ନିର୍ଜନ ଜାଗାରେ ଏକା ବୁଲିବ ? ତଥାପି— । କୌତୁହଳ ବଢ଼ିଲା । ଭାବିଲି ବୋଧହୁଏ ବିପନ୍ନା—ରାସ୍ତା ଭୁଲିଛି । ସାହସ କରି ପାଖକୁ ଯାଇ କହିଲି—'ନମସ୍କାର, କାହାକୁ ଅପେକ୍ଷା କରୁଛନ୍ତି ନିଶ୍ଚୟ ?' ଦେଖିଲି ସ୍ତ୍ରୀ ଲୋକଟି ଟିକିଏ ଚମକି ଉଠି ଉତ୍ତର ଦେଲା—'ନା, ହିଁ ଏମିତି ।' ଟିକିଏ ହସି ମୁଁ କହିଲି—"ବେଶ୍, ଆସନ୍ତୁନା, ସେ ନ ଆସିବା ଯାକେ ଟିକିଏ ବୁଲାଯାଉ" । ଆଶ୍ଚର୍ଯ୍ୟ ହୋଇ ଦେଖିଲି ସେ କିଛି ଆପତ୍ତି ନ କରି ମୋ ସାଙ୍ଗରେ ଆସିଲା । କହିଲା—"ବେଶ୍ ତ—ଚାଲନ୍ତୁ" । ଦୁହେଁ ପାଖାପାଖି ଚାଲିଲୁଁ—ନାନା ରକମର କଥାବାର୍ତ୍ତା କହି କହି ।

ଅନ୍ଧକାରରେ କିଛି ଦେଖା ଯାଉ ନ ଥାଏ । ନିର୍ଜନ ରାସ୍ତାରେ ଏହି ରହସ୍ୟମୟୀ ସଙ୍ଗିନୀଟିକୁ ନେଇ ବୁଲିବାକୁ ବେଶ୍ ଲାଗିଲା । ଘଡ଼ି ଦେଖିବା ଛଳରେ ଦିଆସିଲି ଜାଳି ଆଡ଼ ଆଖିରେ ଟିକିଏ ଦେଖିଲି । ଜଣାଗଲା ବାରବିଳାସିନୀ ନୁହେ ।

ପ୍ରଶ୍ନ ହେଲା- "କେତେଟା ବାଜିଲା ?"
ପନ୍ଦର ମିନିଟ କମାଇ ଦେଇ କହିଲି—"ସାଢ଼େ ଏଗାରଟା" । କଥା ଶୁଣି ମନେହେଲା ସେ ଥରୁଛି । କହିଲି—"ଶୀତ କରୁଛି ଆପଣଙ୍କୁ ? ମୋର ଏ ଶାଲ୍‌ଟି ନେଇ ପାରନ୍ତି ।" ଆପତ୍ତି ନ କରି ଶାଲ୍‌ଟି ନେଇ ସେ କହିଲା—"ଧନ୍ୟବାଦ" ।

ଆହୁରି କିଛିକାଳ ବୁଲିବା ପରେ ସେ କହିଲା—"କେତେଟା ବାଜିଲା ଦେଖନ୍ତୁନା ଥରେ ?"

"ବାରଟା—କେଉଁଠି ଥାନ୍ତି ଏଠି ?

"କଟକ-ଚଣ୍ଡୀ ପାଖରେ" ।

ଟିକିଏ ଠିଆ ହୋଇ କହିଲି—"ଚାଲନ୍ତୁ ଆପଣଙ୍କୁ ପହଞ୍ଚାଇ ଦେଇ ଆସେଁ" ।

ବାଧା ଦେଇ ସେ କହିଲା—"କିଛି ଦରକାର ନାହିଁ । ଆପଣଙ୍କୁ ତ ପୁଣି ବକ୍ସିବଜାର ଫେରିବାକୁ ହେବ ।"

ଆଶ୍ଚର୍ଯ୍ୟ ହୋଇ କହିଲି—"ଜାଣିଲେ କେମିତି ?" "ଆପଣଙ୍କୁ ମୁଁ ଚିହ୍ନେ"—ଟିକିଏ ହସି ଉତ୍ତର ଦେଲା ସେ । କାହାରି ମୁହଁରେ କଥା ନାହିଁ—ରାଜପଥ ଦେଇ ଦୁହେଁ ଯାକ ଚାଲିଛୁଁ—ତା ହାତ ମୋ ହାତ ଉପରେ ।



Digitized by srujanika@gmail.com

# ଦେହର ଦାବୀ

ମିସନ ସ୍କୁଲ ଆଗରେ ଅସି ପହଞ୍ଚିଲାରୁ ମୋ ହାତଟା ଅସ୍ତେ ଚିପି ଦେଇ କହିଲା--"ଚଞ୍ଚଳ ଚାଲନ୍ତୁ" । ଘରଟା ପାଖକୁ ଆସିଲାରୁ ସେ ମୋ ହାତ ଛାଡ଼ି ଦେଇ ଘୁରି ଠିଆ ହେଲା । ବୋଧହୁଏ ଧନ୍ୟବାଦ ଦେବା ପାଇଁ । ସାମନା ଦରଜାଟା ଖୋଲି ଧରି ମୁଁ କହିଲି—"ଯାଇ ପାରିବେ ?" ସିଡ଼ିରେ ଗୋଡ଼ ଦେବାରୁ ସେ ମୋ ହାତ ଧରି ଟାଣି ନେଇ ଚାଲିଲା । ଅପ୍ରଶସ୍ତ ସିଡ଼ିରେ ସାଙ୍ଗ ହୋଇ ଉଠିବାରୁ ତା ଦେହ ମୋ ଦେହରେ ଲାଗୁ ଥାଏ । ଦୋତାଲାରେ ଅସି ସେ ହଠାତ୍ ଠିଆ ହେଲା । ମୁଁ ଟାଳ ସମ୍ଭାଳି ନ ପାରି ହାବୁଡ଼ିଲି ତାକୁ । ସେ ହସି ଉଠିଲା । ଗୋଟାଏ ହାତରେ ଦରଜା ଠେଲି ଅନ୍ୟ ହାତରେ ମୋ ହାତ ଧରି ଡାକିଲା—"ଅସନ୍ତୁ"—!

ମନେ ହେଲା ଅମେ ଗୋଟାଏ ଡ୍ରଇଂ ରୁମରେ ଅସି ପଶିଲୁଁ । ଆଖି ଆଗରେ ନିବିଡ଼ ଅନ୍ଧକାର । କେଉଁଠିକାର ଗୋଟାଏ ଅଦୃଶ୍ୟ ଘଡ଼ିର ଶବ୍ଦ ଖାଲି ଶୁଭୁଥାଏ ଟିକ୍, ଟିକ୍, ଟିକ୍ ।

"ଟିକିଏ ଠିଆ ହୁଅନ୍ତୁ, ଆଲୁଅଟାଏ ଆଣେ—କହି ଚଞ୍ଚଳ ଯାଉଁ ଯାଉଁ ହଠାତ୍ କଣ ଗୋଟାଏ ଝୁଣ୍ଟି ପଡ଼ି ଚିତ୍କାର କରି ଉଠିଲା । ଅନ୍ଧାରରେ ତାକୁ ତୋଳିବାକୁ ଯାଇ ତା ଦେହର କୋମଳ ସ୍ପର୍ଶ ମୋତେ ପାଗଳ କରି ଦେଲା । ସେ ଉଠି ଠିଆ ହୋଇ ହଠାତ୍ ଉନ୍ମତ୍ତ ଆବେଗରେ ମୋର ଅଣ୍ଟା ହାତରେ ଭିଡ଼ି ଧରି ପାଗଳ ପରି ମୋର ଗାଲରେ ଓଠରେ ଅସଂଖ୍ୟ ଚୁମ୍ବନ ଆଙ୍କି ଦେଲା । ଧୀରେ ଧୀରେ ନିଜକୁ ମୁକ୍ତ କରି ବୋକାଙ୍କ ପରି ଠିଆ ହୋଇ ରହିଲି ।

ଆଲୁଅ ଆଣି ସେ ଘରେ ପଶିଲା । ବେଶ ପରିଷ୍କାର ଡ୍ରଇଂ ରୁମଟି । ଅସବାବ ପତ୍ର ସବୁ ନୂଆ ଆଉ ଦାମିକା । କାନ୍ଥରେ ଅନେକ ଛବି ଭିତରେ ଯୀଶୁଖ୍ରୀଷ୍ଟଙ୍କର ଛବିଟିଏ—ଏବଂ ସେହି ଛବି ତଳେ ଗୋଟିଏ କାନ୍ଥ ବ୍ରେକେଟରେ ଦୁଇଟି ନଳି ମହମବତୀ । କିଛି ସମୟ ନିର୍ବାକ ହୋଇ ରହିବା ପରେ ପଚାରିଲି—"ବାଃ, ବେଶ୍ ଘରଟିଏ ତ, ଆପଣ ଏଠି ଥାଆନ୍ତି ?" ସେ ହସି ଉତ୍ତର ଦେଲା—"ହଁ, ଆପଣଙ୍କର ଭୟ ନାହିଁ—ଏଟା ମୋର ଘର ।"

ପଚାରିଲି—"ଆପଣଙ୍କ ଘର ? ଆପଣଙ୍କ ବାବା ମା ଏଠି ଥାନ୍ତି ତ ?" ସେମିତି ହସି ହସି ସେ ଜବାବ ଦେଲା—"ବାଃରେ, ଆପଣ ମୋତେ ସାନ ପିଲାଟିଏ ମନେ କଲେ ନା କଣ, ଏହି ଦେଖନ୍ତୁ—" । ଶାଲଟା ଖୋଲି ଦେଲା କି ଏକ ଦୁର୍ଦ୍ଦମନୀୟ ଉନ୍ମାଦନାରେ ସେ କମ୍ପି ଉଠିଲା । ତାପରେ ଦି ହାତରେ ମୋର ଗଳା ବେଷ୍ଟନ କରି କାନ୍ଦି ପକାଇଲା । ବୟସ ବୋଧ ହେଲା ଊଣେଇଶ କିମ୍ବା କୋଡ଼ିଏ । ଖୁବ୍ ବେଶୀ ସୁନ୍ଦରୀ ନ ହେଲେ ମଧ୍ୟ ଦେହର ରଙ୍ଗ ଖୁବ୍ ଗୋରା । ମୁହଁରେ କ୍ଲାନ୍ତି ଆଉ ଅତୃପ୍ତିର ଚିହ୍ନ ପରିସ୍ଫୁଟ । ଚକ୍ଷୁରେ ସାରା ସଂସାରର ବୁଭୁକ୍ଷା—ସାରା ଦେହରେ ଯୌବନ ଝକ୍‌ମକ୍ ଫୁଟୁଛି ।

ସେ କିଏ, ତାର ସ୍ୱାମୀ ଅଛି କିନା, ଏବଂ ଯଦି ଥାଏ ତ କେଉଁଠି, ଏ ଘରଟା କାର—ଶତ ସହସ୍ର ପ୍ରଶ୍ନ ଉଠିଲା ମୋ ମନରେ । କିନ୍ତୁ ସେ ସମସ୍ତର ଉତ୍ତରରେ ସେ କହିଲା—"ସବୁ କହିବି, ଆପଣଙ୍କର ଭୟ କଣ ? ମୋ ନା ଡରୋଥି ଏତିକି ଆପାତତଃ ଆପଣଙ୍କର ଜାଣିବା ଦରକାର ।" ତା ପରେ ମୋ ହାତ ଧରି ଟାଣି ନେଇ ଚାଲିଲା, କହିଲା, "ଚାଲନ୍ତୁ ଶୋଇବା ଘରକୁ—ଆପଣ କିଛି ଖାଇବେ ?" କହିଲି—"ନା, ଧନ୍ୟବାଦ" । "ତା ହେଲେ ମୁଁ କିଛି ଖାଇନିଏଁ"

ଡ୍ରଇଂ ରୁମର ଆଲୁଅ ଘରଟା ଭିତରେ ଅସି ଟିକିଏ ପଡ଼ୁଥିଲା । ଦେଖିଲି ତଳେ ଗୋଟେ ଦାମିକା ଗାଲିଚା ଉପରେ ସୁନ୍ଦର ଦୁଇଟି ପଲଙ୍କ । ଗୋଟିଏ ପଲଙ୍କରେ ମୋତେ ବସାଇ ସେ ଖାଇବାକୁ ଗଲା । ଏକା ବସିବାରୁ ମନେ ହେଲା ସ୍ୱପ୍ନ ଦେଖୁଛି । ଏକ ଅପରିଚିତାର ଶୟନ--ମନ୍ଦିର, ରହସ୍ୟମୟୀ ଏକ ନାରୀ—ସବୁ ଯେମିତି ତନ୍ଦ୍ରାଘୋରର ସ୍ୱପ୍ନ ବିଳାସ !

ଦରଜା ବନ୍ଦ କଲା ଶବ୍ଦରେ ଚାହିଁ ଦେଖିଲି ଡରୋଥି ଘରେ ପଶୁଛି । ସ୍ୱପ୍ନବୋଲା ଏକ ମାୟାବିନୀ । ମୁଁ ଉଠି ଦି ପାଦ ଆଗେଇ ଗଲାରୁ ହଠାତ୍ ଚମକି ଚିତ୍କାର କରି ଉଠିଲା—ତା ପରେ ଚକିତରେ ଅସି ମୋ ଛାତିରେ ମୁହଁ ଲୁଚାଇଲା ।

ନିଦ ଭାଙ୍ଗିବାରୁ ଦେଖିଲି ଭୋରର ଆଲୁଅ ଅସି ପର୍ଦ୍ଦା-ଗୁଡ଼ାକରେ ଉଙ୍କି ମାରୁଛି । ଡରୋଥି ମଧ୍ୟ ଉଠିଛି । ସେ ମୋ ଆଡ଼କୁ ଅନେଇ ଟିକିଏ ହସିଲା । ଦେଖିଲି ତାର ମହମ ପରି ଦୁଇଟି ନଗ୍ନ ହାତ ଓ ସୁଠାମ ଦେହ ଲତା ମୋ ଦେହ ସ୍ପର୍ଶ କରିଛି।

ଅଳ୍ପ ସମୟ ପରେ ମୁଁ ଉଠି ବସିଲି । ଦିନର ଆଲୁଅ ସେତେବେଳକୁ ଘରର ଅନ୍ଧାର ଦୂର କରିଛି । ଡରୋଥି ଲୁଗାପଟା ପିନ୍ଧିସାରି ଯୋତା ମାଜୁଛି । ଏତେଟା ବାସ୍ତବତା, କିନ୍ତୁ ମନେ ହେଲା ସ୍ୱପ୍ନ । ବାଥ ରୁମରେ ଠିଆ ହୋଇ ନାନା କଥା ଭାବୁଛି—ଡରୋଥି ବାଥ ରୁମର ଆଉ ଗୋଟେ ଦରଜା ଖୋଲି କି କାମରେ ଲୁଅଡେ଼ ଗଲା । ବାହାରର ଥଣ୍ଡା ପବନ ଅସି ଦେହରେ ମୁହଁରେ ଲାଗିଲା । ସାରାରାତି ଶୋଇ ପାରିନି—ଥଣ୍ଡା ପବନର ସ୍ପର୍ଶ ବଡ ଆରାମ ଦେଲା—ଝରକା ପାଖରେ ଅସି ଠିଆ ହେଲି ।

ହଠାତ୍ ଦେଖିଲି ଘରଟା ଭିତରେ ଲମ୍ବା ହୋଇ ଶୋଇ ରହିଛି ଏକ ମୃତ ଦେହ । ଚମକି ଉଠି କଫିନଟାକୁ ଦେଖିଲି । ପୁରୁଷର ଦେହ, ମୁହଁରେ ଧଳା ଦାଢି । ପିନ୍ଧିଛି ଧଳା ପରିଷ୍କାର ପୋଷାକ । ମୂର୍ତ୍ତିଟି କିନ୍ତୁ ଯେମିତି ବୀଭତ୍ସ ସେମିତି କଦର୍ଯ୍ୟ ।

ଡରୋଥିର ଫେରି ଅସିବାର ଶବ୍ଦରେ ଚଞ୍ଚଳ ଚାଲି ଆସିଲି ନିଜ ଜାଗାକୁ । ମୋର ଅବସ୍ଥା ସେତେବେଳେ ଏମିତି ଅସ୍ୱସ୍ତିକର ହୋଇଛି ଯେ ତାର ଆଲିଙ୍ଗନରେ ଆତ୍ମସମର୍ପଣ କରିବାକୁ ହେଲା । ମୋ ସଙ୍ଗରେ ସେ ତଳକୁ ଓହ୍ଲାଇ ଅସିଲା । କାହାରି ମୁହଁରେ କଥା ନାହିଁ । ମନ ଯେତେବେଳେ ପୂର୍ଣ୍ଣ ଥାଏ, ମୁହଁର କଥା ମୂକ ହୋଇଯାଏ ।



ଛ

Digitized by srujanika@gmail.com

ବାହାର ଦୁଆର ପାଖରେ ସେ କାନ୍ଥକୁ ଲାଗି ଠିଆ ହେଲା । କେହି ଦେଖି ପାରିବେନି ବୋଲି ବୋଧହୁଏ । "ଅଚ୍ଛା ଏଥର ମୁଁ ଯାଏଁ"—ସେ ଅସ୍ପେ ଅସ୍ପେ କହିଲା । ଟିକଏ ହସି କହିଲି—"ହଁ ଅଜି ପାଇଁ—କାଲିପୁଣି ଆସିବ ? ।

ଭୀତ ହୋଇ ସେ କହିଲା—"ନା, କାଲି ନୁହେଁ ।"

"କାହିଁକ—ଭୟ ଲାଗିଲା ?"

ସେ ମଥା ହଲେଇ ଛାତର ବ୍ଲାଉଜ ଭିତରୁ ଖଣ୍ଡେ ଲଫାଫା କାଢି ମୋ ହାତରେ ଦେଇ କହିଲା—"ଏଇଥିରୁ ବୁଝିବେ । ମୋର ଏକ ଆତ୍ମୀୟ ମରିଯାଇଛନ୍ତି । କାଲି କାମ ତାଙ୍କର । ବୁଝିଲେ, କାଲି ଆସିବେ ନାହିଁ । ପନ୍ଦର ଦିନ ସନ୍ଧ୍ୟାବେଳେ ସେଇଠି ପୁଣି ଦେଖା—ଆସିବେ ।"

ହସି କହିଲି—"ଠିକ୍ ତ ?"

"ହଁ ଗୋ ହଁ" କହି ଚାଲିଗଲା ।

କିଏ ଏ, କି ଚିଠି ଏଖଣ୍ଡ, ଭାବି ଭାବି ଫେରିଲି । ରାସ୍ତାରେ ଖୋଲିବାକୁ ସାହସ ହେଲାନାହିଁ । ବସାରେ ଆସି ଦରଜା ବନ୍ଦ କରି ଚିଠିଟା ଖୋଲିଲି । ଛୋଟ ଚିଠିଟି—

"ବନ୍ଧୁ, ମୁଁ କିଏ ଜାଣିବାକୁ ଚାହାଁନ୍ତି, ନା ? ମୋ ନା' ଉର୍ବୋଶୀ, ଜାଣନ୍ତି । ବାକି ସବୁ ପନ୍ଦରଦିନ ଦେଖାହେଲେ କହିବି । ମୋର ସ୍ୱାମୀ (ଠିକ ସ୍ୱାମୀ ନୁହନ୍ତି, ପିତୃସ୍ଥାନୀୟ) ଲକ୍ଷ୍ନୌରେ ଡାକ୍ତର ଥିଲେ । ତାଙ୍କ ସଙ୍ଗରେ ମୋର ସମ୍ବନ୍ଧ ଗତ ଦୁଇ ବର୍ଷର । ଅଳ୍ପଦିନ ତଳେ ସେ ଚାକିରୀ ଛାଡ଼ି ଏଠି ବସା ବାନ୍ଧିଥିଲେ । କାଲି ସନ୍ଧ୍ୟା ଛ'ଟା ବେଳେ ସେ ମରି ଯାଇଛନ୍ତି—ଅନେକ ଦିନ ରୋଗ ଭୋଗ ପରେ । ଇତି—ଉର୍ବୋଶୀ"

ମଣିଷ ବିବାହ କରେ—ସ୍ତ୍ରୀ ହୁଏତ ସ୍ୱାମୀ ଠାରୁ ୪୦ ବର୍ଷ ସାନ । ବୁଢ଼ା ବୟସରେ ସ୍ୱାମୀ ରୋଗରେ ପଡ଼େ । ହଠାତ୍ ଦିନେ ଦେଖାଯାଏ ସେ ମରି ଯାଇଛି । ସଦ୍ୟ ବିଧବା ବଧୂ ହୁଏତ ସ୍ୱସ୍ତିର ନିଃଶ୍ୱାସ ପକାଏ,—କିଏ ଜାଣେ ? *

# ରଙ୍ଗ-ରସ

ଜଣେ ମହିଳା ସ୍ଥାନୀୟ ପତ୍ରିକାର ବିଜ୍ଞାପନ ମେନେଜରଙ୍କଠାରୁ ଲେଖିଥିଲେ, "ପ୍ରିୟ ମହାଶୟ, ମୋର ବଡ଼ ଆଦରର ହୁନା ଘଡ଼ିଟି ମୁଁ ଗଲା ଗୁରୁବାର ଦିନ ହଜାଇ ଦେଇଥିଲି । ତତ୍ପରଦିନ ଆପଣଙ୍କର 'ହଜିଛି ଓ ମିଳିଛି' ସ୍ତମ୍ଭରେ ମୁଁ ଗୋଟିଏ ବିଜ୍ଞାପନ ଦେଲି । ମୁଁ ଘରକୁ ଫେରି ଦେଖେ ଯେ ଆଉ ଏକ କୋଠରେ ମୋର ଘଡ଼ିଟି ଅଛି । ଆପଣଙ୍କ ପତ୍ରିକାର ଶକ୍ତି ଅଭିତ ।

—0—

"ଜଣେ ଦରଜି ତା ବନ୍ଧୁଙ୍କୁ ପୋଷାକ ତିଆରି କରୁଥିଲା । ବନ୍ଧୁଟିକୁ ପୋଷାକ ପିନ୍ଧାଉଁ ପିନ୍ଧାଉଁ ଦରଜି କହିଲା, ବନ୍ଧୁ, ଏ ପୋଷାକ ପିନ୍ଧିଲେ ତୁମର ଅତି ଘନିଷ୍ଠ ବନ୍ଧୁ ମଧ୍ୟ ତୁମକୁ ଚିହ୍ନି ପାରିବ ନାହିଁ । ତୁମେ ଟିକିଏ ବାହାରେ ବୁଲି ଆସିଲେ ଏ କଥାର ସତ୍ୟାସତ୍ୟ ବେଶ ଜାଣି ପାରିବ ।"

"ବନ୍ଧୁଟି ବାହାରି ଗଲେ ଓ ଦଣ୍ଡକ ପରେ ଫେରି ଆସିଲେ । ଦରଜି ତରବର ହୋଇ ତାଙ୍କ ନିକଟକୁ ଦଉଡ଼ି ଯାଇ ହସି ହସି କହିଲା, ନମସ୍କାର, ମହାଶୟ ! ଆପଣଙ୍କର କଣ ଲୋଡ଼ା, ଦୟାକରି କହିବେ କି ?"

—0—

ପାଗଲଖାନାରେ ରାତିପହରା ଦେଉଁ ଦେଉଁ ଶୁଶ୍ରୂଷାକାରିଣୀ ଦେଖିଲେ ଯେ ଜଣେ ପାଗଲ ବାଡ଼ି ଖଣ୍ଡିକରେ ସୂତାଟିଏ ଲଟକାଇ ଗାଧୋଇବା କୁଣ୍ଡରେ ମାଛ ଧରୁଛି । ଶୁଶ୍ରୂଷାକାରିଣୀ ରୋଗୀକୁ ଖୁସି କରିବା ଅଭିପ୍ରାୟରେ ପାଖକୁ ଯାଇ ପଚାରିଲେ, "କ'ଣ, କିଛି ଧରିଲ ?" ପାଗଲ ଚଟାପଟ୍ ବୁଲି ପଡ଼ି କହିଲା "କ'ଣ ? ଗାଧୋଇବା କୁଣ୍ଡରେ କେହି କେବେ ମାଛ ଧରିବାର ଦେଖିଛ ? ତୁମେ ପାଗଲ ନା କ'ଣ ?"

—0—

ଜଣେ ଉପନ୍ୟାସ ଲେଖିକାଙ୍କୁ ସାମ୍ବାଦିକ ପଚାରିଲେ, "ଆପଣ ବିବାହ କରୁ ନାହାନ୍ତି କାହିଁକି ?"

ଲେଖିକା କହିଲେ "ଶୁଣ ତେବେ, ଗୋଟିଏ ସାଧାରଣ ପୁରୁଷର ପ୍ରକୃତିମାନ ମୋର ଘରେ ଥିବା ତିନୋଟି ଜିନିଷରେ ପୂରା ମାତ୍ରାରେ ରହିଛି । ମୁଁ ସେଇଥି ପାଇଁ ଠିକ୍ କରିଛି ଯେ, ଆଉ ଗୋଟିଏ ମଣିଷ ଘରେ ପୂରାଇବାରେ ଲାଭ କ'ଣ ହେବ ?"

ସାମ୍ବାଦିକ ପଚାରିଲେ, "ସେ ତିନୋଟି ଜିନିଷ କ'ଣ କହିବେ କି ?"

"ଗୋଟିଏ କୁକୁର ଅଛି—ସକାଳଠୁ ସାରା ସେ ଭୁକେ, ଗୋଟିଏ ଶୁଆ ଅଛି—ଉପରେ ବେଳଟା ସେ ଖାଲି ଗାଳିଗୁଲଜ ପକାଏ; ଆଉ ଗୋଟିଏ ବିଲେଇ ଅଛି ସେଟା ରାତିସାରା ଘରେ ନ ଥାଏ ।"

* ନିଃ ହାମଦ୍ୱନଙ୍କ ଗଳ୍ପର ଛାୟାବଲମ୍ବନରେ ଲିଖିତ ।



Digitized by srujanika@gmail.com

# ଦେଶୀୟ ରାଜ୍ୟ ସମାଚାର

## ନରେନ୍ଦ୍ର ମଣ୍ଡଳର ସ୍ଥାୟୀ କମିଟି

ଜୁଲାଇ ୩ ତାରିଖରେ ବମ୍ବେଠାରେ ନରେନ୍ଦ୍ର ମଣ୍ଡଳର ଏକ ବୈଠକ ବସିଥିଲା । ଲଣ୍ଡନସ୍ଥ ସାମ୍ରାଜ୍ୟ ଯୁଦ୍ଧ ମନ୍ତ୍ରୀ ସଭା ଓ ପ୍ରଶାନ୍ତ ଯୁଦ୍ଧ କାଉନ୍‌ସିଲରେ ନବ ନଗରର ମହାମାନ୍ୟ ଜାମ ସାହେବ ଜଣେ ପ୍ରତିନିଧି ନିଯୁକ୍ତ ହୋଇ ଥିବାରୁ ଭାରତ ସରକାରଙ୍କୁ ଓ ମହାମାନ୍ୟ ବଡ଼ଲାଟ ମହୋଦୟଙ୍କୁ ଧନ୍ୟବାଦ ଜଣାଇ ଏକ ପ୍ରସ୍ତାବ ଗୃହୀତ ହେଲା । କାର୍ଯ୍ୟ ନିର୍ଘଣ୍ଟ ଅନୁଯାୟୀ ନାନା ବିଷୟ ସଭାରେ ଆଲୋଚିତ ହୋଇଥିଲା । ତନ୍ମଧ୍ୟରେ ଆନ୍ତର୍ଜାତିକ ନିରାପଦତା ଓ କେତେକ ଶାସନ ସଂକ୍ରାନ୍ତ କାରଣରୁ ଷ୍ଟେଟ୍‌ମାନଙ୍କର ଦଳବଦ୍ଧ ହେବାର ପ୍ରୟୋଜନୀୟତା ବିଷୟ ପ୍ରଧାନ ଥିଲା ।

## ବରୋଦା

### ଶିଳ୍ପପ୍ରସାର ନୀତି ଗଠନ

ଭାରତୀୟ ସଂଖ୍ୟାତତ୍ତ୍ୱ ସମ୍ମିଳନୀର ୫ମ ଅଧିବେଶନ ଉଦ୍‌ଘାଟନ କରିବାକୁ ଯାଇ ବରୋଦାର ମହାମାନ୍ୟ ମହାରାଜା ଗାଇକ୍‌ୱାର୍ଡ଼ କହିଲେ, "ଶିଳ୍ପ ପ୍ରସାର ନୀତିର ପରିକଳ୍ପନା ପ୍ରସ୍ତୁତ କରିବାକୁ ହେଲେ ଆମ୍ଭମାନଙ୍କୁ ବଡ଼, ଛୋଟ ଓ କୁଟୀର ଶିଳ୍ପ ସମ୍ବନ୍ଧ, ଅନ୍ତର୍ବାଣିଜ୍ୟ ଓ ବହିର୍ବାଣିଜ୍ୟ, ମୂଳଧନର ପରିମାଣ ଓ କାରବାର ସମ୍ବନ୍ଧରେ ଆହୁରି ଅଧିକ ସଠିକ ଓ ସମ୍ପୂର୍ଣ୍ଣ ବିବରଣ ସଂଗ୍ରହ କରିବାକୁ ହେବ । ଅବଶ୍ୟ କୃଷି ଦେଶର ବହୁ ଅଂଶରେ ବ୍ୟାପିଛି ଏବଂ ତାକୁ ଅନ୍ୟାନ୍ୟ ବୈଜ୍ଞାନିକମାନଙ୍କ ସାହାଯ୍ୟରେ ସଂଖ୍ୟାତତ୍ତ୍ୱଜ୍ଞମାନେ ଅନୁସନ୍ଧାନ କରି ତଥ୍ୟ ସଂଗ୍ରହ କରି ପାରନ୍ତି । ମୂଳ ସୂତ୍ରମାନ ସଂଗ୍ରହ କରିବାରେ ଅଭ୍ରାନ୍ତତା ଓ ସେ ଗୁଡ଼ିକ ବ୍ୟାଖ୍ୟା କଲା ବେଳେ ବୈଜ୍ଞାନିକ ଅନୁଶୀଳନର ବ୍ୟାପକ ବ୍ୟବହାର ଆମ୍ଭେମାନେ ଚାହୁଁ ।"

### ସୂତାକଟା ଓ ଲୁଗାବୁଣା ପ୍ରତି ସାହାଯ୍ୟ

ସୂତାକଟା ଓ ଲୁଗାବୁଣାରେ ନିଯୁକ୍ତ ଷ୍ଟେଟ୍ ପ୍ରତିଷ୍ଠାନମାନ ହୀରକ ଜୁବିଲି ଲୋକ ପାଣ୍ଠିରୁ ବାର୍ଷିକ ଟ୪୬୦୦୯ ଲେଖାଏଁ ସାହାଯ୍ୟ ପାଆନ୍ତି । ହାତ ବୁଣାକୁ ଉତ୍ସାହ ଦେବା ଲାଗି ଖଦି ବୁଣା ହେଲେ ବର୍ଗ ଗଜ ପ୍ରତି ଅଣାଏ ଲେଖାଏଁ ସାହାଯ୍ୟ ଦିଆଯାଏ ।

## ଭୂପାଳ

### ପେଟ୍ରୋଲ୍ ଖର୍ଚ୍ଚ କମାଇବାର ବ୍ୟବସ୍ଥା

ପେଟ୍ରୋଲ ସହିତ ମିଶାଇ ବ୍ୟବହାର ହେବା ଉଦ୍ଦେଶ୍ୟରେ ଭୁପାଳ ସରକାର ଶୋଧିତ ସ୍ପିରିଟ ବିକ୍ରି ଆରମ୍ଭ କରିଅଛନ୍ତି ।

ଷ୍ଟେଟ୍‌ର ଗୋଟିଏ କାରଖାନାରେ ଏହି ଶୋଧିତ ସ୍ପିରିଟ ପ୍ରସ୍ତୁତ ହୁଏ । ଲାଇସେନ୍ସ ପ୍ରାପ୍ତ ବ୍ୟକ୍ତିମାନେ କୁପନ ନେଇ ଏହି ସ୍ପିରିଟ ବିକ୍ରି କରିବେ । ପେଟ୍ରୋଲ କୁପନ ଅପେକ୍ଷା ସ୍ପିରିଟ କୁପନମାନ ବେଶୀ ପରିମାଣରେ ବଣ୍ଟା ଯାଉଥିବାର ଜଣାଯାଏ ।

ସରକାର କହନ୍ତି ଯେ ୭୫ ଭାଗ ପେଟ୍ରୋଲ ସହିତ ୨୫ ଭାଗ ଶୋଧିତ ସ୍ପିରିଟ ନିରାପଦରେ ମିଶା ଯାଇ ପାରେ । ସର୍ବସାଧାରଣଙ୍କୁ କେଉଁ ରେଟରେ ସ୍ପିରିଟ ବିକ୍ରି କରାଯିବ ତାହା ସରକାର ନିର୍ଦ୍ଦେଶ କରି ଦେଇଛନ୍ତି ।

## କୋଚିନ

### ଜଳ ସେଚନ ବ୍ୟବସ୍ଥା

କୋଚିନ ସରକାର ଆଦେଶ କରିଅଛନ୍ତି ଯେ ବ୍ୟବସ୍ଥାପକ ସଭା ଦ୍ୱାରା ନିର୍ବାଚିତ ତିନି ଜଣ ବେସରକାରୀ ଓ ସରକାରଙ୍କ ମନୋନୀତ ତିନି ଜଣ ସଭ୍ୟଙ୍କୁ ନେଇ ତିନି ବର୍ଷ ଲାଗି ଷ୍ଟେଟ୍‌ରେ ଗୋଟିଏ ଜଳସେଚନ ବୋର୍ଡ଼ ଗଠିତ ହେବ । ବୋର୍ଡ଼ର କାର୍ଯ୍ୟ ହେବ ତଦନ୍ତ ପାଇଁ କେଉଁ କେଉଁ ପ୍ରସ୍ତାବ ଧରା ଯିବ ଓ ଯେଉଁ ଯେଉଁ ପ୍ରସ୍ତାବ ତଦନ୍ତ ହୋଇ ଯାଇଛି ସେ ସବୁ କିପରି ସମ୍ପାଦନ କରିବାକୁ ହେବ ସେ ବିଷୟରେ ଉପଦେଶ ଦେବା ।

## ହାଇଦ୍ରାବାଦ

### ବୈଜ୍ଞାନିକ ଗବେଷଣା

ରାଜ୍ୟର ଶିଳ୍ପୋନ୍ନତି ସହିତ ଜଡ଼ିତ ବିବିଧ ସମସ୍ୟାଗୁଡ଼ିକର ଗବେଷଣା ଚଳାଇବା ପାଇଁ ସମ୍ମାନିତ ନବାବ ସାର ଆକବର ଜଙ୍ଗ ବାହାଦୁରଙ୍କ ସଭାପତିତ୍ୱରେ ଏକ ବୈଜ୍ଞାନିକ ଗବେଷଣା ବୋର୍ଡ଼ ପ୍ରତିଷ୍ଠିତ ହୋଇଅଛି । ନିଜାମ ସରକାର ଏଥିଲାଗି ଟ୨୫,୦୦୦ ପ୍ରାଥମିକ ଗ୍ରାଣ୍ଟ ମଞ୍ଜୁର କରିଅଛନ୍ତି । ଏହାଛଡ଼ା ଶିଳ୍ପ



Digitized by srujanika@gmail.com

ରସାୟନାଗାର ପାଇଁ ବଜେଟରେ ଟ୨୬,୦୦୦ ଧରା ଯାଇଛି, ସମ୍ପୃକ୍ତ କମିଟି ଗୁଡ଼ିକର ପ୍ରସ୍ତାବ ଉପରେ ଏହି ବୋର୍ଡ ଚଳିତ ବର୍ଷ ଆଠ ଗୋଟି ଗବେଷଣା ଯୋଜନା ଅନୁମୋଦନ କରି ଅଛନ୍ତି । ଉଦ୍ଭିଜ୍ଜ ତୈଳ ଓ ବନଜାତ ଦ୍ରବ୍ୟର ବ୍ୟବହାର, ଶିଳ୍ପ କାର୍ଯ୍ୟ, ଜାଳେଣି କାଠ, ଚମ୍ଭ, ମାଟି ପାତ୍ର, ରାସାୟନିକ ଦ୍ରବ୍ୟ ଓ ଔଷଧ ଉପାଦାନମାନ ଏହି ଗବେଷଣାର ଅନ୍ତର୍ଗତ ।

### ଲାଞ୍ଚାବୃତ୍ତି–ପ୍ରତିରୋଧ ଆନ୍ଦୋଳନ

ନିଜାମ ସରକାରଙ୍କର ବିଚାର ଓ ଧର୍ମ ବିଭାଗର ସଭ୍ୟ ସୟଦ ଅବଦୁଲ୍ ଅଜିଜଙ୍କ ଅବେଦନକ୍ରମେ ଚିକିତ୍ସା ଓ ସାଧାରଣ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ଲାଞ୍ଚାବୃତ୍ତି ପ୍ରତିରୋଧ ଅନ୍ଦୋଳନକୁ ନିଜ ନିଜ ବେତନରୁ ମାସକୁ ଟଙ୍କା ପ୍ରତି ଏକ ପାହୁଲା ଲେଖାଏଁ ଦେବେ ବୋଲି ପ୍ରତିଶ୍ରୁତି ଦେଇଅଛନ୍ତି । ଏହି ଅନ୍ଦୋଳନ ମ୍ୟୁନିସିପାଲିଟି ସୀମା ମଧ୍ୟରେ ଚାଲି ଯାଉଅଛି ।

### ଜଳ ସରବରାହ ଓ ବିଜୁଳି ଆଲୁଅ

ଅଉରଙ୍ଗାବାଦ ଜିଲ୍ଲାର ପାଟନ ସହର ପାଇଁ ଜଳସରବରାହ ଓ ବିଜୁଳି ଅଲୁଅର ବ୍ୟବସ୍ଥା ଓ ମାହୁକ ନଗର ପାଇଁ ଜଳ-ସରବରାହର ବ୍ୟବସ୍ଥା ନିଜାମ ସରକାର ମଞ୍ଜୁର କରିଅଛନ୍ତି । ଏହି ବ୍ୟବସ୍ଥାମାନଙ୍କରେ ଟ୫,୬୫,୦୦୦୯ ଖର୍ଚ୍ଚ ହେବାର ଏଷ୍ଟିମେଟ ହୋଇଅଛି ।

### ସରକାରୀ ଚିଠିପତ୍ରରେ ଉର୍ଦ୍ଦୁ ଭାଷାର ବ୍ୟବହାର

ନିଜାମ ସରକାର ଏକ ଅଦେଶ ଜାରି କରିଛନ୍ତି ଯେ ସରକାରୀ ଅଫିସରେ ଉର୍ଦ୍ଦୁ ଭାଷାରେ କାମ ଚାଲିବ । ପ୍ରାଦେଶିକ ସରକାର, ରେସିଡେନ୍ସି ଏବଂ ରେଲବାଇ ସହିତ ଚିଠିପତ୍ରରେ ଇଂରାଜୀ ବ୍ୟବହୃତ ହୋଇ ପାରେ ।

ଏହି ଅଦେଶରେ ପୁଣି କୁହାଯାଇଅଛି ଯେ ଅସନ୍ତା ବର୍ଷଠାରୁ ଷ୍ଟେଟରେ ବ୍ୟବହୃତ ହିନ ପଞ୍ଜିକାମାନଙ୍କରେ ପ୍ରଥମେ ଫସ୍‌ଲି ତାରିଖ, ତାପରେ ହିଜ୍‌ରି ଏବଂ ଶେଷରେ ଇଂରେଜୀ ତାରିଖ ଦିଆଯିବ । ବର୍ତ୍ତମାନ ଇଂରାଜୀ ତାରିଖ ଉପରେ ଦିଆ ଯାଉଛି ।

## ଇନ୍ଦୋର

### ଗ୍ରାମୋନ୍ନତି

ସଂପୃକ୍ତ ଜିଲ୍ଲା ଗ୍ରାମୋନ୍ନତି କମିଟିମାନଙ୍କର ଉଦ୍ୟୋଗରେ ଇନ୍ଦୋର ଜିଲ୍ଲାର ହାତୋଡ଼ ଓ ନିମାଇ ଜିଲ୍ଲାର ସେଗାଁ ଓ ବାରୁଦ ଠାରେ ଗ୍ରାମୋନ୍ନତି ଦିବସମାନ ଉତ୍ସାହସହକାରେ ପାଳିତ ହୋଇ ଥିଲା । ପ୍ରଗତି ଫେୟାର, ଚରଖା ପ୍ରତିଯୋଗିତା, ଗ୍ରାମ୍ୟ ଶିଳ୍ପ ଓ କୃଷିର ଶିଳ୍ପ ପ୍ରଦର୍ଶନୀ, ନାଟକାଭିନୟ, ଛାତ୍ରମାନଙ୍କର ବକ୍ତୃତା, ବାଳଚରମାନଙ୍କର କେମ୍ପଫାୟାର, ଘର ଚତୁର୍ଦ୍ଦିଗରେ ଫୁଲ ଫଳ ଗଛ ରୋପଣ କରିବା, ଗ୍ରାମ ସଫା କରିବା ପ୍ରଭୃତି କାର୍ଯ୍ୟ ନିର୍ଘଣ୍ଟର ଅନ୍ତର୍ଗତ ଥିଲା । ଷ୍ଟେଟ କର୍ମଚାରୀମାନେ ଓ ବିଶିଷ୍ଟ ଗ୍ରାମବାସୀ-ମାନେ ବକ୍ତୃତା ଦେଇଥିଲେ । କି ଉପାୟରେ ଗ୍ରାମବାସୀମାନେ ସର୍ବାଙ୍ଗୀନ ଉନ୍ନତି ସାଧନ କରି ସାରା ଷ୍ଟେଟକୁ ସମୃଦ୍ଧିଶାଳୀ କରି ପାରିବେ, ସେ ସମସ୍ତ ବକ୍ତୃତାମାନଙ୍କରେ ଅଲୋଚିତ ହୋଇଥିଲା ।

ଷ୍ଟେଟର ଗ୍ରାମ୍ୟ ଲୋକମାନଙ୍କର ପ୍ରୟୋଜନମାନ ସରକାରଙ୍କୁ ଜଣାଇବା ପାଇଁ ରାଜସ୍ୱ ମନ୍ତ୍ରୀ, ଶିକ୍ଷା ମନ୍ତ୍ରୀ ଓ ବାଣିଜ୍ୟ ମନ୍ତ୍ରୀଙ୍କୁ ନେଇ ଗୋଟିଏ କମିଟି ଗଢ଼ା ଯାଇଛି । ଷ୍ଟେଟର ଯୁଦ୍ଧ ଉଦ୍ୟମ ସୁଦୃଢ଼ ରଖିବା ପ୍ରତି ଦୃଷ୍ଟି ଦେଇ କମିଟି କଷ୍ଟିଓ୍ୱାରି ପରିଶୋଧ ହେବା ଋଣ ଦେବାର ବ୍ୟବସ୍ଥା କରିବେ ।

ନୂଆ କୂଅ ଖୋଳିବା ପାଇ ନେମାଓ୍ୱାରର କୃଷୀମାନଙ୍କୁ ବିନା ସୁଧରେ ଗ୍ରାମୋନ୍ନତି ପାଣ୍ଠିରୁ ଏକ ଲକ୍ଷ ଟଙ୍କା ମଧ୍ୟ ମଞ୍ଜୁର କରା ଯାଇଛି ।

## ଜୟପୁର

### ଶାସନ ସଂସ୍କାର

ବିଚାର ବିଭାଗକୁ ଶାସନ ବିଭାଗଠାରୁ ପୃଥକ୍ କରିବା ଉଦ୍ଦେଶ୍ୟରେ ଘୋଷଣା କରା ଯାଇଛି ଯେ ମନ୍ତ୍ରୀ ପରିଷଦରେ ପ୍ରଧାନ ବିଚାରକର ସ୍ଥାନ ରହିବ ନାହିଁ । ମନ୍ତ୍ରୀ ସଂଖ୍ୟା ସାତରୁ ପାଞ୍ଚକୁ କମେଇ ଦିଆଯିବ ।

ଦୈନନ୍ଦିନ କାର୍ଯ୍ୟ ଶୀଘ୍ର ସମାଧା କରିବା ଉଦ୍ଦେଶ୍ୟରେ ରାଜ୍ୟର ସେକ୍ରେଟେରିଏଟର ମଧ୍ୟ ପୁନଃସଂସ୍କାର କରା ଯାଉଛି । ଫଳରେ ସେକ୍ରେଟେରିଏଟ୍‌ର କାର୍ଯ୍ୟ ସେକ୍ରେଟେରୀମାନେ କରିବେ ଏବଂ ମନ୍ତ୍ରୀମାନେ ନୀତି ନିୟନ୍ତ୍ରଣ ଏବଂ ନୂଆ ଯୋଜନା ଗୁଡ଼ିକ ପ୍ରତି ସମଧିକ ଦୃଷ୍ଟି ଦେଇପାରିବେ ।

ନୂଆ ଦେବାନ ସାର୍ ମିର୍ଜା ଇସ୍‌ମାଇଲ୍‌ଙ୍କ ମନ୍ତ୍ରିତ୍ୱ ଗ୍ରହଣ ପରେ ଯେଉଁ ସଂସ୍କାରମାନ ସାଧିତ ହେଉଛି ଏଗୁଡ଼ିକ ତନ୍ମଧ୍ୟରେ ସର୍ବପ୍ରଧାନ ।

## କାଶ୍ମୀର

### ପାରାସୁଟ କନା ତିଆରି

ରେଶମ କାରଖାନାମାନଙ୍କରେ ମାସକୁ ପନର ହଜାର ଗଜ ପାରାସୁଟ କନା ତିଆରି କରିବାର ବ୍ୟବସ୍ଥା କାଶ୍ମୀର ସରକାର ଶେଷ କରି ସାରିଛନ୍ତି ।

## କୋରିଆ

ଗୋଟିଏ ସ୍ଥାୟୀ ଦୁର୍ଭିକ୍ଷ ନିବାରିଣୀ ପାଣ୍ଠି ସୃଷ୍ଟି କରିବା ପାଇଁ କୋରିଆ ସରକାର ମଞ୍ଜୁର ଦେଇଅଛନ୍ତି । ଷ୍ଟେଟର ସାଧାରଣ ରିଜର୍ଭ ପାଣ୍ଠିରୁ ତିରିଶ ହଜାର ଟଙ୍କା ଅଣି ଏହି ପାଣ୍ଠିରେ



Digitized by srujanika@gmail.com

ମିଶାଇବା ପାଇଁ ମଧ୍ୟ ଆଦେଶ ହୋଇଛି । ସରକାରୀ ଏବଂ ବେସରକାରୀ ସଭ୍ୟଙ୍କ ଦ୍ୱାରା ଗଠିତ ଗୋଟିଏ କମିଟି ଉପରେ ଦୁର୍ଭିକ୍ଷର କାରଣମାନ ଅନୁସନ୍ଧାନ କରିବାର ଭାର ନ୍ୟସ୍ତ କରାଯାଇଛି ।

## ମହୀଶୂର

୧୯୪୦-୪୧ ସାଲର ଶାସନ ରିପୋର୍ଟରୁ ଜଣାଯାଏ ଯେ ରାଜ୍ୟରେ ଶିଳ୍ପ ଅନୁଷ୍ଠାନମାନଙ୍କ ସଂଖ୍ୟା ୩୬୫ ରୁ ବଢ଼ି ୫୧୫ ହୋଇଛି ଏବଂ ସେଗୁଡ଼ିକରେ ନିଯୁକ୍ତ କର୍ମୀଙ୍କ ସଂଖ୍ୟା ୭୩,୯୬୧ । ରେଜେଷ୍ଟ୍ରିଭୁକ୍ତ କଳକାରଖାନାରେ କାର୍ଯ୍ୟ କରୁଥିବା ସ୍ତ୍ରୀଲୋକଙ୍କ ସଂଖ୍ୟା ୪,୭୪୦ ।

ବୟନ ଶିଳ୍ପର ଅବନତି ଘଟିଛି ଏବଂ ଏହି ସନ୍ଧି କ୍ଷଣ ପାର ହେବା ପାଇଁ ସରକାର ୬୦ଟି ଡିପୁ ଖୋଲି ଥିଲେ । ସେଗୁଡ଼ିକରେ ୫୫,୯୬୫ ଟଙ୍କାର ଲୁଗା ବିକ୍ରି ହୋଇଥିଲା । ତନ୍ତବୁଣା ଲୁଗା ଉପରେ ଯେଉଁ କର ବସିଥିଲା ଲୋକଙ୍କୁ ସାହାଯ୍ୟ ଦେବା ଉଦ୍ଦେଶ୍ୟରେ ତାହା ବର୍ତ୍ତମାନ ଉଠାଇ ଦିଆ ଯାଇଛି । ଭାରତ ସରକାରଙ୍କ ବ୍ୟାବସାୟିକ ଶିକ୍ଷା ଯୋଜନାନୁଯାୟୀ କେନ୍ଦ୍ର ଶିଳ୍ପାନୁଷ୍ଠାନ ଯୁଦ୍ଧ ଶିଳ୍ପ ଶିକ୍ଷାର୍ଥୀଙ୍କୁ ଶିକ୍ଷା ଦେଇଥିଲା ।

### ମେଲେରିଆ ନିବାରଣ ଆନ୍ଦୋଳନ

ଇରୱିନ୍ କେନାଲ ଅଞ୍ଚଳରେ ମେଲେରିଆ ସମସ୍ୟା ଦୂର କରିବା ପାଇଁ ସରକାର ଗତ କେତେ ବର୍ଷ ଧରି ଚେଷ୍ଟା କରି ଆସୁଅଛନ୍ତି ଏବଂ ଏ ଦିଗରେ ବନ୍ଧୁବିଧ ବ୍ୟବସ୍ଥା ଅବଲମ୍ବନ କରିଛନ୍ତି । ପୁଷ୍କରିଣୀ ଏବଂ ଉପତ୍ୟକାମାନଙ୍କରୁ ନାଳ କାଟି ଜଳ ନିଷ୍କାସନ କରିବା ପାଇଁ ଏବଂ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ସରକାର ପ୍ରାୟ ଦେଢ଼ ଲକ୍ଷ ଟଙ୍କା ବ୍ୟୟ କରିଛନ୍ତି । କେତେଗୁଡ଼ିଏ ଗ୍ରାମର ଚତୁଃପାର୍ଶ୍ୱରେ ଶୁଷ୍କ ସ୍ଥାନ ରଖିବା ପାଇଁ ମଧ୍ୟ ବ୍ୟବସ୍ଥା କରା ଯାଇଛି । ଏ ଦିଗରେ ଉଦ୍ୟମ ଅଧିକ ବଢ଼ାଇବା ଲାଗି ସରକାର ସମ୍ପ୍ରତି ଆଠ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ଚିଫ୍ ଇଞ୍ଜିନିଅରଙ୍କୁ ମେଲେରିଆ ନିବାରଣୀ ସମିତି ସହିତ ଆଲୋଚନା କରି ଶୀଘ୍ର କାର୍ଯ୍ୟ ଶେଷ କରିବା ପାଇଁ ଆଦେଶ ଦିଆ ଯାଇଛି ।

## ପାତିଆଲା

ପାତିଆଲା ସରକାରଙ୍କ ପ୍ରକାଶିତ ଏକ ଇସ୍ତାହାରରେ ଲେଖା ଯାଇଛି ଯେ ଆସନ୍ତା ବର୍ଷଠାରୁ ରାଜସ୍ୱ ବିଭାଗର ଦାପ୍ତରୀୟ କାର୍ଯ୍ୟ ପଞ୍ଜାବୀ ଭାଷାରେ ଗୁରୁମୁଖୀ ଲିପିରେ ଅନୁଷ୍ଠିତ ହେବ ।

ରାଜସ୍ୱ ମନ୍ତ୍ରୀ ବିଭାଗ ସମସ୍ତ କର୍ମଚାରୀଙ୍କୁ ଜଣାଇଛନ୍ତି ଯେ ଛଅ ମାସ ମଧ୍ୟରେ ବିଭାଗୀୟ କର୍ମଚାରୀମାନଙ୍କୁ ପଞ୍ଜାବୀ ଭାଷାରେ ଏକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ । ଯେଉଁମାନେ ସେଥିରେ ଅକୃତକାର୍ଯ୍ୟ ହେବେ ସେମାନଙ୍କୁ ପଞ୍ଜାବୀ ଭାଷା ଜାଣିଥିବା ଲୋକଙ୍କ ପାଇଁ ସ୍ଥାନ ଖାଲି କରିବାକୁ ପଡ଼ିବ ।

## ତ୍ରିବାଙ୍କୁଡ଼

୧୯୪୧ ସାଲ ସେନସସ ସଂଖ୍ୟାରୁ ଜଣାଯାଏ ଯେ ତ୍ରିବାଙ୍କୁଡ଼ ଶିକ୍ଷା ବିଷୟରେ ଭାରତର ଅନ୍ୟାନ୍ୟ ଅଞ୍ଚଳମାନଙ୍କର ଅଗ୍ରଣୀ । ଭାରତର ଜନସଂଖ୍ୟା ଓ ସାକ୍ଷରତା ସଂଖ୍ୟା ଭାରତର ସେନସସ୍ କମିଶନର ତ୍ରିବାଙ୍କୁଡ଼ ସରକାରଙ୍କୁ ଜଣାଇଅଛନ୍ତି । ପ୍ରଧାନ ପ୍ରଧାନ ଷ୍ଟେଟମାନଙ୍କର ଜନସଂଖ୍ୟା:—ହାଇଦ୍ରାବାଦ ୧୬ ନିୟୁତ, ମହୀଶୂର ୭½ ନିୟୁତ, ତ୍ରିବାଙ୍କୁଡ଼ ୬ ନିୟୁତ, କାଶ୍ମୀର ଏବଂ ଗୋୟାଲିଅର ପ୍ରତ୍ୟେକେ ୪ ନିୟୁତ, ବରୋଦା ପ୍ରାୟ ୩ ନିୟୁତ ଏବଂ କୋଚିନ ପ୍ରାୟ ୧½ ନିୟୁତ ।

ସାକ୍ଷରତା ବିଷୟରେ ତ୍ରିବାଙ୍କୁଡ଼ ଭାରତରେ ଶୀର୍ଷସ୍ଥାନ ଅଧିକାର କରିଛି । ଏଠାରେ ସାକ୍ଷରତା ଶତକଡ଼ା ୪୭·୮, କୋଚିନ ୩୫·୪୩, ଦିଲ୍ଲୀ ୨୫·୭ ଏବଂ ବରୋଦା ୨୩·୦୧ ।

ପ୍ରଦେଶ ମଧ୍ୟରେ ମାନ୍ଦ୍ରାଜ, ବମ୍ବେ ଏବଂ ବଙ୍ଗଦେଶରେ ସଂଖ୍ୟା ଶତକଡ଼ା ୧୩·୦୧, ୧୯·୫ ଏବଂ ୧୬·୧୨ ।

ଅଧିକ ଲକ୍ଷ୍ୟ କରିବାର ବିଷୟ ହେଉଛି ତ୍ରିବାଙ୍କୁଡ଼ର ନାରୀ ସାକ୍ଷରତା ସଂଖ୍ୟା । ସେଠାରେ ଶତକଡ଼ା ୩୬ ଜଣ ନାରୀ ଶିକ୍ଷିତା ।



Digitized by srujanika@gmail.com

# ସମ୍ବାଦ ଓ ସଙ୍କେତ

## ମହାରାଜାଙ୍କ ଗସ୍ତ

ଶ୍ରୀମନ୍ ମହାରାଜା ମହୋଦୟ ପାଞ୍ଚ ଦିନ ଗସ୍ତ ପରେ ଜୁନ ୧୩ ତାରିଖ ଦିନ ବାରିପଦାକୁ ଫେରିଲେ । ମହାରାଜା ଗସ୍ତ କାଳରେ ଉଦଳା, କପ୍ତିପଦା, ଠାକୁରମୁଣ୍ଡା, ଯଶିପୁର, ଚହଲା, ଗଡ଼ ଚିମିଳିପାଳ, ପିଠାବଟା ଏବଂ ଅନ୍ୟାନ୍ୟ ପାର୍ବତ୍ୟ ଓ ସମତଳ ଅଞ୍ଚଳର ସ୍ଥାନମାନ ପରିଦର୍ଶନ କରିଥିଲେ । ଗସ୍ତ ସମୟରେ ମହାରାଜା କୌଣସି ଏକ ସ୍ଥାନରେ କାଳ୍ପନିକ ଶତ୍ରୁ ସୈନ୍ୟ ବିରୁଦ୍ଧରେ ସୈନ୍ୟମାନଙ୍କର ଅସ୍ତ୍ରଚାଳନା ଓ ରକ୍ଷା ବ୍ୟବସ୍ଥା ଦେଖିଥିଲେ । ଚିଫ୍ ଫରେଷ୍ଟ ଅଫିସର ଓ ଚିଫ୍ ଇଞ୍ଜିନିଅରଙ୍କ ସହିତ ମହାରାଜା ଜରୁରୀ ପରିସ୍ଥିତିରେ ପଳାତକମାନଙ୍କର ଆଶ୍ରୟସ୍ଥଳ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନମାନ ପରିଦର୍ଶନ କରିଥିଲେ । ପରିତ୍ୟକ୍ତ ଅଞ୍ଚଳମାନଙ୍କରେ ବସବାସ ସ୍ଥାପନ କରିବାର ସମସ୍ୟା ସମ୍ବନ୍ଧରେ ମହାରାଜା ଶିମିଳିପାଳ ଗଡ଼ ସର୍ଦ୍ଦାରଙ୍କ ସହିତ କଥାବାର୍ତ୍ତା କରିଥିଲେ । ରାଜଧାନୀକୁ ଫେରିବା ବାଟରେ ଚହଲାରୁ ପିଠାବଟା ପର୍ଯ୍ୟନ୍ତ ପ୍ରାୟ ୨୫ ମାଇଲ ବାଟ ମହାରାଜା ଘୋଡ଼ା ପିଠିରେ ଆସିଥିଲେ ।

## ପତାକା ଦିବସ

ଜୁନ ୧୪ ତାରିଖ ଦିନ ମୟୂରଭଞ୍ଜର ବିଭିନ୍ନ ସ୍ଥାନରେ "ମିଳିତ ଜାତି ପତାକା ଦିବସ" ପାଳିତ ହୋଇଥିଲା । ଏହି ଉପଲକ୍ଷରେ ସଭାସମିତିମାନ ହୋଇ ଲୋକ ସାଧାରଣଙ୍କୁ ଜାତୀୟ ଯୁଦ୍ଧ ସଂଗଠନରେ ଯୋଗଦାନ କରିବା ପାଇଁ ଉଦ୍‌ବୋଧନ ଦିଆ ଯାଇଥିଲା । ଶସ୍ୟ ଉତ୍ପାଦନ ବଢ଼ାଇବା ଲାଗି ଓ ବିଭିନ୍ନ ଯୁଦ୍ଧ ପାଣ୍ଠିମାନଙ୍କୁ ଅଧିକ ପରିମାଣରେ ସାହାଯ୍ୟ କରିବା ଲାଗି ଆବେଦନ କରା ଯାଇଥିଲା । ପତାକା ଦିବସ ଉପଲକ୍ଷରେ ଯୁଦ୍ଧ-ପାଣ୍ଠିକୁ ଦାନ କରିବା ନିମନ୍ତେ ସର୍ବସାଧାରଣଙ୍କ ପ୍ରତି ମୟୂରଭଞ୍ଜ ଯୁଦ୍ଧ ଉଦ୍ୟମ କମିଟି ଏକ ଆବେଦନ ପତ୍ର ପ୍ରଚାର କରିଥିଲେ ।

## ଧାନ ଚାଉଳ ରପ୍ତାନୀ

ଜୁନ ୨୯ ତାରିଖରେ ପ୍ରକାଶିତ ଏକ ବିଶେଷ ସଂଖ୍ୟା ଗେଜେଟରେ ମୟୂରଭଞ୍ଜ ସରକାର ଏକ ଇସ୍ତାହାର ଜାରି କରି ରାଜ୍ୟ ବାହାରକୁ ଧାନ ଚାଉଳ ରପ୍ତାନୀ ବନ୍ଦ କରିଅଛନ୍ତି । ଏହି ଇସ୍ତାହାର ଜୁଲାଇ ପହିଲାଠାରୁ କାର୍ଯ୍ୟକାରୀ ହୋଇଛି । ଜୁଲାଇ ୮ ତାରିଖ ମଧ୍ୟରେ ରାଜ୍ୟର ମିଲବାଲା, ଧାନ ମହାଜନ ଓ ବେପାରୀମାନେ ସେମାନଙ୍କ ନିକଟରେ ମହଜୁତ ଥିବା ଧାନ ଚାଉଳର ପରିମାଣ ସବ୍ ଡିଭିଜନାଲ ଅଫିସରଙ୍କ ନିକଟରେ ଜଣାଇଅଛନ୍ତି ।

ଇସ୍ତାହାରରେ କୁହା ଯାଇଛି ଯେ ରାଜ୍ୟରେ ଗତ ବର୍ଷ ଧାନ ଭଲ ହୋଇଥିଲା ଏବଂ ଏ ପର୍ଯ୍ୟନ୍ତ ଧାନ ଚାଉଳର ଦର ପ୍ରାୟ ସାଧାରଣ ଥିଲା । ମାତ୍ର ରାଜ୍ୟ ବାହାରୁ ଚାହିଦା ଖୁବ୍ ବେଶୀ ବଢ଼ିବା ଫଳରେ ବେପାରୀମାନେ ଅନ୍ୟାୟ ଲାଭ ଉଠାଇବାକୁ ଲାଗିଲେ, ଦରଦାମ ନିୟନ୍ତ୍ରଣ ବିଶେଷ କାର୍ଯ୍ୟକାରୀ ହୋଇ ପାରିଲା ନାହିଁ ଓ ଧାନ ଚାଉଳର ଦର ହୁହୁ ବଢ଼ିଗଲା । ଏ ପର୍ଯ୍ୟନ୍ତ ଏଥିରେ ହସ୍ତକ୍ଷେପ ନ କରିବାର କାରଣ ହେଉଛି, ସରକାର ଆଶା କରିଥିଲେ ଯେ ଚାଷୀମାନେ ଦରଦାମ ବଢ଼ିବାରେ କିଛି ଲାଭ ପାଇବେ, ମାତ୍ର କାର୍ଯ୍ୟରେ ଦେଖାଗଲା ଯେ ବେପାରୀମାନେ ଲାଭ ଉଠାଇଲେ ଓ ଚାଷୀମାନେ ଲାଭରୁ ବିଶେଷ କିଛି ପାଇଲେ ନାହିଁ । ତେଣୁ ଚାଷୀ ଓ କୁଲି ମଜୁରିଆମାନଙ୍କର ସ୍ୱାର୍ଥ ଦୃଷ୍ଟିରୁ ସରକାର ଧାନ ଚାଉଳ ରପ୍ତାନୀ ଅନ୍ୟ ଆଦେଶ ପର୍ଯ୍ୟନ୍ତ ବନ୍ଦ କରିବାକୁ ବାଧ ହୋଇଛନ୍ତି । ଷ୍ଟେଟ୍‌ରେ ଉପଯୁକ୍ତ ପରିମାଣ ଶସ୍ୟ ମହଜୁତ ରଖି ବଳକା ଅଂଶ ରପ୍ତାନୀ କରିବା ବିଷୟ ସରକାର ବିବେଚନା କରି ପାରନ୍ତି । ସରକାର ଆଶା କରନ୍ତି ଯେ ବଣିକ ସମ୍ପ୍ରଦାୟ ଓ ପ୍ରଜାସାଧାରଣ ଏ ଇସ୍ତାହାରକୁ କାର୍ଯ୍ୟକାରୀ କରିବାରେ ପ୍ରଭୂତ ସହାୟତା କରିବେ ।

## ଜାତୀୟ ରାଜ୍ୟରକ୍ଷା କାଉନ୍ସିଲ


ଜୁଲାଇ ୭ ତାରିଖଠାରୁ ୯ ତାରିଖ ପର୍ଯ୍ୟନ୍ତ ଜାତୀୟ ରାଜ୍ୟ-ରକ୍ଷା କାଉନ୍ସିଲର ଏକ ବୈଠକ ଦିଲ୍ଲୀଠାରେ ବସିଥିଲା । ନରେନ୍ଦ୍ର ମଣ୍ଡଳୀର ମହାମାନ୍ୟ ଚାନସେଲର, ହାଇଦ୍ରାବାଦର ଏକ୍‌ଜିକିଉଟିଭ କାଉନ୍ସିଲର ସଭାପତି, ବାହାୱାଲପୁରର ନବାବ, କୋଠାର ମହାରାଓ ଓ ମୟୂରଭଞ୍ଜର ମହାରାଜା ସେଠାରେ ଭାରତୀୟ ଦେଶୀୟ ରାଜ୍ୟସମୂହର ପ୍ରତିନିଧିରୂପେ ଯୋଗ ଦେଇ-ଥିଲେ । ଶ୍ରୀମନ୍ ମହାରାଜା ମହୋଦୟ ଜୁଲାଇ ୫ ତାରିଖ ଦିନ କଲିକତା ବାଟେ ଦିଲ୍ଲୀ ଯାଇଥିଲେ ଓ ୨୧ ତାରିଖରେ ରାଜଧାନୀକୁ ଫେରି ଆସିଥିଲେ । ଦିଲ୍ଲୀରେ ଅବସ୍ଥାନ କାଳରେ ଶ୍ରୀମନ୍ ମହାରାଜା ମହୋଦୟ ମହାମାନ୍ୟ ବଡ଼ଲାଟଙ୍କ ଭବନରେ ଅବସ୍ଥାନ କରିଥିଲେ ।



Digitized by srujanika@gmail.com

## ପ୍ରଜାସଭାର କର୍ତ୍ତବ୍ୟ

ରାଜ୍ୟର ପାଞ୍ଚୋଟି ପ୍ରଜାସଭାକୁ ସମ୍ବୋଧନ କରି ଶ୍ରୀମନ୍ ମହାରାଜା ମହୋଦୟ ଜୁନ ୧୯ ତାରିଖରେ ଯୁଦ୍ଧ ସମ୍ବନ୍ଧରେ ଏକ ସମୟୋଚିତ ଭାଷଣ ଦେଇ ଥିଲେ । ସଦର ପ୍ରଜାସଭାରେ ସ୍ୱୟଂ ଉପସ୍ଥିତ ହୋଇ ଅଭିଭାଷଣଟି ପାଠ କରି ଥିଲେ । ଅଭିଭାଷଣ ପରେ ସେ ଆକ୍ରମଣକାରୀ ବିରୁଦ୍ଧରେ ମିଳିତ ବାଧା ଦେବା ପାଇଁ ଜାତୀୟ ଅଭିପ୍ରାୟ ଦୃଢ଼ତର କରିବାର ଆବଶ୍ୟକତା ବୁଝାଇ ଥିଲେ । ସେ ଆହୁରି କହିଥିଲେ ଯେ ଯେଉଁ ସୈନ୍ୟମାନେ ଆମ ଗୃହଦ୍ୱାର ବିଷୟସମ୍ପତ୍ତି ରକ୍ଷା କରୁଛନ୍ତି ସେମାନଙ୍କୁ ସାହାଯ୍ୟ କରିବା ପ୍ରତ୍ୟେକ ନାରୀ, ପୁରୁଷ ଓ ନାଗରିକର ଧର୍ମ ।



ସଦର ପ୍ରଜା ସଭାରେ ଶ୍ରୀମନ୍ ମହାରାଜା । ଦକ୍ଷିଣ କୋଣରେ ମାନନୀୟ ଦେବାନ ସାହେବ ଅସୀନ ।

ମହାରାଜା ଗୁଜବ ରଟନାର ନିନ୍ଦାବାଦ କରି ଜନ ସାଧାରଣଙ୍କର ନୈତିକ ବଳ ଅତୁଟ ରଖିବାର ପ୍ରୟୋଜନୀୟତା ଉପରେ ଜୋର ଦେଇ ଥିଲେ । ସେ କହିଲେ ଯେ ସଭାର ସଭ୍ୟମାନଙ୍କର କର୍ତ୍ତବ୍ୟ ହେଉଛି ଗ୍ରାମବାସୀମାନଙ୍କୁ ପ୍ରକୃତ ଯୁଦ୍ଧ ସମ୍ବାଦ ଯୋଗାଇବା ।

ଗ୍ରାମମାନଙ୍କୁ ଆତ୍ମନିର୍ଭର କରିବା ପାଇଁ ସେ ଲୋକମାନଙ୍କୁ ଆହୁରି ଅଧିକ ଖାଦ୍ୟ ଶସ୍ୟ ଉତ୍ପାଦନ କରିବା ପାଇଁ ଆବେଦନ କରିଥିଲେ ।

ପ୍ରଜାସଭା ତରଫରୁ ମହାରାଜାଙ୍କୁ ଧନ୍ୟବାଦ ଦିଆ ଯାଇ ପ୍ରସ୍ତାବମାନ ଗୃହୀତ ହୋଇଥିଲା ।

## ଜାତୀୟ ଯୁବକ ସଂଗଠନ

ଜୁଲାଇ ମାସ ୧୨ ତାରିଖରେ ବାରିପଦା ମ୍ୟୁନିସିପାଲ ପ୍ରକୋଷ୍ଠରେ ଜାତୀୟ ଯୁବକ ସଂଗଠନର ଏକ ବୈଠକ ବସିଥିଲା । ଦେବାନ ସାହେବ ସଭାପତିର ଆସନ ଅଲଂକୃତ କରିଥିଲେ । ସଭାପତି ମହୋଦୟ ଶତ୍ରୁମାନଙ୍କୁ ଦମନ କରିବା ନିମିତ୍ତ ସମବେତ ଉଦ୍ୟମର ଓ ଜାତିଧର୍ମ ନିର୍ବିଶେଷରେ ଜାତୀୟ ଯୁବକ ସଂଗଠନରେ ଯୋଗ ଦେବାର ଆବଶ୍ୟକତା ବିଷୟରେ ଜୋର ଦେଇ ଏକ ସୁଚିନ୍ତିତ ଭାଷଣ ଦେଇଥିଲେ ।

ସଭାପତି ମହୋଦୟ ବିଭିନ୍ନ ରଣାଙ୍ଗନର ସମ୍ବାଦ ଓ ଜାତୀୟ ଯୁବକ ସଂଗଠନ ଆନ୍ଦୋଳନର ଉଦ୍ଦେଶ୍ୟ ସଂକ୍ଷେପରେ ବର୍ଣ୍ଣନା କରି କହିଥିଲେ, "ଆମ୍ଭେମାନେ ପରାଜୟ-ମନୋବୃତ୍ତିର ଲୋପ ସାଧନ



Digitized by srujanika@gmail.com

କରନ୍ତୁ, ଆତଙ୍କଜନକ ଜନରବ ବନ୍ଦ କରନ୍ତୁ, ସମ୍ମାନ ଏବଂ ନିରାପଦତାକୁ ବିପନ୍ନ କରୁଥିବା ପ୍ରତ୍ୟେକ କାର୍ଯ୍ୟର ସମ୍ମୁଖୀନ ହୋଇ ପ୍ରତିରୋଧ କରନ୍ତୁ ଏବଂ ବିଜୟରେ ଚରମ ଆସ୍ଥା ରଖି କର୍ତ୍ତବ୍ୟ ସମ୍ପାଦନ କରନ୍ତୁ ।” ଯେଉଁ ଜାତୀୟ ଯୁଦ୍ଧ ସଂଗଠନ ଆନ୍ଦୋଳନ ଦେଶର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ ବିସ୍ତୃତ ସେଥିରେ ଯୋଗ ଦେବା ପାଇଁ ସଭ୍ୟମାନଙ୍କୁ ଅନୁରୋଧ କରି ସଭାପତି ମହୋଦୟ କହିଥିଲେ, “ଆକ୍ରମଣମୂଳକ ମନୋବୃତ୍ତି ବଜାୟ ରଖିବା ପାଇଁ ଏବଂ ଶାରୀରିକ, ମାନସିକ ଓ ନୈତିକ ଦୃଢ଼ତା ଆଣିବା ପାଇଁ ପ୍ରାଣପଣ ଚେଷ୍ଟା କରିବାକୁ ହେବ, ତାହାହେଲେ ଜାର୍ମାନୀ ଏବଂ ତାର ପୃଥିବୀର ପୃଷ୍ଠପଟ ସଙ୍ଗୀ ବିରୁଦ୍ଧରେ ରୁଷିଆ ଏବଂ ଚୀନର ଲୋକେ ଦୃଢ଼ ପ୍ରତିଜ୍ଞାର ଯେଉଁ ଚରମ ସୋପାନରେ ଉପନୀତ ହୋଇ ପାରିଛନ୍ତି ଆମ୍ଭେମାନେ ସେଠାରେ ପହଞ୍ଚି ପାରିବା ।”

ଯୁଦ୍ଧ ସଂଗଠନ ଆନ୍ଦୋଳନର ଦ୍ରୁତ ଉନ୍ନତି ଓ ବିସ୍ତାର ସମ୍ବନ୍ଧରେ ଦେବାନ ସାହେବ ଏକ ପନ୍ଥାର ଅବତାରଣା କରି କହିଥିଲେ, “ଆପଣମାନଙ୍କୁ ବୋଧ ହୁଏ ଜଣାଥିବ ଯେ, ଥରେ କେହି ଜଣେ ଏକ ଚିଠି ବ୍ୟବହାର କରିଥିଲେ ଯାହା ପାଇଲା ମାତ୍ରେ ଦଶ ଖଣ୍ଡ ସେହିପରି ଚିଠି ଲେଖି ଦଶ ଜଣ ବନ୍ଧୁଙ୍କୁ ବାଣ୍ଟିବାକୁ ହୁଏ । ସେମାନେ ପୁଣି ସେହିପରି ନିଜ ବନ୍ଧୁମାନଙ୍କଠାକୁ ଲେଖନ୍ତି । ଏ କ୍ଷେତ୍ରରେ ପ୍ରତ୍ୟେକ ସଭ୍ୟ ନିବେଦନ ପତ୍ର ସହିତ ଅଙ୍ଗୀକାର ଟିଏ ନିଜ ବନ୍ଧୁ ପାଖକୁ ପଠାଇବେ । ଏହା ଦ୍ୱାରା ଖୁବ୍ ଶୀଘ୍ର ଜାତୀୟ ଯୁଦ୍ଧସଂଗଠନର କାର୍ଯ୍ୟ ବହୁଦୂର ଅଗ୍ରସର ହୋଇ ପାରିବ ।”

ମୟୂରଭଞ୍ଜରେ ଉକ୍ତ ଆନ୍ଦୋଳନ ଅଧିକତର ଲୋକପ୍ରିୟ କରିବା ପାଇଁ ସ୍ଥାନୀୟ ତିନି ଜଣ ଭଦ୍ର ବ୍ୟକ୍ତିଙ୍କୁ ନେଇ ଗୋଟିଏ କମିଟି ଗଠିତ ହେଲା । ଉକ୍ତ କମିଟି ମୋଫସଲର ବିଭିନ୍ନ ସଂଗଠନ ଗୁଡ଼ିକୁ ଅଧିକ ଲୋକପ୍ରିୟ କରିବା ଉଦ୍ଦେଶ୍ୟରେ ଯୋଜନା ପ୍ରସ୍ତୁତ କରିବେ । ସମୟୋପଯୋଗୀ ସମ୍ବାଦ, ଉପଦେଶ ଏବଂ ଲେଖାମାନ ଯୋଗାଇବେ । ମୋଫସଲର କେନ୍ଦ୍ର ଗୁଡ଼ିକ ବାରିପଦାରେ ପ୍ରତିଷ୍ଠିତ ଜାତୀୟ ଯୁଦ୍ଧସଂଗଠନ କମିଟିର ଅଧୀନ ନ ହୋଇ ସ୍ୱାଧୀନ ଅନୁଷ୍ଠାନରୂପେ କାର୍ଯ୍ୟ କରିବେ ମାତ୍ର ସମସ୍ତଙ୍କ ଉଦ୍ଦେଶ୍ୟ ଏକ ରହିବ । ଅବଶ୍ୟ କେନ୍ଦ୍ର କମିଟି ଆଦର୍ଶରୂପେ କାର୍ଯ୍ୟ କରିବ ।

## ଟାଟା କୋମ୍ପାନୀର ଯୁଦ୍ଧ ସାହାଯ୍ୟ

ମୟୂରଭଞ୍ଜ କେନ୍ଦ୍ର ଯୁଦ୍ଧ-ଉଦ୍ୟମ କମିଟିର ଅନୁରୋଧରେ ଟାଟା କୋମ୍ପାନୀ ଶତକରା ୩ ଟଙ୍କା ସୁଧ ବିଶିଷ୍ଟ ତୃତୀୟ ରାଜ୍ୟ-ରକ୍ଷା ଋଣରେ ପାଞ୍ଚ ଲକ୍ଷ ଟଙ୍କା ମୟୂରଭଞ୍ଜ ଷ୍ଟେଟ ଜରିଆରେ ନିୟୋଗ କରିଅଛନ୍ତି ।

## ରଥଯାତ୍ରା

ଜୁଲାଇ ୧୬ ତାରିଖ ଦିନ ଗୁଣ୍ଡିଚା ଯାତ୍ରା ଶେଷ ହେଲା । ଜାତୀୟ ରକ୍ଷା କାଉନ୍‌ସିଲର ଅଧିବେଶନରେ ଯୋଗ ଦେବା ପାଇଁ ଶ୍ରୀମନ୍ ମହାରାଜା ମହୋଦୟ ଦିଲ୍ଲୀ ଯାତ୍ରା କରିଥିବାରୁ ତାଙ୍କର ଚିଫ୍‌ ଗାର୍ଡ଼ିଆନ ସାହେବ ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେବ ଉତ୍ସବର ସମସ୍ତ ବିଷୟ ପର୍ଯ୍ୟବେକ୍ଷଣ କରିଥିଲେ । ସୁସଜ୍ଜିତ ହସ୍ତୀ, ସଂକୀର୍ତ୍ତନ ଦଳ; ବାଦ୍ୟକାର, ବାଳଚର, ପୋଲିସ ଓ ଷ୍ଟେଟ କର୍ମଚାରୀମାନଙ୍କର ଏକ ବିରାଟ ଶୋଭାଯାତ୍ରା ମଧ୍ୟରେ ରଥମାନ ଟଣା ଯାଇଥିଲା । ଭାରତୀୟ ସୈନ୍ୟମାନେ ବହୁ ସଂଖ୍ୟାରେ ଉତ୍ସବରେ ଉପସ୍ଥିତ ଥିଲେ ମଧ୍ୟ ଦୂର ପଲ୍ଲୀ ଅଞ୍ଚଳରୁ ଆସିଥିବା ସ୍ତ୍ରୀ ପୁରୁଷଙ୍କ ମଧ୍ୟରେ ବିଶୃଙ୍ଖଳ୍ୟ ଦେଖା ଯାଇ ନ ଥିଲା, ଅଧିକନ୍ତୁ ସେମାନେ ନିର୍ଭୟରେ ଓ ନିଃସଙ୍କୋଚରେ ସେମାନଙ୍କ ସହିତ ଯାତାୟାତ କରୁଥିଲେ ।

ବିଶିଷ୍ଟ ଦର୍ଶକମାନଙ୍କ ମଧ୍ୟରେ ପୂର୍ବାଞ୍ଚଳ ଦେଶୀୟ ରାଜ୍ୟ ସମ୍ବନ୍ଧର ରାଜନୈତିକ ଯୋଗସୂତ୍ର ଅଫିସର ମେଜର ଜି. ଏଇଚ. କୁକ୍ ଏବଂ ଯୁଦ୍ଧାଞ୍ଚଳର କମାଣ୍ଡିଂ ଅଫିସର ଲେଫ୍‌ଟେନେଣ୍ଟ କର୍ଣ୍ଣେଲ ଜେ. ଆର. ଏଇଚ୍. ଟୁଇଡଙ୍କ ନାମ ଉଲ୍ଲେଖଯୋଗ୍ୟ ।

ଦେବାନ ସାହେବ ତାଙ୍କ କୋଠିରେ ଅତିଥିରୂପେ ଯୁଦ୍ଧ କର୍ମଚାରୀମାନଙ୍କୁ ଗ୍ରହଣ କରିଥିଲେ ଏବଂ ଏକ ପ୍ରୀତି ଭୋଜି ଦେଇଥିଲେ । ସ୍ଥାନୀୟ ବାଳଚରମାନେ ସହରର ପ୍ରଧାନ ରାସ୍ତାରେ ସୈନ୍ୟମାନଙ୍କ ପାଇଁ ଚାହା ଓ ଜଳଖିଆର ବ୍ୟବସ୍ଥା କରିଥିଲେ ।

ଏହି ସୁଯୋଗରେ ଜାତୀୟ ଯୁଦ୍ଧସଂଗଠନ ଆନ୍ଦୋଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବଳିତ ଓଡ଼ିଆ ଓ ଇଂରେଜୀ ପୁସ୍ତିକାମାନ ବହୁ ସଂଖ୍ୟାରେ ଲୋକ ସାଧାରଣରେ ବଣ୍ଟା ଯାଇଥିଲା । ବର୍ତ୍ତମାନ ପରିସ୍ଥିତିରୁ ଉପୁଜୁଥିବା ନାନା ସମସ୍ୟା ନେଇ ବକ୍ତୃତା ମଧ୍ୟ ଦିଆ ଯାଇଥିଲା ।

ବାହୁଡ଼ା ଯାତ୍ରା ଜୁଲାଇ ୨୪ ତାରିଖରେ ଆରମ୍ଭ ହୋଇ ତପର ଦିନ ଶେଷ ହେଲା । ଶ୍ରୀମନ୍ ମହାରାଜା ମହୋଦୟ ସମସ୍ତ ଉତ୍ସବରେ ସ୍ୱୟଂ ଯୋଗ ଦେଇଥିଲେ ।

## ଜଳ ସରବରାହ ଯୋଜନା କମିଟି

ସଦର ସବ୍-ଡିଭିଜନ ମଧ୍ୟରେ ବନ୍ଧ, ପୁଷ୍କରିଣୀ ଓ କୂପ ଖନନ ଏବଂ ଗ୍ରାମ୍ୟ ରାସ୍ତା ନିର୍ମାଣ, ଇତ୍ୟାଦି କାର୍ଯ୍ୟର ସୁପାରିସ୍ କରିବା ପାଇଁ ପ୍ରଜାସଭାର ସଭ୍ୟମାନଙ୍କୁ ନେଇ ଗୋଟିଏ କମିଟି ଗଠିତ ହେବାର ପ୍ରସ୍ତାବ ଶ୍ରୀମନ୍ ମହାରାଜା ମହୋଦୟ ମଞ୍ଜୁର କରି ଅଛନ୍ତି । ୧୯୪୨-୪୩ ପ୍ରଜାସଭା ଅଧିବେଶନରେ ଏହି କମିଟିର ଗଠନ ସମ୍ପର୍କରେ ସୁପାରିସ୍ ହୋଇଥିଲା ଏବଂ ୯ ଜଣ ବେସରକାରୀ ଓ ସଭାପତିଙ୍କୁ ନେଇ ୪ ଜଣ ସରକାରୀ ସଭ୍ୟ ଏଥିପାଇଁ ମନୋନୀତ ହୋଇଥିଲେ ।

ରାଜ୍ୟଶାସନ ସହିତ ଜନସାଧାରଣଙ୍କର ଘନିଷ୍ଠ ସମ୍ପର୍କ ରହିବା ଦିଗରେ ଉକ୍ତ ଯୋଜନା ଏକ ସୋପାନ ଏବଂ ସମସ୍ତେ ଏହା ଆଦରର ସହିତ ଗ୍ରହଣ କରିଅଛନ୍ତି ।

ମୟୂରଭଞ୍ଜ ଷ୍ଟେଟ ପ୍ରେସ୍‌ରେ ଶ୍ରୀ ପଦ୍ମଚରଣ ଦାଶଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ



Digitized by srujanika@gmail.com

ADRENALIN CHLORIDE Solution B.P.,
PITUITARY EXTRACT AND
CHOLERA VACCINE ETC.

**EVERY BATCH VERY CAREFULLY STANDARDISED BY EMINENT EXPERTS.**

## EDWARD'S TONIC

The RAPID and RELIABLE Remedy For MALARIA and
ALLIED FEVERS

# BUTTO KRISTO PAUL & Co., Ltd.

CALCUTTA.

# BHOLANATH DUTT & SONS

THE PREMIER PAPER HOUSE OF INDIA

*Tel:*—" PRIVILEGE " CALCUTTA. PHONE B.B. 4288 (2 lines)
BHOLANATH BUILDINGS—167, Old China Bazar Street, Calcutta.

*Branches* :—134 & 135 Old China Bazâr Street, Calcutta. 64 Harrison Road, Calcutta. 1 Hewet Road, Allahabad, Chawk Benares. 58 Patuatuly, Dacca.

Digitized by srujanika@gmail.com

# ମୟୂରଭଞ୍ଜର

ଶସ୍ତା　　ସୁନ୍ଦର　　ସ୍ଥାୟୀ

ସ୍ୱଦେଶୀ ଜିନିଷମାନ କିଣନ୍ତୁ

## ମୟୂରଭଞ୍ଜର ବୁଣା କାମ

ଆଧୁନିକ ରୁଚିସମ୍ପନ୍ନ ବିଭିନ୍ନ ପ୍ରକାର ପକ୍କା ରଙ୍ଗର ହାତକଟା, ହାତବୁଣା **ଟସର, ରେଶମ, ପଶମ** ଓ **ସୂତା** ନିର୍ମିତ ପଦାର୍ଥମାନ

### କୁଟୀର ଶିଳ୍ପ

୧। ଦୀର୍ଘକାଳ ସ୍ଥାୟୀ, ସୁନ୍ଦର ଓ ମଜବୁତ **ଦରୀ**

୨। ଭଲ ବୁଣା **ଚୌକି ଗଦି** ଏବଂ **ବିଛଣା ଗଦି**

୩। କପାସୂତାର **ଗାଲିଚ୍** ଓ ଅଭଙ୍ଗା କଟେଣ୍ଟି

୪। ସ୍ଥାନୀୟ ଶିଶୁ ଓ ପିଆଶାଳ କାଠରେ ପ୍ରସ୍ତୁତ ଆଧୁନିକ ରୁଚିସମ୍ପନ୍ନ ନାନା ପ୍ରକାର **ଉତ୍କୃଷ୍ଟ ଜିନିଷ**

### ବନ୍ୟଜାତ ଦ୍ରବ୍ୟ

୧। **ହାତୀଦାନ୍ତ**

୨। **ବୋଟେଇ ଟସର**

୩। **ଶାଳ, ପିଆଶାଳ, ଶିଶୁ** ଓ ଅନ୍ୟାନ୍ୟ ମୂଲ୍ୟବାନ କାଠ

୪। ଉତ୍କୃଷ୍ଟ **କୁସୁମୀ** ଓ **ରଙ୍ଗିଣୀ ଲାହା** ଓ ତହିଁରୁ ପ୍ରସ୍ତୁତ ଚଉକି ଓ ଚପଡ଼ା ଇତ୍ୟାଦି

Digitized by srujanika@gmail.com